# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, May 12/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





KP GROUP
Quality Since 1965
20% EXTRA
कमला पसन्द
अनोखा स्वाद
पान मसाला
କମଳା ପସନ୍ଦ
Anokha Swad
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
• For download (Vodafofe customer) this Callertune SMS Musafira K Mohan to 55655
• For download this song as a Callertune dial for Airtel users-5432116773436
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୧୨/୨୦୧୯ | Bhubaneswar, Sunday, May 12/2019 | ପୃଷ୍ଠା-୧




**ୱାର୍ଲ୍ଡ ୧୦କେ'ରେ ଭାଗ ନେବେ ଚେଲିମୋ**
ବେଙ୍ଗାଲୁରୁଠାରେ ୧୯ ତାରିଖରେ ହେବାକୁଥିବା ୱାର୍ଲ୍ଡ ୧୦କେ'ରେସ୍‌ରେ ଭାଗ ନେବେ ବିଶ୍ୱ ମାରାଥନ ଚାମ୍ପିୟନ ରୋଜ୍ ଚେଲିମୋ।

୧୭

୧୨

**କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ହିନା ଖାନ୍**
ଲୋକପ୍ରିୟ ଅଭିନେତ୍ରୀ ହିନା ଖାନ୍ ଫ୍ରାନ୍ସର କାନ୍ସଠାରେ ହେଉଥିବା ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେବା ଲାଗି ପ୍ରସ୍ତୁତ ହେଉଛନ୍ତି।




**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ରାଜଧାନୀ ଏକ୍ସପ୍ରେସରେ ନିଆଁ

**ବାହାନଗା/ରେମୁଣା, ୧୧ା୫(ଡି.ଏନ.ଏ.)**



ବଗିରେ ଲାଗିଥିବା ନିଆଁକୁ ଲିଭାଯାଉଛି।

- ୫ ଦମକଳ ଦ୍ୱାରା ନିଆଁକୁ ଆୟତ୍ତ କରାଗଲା
- ୮ଶହ ଯାତ୍ରୀ ସୁରକ୍ଷିତ
- ଜୀବନକୁ ବାଜି ଲଗାଇ ଯାତ୍ରୀଙ୍କୁ ବଞ୍ଚାଇଲେ ସିନିୟର ପାସେଞ୍ଜର ଗାର୍ଡ

ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ରାଜଧାନୀ ଏକ୍ସପ୍ରେସ୍‌ରେ ଶନିବାର ନିଆଁ ଲାଗିଯାଇଥିଲା। କିନ୍ତୁ ଏକ ଭୟାନକ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏଥିରେ ୧୪ଟି ଯାତ୍ରୀ ବଗି, ୨ଟି ଜେନେରେଟର କାର ବଗି ଓ ଗୋଟିଏ ପ୍ୟାଣ୍ଟ୍ରି କାର ସହ ମୋଟ୍ ୧୭ଟି ବଗି ରହିଥିଲା। ୮ଶହରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ଏହା ବାଲେଶ୍ୱର ଷ୍ଟେଶନ ଛାଡି ପ୍ରାୟ ୩୦ କି.ମି ଦୂର ଯିବା ପରେ ମଧ୍ୟାହ୍ନ ୧୨ଟା ୫୦ ମିନିଟ୍ ସମୟରେ ଟ୍ରେନ୍‌ର ଶେଷ ଜେନେରେଟର କାର୍ ବଗିରେ ନିଆଁ ଲାଗିଯାଇଥିଲା। ସେତେବେଳକୁ ଗାଡିର ଗତି ଘଣ୍ଟା ପ୍ରତି ପ୍ରାୟ ୧୧୦ କି.ମି. ଥିଲା। ନିଆଁ ଲାଗିବା ଦେଖି ବଗିରେ ଥିବା ଗାର୍ଡ ଏ ସମ୍ପର୍କରେ ଟ୍ରେନ୍ ଡ୍ରାଇଭର ପି.କେ. ବେହେରା ଓ ମୁଖ୍ୟ ଡ୍ରାଇଭର ଏସ୍. ସୁବୁଦ୍ଧିଙ୍କୁ ଜଣାଇ ତୁରନ୍ତ ଗାଡ଼ି ଅଟକାଇବାକୁ କହିଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ଗାର୍ଡ ଉପସ୍ଥିତ ବୁଦ୍ଧି ଖଟାଇ ବଗିର ଭ୍ୟାକ୍ୟୁମ୍ ଖୋଲିଦେଇଥିଲେ। ଫଳରେ ଗାଡ଼ିର ସ୍ପିଡ୍ କମିଯାଇଥିଲା। ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗିରେ ନିଆଁ ଜୋର୍‌ରେ ଜଳିଉଠିଥିଲା। ସ୍ପିଡ୍ କମିବା ଦେଖି ଜୀବନ ବଞ୍ଚାଇବା ଲାଗି ସିନିୟର ପାସେଞ୍ଜର ଗାର୍ଡ ଏସ୍. ଦାସ ଏବଂ ଜେନେରେଟର ଗାର୍ଡ ସୋନୁ କୁମାର ତଳକୁ ଡେଇଁ ପଡିଥିଲେ। ରେଳପଥର ଖନ୍ତାପଡ଼ା-ପଣପଣା ମଧ୍ୟବର୍ତ୍ତୀ କରାଣ୍ଡିଆ ନିକଟସ୍ଥ ଅତାପୁର ପୋଲ ନିକଟରେ ଟ୍ରେନ ଅଟକିବା ପରେ ସିନିୟର ଗାର୍ଡ ଓ ଅନ୍ୟ କର୍ମଚାରୀ ନିଆଁ ଲାଗିଥିବା ବଗିକୁ ଟ୍ରେନ୍‌ରୁ ଅଲଗା କରିବାରେ ସଫଳ ହୋଇଥିଲେ। ଫଳରେ ୧୭ଟି ବଗିରେ ଥିବା ଯାତ୍ରୀ ସୁରକ୍ଷିତ ରହିପାରିଥିଲେ। ପରେ ବାଲେଶ୍ୱର, ନୀଳଗିରି ଓ ସୋରରୁ ୫ଟି ଦମକଳ ଆସି ନିଆଁ ଲିଭାଇଥିଲା। ଦୁର୍ଘଟଣାସ୍ଥଳରେ ☞ପୃଷ୍ଠା-୨

# ଚୂନ ଅତଡ଼ା ଖସି ୩ ମୃତ

- ଆହତ ମା-ଝିଅ ଉଦ୍ଧାର
- ଅନ୍ୟ କେତେଜଣ ଚପିଥିବା ଆଶଙ୍କା

**ପଟ୍ଟାଙ୍ଗି, ୧୧ା୫(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପୁକାଲି ପଞ୍ଚାୟତରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଏହି ପଞ୍ଚାୟତର ବଡୁଗୁଡ଼ା-କରଞ୍ଜଗୁଡ଼ା ନିକଟସ୍ଥ ଲିଟିପାବଲି ପାହାଡ଼ରେ ଚୂନମାଟି ଖୋଳୁଥିବା ବେଳେ ଅତଡ଼ା ଖସି ୩ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଆଉ କେତେଜଣ ମାଟି ତଳେ ଚପିଥିବା ଆଶଙ୍କା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ ଅଧୀନ ଚନ୍ଦକା ପଞ୍ଚାୟତର ଦଳପତିଗୁଡ଼ା, ନୂଆଗୁଡ଼ା ଓ ବେନିଙ୍ଗିଗୁଡ଼ାର ୧୫ରୁ ୨୦ ଜଣ ଲୋକ ଚୂନମାଟି ଆଣିବା ପାଇଁ ଶନିବାର ଗାଁଠାରୁ ପ୍ରାୟ ୧୫ କିମି ଦୂର ଲିଟିପାବାଲି ପାହାଡ଼କୁ ଯାଇଥିଲେ। ଦିନ ପ୍ରାୟ ସାଢ଼େ ବାରଟା ବେଳେ ମାଟି ଖୋଳା ଚାଲିଥିବା ବେଳେ ହଠାତ୍ ☞ପୃଷ୍ଠା-୨



ଲିଟିପାବଲି ପାହାଡ଼ ତଳୁ ମୃତାହତଙ୍କୁ ଉଦ୍ଧାର କରାଯାଉଛି।

## ଲିଟିପାବଲି ପାହାଡ଼ ନେଲାଣି ୨୪ ଜୀବନ

ଲିଟିପାବଲି ପାହାଡ଼ରେ ଏଭଳି ଘଟଣାକ୍ରମରେ ଜୀବନ ଯିବା ନୂଆ ନୁହେଁ। ୧୯୭୭ରେ ଚୂନମାଟି ଖୋଳୁଥିବା ବେଳେ ଅତଡ଼ା ତଳେ ପୋତିହୋଇ ୧୪ ଜଣଙ୍କ ଜୀବନ ଯାଇଥିଲା। ସେହିଭଳି ୨୦୦୯ରେ ମଧ୍ୟ ଏଭଳି ଚୂନମାଟି ଅତଡ଼ା ତଳେ ଚପିଯାଇଥିଲା ୯ ଜଣଙ୍କ ଜୀବନ। ଶନିବାର ମଧ୍ୟ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଘଟଣାସ୍ଥଳ ଅନୁଧ୍ୟାନ କରିବାକୁ ପହଞ୍ଚିଥିବା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ପୂର୍ବ ଘଟଣାଗୁଡ଼ିକ ସମ୍ପର୍କରେ ଉପରୋକ୍ତ ତଥ୍ୟ ଦେଇଥିଲେ। ☞ପୃଷ୍ଠା-୨

- ମହାନଦୀ ଜଳ ବିବାଦ

# ଜୁଲାଇ ୧୩କୁ ଘୁଞ୍ଚିଲା ଟ୍ରିବ୍ୟୁନାଲ ଶୁଣାଣି

**ନୂଆଦିଲ୍ଲୀ, ୧୧ା୫**

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗିରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ଶନିବାର ଏ ସମ୍ପର୍କିତ ଶୁଣାଣି ଜୁଲାଇ ୧୩କୁ ଘୁଞ୍ଚାଇ ଦେଇଛନ୍ତି। ମହାନଦୀ ଜଳ ବିବାଦର ଶୁଣାଣି ଶନିବାର ହେବାର ଥିଲା। ବାତ୍ୟା ଫନୀ ଯୋଗୁ ଓଡ଼ିଶା ଉପକୂଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଉଭୟ ରାଜ୍ୟ ମଧ୍ୟରେ ତୃତୀୟ ସମନ୍ୱୟ ବୈଠକ ବସିପାରିନାହିଁ। ଏଥିଯୋଗୁ ଓଡ଼ିଶା ଓ ଛତିଶଗଡ଼ ଟ୍ରିବ୍ୟୁନାଲଙ୍କୁ ୪ ସପ୍ତାହ ସମୟ ମାଗିଥିଲେ। ଟ୍ରିବ୍ୟୁନାଲ ଏହାକୁ ଗ୍ରହଣ କରି ଉଭୟ ରାଜ୍ୟକୁ ସମୟ ଦେଇଛନ୍ତି। ପ୍ରକାଶ ଯେ, ମାର୍ଚ୍ଚ ୩୦ରେ ଟ୍ରିବ୍ୟୁନାଲ ଓଡ଼ିଶାର ଅନ୍ତରୀଣ ଆବେଦନର ଶୁଣାଣି କରି ଆପୋସ ବୁଝାମଣା ମାଧ୍ୟମରେ ଜଳ ବିବାଦର ସମାଧାନ ଲାଗି ଆଉ ଏକ ପର୍ଯ୍ୟାୟ ଆଲୋଚନା କରିବାକୁ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।





NECC NATIONAL EGG CO-ORDINATION COMMITTEE 11.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 106 | 166 | 176 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 107 | 167 | 177 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


- 'ଫନୀ' ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

# ୧୬୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ

**ଭୁବନେଶ୍ୱର, ୧୧ା୫(ବ୍ୟୁରୋ)**

- ଅଣଜଳସେଚିତ ପାଇଁ ୬,୮୦୦, ଜଳସେଚିତ ଲାଗି ୧୩,୫୦୦
- ସ୍କୁଲ ଫି', ଖଜଣା ଛାଡ଼
- ଅତି ପ୍ରଭାବିତ ଅଞ୍ଚଳ ସ୍କୁଲ ପିଲାଙ୍କ ପାଇଁ ୨ ହଳ, କମ୍ ପ୍ରଭାବିତ ପିଲାଙ୍କ ପାଇଁ ହଳେ ପୋଷାକ
- ୬୦ ହଜାର କାରିଗରଙ୍କୁ ମିଳିବ କ୍ଷତିପୂରଣ

ବାତ୍ୟା ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ସରକାର ଶନିବାର ୧୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫସଲ, ଫଳ, ପନିପରିବା, ଗଛଲତା ଏବଂ ଚାଷ ଭିତ୍ତିଭୂମି କ୍ଷତିର ଭରଣା ପାଇଁ ଏହି ସହାୟତା ଘୋଷଣା କରିଛନ୍ତି। ଏଥିସହିତ ପ୍ରାଣୀ ସମ୍ପଦ, ମତ୍ସ୍ୟ, ହସ୍ତତନ୍ତ ଓ ବୟନ ଶିଳ୍ପ ବାତ୍ୟା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବାରୁ ଏସବୁର କ୍ଷତି ମଧ୍ୟ ଏହି ପ୍ୟାକେଜରୁ ଭରଣା କରାଯିବ। ଏହି କ୍ଷତି କେବଳ ପ୍ରକୃତ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଘୋଷିତ ପ୍ୟାକେଜ ଅନୁଯାୟୀ ବାତ୍ୟା 'ଫନୀ' ମାଡ଼ରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ ହଜାର ୮୦୦ ଟଙ୍କା, ଜଳ ସେଚିତ ଜମି ପାଇଁ ୧୩,୫୦୦ ଏବଂ ସବୁଦିନିଆ ଫସଲ(ଆମ୍ବ,କାଜୁ, ନଡ଼ିଆ,ପାନ, କେଓ୍ୱା) ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ବାରମାସି ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଉତ୍ତର କୋରିଆର ସଦ୍ୟ କ୍ଷେପଣାସ୍ତ୍ର ପରୀକ୍ଷଣ ଏକ ବିଶ୍ୱାସଭଙ୍ଗ ନୁହେଁ।
-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

**ଆଜିର ସମ୍ପାଦକୀୟ**

**ଉତ୍ତରାଧିକାର**

**କିଛି ତଥ୍ୟ**

ଉଦୟ ଯୋଜନାରେ ରାଜ୍ୟଗୁଡ଼ିକର ବିଦ୍ୟୁତ ବିତରଣ କମ୍ପାନୀଙ୍କ ଆୟ ୮% ବଢ଼ିଛି।
- ନୀତି ଆୟୋଗ

# ଯୁବବାହିନୀ ଗଲା କୁଆଡ଼େ

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର, ୧୧ା୫**

**ଫନୀ ପରେ ଦୁର୍ଗତଙ୍କ ଅସନ୍ତୋଷ**

- ୨୦୧୮ ମାର୍ଚ୍ଚ ୧୪ରେ ବିଜୁ ଯୁବ ବାହିନୀ ଗଠନ ପ୍ରସ୍ତାବକୁ ମୋହର ମିଳିଥିଲା
- ବଜେଟରେ ହୋଇଥିଲା ୪୫୦ କୋଟି ୪୯ ଲକ୍ଷ ଟଙ୍କାର ବ୍ୟୟବରାଦ
- ବାହିନୀରେ ଅଛନ୍ତି ୨ ଲକ୍ଷ ୫୧ ହଜାର ୬୦୦ ସଦସ୍ୟ
- ବିପତ୍ତି ସମୟରେ ଦେଖା ମିଳୁ ନ ଥିବା ସାଧାରଣରେ ଅଭିଯୋଗ

ଓଡ଼ିଶାରେ ୧୯୯୯ ମହାବାତ୍ୟାର ପ୍ରାୟ ୨୦ବର୍ଷ ପରେ ଏବେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକୁ ଉଜାଡ଼ି ଦେଇଛି ସାମୁଦ୍ରିକ ଝଡ଼ ଫନୀ। ଏହାଦ୍ୱାରା ବିଶେଷ ପ୍ରଭାବିତ ପୁରୀ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ଅନେକ ଲୋକ ବାତ୍ୟାର ୮ଦିନ ପରେ ମଧ୍ୟ ବିଜୁଳି, ପାନୀୟ ଜଳ, ଟେଲିଫୋନ ସେବାରୁ ବଞ୍ଚିତ ରହିଛନ୍ତି। ଏଗୁଡ଼ିକୁ ପୁନର୍ବାର ସ୍ୱାଭାବିକ ସ୍ଥିତିକୁ ଆଣିବାରେ ପ୍ରଶାସନ ସେତେଟା ସକ୍ରିୟ ଥିବା ଭଳି ଜଣାପଡୁନାହିଁ। ବାତ୍ୟା ପ୍ରଭାବରେ ଯାହାସବୁ କ୍ଷତି ଘଟିଛି, ତା'ର ପୁନରୁଦ୍ଧାର ପାଇଁ ମୁଖ୍ୟତଃ ମାନବ ସମ୍ବଳର ଅଭାବ ଥିବାରୁ ପରିସ୍ଥିତିରେ ସୁଧାର ଆସିବାରେ ବିଳମ୍ବ ହେଉଥିବା ସରକାରୀ ଅଧିକାରୀମାନେ କହିସାରିଲେଣି। ବାହାର ରାଜ୍ୟର କୁଶଳୀ ଶ୍ରମିକ ଏଠାରେ ପହଞ୍ଚିବା ପରେ କାମ ଆରମ୍ଭ ହୋଇଛି। ଅନ୍ୟପଟେ ଏ ପର୍ଯ୍ୟନ୍ତ ବହୁତ ଗାଁ ଗହଳିରେ ରାସ୍ତା ସଫା କରାଯାଇ ନାହିଁ କି ବିଦ୍ୟୁତ୍ ଖୁଣ୍ଟରେ ତାର ସଂଯୋଗ ହୋଇପାରିନାହିଁ। ଏହା ଏବେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ଅସନ୍ତୋଷ ବୃଦ୍ଧିର କାରଣ ପାଲଟିଛି। ଏଭଳି ପରିପ୍ରେକ୍ଷୀରେ କରଦାତାଙ୍କ ଅର୍ଥରେ ରାଜ୍ୟ ସରକାର ଗଠନ କରିଥିବା ବିଜୁ ଯୁବ ବାହିନୀକୁ ଲୋକେ ଖୋଜିବା ଆରମ୍ଭ କରିଛନ୍ତି। ସାଧାରଣ ନିର୍ବାଚନ ବେଳେ ରାଜ୍ୟରେ ହାଉଯାଉ ହେଉଥିବା ଏହି ବାହିନୀ ବିପର୍ଯ୍ୟୟ ସମୟରେ ଦେଖା ନ ଥିବାରୁ ଏମାନେ କୁଆଡେ ଗଲେ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କଲେଣି।

୨୦୧୮ ମାର୍ଚ୍ଚ ୧୪ରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ବିଜୁ ଯୁବ ବାହିନୀ ଗଠନ ସମ୍ପର୍କିତ ପ୍ରସ୍ତାବ ଉପରେ ମୋହର ବାଜିଥିଲା। ଏହା ପରେ ଉକ୍ତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହେଲା। ଯୁବ ବାହିନୀର ପରିଚାଳନା ପାଇଁ କରଦାତଙ୍କ ଅର୍ଥ ମଧ୍ୟ ବ୍ୟବହାର କରାଗଲା। ସେତେବେଳେ ବିରୋଧୀ ଏବଂ ସାଧାରଣରେ ବିଜୁ ଯୁବ ବାହିନୀ ଗଠନକୁ ନେଇ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ହେଲେ ରାଜ୍ୟ ସରକାର ବିଜୁ ଯୁବ ବାହିନୀ ଗଠନ ଜରିଆରେ ବେକାରୀ ସମସ୍ୟାରେ ସୁଧାର ଆସିବ ଏବଂ ସେମାନେ ଜନହିତକର କାର୍ଯ୍ୟରେ ନିୟୋଜିତ ହେବେ ବୋଲି କହିଥିଲେ। ପରେ ସରକାରଙ୍କ ପକ୍ଷରୁ ଆଗତ କରାଯାଇଥିବା ବଜେଟ୍‌ରେ ଯୁବ ବାହିନୀ ପାଇଁ ୪୫୦ କୋଟି ୪୯ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ରାଜ୍ୟର ୬,୮୦୦ଗ୍ରାମ ଓ ୧୨୦ ସହରାଞ୍ଚଳରେ ମୋଟ ୮ହଜାର ବିଜୁ ଯୁବ ବାହିନୀ ଗଠନ ହେଲା। ୮ହଜାର ବିଜୁ ଯୁବ ବାହିନୀରେ ୨ ଲକ୍ଷ ୫୧ ହଜାର ୬ଶହ ଯୁବତୀଯୁବକଙ୍କୁ ସାମିଲ କରାଯାଇଥିବା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ବିଧାନସଭାରେ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ। ଏହାସହ ପ୍ରତି ଯୁବ ବାହିନୀ ପାଇଁ ବର୍ଷକୁ ୧.୫ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦେବାକୁ ସରାକରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ୩ବର୍ଷ ପାଇଁ ଯୁବ ବାହିନୀକୁ ବଜେଟ୍‌ରୁ ଟଙ୍କା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଯୁବ ବାହିନୀରେ ସାମିଲ ହେବା ପାଇଁ ବୟସ ସୀମା ୧୫ରୁ ୩୫ବର୍ଷ ରଖାଯାଇଛି। ଅର୍ଥାତ୍ ୨ ଲକ୍ଷରୁ ଅଧିକ ସଦସ୍ୟ ଏହି ବୟସ ସୀମା ମଧ୍ୟରେ ରହିଥିବା ବୁଝିବାକୁ ହେବ।

ବାତ୍ୟା ପ୍ରଭାବିତ ୫ଜିଲାର ମୋଟ ୫୨ଟି ବ୍ଲକରେ ୧୨୩୪ ଗ୍ରାମପଞ୍ଚାୟତ ରହିଛି। ବିଜୁ ଯୁବ ବାହିନୀର କଳେବରକୁ ଦେଖିଲେ ୨ ଲକ୍ଷରୁ ଅଧିକ ସଦସ୍ୟଙ୍କୁ ଯଦି ବାତ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଆଣିବା ଲାଗି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥାଆନ୍ତା ତେବେ ପଞ୍ଚାୟତ ପିଛା ପ୍ରାୟ ୨୦୩ ଜଣ ଲେଖାଏ କାମରେ ଆସିପାରି ଥାଆନ୍ତେ। ଫଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ବେଶ୍ ତ୍ୱରାନ୍ୱିତ ହୋଇପାରି ଥାଆନ୍ତା ବୋଲି ଆଲୋଚନା ହେଉଛି।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଯୁବ ବାହିନୀ ସଦସ୍ୟମାନେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ହେଲେ ନିର୍ବାଚନ ସରିବା ପରେ ଯୁବ ବାହିନୀ ଥିଲା ଭଳି ଆଉ ମନେହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ଭୋଟ ପୂର୍ବରୁ ସରକାର 'ମୁଁ ହିରୋ' କାର୍ଯ୍ୟକ୍ରମ ☞ପୃଷ୍ଠା-୩

- ମୋଦି କ୍ୟାବିନେଟର ବିଦେଶ, ଘରୋଇ ଯାତ୍ରା ଖର୍ଚ୍ଚ

# ୫ ବର୍ଷରେ ୩୯୩ କୋଟି

**ମୁମ୍ବାଇ, ୧୧ା୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କ୍ୟାବିନେଟ ମନ୍ତ୍ରୀମାନେ ବିଦେଶ ଓ ଘରୋଇ ଯାତ୍ରା ବାବଦରେ ୫ ଆର୍ଥିକ ବର୍ଷରେ ୩୯୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଏହି ତଥ୍ୟ ମିଳିଛି।

ମୁମ୍ବାଇର ଆର୍‌ଟିଆଇ କର୍ମୀ ଅନିଲ ଗଲଗଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ମାଗିଥିଲେ। ୨୦୧୪ ମେ'ରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ବିଦେଶ ଯାତ୍ରା ଖର୍ଚ୍ଚ (ଏଫ୍‌ଟିଇ) ଏବଂ ଘରୋଇ ଯାତ୍ରା ଖର୍ଚ୍ଚ (ଡିଟିଇ)ରେ ମୋଟ କେତେ ବ୍ୟୟ କରିଛନ୍ତି ଅନିଲ ତାହା ଜାଣିବାକୁ ଚାହିଁଥିଲେ।

ଅନିଲଙ୍କ ଆର୍‌ଟିଆଇ ଆବେଦନର ଉତ୍ତରରେ ସୂଚନା ଦିଆଯାଇଛି ଯେ, ମୋଦି ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ୨୬୩ କୋଟି ଟଙ୍କା ବିଦେଶ ଯାତ୍ରା ପାଇଁ ଖର୍ଚ୍ଚ କରିଛନ୍ତି। ସେହିପରି ଘରୋଇ ଯାତ୍ରା ଖର୍ଚ୍ଚ ପାଇଁ ୪୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରାଷ୍ଟ୍ରମନ୍ତ୍ରୀମାନେ ବିଦେଶ ଯାତ୍ରାରେ ୨୯ କୋଟି ଓ ଘରୋଇ ଯାତ୍ରାରେ ୫୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷରେ ମୋଦି ଓ ଅନ୍ୟ ସମସ୍ତ ମନ୍ତ୍ରୀଙ୍କ ଉଭୟ ଏଫ୍‌ଟିଇ ଏବଂ ଡିଟିଇ ବାବଦରେ ୩୯୩.୫୮ କୋଟି ଟଙ୍କ ଖର୍ଚ୍ଚ ☞ପୃଷ୍ଠା-୨

**ବାୟୁସେନାର ଶକ୍ତି ବୃଦ୍ଧି**



ବାୟୁସେନାକୁ ମିଳିଥିବା ପ୍ରଥମ ଆପାଚେ ଗାର୍ଡିଆନ ଆଟାକ୍ ହେଲିକପ୍ଟର। (ରିପୋର୍ଟ ପୃଷ୍ଠା-୫)

# ଆଇଟିସି ଗ୍ରୁପ୍ ଅଧ୍ୟକ୍ଷ ୱାଇ.ସି. ଦେବେଶ୍ୱରଙ୍କ ପରଲୋକ

**ନୂଆଦିଲ୍ଲୀ, ୧୧ା୫**



ୱାଇ.ସି. ଦେବେଶ୍ୱର

ଆଇଟିସି ଗ୍ରୁପ୍ ଅଧ୍ୟକ୍ଷ ୱାଇ.ସି. ଦେବେଶ୍ୱରଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେବ ରୋଗରେ ପୀଡିତ ଥିଲେ।

ଦେବେଶ୍ୱର ୧୯୬୮ରେ ଆଇଟିସିରେ ଯୋଗଦେବା ପରେ ୧୯୮୪ ଏପ୍ରିଲ ୧୧ରେ ବୋର୍ଡ ଅଫ୍ ଡିରେକ୍ଟର୍ସରେ ସାମିଲ ହୋଇଥିଲେ। ସେ ୧୯୯୬ ଜାନୁୟାରୀ ପହିଲାରେ କମ୍ପାନୀର ସିଇଓ ତଥା ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇଥିଲେ। ସେ କୌଣସି କମ୍ପାନୀରେ ସର୍ବାଧିକ ସମୟ ପାଇଁ ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ହେବାରେ ଉଦ୍ୟୋଗଜଗତର ପ୍ରଥମ ବ୍ୟକ୍ତି ଥିଲେ। ସର୍ବବୃହତ୍ ଶେୟାରଧାରୀ ବ୍ୟାଟ୍ ଦ୍ୱାରା କମ୍ପାନୀର ଅଧିଗ୍ରହଣ ପ୍ରୟାସକୁ ତାଙ୍କ ନେତୃତ୍ୱରେ ଆଇଟିସି ରୋକିବାରେ ସଫଳ ହୋଇଥିଲା। ଏକ ସିଗାରେଟ ନିର୍ମାତାରୁ ଆଇଟିସିକୁ ସଫଳ ଏଫ୍‌ଏମ୍‌ସିଜି କମ୍ପାନୀ ଭାବେ ଗଢ଼ିତୋଳିବାରେ ☞ପୃଷ୍ଠା-୨



ନାଟୋ ନେତୃତ୍ୱାଧୀନ ମେଣ୍ଟ ବାହନୀର ଏକ ପାଇଲଟ ବିହୀନ ବିମାନ ଆଫଗାନିସ୍ତାନରେ ତାଲିବାନଙ୍କ ଗୁପ୍ତ ଆଡ୍ଡା ଉପରେ ଆକ୍ରମଣ କରିବା ଫଳରେ ୧୦ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ବାରମାଲ ଜିଲାରେ ଲୁଚିଥିବା ତାଲିବାନ୍‌ଙ୍କ ଉପରେ ଆକାଶମାର୍ଗରୁ ଆକ୍ରମଣ କରାଯାଇଥିବା ଜନୈକ ପୋଲିସ ଅଫିସର ଶାହ ମହମ୍ମଦ ଆର୍ୟନ୍ ସୂଚନା ଦେଇଛନ୍ତି। ତେବେ ଏହି ଆକ୍ରମଣ ନେଇ ତାଲିବାନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................



ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଲିଟିପାବଲି...

ଅନ୍ୟପକ୍ଷରେ ଶନିବାର ଘଟଣାରେ କିଛି ପ୍ରଶ୍ନ ସ୍ୱତଃ ଉଙ୍କି ମାରୁଛି। ସାଧାରଣତଃ ପର୍ବ ପର୍ବାଣି ବେଳେ ଘର ଲିପାପୋଛା କରିବାକୁ ସ୍ଥାନୀୟ ଲୋକେ ଚୂନମାଟି ସଂଗ୍ରହ ପାଇଁ ଏକାଠି ପାହାଡ଼କୁ ଯାଇଥାନ୍ତି। କିନ୍ତୁ ଏବେ ସେଭଳି କୌଣସି ପର୍ବପର୍ବାଣି ନ ଥିବାବେଳେ ଚନ୍ଦକା ପଞ୍ଚାୟତ ଅଧୀନ ୩ଟି ଗାଁର ଲୋକେ ଏକତ୍ର ୧୫ କିମି ଦୂର ପାହାଡ଼କୁ ଚୂନମାଟି ଆଣିବାକୁ ଯିବା ସନ୍ଦେହ ସୃଷ୍ଟି କରିଛି।

## ୧୬୦୦ କୋଟିର...

ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସର୍ବନିମ୍ନ ହେକ୍ଟର ପିଛା ୨ହଜାର ଏବଂ ଅନ୍ୟାନ୍ୟ ଫସଲ ପାଇଁ ସର୍ବନିମ୍ନ ୧ହଜାର ଟଙ୍କା ଇନ୍‌ପୁଟ ସବ୍‌ସିଡି ଆକାରରେ ପ୍ରଦାନ କରାଯିବ। ୨୦୧୯-୨୦ ଖରିଫ ଫସଲ ପାଇଁ ଫନୀ ପ୍ରଭାବିତ ଚାଷୀଙ୍କୁ ୧ଲକ୍ଷ ପନିପରିବା ମଞ୍ଜିର କିଟ୍ ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ଖରିଫ ଚାଷବେଳେ ଆଖୁଚାଷ ପାଇଁ ୫୦ହେକ୍ଟର ଜମିରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇଥିବା ୫ହଜାର ହେକ୍ଟର ଆଖୁଚାଷ ପାଇଁ ପ୍ରତି ହେକ୍ଟର ପିଛା ୨୦ ହଜାର ଟଙ୍କା ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ୫୦ପ୍ରତିଶତ ରିହାତିରେ ୫ ହଜାର ପମ୍ପସେଟ ସର୍ବାଧିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସେହିପରି ଫନୀ ପ୍ରଭାବିତ ଚାଷୀଙ୍କୁ ୧୦ହଜାର ଔଷଧ ସିଞ୍ଚନ ମେଶିନ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୩୮୦୦ ଟଙ୍କା ବ୍ୟାଟେରିଚାଳିତ ପାଇଁ ଓ ହାତରେ ଚଳାଇବା ସ୍ପ୍ରେୟର ପାଇଁ ୬୦୦ ଟଙ୍କା ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ମଞ୍ଜି ବିଶୋଧନ ପାଇଁ ୨ ହଜାର କ୍ୟାମ୍ପରେ ୨ଲକ୍ଷ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିସହିତ ୨ ଲକ୍ଷ ଏକର ପାଇଁ ମାଗଣା ମଞ୍ଜି ବିଶୋଧନ ନିମନ୍ତେ କେମିକାଲ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ଖରିଫ ଋତୁ ପାଇଁ ତୁରନ୍ତ ଉତ୍ତମ ବିହନ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଫାର୍ମ ମେକାନାଇଜେଶନ ସବ୍‌ସିଡି ବାବଦରେ ଚାଷୀମାନଙ୍କୁ ୧୫୦କୋଟି ଟଙ୍କା ପ୍ରଦାନ କରାଯିବ। ପାନବରଜ ସକାଶେ ୫ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍‌ଏଚ୍‌ଜି)ଙ୍କୁ ୧୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ୧ହଜାର ଛତୁ ଚାଷ ୟୁନିଟ ପାଇଁ ୪୦ହଜାର ଟଙ୍କା ଲେଖାଏ ଏବଂ ୫୦୦ ମହୁଚାଷୀଙ୍କୁ ୨ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବ। ୫୦ହଜାର ପ୍ରଭାବିତ ଚାଷୀଙ୍କୁ ୫ଟି ଆମ୍ବ ଓ ୫ଟି ନଡିଆ ଚାରା ଯୋଗାଇ ଦିଆଯିବ। ୧୦ହଜାର ହେକ୍ଟରରେ ଫଳଚାରା ଲଗାଇ ୩ ବର୍ଷ ପାଇଁ ସହାୟତା ଯୋଗାଇ ଦିଆଯିବାକୁ ପ୍ୟାକେଜରେ ଘୋଷଣା କରାଯାଇଛି। ୧୬୫୦ କଦଳୀ ଚାଷୀଙ୍କୁ ହେକ୍ଟର ପିଛା ୨୫,୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ। ୩୩ ପ୍ରତିଶତ ଏବଂ ଏହାଠାରୁ ଅଧିକ ଫସଲ ହାନି ହୋଇଥିବା ଚାଷୀଙ୍କ ରବି ଶସ୍ୟ ଋଣକୁ ମଧ୍ୟବର୍ତ୍ତିକାଳୀନ ଋଣରେ ପରିବର୍ତ୍ତନ କରାଯିବ। ରବି ପାଇଁ ନେଇଥିବା ଋଣକୁ ଚାଷୀମାନଙ୍କୁ ପରିଶୋଧ କରିବାକୁ ୨୦୨୦ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଅଧିକ ସଂଖ୍ୟକ ନାମମାତ୍ର ଓ ଭାଗଚାଷୀଙ୍କୁ ଚିହ୍ନଟ କରିବାକୁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବା ସହ ଶସ୍ୟବୀମା ପାଇବା ପାଇଁ କ୍ରପ୍ କଟିଂକୁ ତ୍ୱରାନ୍ୱିତ କରାଯିବ।

ଦୁହାଁଳିଆ ଗାଈ ପାଇଁ ୩୦ହଜାର ଏବଂ ମଇଁଷି ପାଇଁ ୨୫ହଜାର, ୬ଟି ବାଛୁରି ପାଇଁ ୩ ହଜାର ଟଙ୍କା ଲେଖାଏ, ସର୍ବାଧିକ ୩୦ଟି ଛେଳିକୁ ୩ହଜାର ଲେଖାଏ ଏବଂ ପ୍ରତ୍ୟେକ ପକ୍ଷୀକୁ ୫୦ଟଙ୍କା ଲେଖାଏ ସର୍ବାଧିକ ୫ହଜାର ପକ୍ଷୀ ପାଇଁ ସହାୟତା ମିଳିବ। ସେହିପରି କ୍ଷତିଗ୍ରସ୍ତ ୫୦ହଜାର ଗୁହାଳ ଘର ନିର୍ମାଣ ପାଇଁ ପ୍ରତ୍ୟେକ ଗୁହାଳକୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଛେଳି ଗୁହାଳ ନିର୍ମାଣ ପାଇଁ ୨୦ହଜାର ଲୋକଙ୍କୁ ୩୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ପ୍ୟାକେଜରେ ଘୋଷଣା କରାଯାଇଛି। ସେହିପରି ଦୁଗ୍ଧ ଚାଷୀଙ୍କ ୫୦ହଜାର ଦୁହାଁଳିଆ ଗାଈଙ୍କୁ ପ୍ରତ୍ୟେକ ୪୦କେ.ଜି ଗୋଖାଦ୍ୟ ଯୋଗାଇ ଦିଆଯିବ। ପ୍ରତି ଚାଷୀଙ୍କ ୨ଟି ବାଛୁରି ପାଇଁ ୧୦ଦିନ ପାଇଁ ଦୈନିକ ୩୨ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ଏଥିସହିତ ୫୦ହଜାର ଦୁଗ୍ଧଚାଷୀଙ୍କୁ ମିନେରାଲ ମିକ୍ସର ଏବଂ ପୌଷ୍ଟିକ ଗୋଖାଦ୍ୟ ଯୋଗାଇ ଦିଆଯିବ। ପ୍ରତି ଗାଈକୁ ୩ ହଜାର ଟଙ୍କା ଲେଖାଏ ସର୍ବାଧିକ ୨ଟି ଗାଈକୁ ପ୍ରଦାନ କରାଯିବ। ସେହିପରି ୧ଲକ୍ଷ ଚାଷୀଙ୍କୁ ଗୋଖାଦ୍ୟ ଚାଷ ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ୫ହଜାର ଚାଷୀଙ୍କୁ ୪ଟି ଛେଳି କିମ୍ବା ବତକ ୟୁନିଟ ପାଇଁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ। ଫନୀ ଦ୍ୱାରା ପ୍ରଭାବିତ ଅଞ୍ଚଳର ସରକାରୀ ହାଇସ୍କୁଲ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦରମା ଛାଡ଼ କରାଯିବା ସହ ଭୟଙ୍କର ଭାବେ ପ୍ରଭାବିତ ହୋଇଥିବା ଅଞ୍ଚଳରେ ପ୍ରାଥମିକ ଶିକ୍ଷା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୨ହଳ ଏବଂ ଗଭୀର ଭାବେ ପ୍ରଭାବିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ୧ ହଳ ଲେଖାଏ ସ୍କୁଲ ପୋଷାକ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ ପ୍ରଭାବିତ ଜିଲାଗୁଡ଼ିକରେ ଖଜଣା ଓ ଜଳକରକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ହସ୍ତତନ୍ତ କ୍ଷତିଗ୍ରସ୍ତ ୬୦ହଜାର କାରିଗରଙ୍କୁ ସେମାନଙ୍କ ଯନ୍ତ୍ରପାତି କିଣିବା ପାଇଁ ୪,୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଚିଲିକା ଓ ସମୁଦ୍ର କୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କ କ୍ଷତିଗ୍ରସ୍ତ ୬୦୦ ହଜାର ଡଙ୍ଗା ଓ ୩ ହଜାର ଜାଲ ପାଇଁ ଯଥାକ୍ରମେ ୮୦ ଏବଂ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ପ୍ରଭାବିତ ଜିଲା ଭିତରେ ଥିବା ମତ୍ସ୍ୟଜୀବୀଙ୍କ ୫୦୦ ଡଙ୍ଗା ପାଇଁ ୩୦ ହଜାର ଓ ୫୦୦ ଜାଲ ପାଇଁ ୨୦ ହଜାର ଟଙ୍କା ଯୋଗାଇଦେବାକୁ ସ୍ୱତନ୍ତ୍ର ପ୍ୟାକେଜରେ ଘୋଷଣା କରାଯାଇଛି।

## ରାଜଧାନୀ...

ରାଜଧାନୀ ଏକ୍ସପ୍ରେସ୍ ପ୍ରାୟ ୩ ଘଣ୍ଟା କାଳ ଅଟକି ରହି ପରେ ଯାତ୍ରୀଙ୍କୁ ଧରି ଭୁବନେଶ୍ୱର ଯାଇଥିଲା।

ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷା ଲାଗି ଅନେକ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ଏଭଳି ଦୁର୍ଘଟଣା ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜେନେରେଟର କାର୍ ବଗିରେ କିଭଳି ନିଆଁ ଲାଗିଲା, ସେନେଇ ଅଧିକ ତଦନ୍ତ କରାଯାଉଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ପ୍ରାଥମିକ ତଦନ୍ତ ପରେ କୁହାଯାଇଛି। ରେଳପଥ ସୂତ୍ର ଅନୁଯାୟୀ, ନୂଆଦିଲ୍ଲୀରୁ ଭୁବନେଶ୍ୱରକୁ ଅପ୍ ଲାଇନ୍‌ରେ ଆସୁଥିବା ରାଜଧାନୀ ଏକ୍ସପ୍ରେସ (ନଂ.୨୨୮୧) ବାଲେଶ୍ୱର ଷ୍ଟେଶନରେ ପ୍ରାୟ ମଧ୍ୟାହ୍ନ ୧୨ଟା ୩୪ ମିନିଟ୍ ସମୟରେ ପହଞ୍ଚି ମାତ୍ର ଦୁଇ ମିନିଟ ଅଟକି ପୁଣି ଯାତ୍ରା ଆରମ୍ଭ କରିଥିଲା। କିଛିଦୂର ଯିବା ପରେ ଏହାର ପଛପଟ ଲଗେଜ ବଗି ଓ ଜେନେରେଟର ବଗିରୁ ପୋଡ଼ାଳିଆ ଧୂଆଁ ଗନ୍ଧ ଆସୁଥିବା ପଛ ବଗିରେ ଥିବା ସିନିୟର ପାସେଞ୍ଜର ଗାର୍ଡ ଜାଣିବାକୁ ପାଇଥିଲେ। ସେ ସଙ୍ଗେସଙ୍ଗେ ଜେନେରେଟର ଅପରେଟର ସୋନୁ କୁମାରଙ୍କୁ ଜଣାଇଥିଲେ। ସେତେବେଳକୁ ଜୋର୍‌ରେ ନିଆଁ ଜଳି ଧୂଆଁ ବାହାରୁଥିବାରୁ ତାହାକୁ ଲିଭାଇବା ଉଦ୍ୟମ ସଫଳ ହୋଇ ନ ଥିଲା। ଗାର୍ଡଙ୍କଠାରୁ ସୂଚନା ପାଇ ମୁଖ୍ୟ ଡ୍ରାଇଭର ଗାଡ଼ିକୁ ଅଟକାଇବାରୁ ଅବସ୍ଥା ନିୟନ୍ତ୍ରଣକୁ ଆସିଥିଲା। ପରେ ରେଲ୍‌ୱେ ପୋଲିସ, ଜିଆରପିଏଫ୍, ଆରପିଏଫ୍, ରେଲୱେ ଇଣ୍ଟେଲିଜେନ୍ସି ଟିମ୍ ସମେତ ଅନ୍ୟ ଏକ ସ୍ପେଶାଲ ଟିମ୍ ଆସି ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଥିଲା। ଅପରାହ୍ନ ୩ଟା ୪୫ରେ ନିଆଁ ଲାଗିଥିବା ବଗି ଦୁଇଟିକୁ ଛାଡି ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱର ଯାତ୍ରା କରିଥିଲା। ଏଭଳି ଦୁର୍ଘଟଣା ନେଇ ଯାତ୍ରୀମାନେ 'ଭଗବାନ ଭରସା ହେଲେ' ବୋଲି କହିଥିଲେ। ନିଆଁ ଲାଗିଥିବା ବଗିରେ ଥିବା ସିନିୟର ପାସେଞ୍ଜର ଗାର୍ଡ଼ ଦାସ ନିଜ ଜୀବନକୁ ବାଜି ଲଗାଇ ଯାତ୍ରୀମାନଙ୍କୁ ବଞ୍ଚାଇଥିବାରୁ ତାଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି। ବାଲେଶ୍ୱର ଷ୍ଟେଶନ ମ୍ୟାନେଜର ଭାଗବତ ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଏଭଳି ଦୁର୍ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପ୍ରତି ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଖବର ଲେଖାଯିବା ପର୍ଯ୍ୟନ୍ତ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥିବା ଦୁଇ ବଗିକୁ ସେଠାରୁ ଷ୍ଟେଶନ ଅଣାଯିବା ଲାଗି ବ୍ୟବସ୍ଥା କରାଯାଉଥିବା ଜଣାପଡିଛି।

## ଚୂନ ଅତଡ଼ା...

ସେମାନଙ୍କ ଉପରେ ଅତଡ଼ା ଖସିପଡ଼ିଥିଲା। ଏଥିରେ ଦଳପତିଗୁଡ଼ାର ଜୟନ୍ତୀ ପେଦାକାପୁ (୧୬), ନୂଆଗୁଡ଼ାର ଚମ୍ପା ପାଲେସି (୧୮), ବେନିଙ୍ଗିଗୁଡ଼ାର ବିଶୁ ଶିଶା (୪୮)ଙ୍କ ମୃତ୍ୟୁ ହୋଇଥିଲା। ନୂଆଗୁଡ଼ାର ଦନାଇ ପାଲେସି (୩୮) ଓ ତାଙ୍କ ଝିଅ ଦାନୁମତି (୧୩) ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବଡୁଗୁଡ଼ା ଓ କରଞ୍ଜିଗୁଡ଼ା ଗାଁର ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ମା'-ଝିଅଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେଠାରେ ଦନାଇଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଜିଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ପଟ୍ଟାଙ୍ଗି ଥାନା ଭାରପ୍ରାପ୍ତ ଆଇଆଇସି ବିନୟ କୁମାର ରାୟ ଓ ସେକେଣ୍ଡ ଅଫିସର ଗୋଲେଖ କୁମାର ପଟ୍ଟନାୟକ ଘଟଣାର ତଦନ୍ତ କରୁଛନ୍ତି। ଅତଡ଼ା ତଳେ ଅନ୍ୟ କେହି ଚାପି ହୋଇଥିବା ଆଶଙ୍କା କରି ଖବର ଦିଆଯିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛି। ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ହସ୍‌ପିଟାଲରେ ଆହତଙ୍କୁ ଭେଟିଥିବା ବେଳେ ପୂର୍ବତନ ଏମ୍‌ପି ତଥା ଭାଜପା ନେତା ଜୟରାମ ପାଙ୍ଗୀ, ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ୩ ମୃତଦେହର ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ଗାଁକୁ ପଠାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଦେବା ପାଇଁ ସ୍ଥାନୀୟ ତହସିଲଦାର ଅରୁଣ କୁମାର ଖଣ୍ଡା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ସଂସ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ଦିଆଯିବ ବୋଲି ଚନ୍ଦକା ସରପଞ୍ଚ ପ୍ରଦୀପ ଫୁଲ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୫ ବର୍ଷରେ...

ହୋଇଥିବା କ୍ୟାବିନେଟ ବ୍ୟାପାର ଅଧୀନ ପେ ଆଣ୍ଡ ଆକାଉଣ୍ଟ ଅଫିସ୍‌ର ବରିଷ୍ଠ ଆକାଉଣ୍ଟ୍ସ ଅଧିକାରୀ ସତୀଶ ଗୋୟଲ ଇ-ଲେଖା ରିପୋର୍ଟ ଆଧାରରେ ଆର୍‌ଟିଆଇରେ ସୂଚନା ଦେଇଛନ୍ତି। ବିଦେଶ ତଥା ଘରୋଇ ଯାତ୍ରାରେ ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀମାନେ ୩୧୧ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ରାଷ୍ଟ୍ରମନ୍ତ୍ରୀମାନେ ୮୨ କୋଟି ଟଙ୍କା ବ୍ୟୟ କରିଛନ୍ତି। ମୋଦି ୨୦୧୪ ମେ'ରୁ ୨୦୧୯ ଫେବୃୟାରୀ ୨୨ ମଧ୍ୟରେ ୪୯ ଥର ବିଦେଶ ଯାତ୍ରା କରିଥିବା ପିଏମ୍‌ଓ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ୨୦୧୪ ଜୁନ୍‌ରୁ ମୋଦିଙ୍କ ବିଦେଶ ଯାତ୍ରା, ବିମାନ ରକ୍ଷଣାବେକ୍ଷଣ ଓ ଆନୁସଙ୍ଗିକ ଖର୍ଚ୍ଚ ୨,୦୨୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ୨୦୧୮ ଡିସେମ୍ବରରେ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ସରକାରଙ୍କ ପକ୍ଷରୁ ମିଳିଥିଲା।

## ଆଇଟିସି ଗ୍ରୁପ୍...

ତାଙ୍କର ବଡ଼ ଭୂମିକା ରହିଛି। ୨୦୧୭ରେ ସେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ସଞ୍ଜୀବ ପୁରୀ ବର୍ତ୍ତମାନ କମ୍ପାନୀର ସିଇଓ ତଥା ଏମ୍‌ଡି ଦାୟିତ୍ୱ ତୁଲାଉଛନ୍ତି। କଠିନ ପରିଶ୍ରମ ଦ୍ୱାରା ଦେବେଶ୍ୱର ଆଇଟିସିକୁ ଆଜିର ଅବସ୍ଥାରେ ଛାଡ଼ିଯାଇଛନ୍ତି। ଆଜି ତାଙ୍କ କାରଣରୁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ଆଇଟିସି ସହ ଯୋଡିହୋଇପାରିଛନ୍ତି ବୋଲି ପୁରୀ କହିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ଦେବେଶ୍ୱରଙ୍କ କର୍ତ୍ତବ୍ୟନିଷ୍ଠା ତଥା ପରିଶ୍ରମ ପାଇଁ କମ୍ପାନୀ ଗର୍ବ କରୁଛି ବୋଲି ପୁରୀ କହିଛନ୍ତି। ଏହାଛଡ଼ା ସେ ହାର୍ଭାର୍ଡ ବିଜ୍‌ନେସ ଦ୍ୱାରା ବିଶ୍ୱର ୭ମ ଶ୍ରେଷ୍ଠ ପ୍ରଦର୍ଶନକାରୀ ସିଇଓ ଭାବେ ମନୋନୀତ ହୋଇଥିଲେ। ଆଇଆଇଟି ଦିଲ୍ଲୀ ଏବଂ ହାର୍ଭାର୍ଡ ବିଜ୍‌ନେସ୍ ସ୍କୁଲରୁ ପାଠ ପଢ଼ିଥିବା ଦେବେଶ୍ୱର ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ ଏୟାର ଇଣ୍ଡିଆର ସିଏମ୍‌ଡି ଭାବେ ଦାୟିତ୍ୱ ତୁଲାଇଥିଲେ। ଆଇଟିସିରେ ପରବର୍ତ୍ତୀ ପିଢ଼ିର ନେତୃତ୍ୱ ଗଢ଼ିବା ଲକ୍ଷ୍ୟରେ ସେ ୨୦୧୭ରେ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ପଦକୁ ଚେୟାରମ୍ୟାନ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ମଧ୍ୟରେ ଭାଗ କରି ଦେଇଥିଲେ। ସେତେବେଳେ ସେ ନନ୍ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ହୋଇଥିଲେ ଏବଂ ସଞ୍ଜୀବ ପୁରୀଙ୍କ ନେତୃତ୍ୱରେ କମ୍ପାନୀର ମ୍ୟାନେଜମେଣ୍ଟ ପରିଚାଳନା ଆରମ୍ଭ ହୋଇଥିଲା। ସେ କେବଳ ମାର୍ଗଦର୍ଶକ ଭୂମିକାରେ ରହିଥିଲେ। ୨୦୧୧ରେ ପଦ୍ମଭୂଷଣରେ ସମ୍ମାନିତ ଦେବେଶ୍ୱର ଭାରତୀୟ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡ ନିର୍ଦ୍ଦେଶକ, ନ୍ୟାଶନାଲ ଫାଉଣ୍ଡେଶନ ଫର୍ କର୍ପୋରେଟ ଗଭର୍ନାନ୍ସର ସଦସ୍ୟ ତଥା ନ୍ୟାଶନାଲ କାଉନ୍‌ସିଲ ଅଫ୍ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚର ପରିଚାଳନା କମିଟିର ମଧ୍ୟ ସେ ସଦସ୍ୟ ଥିଲେ।

## ଶୋକବ୍ୟକ୍ତ କଲେ ମୋଦି, ଉଦ୍ୟୋଗଜଗତ

ବିଶିଷ୍ଟ ଉଦ୍ୟୋଗପତି ତଥା ଆଇଟିସି ଅଧ୍ୟକ୍ଷ ୱାଇ.ସି. ଦେବେଶ୍ୱରଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଟୁଇଟରରେ ନିଜ ଶୋକବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଉଦ୍ୟୋଗ ଜଗତରେ ଦେବେଶ୍ୱରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ତାଙ୍କ ପ୍ରୟାସ ଏବଂ ପେସାଦାର ମନୋବୃତ୍ତି ଯୋଗୁ ଆଇଟିସି ସାରା ବିଶ୍ୱରେ ପରିଚିତ ହୋଇପାରିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଧ୍ୟ ଦେବେଶ୍ୱରଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରି ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି ଯେ, ଆଇଟିସି ଅଧ୍ୟକ୍ଷ ଦେବେଶ୍ୱରଙ୍କ ପରଲୋକରେ ଗଭୀର ଭାବେ ମର୍ମାହତ। ଆଇଟିସି ଅଧ୍ୟକ୍ଷ ଭାବେ ସେ ଏକ ସମୃଦ୍ଧ ପରମ୍ପରା ଛାଡ଼ିଯାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଶୋକବାର୍ତ୍ତାରେ ପରଲୋକଗତ ଅଧ୍ୟକ୍ଷଙ୍କୁ କର୍ପୋରେଟ ଜଗତର ଏକ ବିଶାଳ ବ୍ୟକ୍ତିତ୍ୱ ବୋଲି ଅଭିହିତ କରିଛନ୍ତି। ସିଆଇଆଇ ଅଧ୍ୟକ୍ଷ ବିକ୍ରମ କିର୍ଲୋସ୍କର କହିଥିଲେ ଯେ, ଦେବେଶ୍ୱରଙ୍କ ଉତ୍ସାହ ଏବଂ ବଚନବଦ୍ଧତା ସମସ୍ତଙ୍କ ପାଇଁ ପ୍ରେରଣା ଥିଲା। ଆସୋଚାମ ଅଧ୍ୟକ୍ଷ ବି.କେ.ଗୋଏଙ୍କା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଭାରତୀୟ ଉଦ୍ୟୋଗ ଜଗତ ଲାଗି ଦେବେଶ୍ୱର ଅଗ୍ରଣୀ ଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଦେବେଶ୍ୱରଙ୍କ ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। କିନ୍ତୁ ଆପଣଙ୍କ ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ବନ୍ଧୁ ଓ ପରିବାର ଦିଗରୁ ମଧ୍ୟ ସମୟଟି ଅନୁକୂଳ ନୁହେଁ। ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** – କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ ଆଜିର କାମ ଅଟକିବ ନାହିଁ। ଅଫିସରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି ଓ ନିଜର ସ୍ୱାର୍ଥ ହାସଲ କରିପାରନ୍ତି।

**ମିଥୁନ** – ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। କିନ୍ତୁ ସାଧାରଣ ତୋଷାମଦିଆ କଥାରେ ମନ ବଦଳି ଯାଇପାରେ। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ଆଜି ଯଦିଓ ଅର୍ଥର ଅଭାବ ରହିବନାହିଁ ତଥାପି ଆଉ କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ପାଇବେ।

**ସିଂହ** – ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** – ଆଜିର ଯାତ୍ରା କାଳରେ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରନ୍ତି। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ।

**ତୁଳା** – ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ଆଜି ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧୀୟ କାମରେ ସଫଳତା ପାଇବେ।

**ବିଛା** – ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ମଧ୍ୟରେ ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବେ ତାହାର ସରଳ ସମାଧାନ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ଚେଷ୍ଟା କଲେ ସଫଳ ହେବେ। ଭୁଲ୍ ବୁଝାମଣା ହେତୁ ନିଜ ପରିବାରର ସଦସ୍ୟ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** – ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗିରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** – ଜଣେ ବ୍ୟକ୍ତିଠାରୁ ହଠାତ୍ କୌଣସି ଦୁଃଖଦ ଖବର ପାଇ ବିଚଳିତ ହୋଇପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପଡ଼ୋଶୀମାନେ ବିଭିନ୍ନ ପ୍ରକାର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ** – ଆଜିର କର୍ମକ୍ଷେତ୍ରରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେଇପାରନ୍ତି। ପରିସ୍ଥିତି ବଶତଃ ଧାର କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ବୈଶାଖ ଶୁକ୍ଳପକ୍ଷର ନୀଳାଦ୍ରିମହୋଦୟାଷ୍ଟମୀ ରବିବାର, ମେ ୧୨ ତାରିଖ, ଶ୍ରୀଜୀଉଙ୍କର ପ୍ରକଟୋତ୍ସବ, ନୀଳାଦ୍ରି ସତ୍‌ସଙ୍ଗର ପ୍ରତିଷ୍ଠା ଉତ୍ସବ, ଅନ୍ତର୍ଜାତୀୟ ନର୍ସ ଦିବସ, ବିଶ୍ୱ ମାତୃ ଦିବସ (ମେ ମାସ ଦ୍ୱିତୀୟ ରବିବାର), ରାଶି ନକ୍ଷତ୍ର, ଦିବା ଘ ୧୨ ।୧୪ମି. ଗତେ, ମଘା/ସିଂହ, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ ୬ ।୫୦ମି. ଗତେ ଘ ୮ ।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ ୮ ।୨୫ମି. ଗତେ ଘ ୧୦ ।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା।


# SUNDAY classifieds




**BRIDE WANTED**

Divorcee groom JE 40, Engineer 43, Clerk 39 (caste-no-bar). 7873374269. D-66452




**SALE**

30' road, electricity, boundary ଥାଇ BDA plot Bhubaneswar Pitapalli chhakରେ ମିଳୁଅଛି। 9090963952. D-66343

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66515

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12458

SBI and RERA approved under-construction project at Patia, 3BHK 67lacs, 2BHK 56lacs at Tamando 3BHK 37 lacs, 2BHK 32 lacs. Contact: 9438749776, 9337951595. D-12452

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12459

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12460




160,000 sqft. vacant land with compound wall to let for godown stock yard and ware housing purpose at Totapada, Adjacent to NH.16 near Khurdha. Contact: 9937033933, 8328835823. D-12335




Shivam logistic packers movers. Household/ car relocation countrywide. 9777044177, 9338461133. D-12311




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Now Matrimonial ads. only on Wednesday & Sunday Book 1 Get 1 FREE

**ଜନ୍ମଦିନ ଶୁଭେଚ୍ଛା**



(ଛୋଟୁ)
**ଅଂଶୁମାନ ମହାନ୍ତି**

ଆଜି ତୋର ୬ଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ତୋତେ ଦୀର୍ଘାୟୁ କରିବା ସହ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ
ଜେଜେ, ଜେଜେ ମା, ଅଜା, ଆଈ, ବାବା, ମାମା, ବଡ଼ବାପା, ବଡ଼ ମା, ସାନ ବଡ଼ବାପା, ଅପା, ପିଉସା, କୁଇନା ଅପା, କୁନାଲ ଭାଇ, ନେହା ଅପା, ପାଟୁ ଭାଇ, ମାମୁଁ, ମାଇଁ ଓ ପରିବାରବର୍ଗ। ଧ-୧୨୪୬୫

**Happy 50th Marriage Anniversary**



**Bapa (Janardan Dash) & Maa (Manorama Dash) Jublee Town-Dhenkanal**
**From: Jyoti, Kunia, Mama, Sunita & Kuturu.** D-62095


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ବାତ୍ୟା ସହାୟତା ପାଇଁ ପୋର୍ଟାଲ

**ଭୁବନେଶ୍ୱର,୧୧ା୫(ବ୍ୟୁରୋ):** ବାତ୍ୟା ଫନୀକୁ ୯ଦିନ ପୂରିଥିଲେ ମଧ ଏପର୍ଯ୍ୟନ୍ତ ଜୀବନଯାତ୍ରା ସ୍ୱାଭାବିକ ହୋଇପାରି ନାହିଁ। ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ବ୍ୟବସ୍ଥା କରୁଛନ୍ତି। ଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ମଧ ସାହାଯ୍ୟର ହାତ ବଢ଼ାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟଠାରେ rebuild.odisha.gov.in ନାମକ ଏକ ୱେବସାଇଟ୍‌ର ଉନ୍ମୋଚନ କରିଛନ୍ତି। ଏହି ୱେବସାଇଟ୍ ଓଡ଼ିଶା ପୁନର୍ଗଠନ ନିମନ୍ତେ ସାହାଯ୍ୟ କରିବ। ଓଡ଼ିଶାକୁ ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ଏହି ୱେବ୍‌ସାଇଟ ମାଧ୍ୟମରେ ସାହାଯ୍ୟ କରିପାରିବେ। ୱେବସାଇଟ୍‌କୁ ଗଲେ ସବିଶେଷ ବିବରଣୀ ପାଇପାରିବେ। ଏହି ପୋର୍ଟାଲ ମାଧ୍ୟମରେ ବାତ୍ୟା ଦ୍ୱାରା ବିଧ୍ୱସ୍ତ ହୋଇଥିବା ସରକାରଙ୍କର ଶକ୍ତି, ଶିକ୍ଷା, ଗୃହ ବିଭାଗ ସମେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳଯୋଗାଣ ଏବଂ ଗୋଷ୍ଠୀଗତ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକର ତଥ୍ୟ ରହିଛି। ବ୍ୟକ୍ତିବିଶେଷ, କମ୍ପାନୀ, ବିଭିନ୍ନ ସରକାରୀ ଉଦ୍ୟୋଗ ଓ ସଂସ୍ଥା ଏହି ପୋର୍ଟାଲ ମାଧ୍ୟମରେ ଉକ୍ତ ପ୍ରକଳ୍ପଗୁଡ଼ିକ ନିମନ୍ତେ ପାଣ୍ଠି ପ୍ରଦାନ କରିପାରିବେ। ଏହି ପୋର୍ଟାଲ ଓଡ଼ିଶା ପୁନର୍ଗଠନ ନିମନ୍ତେ ପାଣ୍ଠି ସଂଗ୍ରହ ପାଇଁ ଏକ ମାଧମ ହେବ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଧରିତ୍ରୀ, ଓଡ଼ିଶା ପୋଷ୍ଟର ସହାୟତା



ବାତ୍ୟା ଫନୀ ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର କର୍ମଚାରୀଙ୍କ ପକ୍ଷରୁ ଗୋଟିଏ ଦିନର ଦରମା ପ୍ରଦାନ କରାଯାଇଛି। ଏହି ଅବସରରେ ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା ଚେକ୍ ପ୍ରଦାନ କରୁଛନ୍ତି।

# ବାତ୍ୟାରେ ଜଙ୍ଗଲ ଓ ପରିବେଶ ବିଭାଗର ୫୩୭.୮ କୋଟି ଟଙ୍କାର କ୍ଷୟକ୍ଷତି

- ନଷ୍ଟ ହୋଇଛି ୧୪ ଲକ୍ଷ ଗଛ
- ୨୧ରେ ନନ୍ଦନକାନନ, ଆଜି ଜୟଦେବ ବାଟିକା ଖୋଲିବ

**ଭୁବନେଶ୍ୱର, ୧୧ା୫(ବ୍ୟୁରୋ)**

ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାର ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ମାତ୍ରାରେ ଗଛ ଉପୁଡ଼ିଯାଇଛି। ସେହିଭଳି ବହୁତ ଗଛ ମଧ ଭାଙ୍ଗିଯାଇଛି। ଏଥିସହ ନୂଆ କରି ରୋପଣ କରାଯାଇଥିବା ଚାରା ଓ ୨୦ଟି ଜଙ୍ଗଲର ଭିତ୍ତିଭୂମି ଏବଂ ବନ୍ୟପ୍ରାଣୀ ଶାଖାର ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ସର୍ବମୋଟ କ୍ଷୟକ୍ଷତିର ପରିମାଣ ୫୩୭.୮କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବାତ୍ୟା ଯୋଗୁ ଭିଏଚ୍‌ଏଫ୍ ଟାୱାର, ଷ୍ଟାଫ୍ କ୍ୱାର୍ଟର, ସୁରକ୍ଷା ବାରାକ୍, ବିଶ୍ରାମ ଗୃହ, ନର୍ସରୀ, ଡଙ୍ଗା ଓ ଭେସେଲ, ପରିବେଶ ପର୍ଯ୍ୟଟନ ସୁବିଧା ଏବଂ ରାସ୍ତା ଆଦି ଭିତ୍ତିଭୂମି କ୍ଷେତ୍ରରେ ୭୮.୩ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଜଙ୍ଗଲ ଭିତର ଅଞ୍ଚଳ ଏବଂ ଅଭୟାରଣ୍ୟ ଅଞ୍ଚଳରେ ୯ ଲକ୍ଷ ଗଛ ନଷ୍ଟ ହୋଇଛି, ଯାହାର ମୂଲ୍ୟ ୨୭୦ କୋଟି ଟଙ୍କା ହେବ। ସେହିଭଳି ଜଙ୍ଗଲ ବାହାର ଅଞ୍ଚଳରେ ୫ଲକ୍ଷ ଗଛ ଉପୁଡ଼ିଯାଇଛି। ଏବାବଦ କ୍ଷତି ୧୫୦କୋଟି ଟଙ୍କା ହେବ। ବନୀକରଣ ନିମନ୍ତେ ରହିଥିବା ୮ଲକ୍ଷ ଚାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ମୂଲ୍ୟ ୩୯ କୋଟି ୫୦ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି।

ଅନ୍ୟପକ୍ଷରେ ନନ୍ଦନକାନନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ପର୍ଯ୍ୟଟକଙ୍କ ପାଇଁ ପ୍ରାଣୀ ଉଦ୍ୟାନ ବନ୍ଦ ରହିଥିଲା। ଆସନ୍ତା ୧୪ ତାରିଖରେ ଖୋଲିବ ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ ବର୍ତ୍ତମାନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୧୪ତାରିଖ ପରିବର୍ତ୍ତେ ଆସନ୍ତା ୨୧ରେ ପ୍ରାଣୀ ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ଖୋଲାଯିବ। ତେବେ ବାତ୍ୟା ପରଠାରୁ ବନ୍ଦ ଥିବା ଜୟଦେବ ବାଟିକା ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

■ ବାର୍‌ହା ସହ ଧକ୍କା ହୋଇ ଓଲଟିଲା କାର୍

# ୩ ମୃତ, ୩ ଗୁରୁତର

**କାମାକ୍ଷାନଗର, ୧୧ା୫(ଡି.ଏନ.ଏ.)**

ମୃତ୍ୟୁ ଦୂତ ସାଜିଲା ଜଙ୍ଗଲୀ ବାର୍‌ହା। ଦ୍ରୁତ ଗତିରେ ଆସୁଥିବା ଏକ କାର୍ ବାର୍‌ହା ସହ ଧକ୍କା ହୋଇ ଓଲଟି ପଡ଼ିବାରୁ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବୟସ୍କ ଶାଶୁ, ଶ୍ୱଶୁର ଏବଂ ବୋହୂ ଅଛନ୍ତି। ଏଥିରେ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ତୁମୁସିଂହା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ଶାଲୁଆ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏପରି ଦୁଃଖଦ ସଡ଼କ ଦୁର୍ଘଟଣା।

ରାଉରକେଲା ସେକ୍ଟର-୮ ଅଞ୍ଚଳର ଉପେନ୍ଦ୍ରନାଥ ଜେନା (୭୫), ତାଙ୍କ ସ୍ତ୍ରୀ ପ୍ରଫୁଲ୍ଲା ଜେନା (୭୦), ପୁଅ ସମୀର ଜେନା (୪୫), ବୋହୂ ପଙ୍କଜିନୀ ଜେନା (୩୭), ନାତି ପୁସିରଞ୍ଜନ ଜେନା (୭), ନାତୁଣୀ ପ୍ରୀତି ଜେନା (୧୦) ଏକ କାର୍ (ଓଆର୍ ୧୪ ଏଫ୍ ୪୭୮୮) ଯୋଗେ କଟକ ବଡ଼ ଡାକ୍ତରଖାନାକୁ କୌଣସି କାମରେ ଆସୁଥିଲେ। ଶାଲୁଆ ଛକଠାରୁ ଅନତି ଦୂରରେ ଉକ୍ତ କାର୍ ସମ୍ମୁଖକୁ ହଠାତ୍ ଏକ ବାର୍‌ହା ଚାଲି ଆସିଥିଲା। ଫଳରେ ବାର୍‌ହା ସହ ଧକ୍କା ହୋଇ ରାସ୍ତାଠାରୁ ୩୦ଫୁଟ ତଳକୁ ଓଲଟି ପଡ଼ିଥିଲା ଗାଡ଼ି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉପେନ୍ଦ୍ର ଏବଂ ପଙ୍କଜିନୀଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଫୁଲ୍ଲାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।



ଦୁର୍ଘଟଣାଗ୍ରସ୍ତ କାର୍।

ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସମୀର, ପୁସିରଞ୍ଜନ ଏବଂ ପ୍ରୀତିଙ୍କୁ ଚିକିତ୍ସା ପରେ ରାଉରକେଲା ପଠାଇଦିଆଯାଇଛି। ଏ ନେଇ ନଂ. ୪୮/୧୯ରେ ମାମଲା ରୁଜୁ କରାଯାଇଛି। ଥାନାଧିକାରୀ ବିଷ୍ଣୁଚରଣ ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଅସମ୍ଭାଳ ହେଉଛି ତାତି, ଉପକୂଳରେ ଗୁଳୁଗୁଳି

- ୪୪.୬ ଡିଗ୍ରୀରେ ଟିଟିଲାଗଡ଼ ଉତ୍ତପ୍ତ ସହର
- ୧୨ ସହରର ପାରଦ ୪୦ଡିଗ୍ରୀ ଟପିଲା
- ୮ ଜିଲାରେ କାଳବୈଶାଖୀ ଆଶଙ୍କା

**ଭୁବନେଶ୍ୱର, ୧୧ା୫(ବ୍ୟୁରୋ)**

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ଲହରି ଜାରି ରହିଛି। ପାଣିପାଗ ବିଭାଗ ପକ୍ଷରୁ ମଧ ହିଟ୍ ୱାର୍ଣ୍ଣିଂ ଜାରି କରାଯାଇଛି। କିଛିଦିନ ହେଲା ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ଏପଟେ ବାତ୍ୟା ପରଠାରୁ ଉପକୂଳ ଓଡ଼ିଶାରେ ମଧ ତାପମାତ୍ରା ବଢ଼ି ଚାଲିଛି। ଅନ୍ୟ ଅଞ୍ଚଳ ଭଳି ଉପକୂଳରେ ତାପମାତ୍ରା ସେପରି ନ ଥିଲେ ମଧ ଆର୍ଦ୍ରତା ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ହେଉଛି। ତାତି ଓ ଗୁଳୁଗୁଳିରେ ରାଜ୍ୟର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶନିବାର ୧୨ଟି ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୪.୬ ଡିଗ୍ରୀ ରହିଥିବାବେଳେ ବଲାଙ୍ଗୀର ୪୪.୫, ଝାରସୁଗୁଡ଼ା ୪୪.୪, ଭବାନୀପାଟଣା ଓ ସମ୍ବଲପୁର ୪୩.୫, ସୋନପୁର ୪୩.୪, ହୀରାକୁଦ ୪୩.୨, ତାଳଚେର ୪୨.୧, ସୁନ୍ଦରଗଡ଼ ୪୨, କେନ୍ଦୁଝରଗଡ଼ ୪୧.୮, ମାଲକାନଗିରି ୪୧.୨, ଅନୁଗୋଳ ୪୧.୧, କଟକ ୩୭, ଭୁବନେଶ୍ୱରରେ ୩୬.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରବିବାର ପାଗରେ ସାମାନ୍ୟ ପରିବର୍ତ୍ତନ ହେବା ସହିତ ତାପମାତ୍ରା ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି। ରବିବାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ସୁନ୍ଦରଗଡ଼ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ବାଲେଶ୍ୱର ଆଦି ଜିଲାରେ କାଳବୈଶାଖୀ ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ରପକ୍ଷରୁ ସତର୍କସୂଚନା ଜାରିକରାଯାଇଛି।

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନଙ୍କ ସମେତ ୩ ଆହତ



ଆହତ ଯବାନଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟରରେ ନିଆଯାଉଛି।

**ମାଲକାନଗିରି, ୧୧ା୫(ସ୍ୱ.ପ୍ର.)**

ମାଲକାନଗିରି ଜିଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତର ଗେଗାପଦର ଗ୍ରାମ ତୁଳସୀପାହାଡ଼ ଜଙ୍ଗଲରେ ଶନିବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଛି। ଏହାକୁ ମାଓବାଦୀ ଖଞ୍ଜିଥିବା ଜଣାପଡ଼ିଛି। ଏସ୍‌ଓଜି ଯବାନମାନେ ସୀମାନ୍ତ ଛତିଶଗଡକୁ କୋମ୍ବିଂ ଅପରେଶନରେ ଯାଇ ଫେରୁଥିବା ବେଳେ ଉକ୍ତ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଫଳରେ ୨ଜଣ ଯବାନ ଓ ଜଣେ ଗ୍ରାମବାସୀ ଆହତ ହୋଇଛନ୍ତି। ସଙ୍ଗେ ସଙ୍ଗେ ୨ ଯବାନଙ୍କୁ ହେଲିକପ୍ଟର ଯୋଗେ ବିଶାଖାପାଟଣା ମେଡିକାଲକୁ ନିଆଯାଇଥିଲା। ଆହତ ଗ୍ରାମବାସୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି ବୋଲି ଏସ୍‌ପି ଜଗମୋହନ ମୀନା କହିଛନ୍ତି। କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଏସପି କହିଛନ୍ତି।





# ସିଆର୍‌ପିଏଫ୍ କ୍ୟାମ୍ପ୍ ନିକଟରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ

**ଭୁବନେଶ୍ୱର/ଲାଞ୍ଜିଗଡ଼, ୧୧ା୫(ବ୍ୟୁରୋ)/ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁରଠାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ୍ ନିକଟରେ ମାଓବାଦୀମାନେ ଏକ ଆଇଇଡି ବିସ୍ଫୋରଣ କରିଛନ୍ତି। ବିସ୍ଫୋରଣ ପରେ ସିଆର୍‌ପିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ କିଛି ସମୟ ଗୁଳି ବିନିମୟ ଘଟିଥିଲା। ଏଥିରେ କେହି ଯବାନ ମୃତାହତ ହୋଇ ନ ଥିବା ଜଣାପଡିଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ସିଆର୍‌ପିଏଫ୍ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। ମାଓବାଦୀମାନେ କିଭଳି ଆଇଇଡି ଖଞ୍ଜିଲେ ସେନେଇ ସିଆରପିଏଫ୍ ପକ୍ଷରୁ ତନାଘନା ଚାଲିଛି । କଳାହାଣ୍ଡି ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏପରି କି ତ୍ରିଲୋଚନପୁରକୁ ସଂଯୋଗ କରୁଥିବା ଏକ ରାସ୍ତାରେ ଲ୍ୟାଣ୍ଡମାଇନ୍ ବିଛାଇଥିବା ଆଶଙ୍କା କରି ପୋଲିସ ଓ ସ୍ଥାନୀୟ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରୁନାହାନ୍ତି। ସୂଚନାଯୋଗ୍ୟ ଯେ, ତ୍ରିଲୋଚନପୁରଠାରେ ସିଆର୍‌ପିଏଫ୍ କ୍ୟାମ୍ପ ସ୍ଥାପନକୁ ମାଓବାଦୀମାନେ ବିରୋଧ କରି ଆସୁଥିଲେ। ସେମାନେ ବିଭିନ୍ନ ସମୟରେ ପୋଷ୍ଟର ଓ ବ୍ୟାନର ଲଗାଇ ନିଜର ଉପସ୍ଥିତି ଜାହିର କରୁଥିଲେ। ଡିଜିପି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ଫୋର୍ସ ବଢାଇ ଦିଆଯିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ଯୁବବାହିନୀ...

କରି ନାଚ, ଗୀତ ଜରିଆରେ ସେମାନଙ୍କୁ ଖେଳାଇଲେ। ଅନ୍ୟପଟେ ବେଆଇନ ଭାବେ ଏହି ସରକାରୀ ଟିମ୍‌କୁ ମୋବାଇଲ ଫୋନ ମଧ ଯୋଗାଇ ଦିଆଗଲା। ହେଲେ ବିପତ୍ତି ସମୟରେ ବିଜୁ ଯୁବ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥରେ ହେଲେ ନ କହିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରି କି 'ମୋ ପରିବାର' କଥା କୁହାଯାଉଥିବା ବେଳେ ବର୍ତ୍ତମାନ ଏହାର ସଦସ୍ୟଙ୍କ ଦେଖା ନ ମିଳିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ବାତ୍ୟା ପରେ ବିଜୁ ଯୁବ ବାହିନୀ ସୋସିଆଲ ମିଡିଆ ବିଶେଷକରି ଟୁଇଟର୍ ପେଜ୍‌ରେ ସକ୍ରିୟ ଥିବା ନେଇ ଅନେକ ଫଟୋ ଓ ଭିଡିଓ ପୋଷ୍ଟ କରୁଥିବା ଦେଖିବାକୁ ମିଳୁଛି। ମାତ୍ର ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକେ ବିପତ୍ତି ସମୟରେ ବିଜୁ ଯୁବ ବାହିନୀର ଭୂମିକା ସମ୍ପୂର୍ଣ୍ଣ ଶୂନ ଥିବା ମତ ରଖୁଛନ୍ତି।

ପୁରୀ ଜିଲା ନବକଳେବର ରୋଡ୍‌ର ସରୋଜ କୁମାର ବେହେରା କହିଛନ୍ତି, ବାତ୍ୟାରେ ଆମ ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ। ହେଲେ ଏହି ଦୁର୍ଦ୍ଦିନରେ ଯୁବ ବାହିନୀ ଲୋକଙ୍କୁ ସାହାଯ୍ୟ କଲେନାହିଁ। ବିଶେଷକରି ସାଧାରଣ ଲୋକଙ୍କ ଅର୍ଥରେ ଗଠିତ ବିଜୁ ଯୁବ ବାହିନୀ ଆଦୌ ନଜରକୁ ଆସିଲେ ନାହିଁ। ଯଦି ଏମାନଙ୍କୁ ବାତ୍ୟା ପରଦିନ ଠାରୁ କାମରେ ଲଗାଯାଇ ଥାଆନ୍ତା ୫ଦିନ ମଧ୍ୟରେ ପୁରୀରେ ସ୍ୱାଭାବିକ ସ୍ଥିତି ଫେରିପାରି ଥାଆନ୍ତା। ସେହିଭଳି କେନ୍ଦ୍ରାପଡା ଜିଲାର ଅଜୟ ସାମଲ କହିଛନ୍ତି, ଫନୀ ସମୟରେ ବିଜୁ ଯୁବ ବାହିନୀର କୌଣସି ସାହାଯ୍ୟ ଓ ସହଯୋଗ ଦେଖିବାକୁ ମିଳିନାହିଁ। ଏଠାରେ ବାତ୍ୟା ଯୋଗୁ ଗଛ ଡାଳ ଭାଙ୍ଗିବା ସହିତ ଗମନାଗମନ ଠପ୍ ହୋଇଯାଇଥିଲା। ବିଦ୍ୟୁତ ସରବାରାହ ସ୍ୱାଭାବିକ ହେବା ପାଇଁ ଯୁବ ବାହିନୀ ସାହାଯ୍ୟ କରିପାରିଥାନ୍ତେ । ସରକାରଙ୍କ ଯୁବ ବାହିନୀ ଗଠନର ଉଦ୍ଦେଶ୍ୟକୁ ନେଇ ସନ୍ଦେହ ଲାଗୁଛି। ଅନୁରୂପ ଭାବେ କଟକ ଜିଲା ମହତାବ ରୋଡ୍‌ର ବାସିନ୍ଦା କାର୍ତ୍ତିକେଶ୍ୱର ବେହେରା କହିଛନ୍ତି, ବାତ୍ୟା ସମୟରେ ଯୁବ ବାହିନୀର ଦେଖା ମିଳିନାହିଁ। ଆମ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ଆମେ ସବୁ କାମ କରିଛୁ। ଆଗକୁ ମଧ ଯୁବ ବାହିନୀ କ'ଣ କରିବ ତାହା ସମ୍ପୂର୍ଣ୍ଣ ଜଣାପଡିଯାଉଛି। ସେହିପରି ଜଗତସିଂହପୁର ଜିଲାର ଆଡଭୋକେଟ ବାସୁଦେବଙ୍କ କହିବା କଥା ହେଲା, ବିଜୁ ଯୁବ ବାହିନୀ କୌଣସି ସ୍ଥାନରେ ସେବା କାର୍ଯ୍ୟ କିମ୍ବା ବିପନ୍ନଙ୍କୁ ସାହାଯ୍ୟ କରିଥିବା ଦେଖିବାକୁ ମିଳିନାହିଁ। ସେମାନେ କେବଳ ସରକାରୀ ଅର୍ଥରେ ପୋଷା ହେଉଛନ୍ତି। ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡିଥିବା ସ୍ଥାନରେ ଗ୍ରାମବାସୀ ଟଙ୍କା ଆଦାୟ କରି କାମ କରୁଛନ୍ତି। ହେଲେ ବିଜୁ ଯୁବ ବାହିନୀର କୌଣସି ପ୍ରକାର ସହଯୋଗ ରହିଲାନାହିଁ। ଏଥିରୁ ସରକାରଙ୍କ ବିକୃତ ମାନସିକତା ସମ୍ପର୍କରେ ଲୋକେ ବୁଝିଲେଣି ବୋଲି ସେ ସମାଲୋଚନା କରିଛନ୍ତି।

■ ରଥ ନିର୍ମାଣର ପ୍ରଥମ ଦୁର୍ଘଟଣା

# ରଥକାଠ ପଡ଼ି ଯୁବକଙ୍କ ଗୋଡ଼ ଭାଙ୍ଗିଲା

**ପୁରୀ ଅଫିସ,୧୧ା୫**

ଚଳିତ ବର୍ଷ ରଥ ନିର୍ମାଣର ପ୍ରଥମ ଦୁର୍ଘଟଣା ଘଟିଛି। ଶନିବାର ରଥକାଠ ପଡ଼ି ଜଣେ ଯୁବକଙ୍କ ଗୋଡ଼ ଭାଙ୍ଗିଯାଇଛି। ଗାଡ଼ିରୁ ରଥ କାଠ ଅନ୍‌ଲୋଡ କରୁଥିବାବେଳେ ଏହି ଘଟଣା ଘଟିଛି। ଆହତ ଯୁବକ ଜଣଙ୍କ ହେଲେ ନୟାଗଡ଼ ଜିଲା ଦଶପଲ୍ଲାର ମାନସ ପ୍ରଧାନ(୨୮)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରଥ ନିର୍ମାଣ ଲାଗି ରଥଖଳାକୁ କାଠ ଅଣାଯାଉଛି। ଦଶପଲ୍ଲାରୁ ଏକ ଟ୍ରେଲର (ନଂ. ଓଡି୦୫ ଏବି-୮୪୭୫) ୨୫ଖଣ୍ଡ ୪୨ଫୁଟିଆ ଧଉରା କାଠ ଆଣି ଶୁକ୍ରବାର ରାତିରେ ରଥଖଳା ନିକଟରେ ପହଞ୍ଚିଥିଲା। କାଠ ଅନ୍‌ଲୋଡ କରିବା ଲାଗି ଏହି ଗାଡ଼ିରେ ମାନସଙ୍କ ସମେତ ୩ଜଣ ଯୁବକ ଆସିଥିଲେ। ଶନିବାର ପୂର୍ବାହ୍ନରେ ଗାଡ଼ିରୁ କାଠ ଅନ୍‌ଲୋଡ କରାଯାଉଥିଲା। ଏହି ସମୟରେ ଏକ କାଠ ଛିଟିକି ମାନସଙ୍କ ଡାହାଣ ଗୋଡ଼ ଉପରେ ପଡିଥିଲା। ସେ ତଳେ ପଡ଼ିଯାଇଥିଲେ। କାଠଖଣ୍ଡ ତାଙ୍କ ଗୋଡ଼ ଉପରେ ରହିଯାଇଥିଲା। ବଡ଼ଦାଣ୍ଡ ଦେଇ ଯାଉଥିବା ଲୋକେ ସଙ୍ଗେ ସଙ୍ଗେ ମିଳିତ ଭାବେ କାଠ ଉଠାଇ ମାନସଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ଡାହାଣ ଗୋଡ଼ରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।





ଟ୍ରେଲରରୁ ଖସିପଡ଼ିଥିବା କାଠ।

**LAND REQUIRED**

Required Around 70 ACERS LAND in Orissa between Cuttak-Paradeep OR Chandikhol-Paradeep with clear title.

Pl. Contact : 9849606162

Email: odishaproject1@gmail.com

**INSTITUTE OF HOTEL MANAGEMENT CATERING TECHNOLOGY & APPLIED NUTRITION**

VEER SURENDRA SAI NAGAR, BHUBANESWAR-751007

Phone: (0674) 2589241, E-Mail: hospitality@ihmbbs.org

(An Autonomous body under Ministry of Tourism, Government of India)

**ADMISSION NOTICE**

Applications (download from www.ihmbbs.org) invited for admission to the under mentioned courses conducted by this institute for the **academic year 2019-20.**

| Sl. No. | Name of the Course | Duration |
|---|---|---|
| 1. | Post Graduate Diploma in Accommodation Operations & Management | 1½ year |
| 2. | Diploma in Food Production | 1½ year |
| 3. | Craftsmanship course in Food Production | 1½ year |
| 4. | Craftsmanship course in Food & Beverage Service | 24 weeks |

**QUALIFICATION:**

**For Serial No. 1:** Graduate in any stream. Preference will be given to girls and to those having experience in related area and also any related technical professional qualifications.

**For Serial No. 2:** 12th pass students of +2 system who must have studied English language as one of the subjects.

**For Serial No. 3 & 4:** Successful completion of Class 10th of 10+2 system or equivalent qualification with English as one of the subjects in the final of the school examination.

**AGE:** No upper age limit for **Sl. No. 1** and Maximum up to **25** years as on **1st July 2019** for **Sl. No. 2, 3 & 4.** The maximum age is relaxable up to 3 years in case of SC/ST candidates for all the course.

**Candidates sponsored by the Industry or already working in the Industry, the maximum age limit is 30 years (further relaxable up to 3 years for SC/ST)**

**Seats are reserved for SC/ST/OBC & Physically Handicapped candidates as per the Government of India rules.**

The filled in application having a passport size photograph along with attested copies of the certificates, mark sheets and category certificate (if any) should reach in the following address on or before **3rd June 2019** positively.

**Address**

**Principal, Institute of Hotel Management Catering Technology & Applied Nutrition, V.S.S. Nagar, Bhubaneswar-751007, Odisha**

**Sd/-**
**Principal**

**NOTE:-**
1. Separate application should be sent for more than one course. If more than one application is submitted for a single course by a candidate, one application will be processed for scrutiny.
2. The selection will be on qualifying mark basis/Interview.
3. The envelope containing the application should be superscribed with "Application for the Course of ____________" (Name of the Course)

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି– ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି।
–ଶ୍ରୀମା



# ଉତ୍ତରାଧିକାର



ଆକାର ପଟେଲ

୧୯୪୮ ମସିହାରେ ହିନ୍ଦୁ କୋଡ୍ ବିଲ୍ ଉପସ୍ଥାପନ କରିବା ଅବସରରେ ବି.ଆର୍. ଆମ୍ବେଡ୍କର କହିଥିଲେ ଯେ, ଏହି ବିଲ୍ ଦ୍ୱାରା ଯେଉଁ ମୌଳିକ ପ୍ରସଙ୍ଗର ସମାଧାନ କରିବାକୁ ଚେଷ୍ଟା କରାଯାଇଛି, ତାହା ହେଉଛି ଉତ୍ତରାଧିକାର। ହିନ୍ଦୁ ଉତ୍ତରାଧିକାର ଆଇନ ଆସିଛି ଦୁଇଟି ପରମ୍ପରାରୁ: ମିତାକ୍ଷରା ଓ ଦାୟଭାଗ। ପ୍ରଥମଟି ଅନୁସାରେ ଜଣେ ହିନ୍ଦୁ ପୁରୁଷଙ୍କ ସମ୍ପତ୍ତି ତାଙ୍କର ନୁହେଁ। ପିତା, ପୁତ୍ର, ନାତି ଓ ଅଣନାତି ସମସ୍ତଙ୍କର ଏଥିରେ ଅଧିକାର ରହିଛି। ଏହି ଚାରିଜଣଙ୍କର ସମ୍ପତ୍ତି ଉପରେ ଜନ୍ମଗତ ଅଧିକାର ରହିଛି। ଏହି ଚାରିଜଣଙ୍କ ମଧ୍ୟରୁ ଜଣେ ମରିଗଲେ ଅବଶିଷ୍ଟ ତିନିଜଣ ସେହି ସମ୍ପତ୍ତିର ମାଲିକ ହେବେ। ଯେତେବେଳେ ସମ୍ପତ୍ତି କହିଲେ ମୁଖ୍ୟତଃ ଜମିକୁ ବୁଝାଯାଉଥିଲା ସେହି ସମୟରୁ ଏବଂ ଯୌଥ ପରିବାର ପରମ୍ପରାରୁ ଏହି ଆଇନ ଆସିଛି। ପରିବାର ବିଭାଜିତ ହୋଇ ଛୋଟ ବା ଅଣୁ ପରିବାର ହେବାବେଳେ ସମ୍ପତ୍ତିର ବିଭାଜନ ସହଜ ହୋଇ ନ ଥାଏ। କିନ୍ତୁ ଯେହେତୁ ସମ୍ପତ୍ତିର ମାଲିକାନା ଯୁଗ୍ମଭାବରେ ରହିଛି, ଉକ୍ତ ଚାରିଜଣଙ୍କ ମଧ୍ୟରୁ ଯେ କେହି ବିଭାଜନ ପାଇଁ ଦାବି କରିପାରିବେ। ଦାୟଭାଗ ଅନୁସାରେ ଜଣେ ହିନ୍ଦୁ ପୁରୁଷଙ୍କର ସମ୍ପତ୍ତି ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହୋଇପାରେ। ଏହି ସମ୍ପତ୍ତିକୁ ସେ ଯାହାକୁ ଇଚ୍ଛା ଦେଇପାରିବେ ବା ବିକ୍ରି କରିପାରିବେ। ଯଦି ତାଙ୍କର ବାପା, ଜେଜେବାପା ଓ ପୁଅ ବଞ୍ଚିଥାନ୍ତି, ତେବେ ତାଙ୍କର ମୃତ୍ୟୁ ପରେ ସେମାନେ ଆପେ ଆପେ ସେହି ଜମିର ମାଲିକ ହୋଇପାରିବେ ନାହିଁ।

ଆମ୍ବେଡ୍କର ଚାହୁଁଥିଲେ ଦାୟଭାଗ ବ୍ୟବସ୍ଥାକୁ ସାରା ଭାରତରେ ପ୍ରବର୍ତ୍ତନ କରିବା ପାଇଁ। ସେ ମଧ୍ୟ ଏଥିରେ ପରିବାରର ମହିଳାଙ୍କ ଉତ୍ତରାଧିକାର ସମ୍ପର୍କିତ ଆଉ କିଛି ପରିବର୍ତ୍ତନ ଚାହୁଁଥିଲେ। କିନ୍ତୁ ଏହି ବିଲ୍ ପାସ୍ ହୋଇପାରିଲା ନାହିଁ ଏବଂ ଆମ୍ବେଡ୍କର ଇସ୍ତଫା ଦେଲେ। ଏହା ଗୃହୀତ ହୋଇ ନ ପାରିବାର କାରଣ ଆମ ସମ୍ବିଧାନ ସଭା ରକ୍ଷଣଶୀଳ ଥିଲା। ସମ୍ବିଧାନ ସଭାର ସଦସ୍ୟମାନେ ବିଲ୍‌କୁ ସମର୍ଥନ ନ କରିବାର କାରଣ ହେଲା, ଏଥିରେ ମହିଳାଙ୍କ ସମ୍ପତ୍ତିଗତ ଉତ୍ତରାଧିକାର କଥା ଅଧିକ କୁହାଯାଇଥିଲା। ଏହା ସେମାନଙ୍କ ପାଇଁ ଗ୍ରହଣୀୟ ନ ଥିଲା। ସେମାନଙ୍କ ଯୁକ୍ତି ଥିଲା ଝିଅମାନେ ବାହା ହୋଇଗଲା ବେଳେ ଯୌତୁକ ନିଅନ୍ତି। ପୁଣି ବାହା ହୋଇ ସେମାନେ ଅନ୍ୟ ଘରକୁ ଯାଆନ୍ତି ଏବଂ ସେହି ଘରର ସମ୍ପତ୍ତି ମଧ୍ୟ ଭୋଗ କରନ୍ତି। ତା' ସହ ଯଦି ସେମାନଙ୍କୁ ପୈତୃକ ସମ୍ପତ୍ତିରୁ ଭାଗ ଦିଆଯାଏ, ତେବେ ପ୍ରତ୍ୟେକଙ୍କ ଭାଗରେ କମ୍ ସମ୍ପତ୍ତି ପଡ଼ିବ। ଆମ ଧାର୍ମିକ ପରମ୍ପରାରେ ଆଜିଯାଏ କୌଣସି ସଂସ୍କାର ଅଣାଯାଇ ପାରିନାହିଁ। ବ୍ରିଟିଶ ସରକାର ବି କିଛି ସଂସ୍କାର ଆଣି ନ ଥିଲେ। କାରଣ ବ୍ରିଟିଶ ସରକାର କିଛି ସଂସ୍କାର ଆଣିବାକୁ ଚାହିଁଲେ ସେମାନେ ଆମ ପରମ୍ପରାରେ ହସ୍ତକ୍ଷେପ କରୁଛନ୍ତି ବୋଲି କହି ଭାରତୀୟମାନେ ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ୧୮୨୯ ମସିହାରେ ସତୀ ପ୍ରଥାର ଉଚ୍ଛେଦ ହେଲା ଏବଂ ୧୮୫୦ରେ ଧର୍ମ ପରିବର୍ତ୍ତନକାରୀଙ୍କ ସମ୍ପତ୍ତି ଅଧିକାର ନେଇ ଏକ ଆଇନ ଆସିଲା। କିନ୍ତୁ ୧୮୫୭ ସିପାହି ବିଦ୍ରୋହରେ ଲକ୍ଷାଧିକ ଲୋକ ମରିବା ପରେ ବ୍ରିଟିଶ ସରକାର ନିଷ୍ପତ୍ତି ନେଲେ ଯେ ସେମାନେ କୌଣସି ଧାର୍ମିକ ପରମ୍ପରା ବା ବିବାଦୀୟ ପ୍ରସଙ୍ଗରେ ହାତ ଦେବେ ନାହିଁ। କାରଣ ଏହାଦ୍ୱାରା ଭାରତକୁ ଶାସନ ଓ ଲୁଟ୍ କରିବାର ସେମାନଙ୍କ ମୂଳ ଉଦ୍ଦେଶ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। କଂଗ୍ରେସ ଦ୍ୱାରା ଆମ ସମ୍ବିଧାନର ଧାରା ୧୭ ଜରିଆରେ ଅସ୍ପୃଶ୍ୟତା ଦୂର ହେଲା। ୧୯୨୦ ପୂର୍ବରୁ କୌଣସି ଦଳିତ ମନ୍ଦିରରେ ପ୍ରବେଶ କରିବା ଲାଗି ଚେଷ୍ଟା କଲେ ଭୟଙ୍କର ପ୍ରତିକ୍ରିୟା ଓ ପ୍ରତିରୋଧ ପ୍ରକାଶ ପାଉଥିଲା। ସେହି ରକ୍ଷଣଶୀଳତା ହିଁ ଆମ୍ବେଡ୍କରଙ୍କ ଉତ୍ତରାଧିକାର ସଂସ୍କାରକୁ ବାଧା ଦେଲା। ଏଠାରେ କହିବାର କଥା ଯେ ଏହା ଥିଲା କଂଗ୍ରେସ ସମ୍ବିଧାନ ସଭା। ସେ ସଭାରେ ଭାଜପା ପରି କୌଣସି ଦଳର ଉପସ୍ଥିତି ନ ଥିଲା। ତେବେ ନେହେରୁ ସରକାରରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କଠାରୁ ସୀମିତ ହିନ୍ଦୁତ୍ୱର ସ୍ୱର ଶୁଭୁଥିଲା। (ଏହି ମୁଖାର୍ଜୀ ଜନସଂଘ ପ୍ରତିଷ୍ଠା କରିଥିଲେ ଯାହାର ପରବର୍ତ୍ତୀ ରୂପ ହେଉଛି ଭାଜପା।) ଏମ୍‌ପି ଓ ଏମ୍‌ଏଲ୍‌ଏମାନଙ୍କ ରକ୍ଷଣଶୀଳ ମନୋବୃତ୍ତି ସତ୍ତ୍ୱେ କଂଗ୍ରେସ ସଂସ୍କାର ଆଣିପାରିଥିଲା। କାରଣ ନେହେରୁଙ୍କ ଭଳି ବ୍ୟକ୍ତି ଏହି ଦଳର ନେତା ଥିଲେ ଯାହାଙ୍କର ଉଦାରବାଦୀ ଦୃଷ୍ଟିକୋଣ ଥିଲା। ଦକ୍ଷିଣ ଏସିଆରେ ଏକମାତ୍ର ଭାରତର ହିଁ ଧର୍ମନିରପେକ୍ଷ ଓ ଉଦାରବାଦୀ ସମ୍ବିଧାନ ରହିଛି। ଆଫଗାନିସ୍ତାନ ଓ ପାକିସ୍ତାନ ପରି ଇସ୍‌ଲାମିକ ଦେଶରେ କୌଣସି ଅଣମୁସଲମାନ ସର୍ବୋଚ୍ଚ ପଦରେ ରହିପାରିବେ ନାହିଁ। ମାଳଦ୍ୱୀପ ମଧ୍ୟ ଏକ ଇସ୍‌ଲାମିକ ରାଷ୍ଟ୍ର। ଶ୍ରୀଲଙ୍କାର ସମ୍ବିଧାନ ବୌଦ୍ଧଧର୍ମକୁ ପ୍ରାଥମିକତା ଦେଇଛି ଏବଂ ବାଂଲାଦେଶୀ ସମ୍ବିଧାନ 'ବିସ୍‌ମିଲ୍ଲାଃ ଇର୍ ରହମାନ ଇର୍ ରହିମ୍' ଉକ୍ତିରୁ ଆରମ୍ଭ ହୋଇଛି। ଭୁଟାନର ସରକାର ଓ ଧର୍ମ ଉଭୟ ବୌଦ୍ଧ ରାଜାଙ୍କ ଦ୍ୱାରା ନିୟନ୍ତ୍ରିତ। ୨୦୦୮ ପର୍ଯ୍ୟନ୍ତ ନେପାଳ ଏକ ହିନ୍ଦୁ ରାଷ୍ଟ୍ର ଥିଲା।

କେବଳ ଭାରତ ହେଉଛି ସମ୍ବିଧାନ ଅନୁଯାୟୀ ଧର୍ମନିରପେକ୍ଷ। ହିନ୍ଦୁ ସଂଖ୍ୟାବହୁଳତା ଯୋଗୁ ଏହା ସମ୍ଭବ ହୋଇନାହିଁ। ନେପାଳ ମଧ୍ୟ ହିନ୍ଦୁ ସଂଖ୍ୟାବହୁଳ ଦେଶ। ବ୍ରିଟିଶମାନେ ଦେଶ ଛାଡ଼ି ଗଲାବେଳେ କେହି ଭାରତୀୟମାନଙ୍କୁ ପଚାରି ନାହିଁ ଯେ ସେମାନେ ହିନ୍ଦୁରାଷ୍ଟ୍ର ଚାହାନ୍ତି କି ନା। କେବଳ କଂଗ୍ରେସ ଯୋଗୁ ଭାରତ ଏକ ଧର୍ମନିରପେକ୍ଷ ସାଧାରଣତନ୍ତ୍ରରେ ପରିଣତ ହୋଇଛି। କିନ୍ତୁ ଏବେ ଆଉ ଏକ ଦଳ ଦେଶରେ ପ୍ରଭାବଶାଳୀ ହେବାରେ ଲାଗିଛି। ତେଣୁ ଆଗାମୀ ଦିନରେ ନେହେରୁ ଓ କଂଗ୍ରେସର ଲିଗାସୀ (ଉତ୍ତରାଧିକାର ଭାବେ ପ୍ରାପ୍ତ ଧର୍ମନିରପେକ୍ଷ ନୀତି) ବଳବତ୍ତର ରହିବ କି ନା ତାହା ସମୟ କହିବ।

Email: aakar.patel@gmail.com

## su|do|ku | ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଫନୀ ଫେରାଇଛି ପୁରୁଣା ଦିନ



ପ୍ରକାଶ ତ୍ରିପାଠୀ

ଗତ ମେ ୩ତାରିଖରେ ଓଡ଼ିଶା ଉପକୂଳ ଜିଲାଗୁଡ଼ିକରେ ମହାପ୍ରଳୟ ଘଟାଇ ୧୯୯୯ ମହାବାତ୍ୟାର ସ୍ମୃତିକୁ ଉଜ୍ଜୀବିତ କରିଦେଇଛି ସାମୁଦ୍ରିକ ଝଡ଼ ଫନୀ। ପୁରୀଠାରେ ସ୍ଥଳଭାଗକୁ ଛୁଇଁବା ପରେ ବାତ୍ୟାକୁ ନେଇ ସମସ୍ତ ଆଶଙ୍କା ଓ ଆକଳନକୁ ସତ୍ୟ ପ୍ରମାଣିତ କରିଦେଇଛି ଫନୀ। ୧୯୯୯ ମହାବାତ୍ୟାରୁ ବର୍ତ୍ତିଯାଇଥିବା ପୁରୀବାସୀଙ୍କର ମେ ୩ ତାରିଖ ଭୋର ପର୍ଯ୍ୟନ୍ତ ଅତୁଟ ବିଶ୍ୱାସ ଥିଲା ଯେ ପ୍ରଭୁ ଶ୍ରୀଜଗନ୍ନାଥ ପୁରୀକୁ ଧ୍ୱଂସମୁଖରୁ ନିଶ୍ଚିତ ସୁରକ୍ଷା ଦେବେ। ବାତ୍ୟା ପୂର୍ବରୁ ଶ୍ରୀମନ୍ଦିର ନୀଳଚକ୍ରରୁ ବାନା ଉଡ଼ିଯିବା ପରେ ଅନେକ ପୁରୀବାସୀଙ୍କର ବିଶ୍ୱାସ ଅଧିକ ଦୃଢ଼ୀଭୂତ ହୋଇଥିଲା। କେହି କେହି କହିଥିଲେ ଯେ ମହାପ୍ରଭୁ କୁଆଡ଼େ ସମୁଦ୍ର ଭିତରକୁ ବାନା ପଠାଇ ମହାବାତ୍ୟାକୁ ରୋକିଦେବାକୁ ସନ୍ଦେଶ ଦେଇଛନ୍ତି। ନୀଳଚକ୍ରରୁ ବାନା ଉଡ଼ିଯିବାର ଦୃଶ୍ୟ ବି ନିମିଷକ ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିଲା। ଯେଉଁମାନେ ଏକଥାକୁ ବିଶ୍ୱାସ କରିନେଇଥିଲେ, ସେମାନେ ବୋଧହୁଏ ବୁଝି ନ ଥିଲେ ଯେ ପ୍ରକୃତି ହିଁ ଈଶ୍ୱର। ଈଶ୍ୱରଙ୍କୁ ଅଟକାଇବା ବା ପ୍ରତିରୋଧ କରିବାର ଶକ୍ତି କାହାର ନାହିଁ।

ଅନେକ ସମାଲୋଚନାର ଶରବ୍ୟ ହୋଇଥିଲେ ବି, ଜନସାଧାରଣଙ୍କୁ ଅତିରଞ୍ଜିତ ମନେହୋଇଥିଲେ ବି ବାତ୍ୟା ସମ୍ପର୍କରେ ବାରମ୍ବାର ତଥ୍ୟ ପରିବେଷଣ ଓ ବାତ୍ୟାର ଯଥେଷ୍ଟ ପୂର୍ବରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିପାରିଥିବାରୁ ଉଭୟ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆ ଧନ୍ୟବାଦାର୍ହ। ବାତ୍ୟା ସଂଘଟିତ ହେବାର ସପ୍ତାହକ ପୂର୍ବରୁ ଇଲେକ୍ଟ୍ରୋନିକ ମିଡିଆ ପକ୍ଷରୁ ଏ ସମ୍ପର୍କିତ ତଥ୍ୟ ତଥା ବାତ୍ୟାଜନିତ ଭୟାବହତା ଉପରେ କ୍ରମାଗତ କାର୍ଯ୍ୟକ୍ରମ ପରିବେଷଣକୁ ଅନେକେ ନାପସନ୍ଦ କରିବା ସହ ଏହା ଦ୍ୱାରା ଜନସାଧାରଣରେ ଅଯଥା ଆତଙ୍କ ସୃଷ୍ଟି କରାଯାଉଥିବା ଅଭିଯୋଗ ଉଠିଥିଲା। ଏପରି କି ସମୁଦ୍ର ଭିତରକୁ ଯାଇ ବାତ୍ୟାର ସିଧା ପ୍ରସାରଣ ଓ ବାତ୍ୟା ସହ ସ୍ଥଳଭାଗକୁ ଏକ ସମୟରେ ଆସିବାକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଅନେକେ ଟିପ୍ପଣୀ ପ୍ରଦାନ କରିଥିଲେ। ଏତେବଡ଼ ମହାବାତ୍ୟାକୁ ସଫଳ ମୁକାବିଲା କରିବା, ମୃତାହତ ସଂଖ୍ୟାକୁ ଯଥେଷ୍ଟ ହ୍ରାସ କରିବାରେ ରାଜ୍ୟ ପ୍ରଶାସନକୁ ପ୍ରଶଂସା ମିଳିବା ସହ ମିଡିଆ ହାଉସ୍‌ଗୁଡ଼ିକର ସମୟୋଚିତ ଖବର ପରିବେଷଣକୁ ମଧ୍ୟ ବାହାବାଃ ମିଳିବା ସ୍ୱାଭାବିକ। ସୋସିଆଲ ମିଡିଆ (ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଇତ୍ୟାଦି) ମଧ୍ୟ ଦୁଃସମୟରେ ଏହାର ଉପଯୋଗିତା ଓ ଆବଶ୍ୟକତାକୁ ପୁଣିଥରେ ପ୍ରମାଣିତ କରିଛି।

ସରକାରଙ୍କ ତ୍ୱରିତ ପଦକ୍ଷେପ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡିଆ ଦ୍ୱାରା ବ୍ୟାପକ ଜନସଚେତନତା ସୃଷ୍ଟି ଓ ସୋସିଆଲ ମିଡିଆର ସୁବ୍ୟବହାର ପାଇଁ ଅନେକ ଧନଜୀବନ ଯେ ରକ୍ଷା ପାଇପାରିଲା ତାହା ଅସ୍ୱୀକାର କରିହେବ ନାହିଁ। ୧୯୯୯ ମହାବାତ୍ୟାକୁ ମୁଁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲି ଓ ଫନୀ ବାତ୍ୟାର ଭୟାବହତାକୁ ବି ଅଙ୍ଗେ ନିଭେଇଛି। ପ୍ରାୟ ୨୦ ବର୍ଷର ବ୍ୟବଧାନରେ ଦୁଇଟି ମହାବାତ୍ୟାର ତାଣ୍ଡବଲୀଳା ମଧ୍ୟରେ ବିଶେଷ କିଛି ଫରକ ନାହିଁ। ସେତେବେଳେ ରାଜ୍ୟରେ ଏତେ ସଂଖ୍ୟକ ପକ୍କାଘର ନ ଥିଲା କି ବାତ୍ୟା ଆଶ୍ରୟସ୍ଥଳ ନ ଥିଲା। ବାତ୍ୟା ପୂର୍ବରୁ ଆଜି ଭଳି ଏତେମାତ୍ରାରେ ଜନସଚେତନତା ବା ସରକାରୀ ତତ୍ପରତା ପ୍ରକାଶ ପାଇପାରି ନ ଥିବାରୁ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ମାତ୍ର ୧୯୯୯ ମହାବାତ୍ୟାରୁ ଶିକ୍ଷାଲାଭ ଓ ୨୦୧୩ ପରଠାରୁ ଲଗାତର ସାମୁଦ୍ରିକ ଝଡ଼ରୁ ରାଜ୍ୟ ସରକାର ଓ ରାଜ୍ୟବାସୀ ଅନେକ ଶିକ୍ଷାଲାଭ କରିଥିବା ଯୋଗୁ ଫନୀର ଅନେକାଂଶରେ ସଫଳ ମୁକାବିଲା କରାଯାଇପାରିଲା। ଫନୀ ମୁକାବିଲାରେ ରାଜ୍ୟ ସରକାରଙ୍କର ପଦକ୍ଷେପକୁ ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ସଂଗଠନ ଓ ରାଷ୍ଟ୍ର ତାରିଫ କଲେଣି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶାର ମଡେଲ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଅନୁକରଣୀୟ ହୋଇଛି। ଜାତିସଂଘ ଇତିମଧ୍ୟରେ ଓଡ଼ିଶାର ବାତ୍ୟା ପ୍ରଶମନ ପରିଚାଳନାକୁ ଭୂୟସୀ ପ୍ରଶଂସା କରିଛି।

ତେବେ ଗୋଟିଏ କଥା ଏଠାରେ ଉପସ୍ଥାପିତ କରିବାକୁ ବାଧ ହେଉଛୁ ଯେ, ଆମ ଲୋକଚରିତ୍ର ବଦଳି ନାହିଁ। ୧୯୯୯ ମହାବାତ୍ୟା ପରବର୍ତ୍ତୀ ଓ ଫନୀ ପରବର୍ତ୍ତୀ ସମୟରେ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କ୍ଷତିଗ୍ରସ୍ତ ହୋଇଥିବା ବ୍ୟବସାୟିକ ସ୍ଥଳରୁ ଚୋରି, ଗୁହାଳ ତଥା ଫାର୍ମରୁ କୁକୁଡ଼ା ଓ ଛେଳି ଚୋରି, ଏପରି କି ରିଲିଫ ସାମଗ୍ରୀ ବଣ୍ଟନରେ ବାଧା ସୃଷ୍ଟି କରିବା ଘଟଣା ଶୁଣିବାକୁ ମିଳୁଛି। ଏବେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସ୍ଥିତି ପ୍ରାୟ ସମାନ। ସବୁଠାରେ ନିର୍ବାଚନ ଉଷ୍ମତା ଏବେ ବି ଭରିରହିଛି ଓ ସ୍ୱାଭାବିକ ଅବସ୍ଥା ଫେରିନାହିଁ। ରାଜନୈତିକ ମତକୁ ନେଇ ଗାଁ–ଗାଁ, ସାହି–ସାହି ଏବେ ବହୁଧା ବିଭକ୍ତ। ରାସ୍ତାଘାଟରେ କୁଢ଼କୁଢ଼ ଅଳିଆ ଆବର୍ଜନା ଜମିରହିଥିଲେ ହେଁ ଏହାକୁ ସଫା କରିବା ପାଇଁ ଲୋକେ ଅପେକ୍ଷା କରିରହିଛନ୍ତି ପ୍ରଶାସନକୁ। ଏପରି କି ନିଜ ଘର ସମ୍ମୁଖ ଅଞ୍ଚଳର ପରିଚ୍ଛନ୍ନତାକୁ ଲୋକେ ଦୃଷ୍ଟି ଦେଉନାହାନ୍ତି। ନିର୍ବାଚନ ପୂର୍ବରୁ ଗଳିକନ୍ଦିରେ ଘୂରି ବୁଲୁଥିବା ତଥା ବିଭିନ୍ନ ଦଳୀୟ ପତାକା ଧରି ନିଜକୁ ଦେଶସେବକର ଡିଣ୍ଡିମ ପିଟୁଥିବା ତଥାକଥିତ ଜନସେବକମାନଙ୍କର ଦେଖାନାହିଁ। ବାତ୍ୟା ପୂର୍ବବର୍ତ୍ତୀ ସତର୍କତା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ, ମାତ୍ର ବାତ୍ୟା ପରବର୍ତ୍ତୀ ସମୟର ଠିକ୍ ପରିଚାଳନା ହିଁ ସରକାରଙ୍କ ଦକ୍ଷତାର ଅସଲ ପରିଚୟ ହେବ।

ବିଦ୍ୟୁତ୍ ନାହିଁ, ପାଣି ନାହିଁ, ଟେଲିଫୋନ ନେଟ୍‌ୱର୍କ ନାହିଁ, ଏଟିଏମ୍ ନାହିଁ କି ଯାନବାହନ ପାଇଁ ଇନ୍ଧନ ନାହିଁ। ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉଥିଲେ ହେଁ ସବୁ କିଛି ସ୍ୱାଭାବିକ ହେବା ପାଇଁ ଅନେକ ଦିନ ଲାଗିବ। ସହରୀ ଲୋକ ଏବେ ଗାଁ ମୁହାଁ। ନାହିଁ ନାହିଁର ସହର ଏବେ ଆଉ ଭଲ ଲାଗୁନି। ଅତି କମ୍‌ରେ ନଳକୂପ, ପୋଖରୀ ଅଛି ଗାଁରେ। ଚଳି ହୋଇଯିବ। ଫନୀ ବାତ୍ୟା ଏବେ ଆମର ସାମାଜିକ ଚଳଣିକୁ ପଚାଶବର୍ଷ ତଳକୁ ଠେଲିଦେଇଛି। ତାଳପତ୍ର ତିଆରି ବିଞ୍ଚଣା ଗୋଟିକୁ ଅଶୀଟଙ୍କା ହେଲେ ବି କିଣିବାକୁ ବାଧୁନାହିଁ। ଗତ ୪ ତାରିଖରେ ପୁଅଟିଏ ପାଲିଙ୍କିରେ ବସି ବିବାହ କରିବାକୁ ଯାଉଥିବା ଦେଖିବାକୁ ମିଳିଲା। ରାସ୍ତାରେ ଇଲେକ୍ଟ୍ରିକ ଖୁଣ୍ଟି, ଗଛ ଓ ଭଙ୍ଗା ଆଜବେଷ୍ଟସ ପଡ଼ିଥିବା ଯୋଗୁ ସୌଖୀନ କାର୍‌ରେ ବରପାତ୍ର ଯିବା ସମ୍ଭବ ନ ହେବାରୁ ବହୁ ଖୋଜାଖୋଜିରେ ପାଲିଙ୍କିଟିଏ ଯୋଗାଡ଼ ହୋଇଥିଲା। ଘରେଘରେ ଏବେ କାଠଚୁଲିରେ ରୋଷେଇ। କାଳେ ଆଗକୁ ରନ୍ଧନ ଗ୍ୟାସ୍ ଅଭାବ ପଡ଼ିବ ବୋଲି କାଠଚୁଲି ଏବେ ଭାରି ପସନ୍ଦ। ଘରର ମହିଳାମାନେ ଗ୍ରାଇଣ୍ଡର ବଦଳରେ ମସଲା ଓ ବେସର ବାଟୁଛନ୍ତି ଶିଳରେ। ଫ୍ରିଜ୍ ଅଚଳ ଥିବାରୁ ଏବେ ଟଟକା ପରିବାର ରୋଷେଇ ଚାଲିଛି ଓ ପୁରୁଣା ବାସି ଖାଦ୍ୟ ଫ୍ରିଜ୍‌ରୁ କାଢ଼ି ଗରମ କରି ଖାଇବାକୁ ପଡୁନାହିଁ। ଏବେ ପ୍ରତି ସନ୍ଧ୍ୟାରେ ଡିବିରି ଓ ଲଣ୍ଠନ କାଚ ସଫା ହେଉଛି। ମୋବାଇଲ ଫୋନ ଓ ଟେଲିଭିଜନ ଅଚଳ ହୋଇଯାଇଥିବା ଯୋଗୁ ଘରର ସବୁ ସଦସ୍ୟ ସନ୍ଧ୍ୟା ହେଲେ ଗୋଟିଏ ଘରେ ଡିବିରି ବା ଲଣ୍ଠନଟିଏ ଲଗାଇ ଏକାଠି ବସୁଛନ୍ତି। ଦୁଃଖ ସୁଖ ହେଉଛନ୍ତି, ପରସ୍ପରକୁ ସମୟ ଦେଇପାରୁଛନ୍ତି। ଏକାଠି ଖାଉଛନ୍ତି ଓ ବରଡ଼ା ବିଞ୍ଚଣା ଧରି ଗରମରୁ ରକ୍ଷାପାଉଛନ୍ତି। ନଳକୂପ ଓ ପୋଖରୀର ଉପଯୋଗିତା ବଢ଼ିଯାଇଛି। ରାତ୍ରିର ଖୋଲା ଆକାଶର ତାରାଭରା ଜହ୍ନରାତିରେ ଆନମନା ହେଉଛନ୍ତି। ମନୋରଞ୍ଜନର ମୁଖ୍ୟ ଆଧାର ପାଲଟିଛି ଘରର ଅତି ପୁରୁଣା ରେଡିଓ। ଅଗଣାରେ ସପ ପାରି ଘରର ସବୁଲୋକ ରେଡିଓରୁ ଯୁବବାଣୀ, କୃଷିସଂସାର, ଆଞ୍ଚଳିକ ଖବର, ଆଧୁନିକ ସଙ୍ଗୀତ ତଥା ବିବିଧଭାରତୀର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଏକାଠି ଶୁଣିବା ପୁଣିଥରେ ୫୦ ବର୍ଷ ତଳର ସୁନେଲି ଅତୀତକୁ ଉଜ୍ଜୀବିତ କରିପାରିଛି। ଆଧୁନିକ ଚଳଣିରେ କ୍ରମଶଃ ଦୂରେଇଯାଉଥିବା ପାରିବାରିକ ସମ୍ପର୍କକୁ ଅଳ୍ପ ସମୟ ପାଇଁ ହେଲେ ବି ମହାବାତ୍ୟା ଫନୀ ଫେରାଇ ଆଣିଛି ଆମ ପାଖକୁ।

ଆମ ଜୀବଦ୍ଦଶାରେ ୧୯୯୯ ମହାବାତ୍ୟା ପରେ ଫନୀ ହେଉଛି ସର୍ବାଧିକ ପ୍ରଳୟ ସୃଷ୍ଟିକାରୀ ସାମୁଦ୍ରିକ ଝଡ଼। ୧୮୯୧ରୁ ୨୦୧୯ ମଧ୍ୟରେ ଓଡ଼ିଶାରେ ୧୦୨ଟି ସାମୁଦ୍ରିକ ବାତ୍ୟା ସଂଘଟିତ ହୋଇଥିବା ବେଳେ ୨୦୧୩ରୁ ୨୦୧୯ ମଧ୍ୟରେ ଲଗାତର ୪ ଗୋଟି ସାମୁଦ୍ରିକ ବାତ୍ୟା ସୃଷ୍ଟିହେବା ଓଡ଼ିଶା ପାଇଁ ନିଶ୍ଚିତ ଏକ ଅଶୁଭ ସଙ୍କେତ। ୨୦୧୩ରେ ଫାଇଲିନ୍, ୨୦୧୪ରେ ହୁଦ୍‌ହୁଦ୍, ୨୦୧୮ରେ ତିତ୍‌ଲି ଓ ୨୦୧୯ ଆରମ୍ଭରୁ ଫନୀରୁ ଏହି ସଙ୍କେତ ମିଳେ ଯେ, ଆଗାମୀ ଦିନରେ ସାମୁଦ୍ରିକ ବାତ୍ୟା ହିଁ ଓଡ଼ିଶାର ବିକାଶ ଓ ପ୍ରଗତିରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରିବ। ଏଥିପାଇଁ ଓଡ଼ିଶାର ଭୌଗୋଳିକ ସ୍ଥିତିକୁ ପାଣିପାଗ ବିଶେଷଜ୍ଞମାନେ ଦାୟୀ କରୁଥିଲା ବେଳେ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ତଥା ସାମୁଦ୍ରିକ ଜଳବାୟୁରେ ମାତ୍ରାଧିକ ଉତ୍ତାପ ବୃଦ୍ଧି ଆଗାମୀ ଦିନରେ ଅନେକ ସାମୁଦ୍ରିକ ଝଡ଼କୁ ଜନ୍ମଦେବାରେ ସହାୟକ ହୋଇପାରେ। ଏଥିପାଇଁ ଉପକୂଳ ଓଡ଼ିଶାବାସୀଙ୍କର କେବଳ ଜୀବନ ନୁହେଁ, ଜୀବିକାର ସ୍ଥାୟୀ ସୁରକ୍ଷା ପାଇଁ ଚିନ୍ତା କରିବାର ସମୟ ଆସିଛି। ଫନୀ ପ୍ରଭାବରେ ଉପକୂଳ ତଥା ଆଭ୍ୟନ୍ତରୀଣ ଓଡ଼ିଶାର ସବୁଜିମା ହଜିଯାଇଥିବା ଯୋଗୁ ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ଉଚିତ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସୁଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା ତଥା ଏ ଦିଗରେ ସରକାରୀ, ବେସରକାରୀ ତଥା ସର୍ବୋପରି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ମିଳିତ ସହଯୋଗ ଅତି ଜରୁରୀ।

ଇମେଲ୍–prakas. tripathy09@gmail.com

## ଏଇ ଭାରତରେ

ନିରବଚ୍ଛିନ୍ନ ସାଧନା ଓ ଗଭୀର ଅଧ୍ୟବସାୟ ବଳରେ ଅସାଧ୍ୟ ସାଧନ କରିହୁଏ। ଏହାଦ୍ୱାରା ନୂତନ ସୃଷ୍ଟି ସମ୍ଭବ ହୋଇପାରେ। ଗଭୀର ଆତ୍ମବିଶ୍ୱାସ ଏବଂ ଅବିରତ ସାଧନା ଦ୍ୱାରା ଜଣେ ଭାରତୀୟ ଇଞ୍ଜିନିୟର ତିଆରି କରିଛନ୍ତି ଏକ ଇଞ୍ଜିନ୍। ଏଥିରେ ପାଣିକୁ ଇନ୍ଧନ ରୂପେ ବ୍ୟବହାର କରାଯାଇପାରିବ। ତାମିଲନାଡୁର କୋଏମ୍ବାଟୁରରେ ଜଣେ ମେକାନିକାଲ ଇଞ୍ଜିନିୟର ଏସ୍. କୁମାରସ୍ୱାମୀ ଏମିତି ଏକ ଇଞ୍ଜିନ ତିଆରି କରିଛନ୍ତି, ଯାହା ପାଣି ଦ୍ୱାରା ଚାଲିପାରିବ। ଏଥିପାଇଁ ତାଙ୍କୁ ୧୦ ବର୍ଷ ସମୟ ଲାଗିଛି। ଏହି ଇଞ୍ଜିନ ଡିଷ୍ଟିଲ ୱାଟର (ପାତିତ ଜଳ)ରେ ଚାଲିପାରିବ। ଏହା ଏକ ପରିବେଶ ଅନୁକୂଳ ଇଞ୍ଜିନ ବୋଲି କୁହାଯାଉଛି। ଜଳ ପ୍ରକ୍ରିୟାକରଣ ଦ୍ୱାରା ଏହା ହାଇଡ୍ରୋଜେନରେ ଚାଲୁଥିବା ବେଳେ ଏଥିରୁ ଅକ୍ସିଜେନ୍ ନିର୍ଗତ ହେଉଛି। ଏମିତି ଏକ ଇଞ୍ଜିନ ତିଆରି କରିବାକୁ କୁମାରସ୍ୱାମୀ ବହୁଦିନରୁ ସ୍ୱପ୍ନ ଦେଖିଥିଲେ। ଏ ସମ୍ପର୍କରେ ସେ ନିଜ ଦେଶରେ ସହଯୋଗ ଲୋଡ଼ିଥିଲେ ମଧ୍ୟ ଭାରତରେ ତାଙ୍କୁ ସେପରି କିଛି ସହଯୋଗ ମିଳି ନ ଥିଲା। ସେ ଏ ନେଇ ଜାପାନ ସରକାରଙ୍କୁ ଅନୁରୋଧ କରିଥିଲେ। ସେଥିରେ ସଫଳ ହେବାପରେ ଏବେ ସେ ଏହି ଇଞ୍ଜିନକୁ ଖୁବ୍‌ଶୀଘ୍ର ଜାପାନରେ ଲଞ୍ଚ୍ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଆଇଏନ୍‌ସିବି ସଦସ୍ୟ।

ବ୍ୟକ୍ତିତ୍ୱ



ଜଗଜିତ୍ ପାଭାଡିଆ

ଅନ୍ତର୍ଜାତୀୟ ନିଶା ଔଷଧ ନିୟନ୍ତ୍ରଣ ବୋର୍ଡ (ଇଣ୍ଟରନ୍ୟାଶନାଲ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ ବା ଆଇଏନ୍‌ସିବି) ଜାତିସଂଘର ଏକ ସ୍ୱାଧୀନ ତଥା ଅର୍ଦ୍ଧନ୍ୟାୟ ତଦାରଖକାରୀ ସଂସ୍ଥା ଭାବେ ପରିଚିତ। ୧୯୬୮ରେ ଏହା ସ୍ଥାପନ କରାଯାଇଥିଲା। ଇକୋନମିକ୍ ଆଣ୍ଡ୍ ସୋସିଆଲ କାଉନ୍‌ସିଲ (ଇସିଓଏସ୍‌ଓସି) ଦ୍ୱାରା ଆଇଏନ୍‌ସିବିର ୧୩ ସଦସ୍ୟ ନିର୍ବାଚିତ ହୋଇଥାଆନ୍ତି। ନିକଟରେ ୫ ସିଟ୍ ସକାଶେ ୧୫ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ଗୁପ୍ତ ବାଲଟ୍ ଜରିଆରେ ହୋଇଥିବା ନିର୍ବାଚନରେ ଚାଇନାକୁ ପଛରେ ପକାଇ ଭାରତର ଜଗଜିତ୍ ପାଭାଡିଆ ବିଜୟୀ ହୋଇଛନ୍ତି। ଏହାଫଳରେ ସେ ଦ୍ୱିତୀୟ ଥର ଲାଗି ୨ ମାର୍ଚ୍ଚ ୨୦୨୦ରୁ ପୁନଶ୍ଚ ୫ ବର୍ଷ ପାଇଁ ଆଇଏନ୍‌ସିବିରେ କାର୍ଯ୍ୟ କରିବାର ସୁଯୋଗ ପାଇବେ।

ଜଗଜିତ୍ ୧୯୫୪ରେ ଭାରତରେ ଜନ୍ମଗ୍ରହଣ କରିଥିଲେ। ୧୯୭୪ରେ ବାଂଲାଦେଶର ଢାକା ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୮ରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୯୬ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନରୁ ମାଷ୍ଟର ଡିପ୍ଲୋମା କରିବା ବେଳେ ଜଗଜିତ୍ ନାର୍କୋଟିକ୍ସ ବିଷୟକୁ ତାଙ୍କ ସନ୍ଦର୍ଭରେ ସ୍ଥାନ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେ ସନ୍ଦର୍ଭର ନାମ ରଖିଥିଲେ 'ଫରଫିଟର ଅଫ୍ ପ୍ରପର୍ଟି ଅଣ୍ଡର ଦି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ, ୧୯୮୫'। ତାଙ୍କ ବୃତ୍ତିଗତ ଜୀବନ ଭାରତୀୟ ରାଜସ୍ୱ ସେବାରୁ ଆରମ୍ଭ ହୋଇଥିଲା। ଦୀର୍ଘ ୩୫ ବର୍ଷ ଧରି ଭାରତ ସରକାରଙ୍କ ଅଧୀନରେ ସେ କାର୍ଯ୍ୟ କଲା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ନାର୍କୋଟିକ୍ସ କମିଶନର ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ନାର୍କୋଟିକ୍ସ (୨୦୦୬–୨୦୧୨), କମିଶନର ଲିଗାଲ ଆଫାୟାର୍ସ (୨୦୦୧–୨୦୦୫), ଚିଫ୍ ଭିଜିଲାନ୍ସ ଅଫିସର , ପାୱାର ଫାଇନାନ୍ସ କର୍ପୋରେଶନ (୧୯୯୬–୨୦୦୧), ରାଜ୍ୟଗୋଷ୍ଠୀ ସଚିବାଳୟ ଦ୍ୱାରା ମାଳଦ୍ୱୀପରେ କଷ୍ଟମ୍ସ ଟ୍ରେନିଂ ଆଡଭାଇଜର (୧୯୯୪–୧୯୯୫), ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡର ଉପନିର୍ଦ୍ଦେଶକ (୧୯୯୦–୧୯୯୪) ଭଳି ପଦବୀରେ ରହି ଜଗଜିତ୍ ୨୦୧୪ରେ ନାଗପୁରର ସେଣ୍ଟ୍ରାଲ ଏକ୍ସାଇଜ୍ ଆଣ୍ଡ୍ ସର୍ଭିସ ଟାକ୍ସରେ ମୁଖ୍ୟ କମିଶନର ଭାବେ ଅବସର ନେଇଥିଲେ। ନିର୍ଦ୍ଦିଷ୍ଟ ବିଷୟରେ ପାଠ ପଢ଼ି ତା' ଉପରେ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ଜଗଜିତ୍ ସର୍ବଦା ସେଥିରେ ଉତ୍କର୍ଷ ପ୍ରତିପାଦନ କରିବାକୁ ଚେଷ୍ଟା କରିଆସିଛନ୍ତି। ସରକାରୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସେ ରାଷ୍ଟ୍ରପତିଙ୍କ ପ୍ରଶଂସାପତ୍ର ପାଇବାର ଗୌରବ ଅର୍ଜନ କରିଥିଲେ।

ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଯୋଗଦେଇ ନିଶା ନିୟନ୍ତ୍ରଣ ଦିଗରେ ଜଗ୍‌ଜିତଙ୍କ ଉପାଦେୟ ତଥ୍ୟ ଅନ୍ତର୍ଜାତୀୟ ଆଇନରେ ସଂଶୋଧନ ଆଣିବାରେ ସହାୟକ ହୋଇପାରିଛି। ବିଶେଷକରି ଆମେରିକା ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ୨୦୧୧ରେ ଆୟୋଜିତ ଇଣ୍ଟରନ୍ୟାଶନାଲ ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ କନ୍‌ଫରେନ୍ସରେ ସକାରାତ୍ମକ ଯୁକ୍ତି ଉପସ୍ଥାପନ ତାଙ୍କୁ ବିଶ୍ୱ ସ୍ତରରେ ପରିଚିତି ଆଣିଦେଇଥିଲା। ଫଳସ୍ୱରୂପ ସେ ଆଇଏନ୍‌ସିବିରେ ସଦସ୍ୟ ହୋଇ ଭାରତ ପାଇଁ ଗୌରବ ଆଣିପାରିଥିଲେ। ଏବେ ଦ୍ୱିତୀୟ ଥର ଏପରି ମର୍ଯ୍ୟାଦାଜନକ ଅନ୍ତର୍ଜାତୀୟ ସଂସ୍ଥାରେ ସ୍ଥାନ ପାଇପାରିଥିବାରୁ ବିଶ୍ୱ ସ୍ତରରେ ଭାରତର କାତ୍ତି ବଢ଼ିଛି ବୋଲି କୁହାଯାଉଛି। ନିକଟରେ ପାକିସ୍ତାନ ଆତଙ୍କବାଦୀ ମାସୁଦ ଆଝାର ବିଶ୍ୱ ଆତଙ୍କବାଦୀ ତାଲିକାରେ ସ୍ଥାନ ପାଇବା ଭାରତ ପାଇଁ ବିରାଟ ସଫଳତା ଆଣିଦେଇଥିଲା। ଏହା ପରେ ଚାଇନାକୁ ପଛରେ ପକାଇ ଜଗଜିତ୍ ଆଇଏନ୍‌ସିବିରେ ସ୍ଥାନ ପାଇଥିବାରୁ ଅନ୍ତର୍ଜାତୀୟ ମଞ୍ଚରେ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ପଦବୀ ହାସଲ କରିବା ଏକ ସକାରାତ୍ମକ ସଙ୍କେତ ଦେଉଛି ବୋଲି କୁହାଯାଇପାରିବ।

–ଜିତେନ୍ଦ୍ର କୁମାର ନାୟକ

## ପାଠକ ଶ୍ରେଷ୍ଠ ବିଚାରକ

### ସାଧାରଣ ଚିଠି ପ୍ରତି ଅବହେଳା

ମହାଶୟ,

ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ, ଇଣ୍ଟରନେଟ ବ୍ୟବସ୍ଥା ଯୋଗୁ ଚିଠି ଆଦାନ ପ୍ରଦାନ କମିଯାଇଛି ନିଶ୍ଚୟ। ତଥାପି ଲେଖାଲେଖି, ପତ୍ରବନ୍ଧୁତା, ନିମନ୍ତ୍ରଣ ପ୍ରେରଣ ନିମନ୍ତେ ଚିଠି ବ୍ୟବସ୍ଥା ରହିଛି। ସାଧାରଣ ଚିଠି ସବୁ କଚ୍ଛପ ଗତିରେ ଯାଇ ଭୁବନେଶ୍ୱରରୁ ପୁରୀକୁ ପ୍ରାୟ ୧୦ ଦିନ ଲାଗିଯାଉଛି। କର୍ତ୍ତୃପକ୍ଷ ଏହାର ପ୍ରତିକାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ଶିକ୍ଷାର ଅବନତି ପାଇଁ ଏ ମଧ୍ୟାହ୍ନଭୋଜନ ଦାୟୀ

ଶିକ୍ଷାର ଅବନତି ପାଇଁ ଏ ମଧ୍ୟାହ୍ନଭୋଜନ ସମ୍ପୂର୍ଣ୍ଣ ଭାବେ ଦାୟୀ। ଏହାକୁ ବନ୍ଦ କରିବା ପାଇଁ ଯେତେପ୍ରକାର କହିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ମଧ୍ୟାହ୍ନଭୋଜନ ଦେଲେ ଉପସ୍ଥାନ ବଢ଼ିବ ବୋଲି ସରକାର ଆଶା କରିଥିଲେ, ତାହା ସମ୍ପୂର୍ଣ୍ଣ ବିପରୀତମୁଖୀ ହୋଇଯାଉଛି। ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍। ଦିନଟି କେବଳ ଏଇଥିରେ ଯାଉଛି। ଏଥିରେ ବିଆର୍‌ସିସି ଓ ସିଆରସିସିଙ୍କର ଭଲ ଦି' ପଇସା ପକେଟରେ ପଶୁଛି। ଚାରି ପାଞ୍ଚଜଣ ଛାତ୍ରୀଛାତ୍ର ଜାଗାରେ କେତେ ଖାଦ୍ୟ ଆସୁଛି, କେତେ ଉପସ୍ଥାନ ପଡୁଛି ଓ କେତେ ହରିଲୁଟ୍ ହେଉଛି ସବୁକିଛି ଜାଣି ମଧ୍ୟ ଚାଲିଛି ଏ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ। ସେଥିରେ ପୁଣି ଚାରି ପାଞ୍ଚଜଣ ଛାତ୍ରୀଛାତ୍ର ସ୍ଥଳେ ଜଣେ ପାଚିକା ଓ ସହାୟିକା ନିଯୁକ୍ତ। ଏସବୁ ଖାଲି ଅର୍ଥ ବର୍‌ବାଦ ଛଡ଼ା କିଛି ନୁହେଁ। ତେଣୁ ଏ ମଧ୍ୟାହ୍ନଭୋଜନକୁ ଛାଡ଼ି ଉପସ୍ଥାନ ବୃଦ୍ଧି ପାଇଁ ସରକାର ବିକଳ୍ପ ବ୍ୟବସ୍ଥା ଆପଣାନ୍ତୁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୁଣୁ ଝୁଣୁ ଶବଦେ ପୂରିଲା ଦାଣ୍ଡ
ଅଭୂଷଣ କଥା ଗୋ ଅରୂପ କାଣ୍ଡ !
କି ଥିଲା ସେ ଶବଦେ ହୋଇ ଆକୁଳ
କୁଳ ଭୁଆସୁଣୀ ତ ତେଜିଲେ କୁଳ !
ଆଜି ଏହି ଅଥିର ପବନେ ମିଶି
ସୁଦୂର ସେ ପାରୁଁ କି କାନ୍ଦେ ବଇଁଶୀ ?
ଭାସିଆସେ କେସନ ସେ ମୃଦୁ ଧ୍ୱନି
ପ୍ରତି ରେଣୁ କଣାରେ ଥରେ ଅବନୀ !
ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି !

(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୯୪

- ଏଫ୍‌ଡବ୍ଲ୍ୟୁଡି କ୍ଲାର୍କ ଦକ୍ଷିଣ ଆଫ୍ରିକାର ଉପରାଷ୍ଟ୍ରପତି ରୂପେ ନିଯୁକ୍ତ।
- ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଗ୍ରାଚ୍ୟୁଇଟ ବିଲ୍ ଲୋକ ସଭାରେ ଗୃହୀତ।
- ଓଡ଼ିଶାରେ କାର୍ଯ୍ୟ କରୁଥିବା ନଳକୂପଗୁଡ଼ିକର ମରାମତି କାର୍ଯ୍ୟକୁ ଅଧିକ ଦକ୍ଷ ଓ ତ୍ୱରାନ୍ୱିତ କରିବା ପାଇଁ ଡେନମାର୍କ ସରକାରଙ୍କ ସହାୟତାରେ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ।



'ୟେଲୋ ଭେଷ୍ଟ' ବିକ୍ଷୋଭକାରୀମାନେ ଫ୍ରାନ୍ସର ରାଜଧାନୀ ପ୍ୟାରିସ ଏବଂ ଅନ୍ୟାନ୍ୟ ସହରରେ ଶନିବାର ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନଙ୍କ ବିରୋଧରେ ଶୋଭାଯାତ୍ରା କରିଥିଲେ। ଦୀର୍ଘ ୨୬ ସପ୍ତାହ ହେଲା ଏପରି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଆସୁଛି। ଶନିବାର ବିକ୍ଷୋଭ ପ୍ରଦର୍ଶନ ବେଳେ କେତେକ ସ୍ଥାନରେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷ ଘଟିଥିବା ସୂଚନା ମିଳିଛି। ତେବେ ଶିକ୍ଷା ସଂସ୍କାର ପ୍ରକଳ୍ପକୁ ବିରୋଧ କରି ରାଜଧାନୀ ପ୍ୟାରିସର କେନ୍ଦ୍ରସ୍ଥଳରେ ଶିକ୍ଷକମାନେ ନିରବ ପ୍ରତିବାଦ କରିଥିଲେ।

**ଖେଳ ଖବର**

# ଜୟସୁରିୟା ସସ୍‌ପେଣ୍ଡ

**ଦୁବାଇ, ୧୧।୫ (ପି.ଟି.)**



ଶ୍ରୀଲଙ୍କା କ୍ରିକେଟ (ଏସଏଲ୍‌ସି)ର ପରଫର୍ମାନ୍ସ ଅନାଲିଷ୍ଟ ସନଥ ଜୟସୁରିୟା ଆଇସିସି ଦୁର୍ନୀତି ନିରୋଧୀ ବିଧିର ୨ଟି ଧାରା ଉଲ୍ଲଂଘନ କରିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଦୋଷାରୋପ କରାଯାଇଛି। ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଆଇସିସି ମିଡିଆ ରିଲିଜରେ ସୂଚନା ଦିଆଯାଇଛି। ତାଙ୍କ ବିରୋଧରେ କରାଯାଇଥିବା ଆରୋପ ସମ୍ପର୍କରେ ୧୪ ଦିନ ମଧ୍ୟରେ ଜବାବ ଦେବା ଲାଗି କୁହାଯାଇଛି। ଧାରା ୨.୧.୩ ଅନୁସାରେ ଜୟସୁରିୟା ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀଙ୍କୁ ଲାଞ୍ଚ ଅବା ଉପହାର ଦେଇ କୌଣସି ମତେ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତିଅବା କୌଣସି ଏକ ଅନ୍ତର୍ଜାତୀୟ ମ୍ୟାଚର ଅଗ୍ରଗତି, ଫଳାଫଳ, ପରିଚାଳନା ଅବା ଅନ୍ୟ କୌଣସି ଦିଗରୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। ସେହିପରି ଧାରା ୨.୪.୭ ଅନୁସାରେ ସେ ଆଇସିସି ଦୁର୍ନୀତି ନିରୋଧୀ ୟୁନିଟ(ଏସିୟୁ) ଦ୍ୱାରା ଚାଲିଥିବା ଏକ ତଦନ୍ତ କାର୍ଯ୍ୟରେ ବାଧା ଦେବା ଅବା ବିଳମ୍ବ ଘଟାଇବାକୁ ଚେଷ୍ଟା କରିଥିଲେ।

# ଜାତୀୟ ଜୁନିୟର ହକି କ୍ୟାମ୍ପ୍ ପାଇଁ ଓଡ଼ିଶାରୁ ୫

**ନୂଆଦିଲ୍ଲୀ, ୧୧।୫(ପି.ଟି.)**

ବେଙ୍ଗାଲୁରୁଠାରେ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିୟର ପୁରୁଷ ହକି କୋଚିଂ କ୍ୟାମ୍ପ୍ ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ୩୩ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୫ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସାହିଲ କୁମାର ନାୟକ (ଗୋଲକିପର), ଗ୍ରେଗୋ ଖେସ୍ (ମିଡ୍‌ଫିଲ୍ଡର), ସୁମନ ବେକ୍, ପ୍ରତାପ ଲାକ୍ରା ଓ ନବୀନ କୁଜୁର (ସମସ୍ତେ ଡିଫେଣ୍ଡର୍ସ)। ତିନି ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି କ୍ୟାମ୍ପ୍ ଜୁନ୍ ୪ରେ ଶେଷ ହେବ। ସ୍ପେନର ମାଡ୍ରିଡ୍‌ଠାରେ ଜୁନ ୧୦ରୁ ଆରମ୍ଭ ହେବାକୁ ଥିବା ଅଷ୍ଟରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଲାଗି ଏହି କ୍ୟାମ୍ପ୍‌ରୁ ଭାରତୀୟ ଦଳ ଘୋଷଣା କରାଯିବ। ଆୟୋଜକ ସ୍ପେନ ସମେତ ଭାରତ, ବେଲଜିୟମ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ଆର୍ଜେଣ୍ଟିନା, ଅଷ୍ଟ୍ରିଆ ଓ ନେଦରଲାଣ୍ଡସ୍ ଅଂଶଗ୍ରହଣ କରିବେ। 'ଏହା ଏକ ପ୍ରତିଦ୍ୱନ୍ଦ୍ୱୀତାମୂଳକ ଟୁର୍ନାମେଣ୍ଟ ହେବ। ସେହିଭଳି ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ କ୍ୟାମ୍ପ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। କ୍ୟାମ୍ପ୍‌ରେ ଖେଳାଳିଙ୍କ ଫିଟ୍‌ନେସ ଓ କମ୍ବିନେଶନ ଉପରେ ଗୁରୁତ୍ୱ ଦିଆଯିବ। ଚାପଜନକ ପରିସ୍ଥିତିରେ ଖେଳାଳିମାନେ କେଉଁଭଳି ପରିସ୍ଥିତିକୁ ମୁକାବିଲା କରୁଛନ୍ତି ତାହା ଉପରେ ମଧ୍ୟ କୋଚ୍‌ମାନେ ଦୃଷ୍ଟି ରଖିବେ' ବୋଲି ଏଚ୍‌ଆଇର ଡାଇରେକ୍ଟର ଅଫ୍ ହାଇପରଫର୍ମାନ୍ସ ଡେଭିଡ୍ ଜନ କହିଛନ୍ତି।



ସୁମନ ବେକ୍




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ଲୋକଙ୍କୁ ଉତ୍ତର ନାହିଁ,**
**ସ୍ୱର୍ଗକୁ ନିଶୁଣି ନାହିଁ ।**

ବଡ଼ଲୋକମାନେ ନିଜ ଧନ, ମାନ ତଥା ପ୍ରତିଷ୍ଠା ବଳରେ ନିଜକୁ ବଡ଼ଲୋକ ବୋଲାଉଥିବା ବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତ୍ୟୟମାନ ହୋଇଥାଏ। ମିଥ୍ୟା ବା ଅବାନ୍ତର କଥା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁ ନ ଥିବା ବେଳେ ତାଙ୍କ କଥା ଅସମ୍ଭବ ହେଲେ ବି ସହିଯିବାକୁ ପଡ଼ିଥାଏ। ସେହିପରି ସ୍ୱର୍ଗ ଆମଠାରୁ କାହିଁ କେତେ ଅଧିକ ଦୂରରେ ରହୁଥିବା ବେଳେ ଗୋଟିଏ ନିଶୁଣି ବା ଲମ୍ବା ବାଉଁଶ ବାଡ଼ି ସାହାଯ୍ୟରେ ତା'ର ଦୂରତା ମାପିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାନା ବାନ୍ଧିଛି କଳି କରିବା ପାଇଁ,**
**କଣ୍ଟା ବାଡ଼ରେ ଲୁଗା ପକାଇ ।**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ମନ୍ଦ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। କଣ୍ଟାବାଡ଼ରେ ଲୁଗାପକାଇ କଳି କରିବା ଭଳି ଜାଣିଶୁଣି କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସବ୍‌ଜୁନିୟର ହକି: ଓଡ଼ିଶାର ବୃହତ୍ ବିଜୟ

**କଟକ ଅଫିସ,୧୧।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯(ଡିଭିଜନ-ଏ)ର ପ୍ରଥମ ମ୍ୟାଚ୍‌ରେ ହକି ଓଡ଼ିଶା ଦଳ ବୃହତ୍ ବିଜୟ ହାସଲ କରିଛି। ଟୁର୍ନାମେଣ୍ଟର ପୁଲ୍-ଏରେ ସ୍ଥାନ ପାଇଥିବା ହକି ଓଡ଼ିଶା ଦଳ ୧୫-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଛି। ଅଧିନାୟକ ଲାବନ ଲୁଗୁନ, ପ୍ରବୀଣ ଇନ୍ଦୱାର ଓ ରୋଶନ କୁଜୁର ୩ଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ରାଜମୋନ ତେଲି ୪ଟି ଗୋଲ ଦେଇଥିଲେ। ଏହାଛଡ଼ା ପ୍ରତାପ ଟପ୍ପୋ ଓ ପଲୁସ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ପ୍ରଥମ କ୍ୱାର୍ଟରରେ ୪ଟି, ଦ୍ୱିତୀୟ କ୍ୱାର୍ଟରରେ ୩ଟି ଓ ପରବର୍ତ୍ତୀ ୩ୟ ଓ ୪ର୍ଥ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ୪ଟି ଲେଖାଏ ଗୋଲ ହୋଇଥିଲା।

# ଟି୨୦ ସିରିଜ କବ୍‌ଜା କଲା ଜର୍ମାନୀ

**ବ୍ରୁସଲେସ, ୧୧।୫**

ବେଲ୍‌ଜିୟମ ଗସ୍ତରେ ଯାଇଥିବା ଜର୍ମାନୀ କ୍ରିକେଟ ଦଳ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ଆଗୁଆ ୨-୦ରେ କବ୍‌ଜା କରିନେଇଛି। ଶନିବାର ଖେଳାଯାଇଥିବା ୨ୟ ଟି୨୦ ମ୍ୟାଚ୍‌କୁ ଜର୍ମାନୀ ୫୭ ରନରେ ଜିତିନେଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜର୍ମାନୀ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୧୪୪ ରନ କରିଥିଲା। ଦଳ ପକ୍ଷରୁ ତଲ୍‌ହା ଖାଁ ୪୨*, ଅମୀର ଖାଁ ମଙ୍ଗଲ ୩୮, ବିଜୟ ଶଙ୍କର ଚିକନ୍ନାଇ ୨୪ ରନ କରିଥିଲେ। ବେଲଜିୟମ ପକ୍ଷରୁ ଆସିକ୍ ଉଲ୍ଲା ସଇଦ୍ ୨ ଉଇକେଟ୍ ନେଇଥିଲେ। ଜବାବରେ ବେଲଜିୟମ ୧୪.୪ ଓଭରରେ ୮୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସବିର ଜଖିଲ ୧୪, ଅଲି ରାଜା ୧୪, ମୁରିଦ୍ ଏକ୍ରାମି ୧୩ ଓ ମାମୁନ ଲତିଫ୍ ୧୦ ରନ କରିଥିଲେ। ସଫଳ ବୋଲରଭାବେ ଜର୍ମାନୀ ପକ୍ଷରୁ ଇଜାତୁଲ୍ଲା ଦୱଲତ୍‌ଜାଇ ଓ ସାହିର ନକାଶ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଜର୍ମାନୀ ୯ ରନରେ ଜିତିନେଇଥିଲା।

# ବୋଟାସଙ୍କୁ ହ୍ୟାଟ୍ରିକ୍ ପୋଲ ପୋଜିଶନ

**ମଣ୍ଟମେଲ(ସ୍ପେନ୍), ୧୧।୫(ଏଏଫ୍‌ପି)**



ଚାମ୍ପିୟନଶିପ୍ ଲିଡର ଭାଲଟେରି ବୋଟାସ ଶନିବାର ହ୍ୟାଟ୍ରିକ୍ ପୋଲ୍ ପୋଜିଶନ ହାସଲ କରିଛନ୍ତି। ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ଲାଗି ଏଠାରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରେସ୍‌ରେ ସେ ତାଙ୍କ ମର୍ସିଡିଜ ଟିମ୍‌ମେଟ୍ ଲୁଇସ୍ ହାମିଲଟନଙ୍କଠାରୁ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫିନ୍‌ଲାଣ୍ଡର ଏହି ଡ୍ରାଇଭର ଚଳିତବର୍ଷର ଟାଇଟଲ ରେସ୍‌ରେ ୫ଥର ଚାମ୍ପିୟନ ହାମିଲଟନଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଛନ୍ତି। ଏହା ପୂର୍ବରୁ ସେ ଚାଇନା ଓ ଆଜରବୈଜାନଠାରେ ପୋଲ୍ ପୋଜିଶନ ହାସଲ କରିଥିଲେ। ବୋଟାସ ଏଠାରେ ୧ ମିନିଟ୍ ୧୫.୪୦୬ ସେକେଣ୍ଡ ଟାଇମିଂ ସହ ଟ୍ରାକ୍ ରେକର୍ଡ କରିପାରିଛନ୍ତି। ହାମିଲଟନ ଦ୍ୱିତୀୟ ହୋଇଥିବାବେଳେ ପିଏରେ ଗାସ୍‌ଲି(ରେଡ୍ ବୁଲ୍), ଚାର୍ଲସ ଲେକରେକ୍ (ଫେରାରି), ମାକ୍ସ ଭର୍ଷ୍ଟାପେନଙ୍କୁ ଯଥାକ୍ରମେ ପଛରେ ପକାଇ ୪ଥର ଚାମ୍ପିୟନ ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଥିଲେ।

# ରାଜ୍ୟ ଯୁବ ବାସ୍କେଟବଲ ଦଳ ମନୋନୀତ

**କଟକ ଅଫିସ,୧୧।୫**

ତାମିଲନାଡୁରେ ଆସନ୍ତା ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ୩୬ତମ ଜାତୀୟ ଯୁବ ବାସ୍କେଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳ ଶନିବାର ତାମିଲନାଡୁ ଅଭିମୁଖେ ଯାତ୍ରା ମଧ୍ୟ କରିଛି । **ବାଳକ ଦଳ**- ଅମ୍ରିତ ଦାସ, ସେକ୍ ଫୟାଜ, ବଳରାମ ଓରାମ, ଗୁଲାବ ସର୍ଦ୍ଦାର, ସୋନୁ ସ୍ୱାଇଁ, ୱାଜିଦ ଖାଁ, ଅମ୍ରିତ ଗୌରବ ରାୟ, ଏମ୍. ଅଜିଜ, ଅନିମେଶ ସାହୁ, ପିଟର ଟପ୍ପୋ, ଶୋଭନ କୁମାର ପ୍ରଧାନ, ସ୍ୱୟମ ସିଦ୍ଧ ରାଉତ। ଶିବପ୍ରସାଦ ନାୟକ-କୋଚ୍, ମଦନ ରାଓ-ମ୍ୟାନେଜର। **ବାଳିକା ଦଳ**- ଲିଜାଲିନ ଜେନା, ସଞ୍ଚିତା କୁମାରୀ ନାୟକ, ସୁଲଗ୍ନା ପ୍ରଧାନ, ତନ୍ମୟୀ ବେହେରା, ବନିତା ଚାର୍ଲ୍ସ, ମେଧାକ୍ରିଷ୍ଣା ବେହେରା, ନନ୍ଦିନୀ ସିଂ ବର୍ମା, ଶ୍ୱେତା ପ୍ରଧାନ, ଅଭିଲିପ୍ସା ପଟ୍ଟନାୟକ, ଆଦ୍ୟାଶା ଦାଶ, ପ୍ରଜ୍ଞା ପ୍ରିୟଦର୍ଶିନୀ, ତନୁଶ୍ରୀ ମହାନ୍ତି। ରାଜେନ୍ଦ୍ର ବେହେରା-କୋଚ୍।

# ବାତ୍ୟା ସମୀକ୍ଷା ପାଇଁ ଓଡ଼ିଶା ଆସିବେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଫନୀ ପ୍ରଭାବରେ ପୁନଃନିର୍ମାଣ କାର୍ଯ୍ୟରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଭୂମିକା ରହିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ କାନ୍ଧକୁ କାନ୍ଧ ମିଳାଇ କାମ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଶନିବାର ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ, ସ୍ୱରାଷ୍ଟ୍ର ସଚିବ, ଶକ୍ତି ସଚିବ, ଟେଲିକମ୍ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକ ଶେଷରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସି ରାଜ୍ୟ ପାଇଁ ଲୋକ, ଟଙ୍କା ଓ ମେଶିନର ଅଭାବ ରହିବ ନାହିଁ ବୋଲି କହି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିଲେ। ସେ ସମ୍ପର୍କରେ ଅଗ୍ରଗତି ନେଇ ହୋଇଥିବା ଯୋଜନା ଉପରେ ଶନିବାର ଆଲୋଚନା ହୋଇଛି। ରାଜ୍ୟ ସରକାର ନିଜର ପୂର୍ଣାଙ୍ଗ ଦାବିପତ୍ର ପଠାଇବା ପୂର୍ବରୁ ପରମ୍ପରାକୁ ଭାଙ୍ଗି କେନ୍ଦ୍ର ସରକାରଙ୍କ ପ୍ରତିନିଧି ଦଳ ଓଡିଶାରେ ପହଞ୍ଚିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ୧୩ରୁ ୧୫ତାରିଖ ମଧ୍ୟରେ ସମୀକ୍ଷା କରିବେ। ରାଜ୍ୟ ସରକାରଙ୍କ ଅପେକ୍ଷା ଅନୁସାରେ କେନ୍ଦ୍ର ଦାୟିତ୍ୱ ନେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରର ଅଧିକାରୀମାନେ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି। ଶକ୍ତି ସଚିବଙ୍କ ନେତୃତ୍ୱରେ ଟେଲିକମ୍ ସଚିବ, ବ୍ୟାଙ୍କ ସଚିବ ଓଡିଶା ଆସିବା ପ୍ରସ୍ତାବ ଦେଇଛି। ପୁରୀ, ଖୋର୍ଦ୍ଧା, କଟକ ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ, ସହର ତଥା ଗ୍ରାମାଞ୍ଚଳରେ ବିଜୁଳି କାମରେ ଏନ୍‌ଟିପିସି ଓ ପିଜିସିଏଲ ପରି କମ୍ପାନୀକୁ ଲଗାଇବାକୁ ପ୍ରସ୍ତାବ ଦେଇଛି। ବୀମା କମ୍ପାନୀ ମନିଟରିଂ କରି କ୍ଲେମ ସେଟେଲମେଣ୍ଟ କିଭଳି ଶୀଘ୍ରରୁ ଶୀଘ୍ର ହେବ ସେନେଇ ଆଲୋଚନା ହୋଇଛି। ନଡିଆ, ଗୁଆ, କାଜୁ, ଉଦ୍ୟାନକୃଷି, ପଶୁସମ୍ପଦ, ଧାନ ଚାଷୀ, ଖୁଚୁରା ଦୋକାନୀ ଯେଉଁମାନେ ଋଣ ନେଇଛନ୍ତି ତା'ର କିପରି ସରଳୀକରଣ ହେବ ଏବଂ ଯେଉଁମାନେ ଋଣ ନେବେ ତାଙ୍କୁ କିପରି କମ୍ ସୁଧରେ ଦିଆଯିବ ତାଉପରେ ଜୋର ଦିଆଯାଇଛି। ଏନେଇ ଗାଇଡଲାଇନ କରି କାମ କରିବା ପାଇଁ ମଧ୍ୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାଶଙ୍କୁ ଅନୁରୋଧ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ନ ଥିଲେ ସରକାର:ଭାଜପା

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବାତ୍ୟା ଫନୀର ପ୍ରଭାବ ନେଇ ପାଣିପାଗ ବିଭାଗ ପକ୍ଷରୁ ୭ଦିନ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରସ୍ତୁତି କେବଳ କାଗଜକଲମରେ ସୀମିତ ରହିଛି। ଏକ ସପ୍ତାହ ପରେ ମଧ୍ୟ ବାତ୍ୟା ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ପହଞ୍ଚିପାରୁ ନାହିଁ। ରନ୍ଧା ଖାଦ୍ୟ କେବଳ ଗୋଟିଏ ଗାଁ ଲୋକଙ୍କୁ ଦିଆଯାଇଛି। ଲୋକଙ୍କୁ ପାନୀୟ ଜଳ ଯୋଗାଣ, ରାସ୍ତାଘାଟକୁ ବ୍ୟବସ୍ଥିତ କରିବାରେ ସରକାରୀ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୁରୀ ଜିଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ସମସ୍ତଙ୍କ ପାଖରେ ଏ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଓ ରିଲିଫ ସାମଗ୍ରୀ ପହଞ୍ଚି ନାହିଁ ବୋଲି ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ପୁରୀ ଜିଲାର ସତ୍ୟବାଦୀ ଓ କଣାସ ବ୍ଲକ ପରିଦର୍ଶନ କରିବା ସମୟରେ ଲୋକଙ୍କ ଠାରୁ ଜାଣିବାକୁ ପାଇଛନ୍ତି। ବାତ୍ୟା ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ, ପିଇବା ପାଣି, ରନ୍ଧା ଖାଦ୍ୟ, ମହମବତି ଆଦି ରିଲିଫ ସାମଗ୍ରୀ ଯୋଗାଇବା ସହ ରାଶନ କାର୍ଡ ନ ଥିବା ଲୋକଙ୍କୁ ଚାଉଳ ସହ ଆର୍ଥିକ ସହାୟତା ଯୋଗାଇବା ପାଇଁ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଭେଟି ଦାବି କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପୁରୀ ଜିଲାରେ ବିଦ୍ୟୁତ୍ ସେବାକୁ ଯୋଗାଇବାକୁ ମଧ୍ୟ ଦାବି କରିଛନ୍ତି। ରାଜ୍ୟ ସରକାର ବାତ୍ୟା ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚାଇ ପାରୁନାହାନ୍ତି। ରାଜ୍ୟ ସରକାର ତଥ୍ୟ ଦେଲେ ଭାଙ୍ଗି ଯାଇଥିବା କଚ୍ଚା ଘରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ ବୋଲି କନକ ବର୍ଦ୍ଧନ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST: 5% will be added extra

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

See Color Display Classified on every Tuesday & Friday

UTI Mutual Fund
Haq, ek behtar zindagi ka.
Happy Mother's Day
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ୫ ଟି ଆର୍ଥିକ ଶିକ୍ଷା ଯାହା ଆପଣ ନିଜ ମା'ଙ୍କଠାରୁ ଶିଖିପାରିବେ




ଆପଣ ପେଟରେ ଥିବା ସମୟରୁ ହିଁ ନିଜ ମା'ଙ୍କ ଭାଷା ଶିଖିବା ଆରମ୍ଭ କରିଦେଇଥାନ୍ତି। ପ୍ରାକୃତିକ ଭାବେ, ଆପଣଙ୍କ ମା' ହେଉଛନ୍ତି ଆପଣଙ୍କର ପ୍ରଥମ ଶିକ୍ଷକ। ଏବେ ଆପଣ ଯେବେ ବଡ଼ ହୋଇଯାଇଛନ୍ତି, ସେ ଆପଣଙ୍କର ବ୍ୟକ୍ତିଗତ ଆର୍ଥିକ ଶିକ୍ଷକ ମଧ ହୋଇପାରିବେ। ଯାହା ବି ହେଲେ, ସେ ଆପଣଙ୍କୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଶିକ୍ଷା ଦେଇପାରିବେ। ସେ ଆମକୁ କ'ଣସବୁ ଶିଖାଇଥାନ୍ତି ଆସନ୍ତୁ ଜାଣିବା:

**ଏହାପରେ କ'ଣ ?**
ଏହି ମାତୃଦିବସରେ, ଆପଣଙ୍କ ଭାବଗତ ଭାବେ ସୁଦୃଢ଼ ମା'ଙ୍କୁ ଆର୍ଥିକ ଭାବେ ମଧ ସୁଦୃଢ଼ କରନ୍ତୁ। ମ୍ୟୁଚୁଆଲ ଫଣ୍ଡ ଏଥିରେ କିପରି ସହାୟତା କରିପାରିବ ଆସନ୍ତୁ ଜାଣିବା।

### ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହନ୍ତୁ

**ମା' କ'ଣ କରିଥାନ୍ତି:** ସମସ୍ତ ମାସିକ ଖର୍ଚ୍ଚଗୁଡ଼ିକୁ ତୁଲାଇଲା ପରେ, ଯାହା ବି ବଳିଥାଏ ତାକୁ ଆପଣଙ୍କ ମା' ଏଣେତେଣେ ଖର୍ଚ୍ଚ କରିଦିଅନ୍ତି ନାହିଁ । ବରଂ ସେ ତାହାକୁ ସଞ୍ଚିରଖନ୍ତି - ତାହା ତାଙ୍କ ତକିଆ ତଳେ ହେଉ ଅବା କାହାରି ନଜର ପଡୁ ନ ଥିବା ଘରର କୌଣସି ଜାଗା ହେଉ। ପରିବାର ଅସୁବିଧାର ସମ୍ମୁଖୀନ ହେଲେ ସେ ରଖିଥିବା ସେଇ ସାଇତା ଧନ ହିଁ କାମରେ ଲାଗିଥାଏ।

**ଆପଣ କ'ଣ କରିବା ଜରୁରୀ:** କୌଣସି ଚିକିତ୍ସାଗତ, ଆଇନଗତ ଏବଂ ଅନ୍ୟାନ୍ୟ ଜରୁରିକାଳୀନ ପରିସ୍ଥିତି ପାଇଁ ଆପଣ ଏକ ଜରୁରିକାଳୀନ ପାଣ୍ଠି ତିଆରି କରିବା ଜରୁରୀ। ଆଦର୍ଶ ଭାବେ, ଏହି ପାଣ୍ଠିରେ ତିନିରୁ ଛଅ ମାସ ଚଳିବା ପାଇଁ ଯଥେଷ୍ଟ ଧନ ରହିବା ଆବଶ୍ୟକ। ନିଜ ପାଣ୍ଠି ଗଢ଼ିବାର ଏକ ଦ୍ରୁତତର ଓ ସୁରକ୍ଷିତ ଉପାୟ ହେଉଛି ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା।

### ବ୍ୟବସ୍ଥିତ ହୁଅନ୍ତୁ

**ମା' କ'ଣ କରିଥାନ୍ତି:** "ମୋ ଟଙ୍କା କୁଆଡ଼େ ଗଲା ?", ଏକଥା ଆପଣ ନିଜ ମା'ଙ୍କୁ କହୁଥିବାର ହୁଏତ କେବେ ଶୁଣି ନ ଥିବେ। କାରଣ, ସେ ପରିବାରରେ ସମସ୍ତଙ୍କ ତୁଳନାରେ ଅଧିକ ବ୍ୟବସ୍ଥିତ। କ୍ଷୀରବାଲା, ଖବରକାଗଜ ବିକାଳି ଓ ଅନ୍ୟାନ୍ୟ ଫେରିବାଲାମାନେ ଠିକ୍ ସମୟରେ ସେମାନଙ୍କର ପ୍ରାପ୍ୟ ପାଇଯାଆନ୍ତି। ବିଲ୍ ଓ ଦେୟଗୁଡ଼ିକର ପେମେଣ୍ଟ ହୋଇଯାଏ। ତାଙ୍କ ପାଖରେ ହୁଏତ ଏକ ଡାଏରୀ ଥିବ, ଯେଉଁଥିରେ ସେ ସବୁକିଛି ଟିପି ରଖିଥିବେ। ଆପଣଙ୍କୁ କିଛି ଚିନ୍ତା କରିବାକୁ ପଡୁ ନ ଥିବ।

**ଆପଣ କ'ଣ କରିବା ଜରୁରୀ:** ଏକ ବଜେଟ ତିଆରି କରନ୍ତୁ ଓ ତାହାର ରକ୍ଷଣାବେକ୍ଷଣ କରନ୍ତୁ। ଆୟର ପ୍ରତ୍ୟେକ ପ୍ରତ୍ୟାଶିତ ଓ ଅପ୍ରତ୍ୟାଶିତ ଉତ୍ସକୁ ଦର୍ଶାନ୍ତୁ। ସମସ୍ତ ଖର୍ଚ୍ଚଗୁଡ଼ିକୁ ଟିପି ରଖନ୍ତୁ - ଏପରିକି ଯେଉଁଗୁଡ଼ିକୁ ନେଇ ଆପଣ ନିଶ୍ଚିତ ନୁହନ୍ତି। ଆପଣଙ୍କୁ ସହାୟତା କରିବା ପାଇଁ ଅନେକ ବଜେଟ୍ ଆପ୍ ଅଛି।

### ସୁସଙ୍ଗତ ହୁଅନ୍ତୁ

**ମା' କ'ଣ କରିଥାନ୍ତି:** ରବିବାର ଆପଣଙ୍କର ଛୁଟିଦିନ। କିନ୍ତୁ ମା'ଙ୍କ ପାଇଁ ଏହା ଅନ୍ୟ ଯେକୌଣସି ଦିନ ଭଳି। ପରିବାର ପାଇଁ ସୁସ୍ୱାଦୁ ପ୍ରାତଃଭୋଜନ ପ୍ରସ୍ତୁତ କରିବାରୁ ତାଙ୍କ ଦିନ ଆରମ୍ଭ ହୁଏ ଓ ରାତିରେ ଲାଇଟ୍, ଫ୍ୟାନ୍ ଓ ଗ୍ୟାସ୍ ରେଗୁଲେଟର୍ ବନ୍ଦ କରିବା ସହିତ ତାଙ୍କ ଦିନ ସମାପ୍ତ ହୁଏ। ପ୍ରକୃତପକ୍ଷେ, ଆପଣଙ୍କ ମା' ଅସୁସ୍ଥ ଥିଲେ ମଧ ନିଜ କର୍ତ୍ତବ୍ୟକୁ ତୁଲାଇବା ବନ୍ଦ କରି ନ ଥାନ୍ତି।

**ଆପଣ କ'ଣ କରିବା ଜରୁରୀ:** ନିବେଶ କରିବା ସମୟରେ ବିରତି ନିଅନ୍ତୁ ନାହିଁ - ନିବେଶରେ ନିୟମିତତା ବଜାୟ ରଖନ୍ତୁ। ଆହୁରି ମଧ, ବଜାରରେ ଅସ୍ଥିରତା ଦେଖାଦେଇପାରେ, କିନ୍ତୁ ଦୀର୍ଘ ମିଆଦ ପାଇଁ ନିବେଶକୁ ବଜାୟ ରଖିବା ଧନ ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତପକ୍ଷେ, ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଭଳି ଦୀର୍ଘ-ମିଆଦୀ ନିବେଶ ସାଧନଗୁଡ଼ିକ ଆପଣଙ୍କୁ ମୁଦ୍ରାସ୍ଫୀତିକୁ ପରାଜିତ କରିବାରେ ମଧ ସହାୟତା କରିବ।

### ସନ୍ତୁଳନ ରକ୍ଷା କରନ୍ତୁ

**ମା' କ'ଣ କରିଥାନ୍ତି:** ଆପଣଙ୍କ ଜେଜେବାପା ଜେଜେମା'ଙ୍କ ପାଇଁ ମସଲାଯୁକ୍ତ ଖାଦ୍ୟ ସମ୍ପୂର୍ଣ୍ଣ ମନା। ଅନ୍ୟ ପକ୍ଷରେ, ପରିବାରର ଯୁବ ସଦସ୍ୟମାନେ ସାଦା ଖେଚୁଡ଼ି ଖାଇବା ପସନ୍ଦ କରନ୍ତି ନାହିଁ। ତେଣୁ, ଖାଇବା ଟେବୁଲରେ ଯେପରି ସମସ୍ତଙ୍କ ରୁଚିକୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀର ମିଶ୍ରଣ ରୁହେ ଏହା ମା' ସୁନିଶ୍ଚିତ କରିଥାନ୍ତି।

**ଆପଣ କ'ଣ କରିବା ଜରୁରୀ:** ବିଭିନ୍ନ ଆସେଟ୍ ପାଇଁ ଟଙ୍କା ଆବଣ୍ଟିତ କରିବା ସମୟରେ, ଆପଣ ଏହା ସୁନିଶ୍ଚିତ କରିନେବା ଜରୁରୀ ଯେ ଆପଣଙ୍କ ପୋର୍ଟଫୋଲିଓରେ ଠିକ୍ ମିଶ୍ରଣ ଅଛି ଯାହା ବିଭିନ୍ନ ଆବଶ୍ୟକତାକୁ ପୂରଣ କରି - ଧନ ସୃଷ୍ଟି ପାଇଁ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ, ପୋର୍ଟଫୋଲିଓରେ ସ୍ଥିରତା ଆଣିବା ପାଇଁ ଡେବ୍ଟ ମ୍ୟୁଚୁଆଲ ଫଣ୍ଡ ଇତ୍ୟାଦି।

### ବିଚାରବନ୍ତ ହୁଅନ୍ତୁ

**ମା' କ'ଣ କରିଥାନ୍ତି:** ପରିବାରରେ ସମସ୍ତଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ଅଛି ଏହା ସୁନିଶ୍ଚିତ କରିବା ବିନା ମା' କେବେ ଖାଇ ନ ଥାନ୍ତି। ବୟୋଜ୍ୟେଷ୍ଠମାନଙ୍କୁ ଠିକ୍ ସମୟରେ ଔଷଧ ଖାଇବା କଥା ମନେ ପକାଇବା ହେଉ କି ପିଲାମାନଙ୍କୁ ପରୀକ୍ଷା ଲାଗି ପ୍ରସ୍ତୁତ କରିବା ହେଉ, ସବୁ କଥାକୁ ନେଇ ସେ ଯତ୍ନବାନ ରହିଥାନ୍ତି।

**ଆପଣ କ'ଣ କରିବା ଜରୁରୀ:** ଆପଣଙ୍କ ଆର୍ଥିକ ଏବଂ ନିବେଶ ଯୋଜନାରେ ଆପଣଙ୍କ ପରିବାର ଅନ୍ତର୍ଭୁକ୍ତ ହେବା ଜରୁରୀ। ନିଜ ପିଲାଙ୍କ ପାଇଁ ନିବେଶ କରନ୍ତୁ, ସ୍ୱାମୀ/ସ୍ତ୍ରୀଙ୍କ ସହ ଯୁଗ୍ମ ନିବେଶ କରନ୍ତୁ, ନିଜ ପିତାମାତାଙ୍କୁ ତାଙ୍କ ଆର୍ଥିକ ଜୀବନରେ ସହାୟତା ଦିଅନ୍ତୁ ଇତ୍ୟାଦି।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ଏକ ହାଇବ୍ରିଡ୍ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି। ଉପଲବ୍ଧ ପ୍ରକାରଗୁଡ଼ିକ କ'ଣ କ'ଣ?

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**



ବିନ୍ଦୁଶ୍ରୀ ବିଶ୍ୱାଳ
ଆର୍ଥିକ ପରାମର୍ଶଦାତା

ହାଇବ୍ରିଡ୍ ଫଣ୍ଡଗୁଡ଼ିକ ବାଲାନ୍ସଡ୍ ଫଣ୍ଡ ବା ଆସେଟ୍ ଆଲୋକେଶନ୍ ଫଣ୍ଡ ଭାବେ ମଧ ଜଣାଶୁଣା। ହାଇବ୍ରିଡ୍ ଫଣ୍ଡଗୁଡ଼ିକ ହେଉଛି ମ୍ୟୁଚୁଆଲ ଫଣ୍ଡ ଯାହା ଏକାଧିକ ନିହିତ ନିବେଶ ଆସେଟ୍ କ୍ଲାସ୍‌ର ସମଷ୍ଟି ଯୋଗାଇଥାଏ, ଯେପରିକି ଷ୍ଟକ୍, ବଣ୍ଡ କିମ୍ବା ନଗଦ। ଡେବ୍ଟ ଫଣ୍ଡ ତୁଳନାରେ ଏହି ଫଣ୍ଡଗୁଡ଼ିକ ଉନ୍ନତର ରିଟର୍ନ ଯୋଗାଇଥାନ୍ତି। ନିଜ ମ୍ୟୁଚୁଆଲ ଫଣ୍ଡ ନିବେଶରେ ଆୟ ସୃଷ୍ଟି କିମ୍ବା କ୍ୟାପିଟାଲ ଆପ୍ରିସିଏଶନ୍ ଚାହୁଁଥିବା ମଧମ ରିସ୍କ ସାମର୍ଥ୍ୟଧାରୀ ରକ୍ଷଣଶୀଳ ନିବେଶକଙ୍କ ପାଇଁ ଏହି ଫଣ୍ଡଗୁଡ଼ିକ ପ୍ରସ୍ତାବିତ। ଫଣ୍ଡର ଇକ୍ୱିଟି ଉପାଦାନ ଉନ୍ନତର ରିଟର୍ନର ସମ୍ଭାବ୍ୟତା ଯୋଗାଇଥାଏ, ସମାନ ସମୟରେ ଡେବ୍ଟ ଉପାଦାନ ବଜାର ପରିସ୍ଥିତି ବିରୋଧରେ ଉପଶମ ଯୋଗାଇଥାଏ। ଆକ୍ରମଣାତ୍ମକ ହାଇବ୍ରିଡ୍ ଫଣ୍ଡ ବା ଇକ୍ୱିଟି ହାଇବ୍ରିଡ୍ ଫଣ୍ଡଗୁଡ଼ିକର ସର୍ବନିମ୍ନ ୬୫% ଇକ୍ୱିଟି ଏକ୍ସପୋଜର୍ ରହିଥାଏ। ପୂର୍ବରୁ ବାଲାନ୍ସଡ୍ ବା ପ୍ରୁଡେନ୍ସ ଫଣ୍ଡ ଭାବେ ପରିଚିତ, ଇକ୍ୱିଟି ହାଇବ୍ରିଡ୍ ଫଣ୍ଡଗୁଡ଼ିକ ହାଇବ୍ରିଡ ଫଣ୍ଡର ସମସ୍ତ ବର୍ଗ ମଧ୍ୟରେ ସବୁଠାରୁ ଲୋକପ୍ରିୟ।

### ଗୁରୁ କୁହନ୍ତି



ଶାରଦା ପ୍ରସନ୍ନ ପାଢ଼ୀ
ଆର୍ଥିକ ପରାମର୍ଶଦାତା ଓ ଫାଇନାନ୍ସିଆଲ ପ୍ଲାନର୍, ଦି ୱେଲ୍‌ଥ ଲାଡର୍ସ

**ଏକ ଏସ୍‌ଆଇପି କିପରି ଆରମ୍ଭ କରିବେ ?**

ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ନିବେଶ କରିବା ସମୟରେ ଆପଣଙ୍କ ଆର୍ଥିକ ଲକ୍ଷ୍ୟ ପାଣ୍ଠିକୁ ହାସଲ କରିବା ପାଇଁ ଏସ୍‌ଆଇପି ଏକ ସହଜ ସାଧନ ଅଟେ। ପ୍ରଥମେ ଆପଣଙ୍କୁ ନିଜ ଲକ୍ଷ୍ୟକୁ ପରିଭାଷିତ କରିବାକୁ ପଡ଼ିବ ଏବଂ ତା'ପରେ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଚଳିତ ମୂଲ୍ୟ ତଥା ହାତରେ ଥିବା ସମୟ ଅନୁଯାୟୀ ଭବିଷ୍ୟତ ମୂଲ୍ୟାଙ୍କ ହିସାବ କରିବାକୁ ହେବ। ସେହି ଅନୁଯାୟୀ, ଜଣେ ବିଶେଷଜ୍ଞଙ୍କ ସହାୟତା ହାସଲ କରିବା ପାଇଁ ଚେଷ୍ଟା କରନ୍ତୁ ଯିଏ କି ତତ୍‌ସଂକ୍ରାନ୍ତୀୟ ଉପଯୁକ୍ତ ସ୍କିମ୍ ଚୟନ କରିବାରେ ସହଯୋଗ କରିପାରିବେ। ନିବେଶକଙ୍କ ସୁବିଧା ଅନୁଯାୟୀ, ସେ ମ୍ୟୁଚୁଆଲ ଫଣ୍ଡରେ ନିବେଶ ପାଇଁ ଦେୟପୈଠର ବାରମ୍ବାରତା ସମ୍ପର୍କରେ ନିଷ୍ପତ୍ତି ନେବାକୁ ହେବ ଯେପରିକି, ଦୈନିକ, ମାସିକ, ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ । ଏହାପରେ ନିବେଶକଙ୍କୁ ପରିଚୟର ପ୍ରମାଣ, ଠିକଣାର ପ୍ରମାଣ ଏବଂ ଫଟୋଗ୍ରାଫ୍ ଭଳି ଆବଶ୍ୟକ କାଗଜପତ୍ର ଦାଖଲ କରି ନିଜର କେୱାଇସି କରାଇବାକୁ ହେବ। ଏହାପରେ ତାଙ୍କୁ ଚୟନ କରିଥିବା ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ଫର୍ମକୁ ଯତ୍ନର ସହିତ ପୂରଣ କରି ତାହାକୁ ମ୍ୟୁଚୁଆଲ ଫଣ୍ଡ ବିତରକ/ଏଜେଣ୍ଟ ଇତ୍ୟାଦିଙ୍କ ନିକଟରେ ଦାଖଲ କରିବାକୁ ହେବ।

### ଜାଣିବା କଥା



ଈଶ୍ୱରଙ୍କ ଉପହାର – ମା'ମାନଙ୍କୁ ସମ୍ମାନିତ କରିବା ପାଇଁ ମାତୃ ଦିବସ ପାଳନ କରାଯାଇଥାଏ। ଏହା ମାତୃତ୍ୱ ଏବଂ ମାତୃତ୍ୱ ବନ୍ଧନର ମଧ ଏକ ଉତ୍ସବ। ପ୍ରାଚୀନ ଯୁଗରେ ଗ୍ରୀକ୍ ଓ ରୋମାନ୍ ସଭ୍ୟତା ଦ୍ୱାରା ଈଶ୍ୱରମାନଙ୍କ ମାତା ରିହାଙ୍କ ସମ୍ମାନରେ ଏହି ଉତ୍ସବ ପାଳନ ଆରମ୍ଭ କରାଯାଇଥିଲା। ହେଲେ, ଆଧୁନିକ ମାତୃ ଦିବସ, ୟୁଏସ୍‌ରେ ଆରମ୍ଭ ହୋଇଥିଲା। ସାରା ବିଶ୍ୱରେ ବିଭିନ୍ନ ଦିବସରେ ବିଭିନ୍ନ ଉପାୟରେ ଏହି ସୁନ୍ଦର ଦିବସକୁ ପାଳନ କରାଯାଇଥାଏ। ଭାରତରେ, ଏହା ମେ ମାସ ଦ୍ୱିତୀୟ ରବିବାର ଦିନ ପାଳିତ ହୋଇଥାଏ।



**ଘରେ ଟଙ୍କା ସଞ୍ଚୟ କରାଯିବା କାହିଁକି ଆଦୌ ଉଚିତ ନୁହେଁ:**

- ଆପଣ ହୁଏତ ନିୟମିତ ଭାବେ ସଞ୍ଚୟ କରି ନ ପାରନ୍ତି
- ନିଜ ଇଚ୍ଛାକୁ ପୂରଣ କରିବା ପାଇଁ ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରିପାରନ୍ତି
- ସରକାର ଏପରି କିଛି ନୀତିର ଘୋଷଣା କରିପାରନ୍ତି ଯାହା ଆପଣଙ୍କ ସଞ୍ଚିତ ଟଙ୍କାକୁ ପ୍ରଭାବିତ କରିପାରେ
- ଆପଣଙ୍କ ଟଙ୍କା ବଢ଼ିବ ନାହିଁ
- ମୁଦ୍ରାସ୍ଫୀତି କାରଣରୁ ଆପଣଙ୍କ ଟଙ୍କାର ମୂଲ୍ୟ ହ୍ରାସିତ ହୋଇପାରେ

ଏଇଥିପାଇଁ, ତେଣୁ, ଘରେ ଟଙ୍କା ରଖିବା ବିଜ୍ଞତାର ପରିଚାୟକ ନୁହେଁ।

## ଏବେ ତକିଆ ତଳେ ଟଙ୍କା ସଞ୍ଚୟ ବନ୍ଦ କରିବାର ସମୟ ଆସିଯାଇଛି

ଟଙ୍କା ଗଛରେ ଫଳେ ନାହିଁ ଆଉ ଏହା ନିଶ୍ଚିତ ଭାବେ ତକିଆ ତଳେ ବଢ଼େ ନାହିଁ । ଆପଣଙ୍କ ମା' ଆପଣଙ୍କୁ ଟଙ୍କା ସଞ୍ଚୟ କରିବା ଶିଖାଇଛନ୍ତି। ଏବେ ଆପଣଙ୍କ ପାଳି, ଆପଣ ତାଙ୍କୁ ଶିଖାନ୍ତୁ କିପରି ଠିକ୍ ସାଧନରେ ସଞ୍ଚୟ କଲେ ତାଙ୍କ ସଞ୍ଚୟ ବଢ଼ିପାରିବ।

**ଘରେ ଟଙ୍କା ସଞ୍ଚୟ କରାଯିବା କାହିଁକି ଆଦୌ ଉଚିତ ନୁହେଁ:**

| ୩୧ ମାର୍ଚ୍ଚ, ୨୦୧୮ ସୁଦ୍ଧା ସଞ୍ଚୟ | ₹୧୦,୦୦୦ | ₹୧୦,୦୦୦ | ₹୧୦,୦୦୦ |
|---|---|---|---|
| ନିବେଶ କରାଯାଇଛି | ନା | ବ୍ୟାଙ୍କ ସଞ୍ଚୟ ଖାତାରେ | ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ |
| ୨୦୧୮-୧୯ ପାଇଁ ରିଟର୍ନ | ଶୂନ୍ୟ | ୩.୫%* | ୭.୬%*** |
| ୩୧ ମାର୍ଚ୍ଚ, ୨୦୧୯ ସୁଦ୍ଧା ସଞ୍ଚୟ ମୂଲ୍ୟ | ₹୧୦,୦୦୦ | ₹୧୦,୩୫୬** | ₹୧୦,୭୬୦ |

*ସୌଜନ୍ୟ: ଆର୍‌ବିଆଇ ପ୍ରକାଶନ **ସୁଧ ଦୈନନ୍ଦିନ ଭିତ୍ତିରେ ହିସାବ କରାଯାଏ ଏହା ଧରାଯାଇ ପ୍ରଭାବୀ ବାର୍ଷିକ ଦରରେ ହିସାବ କରାଯାଇଛି ***ସୌଜନ୍ୟ: ଆଇସିଆର୍‌ଏ ଏମ୍‌ଏଫ୍‌ଆଇ ଏକ୍ସପ୍ଲୋରର୍

**ମା'ମାନେ ପ୍ରାକୃତିକ ଭାବେ ସ୍ମାର୍ଟ, ସେମାନେ ଠିକ୍ ବିକଳ୍ପ ବାଛିବେ !**

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି - ନିବେଶ କରିବା ପାଇଁ ଆପଣଙ୍କ ମା'ଙ୍କୁ ବହୁତ ଟଙ୍କା ଆବଶ୍ୟକ ପଡ଼ିବ ନାହିଁ



ମା'ମାନେ ଅଧିକ କିଛି ମାଗନ୍ତି ନାହିଁ । ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ମଧ ସେହିଭଳି। ସେଥିରେ ନିବେଶ କରିବା ପାଇଁ ଆପଣଙ୍କୁ ବହୁ ପରିମାଣର ଟଙ୍କା ଆବଶ୍ୟକ ହୋଇ ନ ଥାଏ। ମ୍ୟୁଚୁଆଲ ଫଣ୍ଡର ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ସହିତ ଆପଣ ₹୧୦୦ ଭଳି କମ୍ ପରିମାଣ ସହିତ ନିବେଶ କରିପାରିବେ।

ଆପଣଙ୍କ ମା' ସମ୍ପୂର୍ଣ୍ଣ ଘର ସୁପରିଚାଳନାରେ ତାଙ୍କର ସମୟ ଓ ଶକ୍ତି ନିବେଶ କରିଥାନ୍ତି। ଏବେ ସମୟ ଆସିଛି, ନିଜ କର୍ତ୍ତବ୍ୟ ତୁଲାଇବା ସମୟରେ ସେ ସଞ୍ଚୟ କରିଥିବା ଟଙ୍କାକୁ ନିବେଶ କରିବାର।

ଧରନ୍ତୁ ଘର ସଉଦାପତ୍ର, ଭ୍ରମଣ, ଅବସରବିନୋଦନରୁ ସେ ମାସିକ ₹୫୦୦ ସଞ୍ଚୟ କରନ୍ତି ଏବଂ ତାହାକୁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତି।

| ମାସିକ ନିବେଶ | ନିବେଶ ମିଆଦ | ଧରା ଯାଇଥିବା ସୁଧ ହାର | ୧୫ ବର୍ଷ ପରେ ନିବେଶ ମୂଲ୍ୟ |
|---|---|---|---|
| ₹୫୦୦ | ୧୫ ବର୍ଷ | ୮% | ₹୧.୭ ଲକ୍ଷ* |

*ପରିମାଣକୁ ମୁଦ୍ରାସ୍ଫୀତି ଓ ଟିକସ ପାଇଁ ସମଯୋଜନ କରାଯାଇନାହିଁ

ତେଣୁ, ଆପଣଙ୍କ ମା' କେବଳ ଯେ ସହଜରେ ନିଜ ଟଙ୍କାକୁ ନିବେଶ କରିପାରିବେ ତାହା ନୁହେଁ ବରଂ ସମୟ ସହିତ ତାହାକୁ ଲକ୍ଷାଧିକ ଟଙ୍କାରେ ରୂପାନ୍ତରିତ କରିପାରିବେ। ତେଣୁ, ଏହି ମାତୃଦିବସରେ, ତାଙ୍କ ଗିଫ୍ଟ ହାମ୍ପର୍‌ରେ ତାଙ୍କ ଏସ୍‌ଆଇପିକୁ ଯୋଗ କରିବା ଭୁଲନ୍ତୁ ନାହିଁ ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:** ୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ଏସ୍‌ଡବ୍ଲ୍ୟୁପି ସମ୍ପର୍କରେ ସବୁକିଛି ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆପଣ ଅବସର ଗ୍ରହଣ କରିବା ସମୟରେ ଆପଣଙ୍କ ପାଖରେ କେତେ ଟଙ୍କା ରହିବା ଆବଶ୍ୟକ କେବେ ଚିନ୍ତା କରିଛନ୍ତି କି? ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।



**ଏସ୍‌ଆଇପି ଏକ ସୁରକ୍ଷିତ ଭବିଷ୍ୟତର ଜନନୀ ହୋଇପାରିବ!**

ଆପଣଙ୍କ ଭବିଷ୍ୟତ ପାଇଁ ଯୋଜନା ଆରମ୍ଭ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

f LIVE
ପରିବାର ଓ ଆର୍ଥିକ ଯୋଜନା ଉପରେ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍ ଶୋ'- 'ଆର୍ଥିକ ଯୋଜନା ପ୍ରସ୍ତୁତ କରେ ଯେଉଁ ପରିବାର ମିଳିମିଶି, ରହିଥାଏ ସେଠି ସଦା ହସଖୁସି'ରେ ପରିବାର ଓ ଆର୍ଥିକ ଯୋଜନା ସମ୍ପର୍କରେ ଅଧିକ ଜାଣନ୍ତୁ, ୧୫ ମେ, ୨୦୧୯ ଅପରାହ୍ନ ୫ ଘଟିକାରେ।

**ପରବର୍ତ୍ତୀ ସଂସ୍କରଣରେ:** ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ ଥରେ କହିଥିଲେ "ମା' ଖୁସିରେ ରହିଲେ, ପରିବାର ଖୁସିରେ ରହେ, ପରିବାର ଖୁସିରେ ରହିଲେ, ରାଷ୍ଟ୍ର ଖୁସିରେ ରହେ"। ଆସନ୍ତା ସଂସ୍କରଣରେ, ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ କିପରି ଆପଣଙ୍କ ମା' ଓ ପରିବାରର ବାକି ସଦସ୍ୟ କିପରି ଆର୍ଥିକ ଭାବେ ସୁଖୀ ଓ ସୁରକ୍ଷିତ ହୋଇପାରିବେ ତାହା ଉପରେ ନଜର ପକାଇବା।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।





UTI Mutual Fund
Haq, ek behtar zindagi ka.

ଆପଣଙ୍କ ମା' ଆପଣଙ୍କୁ କଣ ଶିଖାଇଛନ୍ତି ତାହାର କୌଣସି ତୁଳନା ହିଁ ନାହିଁ।
କିନ୍ତୁ ତାଙ୍କୁ ଏସଡବ୍ଲ୍ୟୁପି ବିଷୟରେ କହିବା ଏକ ପ୍ରାରମ୍ଭ ଅଟେ।

ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍ କଲ୍ ଦିଅନ୍ତୁ।

## ବ୍ୟବସ୍ଥିତ ନିକାଷ ଯୋଜନା (ଏସ୍‌ଡବ୍ଲ୍ୟୁପି)

ଏହି ମାତୃ ଦିବସରେ, ତାଙ୍କୁ ଏକ ବ୍ୟବସ୍ଥିତ ଉଠାଣ ଯୋଜନା (ଏସ୍‌ଡବ୍ଲ୍ୟୁପି) ସହିତ ବର୍ଷ-ବର୍ଷ ଧରି କରିଥିବା ତାଙ୍କର କଠିନ ଅର୍ଜିତ ନିବେଶରୁ ଆୟ କରିବାର ଉପାୟ ବିଷୟରେ କୁହନ୍ତୁ!

ବ୍ୟବସ୍ଥିତ ଉଠାଣ ଯୋଜନା, ଯାହା ଆପଣଙ୍କୁ ଦିଏ:
- ରାଶି ଓ ଅନ୍ତରାଳ ଚୟନ କରିବାର ସ୍ୱତନ୍ତ୍ରତା
- ନିୟମିତ ନଗଦ ପ୍ରବାହର ଉତ୍ସ*
- କର ଦକ୍ଷତା#

ଏହି ବିଚାରଶୀଳ ପରାମର୍ଶ ଏକ ପ୍ରଚେଷ୍ଟା ଯାହା ଆଗାମୀ ଦିନ ପାଇଁ ତାଙ୍କ ସହିତ ରହିଥାଏ।

ଆପଣଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯୋଜନା ବନାନ୍ତୁ, www.utiswatantra.com ରେ ଲଗ୍ ଅନ୍ କରନ୍ତୁ
Follow us on f t in

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
SMS "UTISWP" to 5676756
Scan this QR code to know all about SWP

ଏସଡବ୍ଲ୍ୟୁପି ଏକ ସୁବିଧା ଯାହା ଦ୍ୱାରା ଜଣେ ନିବେଶକ ନିଜର ମହଜୁଦ ନିବେଶରୁ ପୂର୍ବ ନିର୍ଦ୍ଧାରିତ ରାଶି ଉଠାଇ ପାରିବେ । *ୟୁନିଟ୍ ଧାରକ ଖାତାରେ ବକେୟା ରାଶିର ଉପଲବ୍ଧତା ଅଧୀନ
#36 ମାସରୁ ଅଧିକ ପାଇଁ ଡେବ୍ଟ ଫଣ୍ଡସରେ ନିବେଶ କରାଯାଇଥିବା ଇଣ୍ଡେକ୍ସେଶନ୍‌ରୁ ଲାଭ । ପ୍ରଚଳିତ କର ଆଇନ୍ ଅଧୀନରେ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ମେ,୨୦୧୯



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକାର 'ଟାଇମ୍' ପତ୍ରିକାରେ 'ଇଣ୍ଡିଆସ୍ ଡିଭାଇଡର୍ ଇନ୍ ଚିଫ୍' ଭାବେ ଦର୍ଶାଇଥିବା ନିବନ୍ଧ ପ୍ରସ୍ତୁତକାରୀ ଆତିଶ ତସୀର ଜଣେ ପାକିସ୍ତାନୀ। ମୋଦିଙ୍କ ଭାବମୂର୍ତ୍ତି ଖରାପ କରିବା ପାଇଁ ସେ ପାକିସ୍ତାନର ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି।"
-ସମ୍ବିତ୍ ପାତ୍ର, ଭାଜପା ମୁଖପାତ୍ର



## ଟୁଇଟର୍‌ରେ ଭାଜପା ଫଲୋଅର୍ସଙ୍କ ସଂଖ୍ୟା ୧୧ ନିୟୁତ ଟପିଲା




ନୂଆଦିଲ୍ଲୀ,୧୧।୫(ପି.ଟି.): ଲୋକ ସଭା ନିର୍ବାଚନର ଆଉ ଦୁଇଟି ପର୍ଯ୍ୟାୟ ମତଦାନ ବାକି ଥିବାବେଳେ ଶନିବାର ଭାଜପା ସଫଳତାର ଏକ ସୋପାନ ଅତିକ୍ରମ କରିଛି। ଟୁଇଟର୍‌ରେ ଭାଜପାର ଫଲୋଅର୍ସଙ୍କ ସଂଖ୍ୟା ୧୧ ନିୟୁତ ଟପିଛି, ଯାହାକି କଂଗ୍ରେସ ଅନୁଗାମୀଙ୍କ ଦୁଇଗୁଣାରୁ ଅଧିକ। ଭାଜପା (@BJP4India) ୨୦୧୦ ଅକ୍ଟୋବରରେ ଟୁଇଟର୍‌ରେ ସାମିଲ ହୋଇଥିଲା। ଅନୁଗାମୀଙ୍କ ସଂଖ୍ୟା ୧୧ ନିୟୁତ ଅତିକ୍ରମ କରିବା ଭାଜପା ପାଇଁ ଏକ ମାଇଲଖୁଣ୍ଟ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଅଭିହିତ କରିଛନ୍ତି। ଏହି ଅବସରରେ ସେ ଭାଜପା ଆଇଟି ସେଲ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ୨୦୧୩ ଫେବୃୟାରୀରେ ଏହି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିଥିବା କଂଗ୍ରେସ (@INCIndia) ଫଲୋଅର୍ସଙ୍କ ସଂଖ୍ୟା ଏବେ ୫.୧୪ ନିୟୁତରେ ପହଞ୍ଚିଛି।

## ପରିବାରରେ ୬୬ ଭୋଟର



ଆଲ୍ଲାହାବାଦ,୧୧।୫(ଆଇଏଏନ୍ଏସ୍) : ଉତ୍ତରପ୍ରଦେଶସ୍ଥିତ ଆଲ୍ଲାହାବାଦର ଏକ ପରିବାରରେ ୬୬ ଭୋଟର ଅଛନ୍ତି। ଉକ୍ତ ପରିବାରର ସମସ୍ତ ଭୋଟ ହାତେଇବା ପାଇଁ ଦୁଆର ମୁହଁକୁ ପ୍ରାର୍ଥୀମାନେ ଧାଇଁବାରେ ଲାଗିଛନ୍ତି। ଆଲ୍ଲାହାବାଦର ବହରାଇଚା ଗ୍ରାମର ରାମନରେଶ ଭୁର୍ତିଆଙ୍କ ପରିବାରରେ ୮୨ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୬ ଜଣ ସାବାଳକ। ଏହି ପରିବାର କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଦୁଇଜଣ ସଦସ୍ୟ ମୁମ୍ବାଇର ଘରୋଇ କମ୍ପାନୀରେ କାର୍ଯ୍ୟରତ। ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଗୋଟିଏ ରୋଷେଇ କରାଯାଏ। ସଦସ୍ୟଙ୍କ ମଧ୍ୟରେ ଏଭଳି ଅଛନ୍ତି, ଯିଏକି ଅଷ୍ଟମ ଥର ପାଇଁ ମତଦାନ କରିବାକୁ ଯାଉଛନ୍ତି। ଏହି ଆସନରେ ରବିବାର ଭୋଟଗ୍ରହଣ କରାଯିବ। ଗୋଟିଏ ପୋଲିଂ ଷ୍ଟେଶନକୁ ସମସ୍ତେ ଭୋଟ ଦେବାକୁ ଯିବାବେଳେ ନିର୍ବାଚନ ଅଧିକାରୀ ସେମାନଙ୍କୁ ସ୍ୱାଗତ କରିବାକୁ ଆସିଥାନ୍ତି ବୋଲି ୯୮ ବର୍ଷୀୟ ରାମନରେଶ କହିଛନ୍ତି।

## ଗମ୍ଭୀରଙ୍କ ପାଇଁ ପ୍ରଚାର କରୁଛନ୍ତି ଡୁପ୍ଲିକେଟ୍


ଏଏପିର ଅଭିଯୋଗ

ନୂଆଦିଲ୍ଲୀ,୧୧।୫: ପୂର୍ବ ଦିଲ୍ଲୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ତଥା କ୍ରିକେଟରରୁ ରାଜନେତା ସାଜିଥିବା ଗୌତମ ଗମ୍ଭୀର ଖରାରୁ ମୁକ୍ତି ପାଇବା ପାଇଁ ଡୁପ୍ଲିକେଟ୍ (ଅବିକଳ ତାଙ୍କ ଭଳି ଦେଖାଯାଉଥିବା ବ୍ୟକ୍ତି)ଙ୍କୁ ବ୍ୟବହାର କରୁଛନ୍ତି। ଦିଲ୍ଲୀର କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଏଭଳି ଅଭିଯୋଗ ଅଣାଯାଇଛି। ଏହି ଆସନରେ ଏଏପିରୁ ପ୍ରାର୍ଥୀ ହୋଇଥିବା ଆତିଶୀ ଗମ୍ଭୀରଙ୍କ ବିରୋଧରେ ବିବାଦୀୟ ପ୍ରଚାରପତ୍ର ବଣ୍ଟନର ଅଭିଯୋଗ ଆଣିଥିବାବେଳେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଡୁପ୍ଲିକେଟ୍‌ଙ୍କ ଫଟୋ ଟୁଇଟ୍ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣେ କଂଗ୍ରେସ ନେତା। ଏହା କଂଗ୍ରେସ ଓ ଭାଜପା ମଧ୍ୟରେ ମହାଅପମିଶ୍ରଣ ବୋଲି ସିସୋଡିଆ ଏଥିରେ ଉଲ୍ଲେଖ କରିଛନ୍ତି।

### ବେଲୁଚିସ୍ତାନ ହୋଟେଲକୁ ଟାର୍ଗେଟ
## ୩ ଆତଙ୍କବାଦୀ ନିହତ

କରାଚୀ,୧୧।୫(ପି.ଟି.): ପାକିସ୍ତାନର ବେଲୁଚିସ୍ତାନସ୍ଥିତ ବନ୍ଦରସହର ଗ୍ୱାଦର ନିକଟରେ ଥିବା ଏକ ପଞ୍ଚତାରକା ହୋଟେଲକୁ ଶନିବାର ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ସେମାନଙ୍କ ଗୁଳିମାଡ଼ରେ ଜଣେ ସାଧାରଣ ନାଗରିକ ନିହତ ହୋଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୩ ଆତଙ୍କବାଦୀ ଟଳିପଡ଼ିଛନ୍ତି। ଗ୍ୱାଦରସ୍ଥିତ ବିଳାସପୂର୍ଣ୍ଣ ପାର୍ଲ କଣ୍ଟିନେଣ୍ଟାଲ ହୋଟେଲକୁ ଅପରାହ୍ନ ୪ଟା ୫୦ରେ ସଶସ୍ତ୍ର ଆତଙ୍କବାଦୀମାନେ ଧସେଇ ପଶି ଆଖିବୁଜା ଗୁଳି ଚଳାଇଥିଲେ। ଆତଙ୍କବାଦ ନିରୋଧୀ ଟିମ୍ ସେମାନଙ୍କୁ ନିପାତ କରିଥିବା ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଜାମ୍ କମଲ ଖାନ୍ ଅଲ୍ୟାନି ସୂଚନା ଦେଇଛନ୍ତି। ବେଆଇନ ଘୋଷିତ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍ଏ) ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଏହି ସଙ୍ଗଠନର ମଜିଦ୍ ବ୍ରିଗେଡ୍ ଗ୍ରୁପ୍ ଆକ୍ରମଣ କରିଥିବା କୁହାଯାଉଛି। ବେଲୁଚିସ୍ତାନ ଦେଇ ଗତିଶୀଳ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି)ରେ ବେଜିଂ ବିପୁଳ ପୁଞ୍ଜିନିବେଶ କରିଛି। ଗତବର୍ଷ ବିଏଲ୍ଏ ଏହାକୁ ବିରୋଧ କରି କରାଚୀସ୍ଥିତ ଚାଇନା କନ୍‌ସୁଲେଟ୍‌କୁ ଟାର୍ଗେଟ କରିଥିଲା।

## ଶ୍ରୀଲଙ୍କାରେ ବିସ୍ଫୋରକ ଜମା ଦେବାକୁ ନିର୍ଦ୍ଦେଶ

କଲମ୍ବୋ,୧୧।୫(ପି.ଟି): ଶ୍ରୀଲଙ୍କାର କୌଣସି ବ୍ୟକ୍ତି ନିଜ ପାଖରେ ବେଆଇନ ବିସ୍ଫୋରକ ସାମଗ୍ରୀ ରଖିଥିଲେ ସେସବୁକୁ ୩ ଦିନ ମଧ୍ୟରେ ସ୍ଥାନୀୟ ପୋଲିସ ନିକଟରେ ଜମା ଦେବାକୁ ଦେଶର କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସକାଳ ୬ଟାରୁ ମଙ୍ଗଳବାର ସକାଳ ୬ଟା ମଧ୍ୟରେ ବିଭିନ୍ନ ବିସ୍ଫୋରକ ପୋଲିସ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶନାମା ଜାରି ରହିଛି। ଏପ୍ରିଲ ୨୧ରେ ଇଷ୍ଟର ପର୍ବ ପାଳନବେଳେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୨୫୦ ଜଣଙ୍କ ମୃତ୍ୟୁ ଘଟିବା ପରେ ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ ଏପରି ଏକ ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଛି। ଆକ୍ରମଣ ପରେ ତଲାସି ଅଭିଯାନ କରାଯାଇଥିଲା। ଏହି ସମୟରେ ବିଭିନ୍ନ ମସଜିଦ୍‌ରୁ ଖଣ୍ଡା ଓ ଅନ୍ୟାନ୍ୟ ଅସ୍ତ୍ର ଜବତ କରାଯିବା ପରେ ଶ୍ରୀଲଙ୍କା କର୍ତ୍ତୃପକ୍ଷ ବିଭିନ୍ନ ମାରଣାସ୍ତ୍ର ଜବତ ପାଇଁ ପଦକ୍ଷେପ ନେଇଥିଲେ। ପ୍ରକାଶ ଯେ, ସପ୍ତାହେ ପୂର୍ବରୁ ଲୋକଙ୍କୁ ଖଣ୍ଡା ଓ ଧାରୁଆ ଅସ୍ତ୍ର ସ୍ଥାନୀୟ ଥାନାରେ ଜମା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

### ■ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଆଜି
# ୪୪ ଆସନରେ ଭାଜପା ପାଇଁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୧।୫

**୫୯ ଆସନରେ ମତଦାନ**
- ■ମଇଦାନରେ ମାନେକା, ଦିଗ୍‌ବିଜୟଙ୍କ ସମେତ ୯୭୯ ପ୍ରାର୍ଥୀ
- ■ଭାଗ୍ୟ ନିର୍ଦ୍ଧାରଣ କରିବେ ୧୦.୧୭ କୋଟି ଭୋଟର

ଷଷ୍ଠ ପର୍ଯ୍ୟାୟରେ ୬ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୯ଟି ଆସନ ଲାଗି ରବିବାର ଭୋଟଗ୍ରହଣ କରାଯିବ। ମଇଦାନକୁ ଓହ୍ଲାଇଥିବା ବିଭିନ୍ନ ରାଜନୈତିକ ଦଳର ୯୭୯ ପ୍ରାର୍ଥୀଙ୍କ ଭାଗ୍ୟ ୧୦.୧୭ କୋଟି ଭୋଟର ନିର୍ଦ୍ଧାରଣ କରିବେ। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି।

ଷଷ୍ଠ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବାକୁ ଥିବା ଆସନଗୁଡ଼ିକ ହେଲା ବିହାରର ୮, ହରିୟାଣା ୧୦, ଝାଡ଼ଖଣ୍ଡ ୪, ମଧ୍ୟପ୍ରଦେଶ ୮, ୟୁପି ୧୪, ପଶ୍ଚିମବଙ୍ଗ ୮ ଓ ଦିଲ୍ଲୀ-ଏନ୍‌ସିଆର୍‌ର ୭। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ମୋଟ ୧.୧୩ ଲକ୍ଷ ଭୋଟଗ୍ରହଣ କେନ୍ଦ୍ରରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ଦଳ ପକ୍ଷରୁ ଜୋରଦାର୍ ପ୍ରଚାର କରାଯାଇଥିବାବେଳେ ଭାଜପା ତା'ର ପୂର୍ବସ୍ଥିତି ବଜାୟ ରଖିବା ଲାଗି ସଂଗ୍ରାମ ଜାରି ରଖିଛି। କାରଣ ୨୦୧୪ ସାଧାରଣ ନିର୍ବାଚନରେ ଏହି ୫୯ ଆସନ ମଧ୍ୟରୁ ଭାଜପାକୁ ୪୪ ଆସନ ମିଳିଥିଲା। ଏଥିସହ ଟିଏମ୍‌ସିକୁ ୮, କଂଗ୍ରେସ ଓ ଆଇଏନ୍ଏଲ୍‌ଡିକୁ ୨, ଅପ୍‌ନା ଦଳ, ଏଲ୍‌ଜେପି ଏବଂ ଏସ୍‌ପିକୁ ଗୋଟିଏ ଲେଖାଏ ଆସନ ମିଳିଥିଲା। ଏଥର ପୂର୍ବଭଳି କେତେକାଂଶରେ ମୋଦି ହାୱା ରହିଥିଲେ ହେଁ ବିରୋଧୀ ମେଣ୍ଟ କରି ଗୋଟିଚାଳନା କରୁଥିବାରୁ ନିର୍ବାଚନୀ ପାଣିପାଗ ବଦଳିବା ସମ୍ଭାବନା ରହିଛି। ଦିଲ୍ଲୀ ବାଦ୍ ଏମ୍‌ପିର ମୋରେନା, ଗୋନା ଓ ଭୋପାଳରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ସେହିଭଳି ୟୁପିର ସୁଲତାନ୍‌ପୁର, ଆଲ୍ଲାହାବାଦ ଓ ଆଜମଗଡ଼, ବିହାରର ପୂର୍ବ ଚମ୍ପାରନ୍ ଓ ହରିଆନାର ରୋହତକ୍, ସୋନିପତ୍ ଓ ହିସାର୍ ଆସନରେ ଭାଜପାକୁ କଡ଼ା ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଉଛି। ୨୦୧୪ରେ ବିହାରର ୮ ଆସନରୁ ୭, ହରିୟାଣାର ୧୦ ଆସନରୁ ୮, ଝାଡ଼ଖଣ୍ଡର ସମସ୍ତ ୪, ଏମ୍‌ପିର ୮ରୁ ୭, ୟୁପିର ୧୪ରୁ ୧୨ ଓ ଦିଲ୍ଲୀର ସମସ୍ତ ୭ ଆସନ ଭାଜପା ଖାତାକୁ ଯାଇଥିଲା। ଏଥର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦଳର ଶକ୍ତି ବୃଦ୍ଧି କରିଥିବାବେଳେ ୟୁପିରେ ଏସ୍‌ପି-ବିଏସ୍‌ପି ମେଣ୍ଟ ଓ ପୂର୍ବ ରାଜନୈତିକ ପାଣିପାଗରେ ପରିବର୍ତ୍ତନ ଯୋଗୁଁ ଫଳାଫଳ ଭିନ୍ନ ହୋଇପାରେ ବୋଲି ରାଜନୈତିକ ବିଶ୍ଲେଷକ ମତବ୍ୟକ୍ତ କରିଛନ୍ତି। ତଥାପି ଭାଜପା ପାଇଁ ୨୦୧୪ରେ ହାସଲ କରିଥିବା ୪୪ ଆସନ ଦଖଲ କରିବା ଚ୍ୟାଲେଞ୍ଜ ପାଲଟିଛି। ଏହି ପର୍ଯ୍ୟାୟରେ ଭାଗ୍ୟପରୀକ୍ଷା ହେବାକୁ ଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଶୀଲା ଦୀକ୍ଷିତ୍, ଅଲିମ୍ପିଆନ୍ ବକ୍ସର୍ ବିଜେନ୍ଦର ସିଂ, ଗୌତମ ଗମ୍ଭୀର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ, ଅଖିଳେଶ ଯାଦବ, କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ, ଭୂପିନ୍ଦର ସିଂ ହୁଡା, କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, କଂଗ୍ରେସ ନେତା ଦିଗ୍‌ବିଜୟ ସିଂ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଓ ଭାଜପାର ପ୍ରଜ୍ଞା ସିଂ ଠାକୁର। ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ମେ ୧୯ରେ ସରିବା ପରେ ୨୩ରେ ଫଳାଫଳ ଜଣାପଡ଼ିବ।


ବିହାରର ମୁଜାଫରପୁର ଲୋକ ସଭା ଆସନର ଏକ ପୋଲିଂ ଷ୍ଟେଶନକୁ ନିର୍ବାଚନ ଅଧିକାରୀମାନେ ମତଦାନ ସାମଗ୍ରୀ ନେଇ ଯାଉଛନ୍ତି।


ଜମ୍ମୁ ସହର ଉପାନ୍ତ ଏକ ଇଟାଭାଟିରେ କାର୍ଯ୍ୟରତ ମହିଳା ଶ୍ରମିକ।

### ■ ସୁପ୍ରିମକୋର୍ଟର ଅବକାଶକାଳୀନ ଖଣ୍ଡପୀଠ
## ପ୍ରଥମଥର ରହିବେ ସିଜେଆଇ

ନୂଆଦିଲ୍ଲୀ,୧୧।୫



ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ପ୍ରଥମଥର ଲାଗି ସୁପ୍ରିମକୋର୍ଟର ଅବକାଶକାଳୀନ ଖଣ୍ଡପୀଠରେ ରହିବେ। ସାଧାରଣ ନିର୍ବାଚନ ଫଳାଫଳ ମେ ୨୩ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ସରକାର ଗଠନ ନେଇ ଉପୁଜିବାକୁ ଥିବା ସମ୍ଭାବ୍ୟ ବିବାଦର ସମାଧାନ ଲାଗି ମେ ୨୫ରୁ ୩୦ ତାରିଖ ମଧ୍ୟରେ ହେବାକୁଥିବା ଉକ୍ତ ଖଣ୍ଡପୀଠରେ ତାଙ୍କୁ ସାମିଲ କରାଯାଇଛି। ବାର୍ଷିକ ଖରା ଛୁଟି ଲାଗି ସୁପ୍ରିମକୋର୍ଟ ମେ ୧୩ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହୁଛି। ଜୁଲାଇ ପହିଲାରୁ ଯଥାରୀତି କାର୍ଯ୍ୟାରମ୍ଭ କରାଯିବ। ପ୍ରତ୍ୟେକ ବର୍ଷ ଖରା ଛୁଟି ଲାଗି ଅବକାଶକାଳୀନ ଖଣ୍ଡପୀଠ କାର୍ଯ୍ୟ କରିଥାଏ। କିନ୍ତୁ ସିଜେଆଇ ଏଥିରେ ଅଧ୍ୟକ୍ଷତା କରନ୍ତି ନାହିଁ। ଅବକାଶକାଳୀନ ଖଣ୍ଡପୀଠର ନୋଟିସ ଅନୁଯାୟୀ ଚଳିତ ଥର ସିଜେଆଇ ଗୋଗୋଇ ଓ ଜଷ୍ଟିସ୍ ଏମ.ଆର. ଶାହ ଏଥିରେ ରହିବେ।

### ■ କେଜ୍‌ରିୱାଲଙ୍କ ବିରୋଧରେ ଅଭିଯୋଗ ଆଣିଲେ ପ୍ରାର୍ଥୀଙ୍କ ପୁଅ
## ଏଏପି ଟିକେଟ ଲାଗି ବାପା ଦେଇଥିଲେ ୬ କୋଟି

ନୂଆଦିଲ୍ଲୀ,୧୧।୫


ବଲ୍‌ବୀର୍ ସିଂ ଜାଖର ଓ ପୁଅ ଉଦୟ

ଷଷ୍ଠ ପର୍ଯ୍ୟାୟ ଭୋଟଗ୍ରହଣ ପୂର୍ବରୁ ଏଏପିର ଅସଲ ମୁଖା ଖୋଲିଛନ୍ତି ଜଣେ ଦଳୀୟ ପ୍ରାର୍ଥୀଙ୍କ ପୁଅ। ଟିକେଟ୍ ପାଇବା ଲାଗି କେମିତି ଟଙ୍କାର ଖେଳ ଜମେ, ସେନେଇ ମୁହଁଖୋଲି ସବୁ କହିଛନ୍ତି ସେ। ପଶ୍ଚିମ ଦିଲ୍ଲୀର ଏଏପି ପ୍ରାର୍ଥୀ ବଲ୍‌ବୀର୍ ସିଂ ଜାଖରଙ୍କ ପୁଅ ଉଦୟ ଦଳୀୟ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କ ବିରୋଧରେ ଅଭିଯୋଗ ଆଣି ବାପା ଟିକେଟ ପାଇବା ଲାଗି ତାଙ୍କୁ ୬ କୋଟି ଟଙ୍କା ଦେଇଥିଲେ ବୋଲି କହିଛନ୍ତି। ବାପା ଏ କଥା ମୋତେ କହିଥିଲେ ବୋଲି ମଧ୍ୟ ଉଦୟ ମିଡିଆକୁ କହିଛନ୍ତି। ଉଦୟ ପୁଣି ଅଭିଯୋଗ କରି କହିଛନ୍ତି ଯେ, ୧୯୮୪ ଶିଖ୍‌ବିରୋଧୀ ଦଙ୍ଗା ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଆଜୀବନ କାରାଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ରକ୍ଷାକରିବା ଲାଗି ଯେଉଁ କେତେକ ଲୋକ ଆଗେଇ ଆସିଥିଲେ ସେଥିରେ ତାଙ୍କ ବାପା ମଧ୍ୟ ଥିଲେ। ସଜ୍ଜନଙ୍କୁ ଜାମିନରେ ଆଣିବା ଲାଗି ବାପାଙ୍କୁ ପ୍ରଚୁର ଅର୍ଥ ଦିଆଯାଇଥିଲା ବୋଲି ଉଦୟ ଅଭିଯୋଗ କରିଛନ୍ତି। ଦୁର୍ନୀତି ବିରୋଧୀ ଆନ୍ଦୋଳନର ଜଣେ ପ୍ରମୁଖ ବ୍ୟକ୍ତିଥିବା କେଜ୍‌ରିୱାଲ୍‌ଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆସିଥିଲାବେଳେ ବଲ୍‌ବୀର କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ପୁଅ ଉଦୟ ମୋ ସହ ଦୀର୍ଘ ୧୫ ବର୍ଷ ହେବ ରହୁନାହିଁ। ତେଣୁ ତାକୁ ଗୁରୁତ୍ୱ ଦିଆଯିବା ଅନୁଚିତ।

## ବସ୍‌କୁ ଧକ୍କାଦେଲା ଏସ୍‌ୟୁଭି: ୧୫ ମୃତ

କୁର୍ନୁଲ,୧୧।୫

ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାର ଭେଲ୍‌ଦୁର୍ଥି ନିକଟରେ ବସ୍‌କୁ ଏକ ଏସ୍‌ୟୁଭି ଧକ୍କାଦେବା ଫଳରେ ୧୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହାଇଦ୍ରାବାଦ୍-ବେଙ୍ଗାଲୁରୁ ଜାତୀୟ ରାଜପଥ ୪୪ରେ ଶନିବାର ସନ୍ଧ୍ୟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୧୩ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଦୁଇଜଣ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ମୃତକମାନେ ତେଲଙ୍ଗାନାର ଭାଡେପଲ୍ଲୀ ବ୍ଲକ ଅନ୍ତର୍ଗତ ରାମଭରଣ ଗ୍ରାମର ବୋଲି ଜଣାପଡ଼ିଛି। ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲାବେଳେ ସେମାନେ ଏଭଳି ଦୁର୍ଘଟଣାର ଶିକାର ହୋଇଥିଲେ।

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୭ ମୃତ

କାବୁଲ୍,୧୧।୫

ଦକ୍ଷିଣ ଆଫଗାନିସ୍ତାନର ଗଜନି ପ୍ରଦେଶରେ ଶନିବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ୭ ପିଲା ନିହତ ହୋଇଥିବା ଜଣାପଡ଼ିଛି। ଏକ ରାସ୍ତା ପାଖରେ ପିଲାମାନେ ଖେଳୁଥିବାବେଳେ ଗୋଡ଼ ପଡିଯିବାରୁ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ତାଲିବାନ୍ ପକ୍ଷରୁ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇଥିଲା। ତେବେ ଏନେଇ ତାଲିବାନ୍ ପକ୍ଷରୁ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରାଯାଇ ନାହିଁ।

## ମମତାଙ୍କ ଦାବି ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଯାଞ୍ଚ ହେଉ

ହସ୍‌ନାବାଦ୍,୧୧।୫: ଭାଜପା ଟଙ୍କା ବଳରେ ଭୋଟ ହାତେଇବାକୁ ପ୍ରୟାସ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀମାନଙ୍କ ଗାଡ଼ି ଓ ହେଲିକପ୍ଟରକୁ ନିର୍ବାଚନ କମିଶନ ଯାଞ୍ଚ କରନ୍ତୁ ବୋଲି ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଦାବି କରିଛନ୍ତି। 'ଜେଡ୍' ଏବଂ 'ୱାଇ' ସିକ୍ୟୁରିଟି ସହ ବୁଲୁଥିବା ପ୍ରଧାନମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ପଶ୍ଚିମବଙ୍ଗକୁ ଘନ ଘନ ଗସ୍ତ କରୁଛନ୍ତି। ଟଙ୍କା ବିଡ଼ା ଆଣି ସେମାନେ ଲୋକଙ୍କୁ ବାଣ୍ଟିବା ସହ ବିଭେଦ ସୃଷ୍ଟି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମମତା ଅଭିଯୋଗ କରିଛନ୍ତି।

## ଓମାର୍‌ଙ୍କ ଘରେ ନାଗ

ଶ୍ରୀନଗର,୧୧।୫ : ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନ୍‌ଫରେନ୍ସ ନେତା ଓମାର୍ ଅବଦୁଲ୍ଲାଙ୍କ ବାସଭବନରୁ ବିଷଧର ନାଗ ସାପ ବାହାରିଛି। ଓମାର୍‌ଙ୍କ ଘରୁ ବନ୍ୟଜନ୍ତୁ ସଂରକ୍ଷଣ ସଙ୍ଗଠନର କର୍ମକର୍ତ୍ତାମାନେ ଏହାକୁ ଗୁରୁବାର ଧରି ଡାଚିଗାମ୍ ଜାତୀୟ ପାର୍କରେ ଛାଡ଼ିଥିଲେ।

### ■ ଆତଙ୍କବାଦୀଙ୍କ ସହ ସମ୍ପର୍କ
## ପାକ୍‌ରେ ୧୧ ସଙ୍ଗଠନ ନିଷିଦ୍ଧ

ଇସ୍‌ଲାମାବାଦ୍,୧୧।୫

ବିଶ୍ୱ ଆତଙ୍କବାଦୀ ମାସୁଦ୍ ଆଝାରଙ୍କ ଜେଇଏମ୍ ଓ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ୍ ହାଫିଜ୍ ସଇଦଙ୍କ ଜେୟୁଡି ସହ ସମ୍ପର୍କ ରହିଥିବା ଅଭିଯୋଗରେ ପାକିସ୍ତାନ ସରକାର ଲାହୋରର ୧୧ ସଙ୍ଗଠନକୁ ଅସିଦ୍ଧ ଘୋଷଣା କରିଛନ୍ତି। ପ୍ରକାଶଥାଉ କି, ଜେଇଏମ୍ ମୁଖ୍ୟ ମାସୁଦଙ୍କୁ ମେ ୧ରେ ଜାତିସଂଘ ପକ୍ଷରୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯାଇଥିଲା। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ପ୍ରାଣ ହରାଇଥିଲାବେଳେ ଏଥିଲାଗି ଜେଇଏମ୍ ନିଜକୁ ଦାୟୀ କରିଥିଲା। ଗତ ଫେବୃୟାରୀରେ ପାକିସ୍ତାନ ଜେୟୁଡି ଉପରେ କଟକଣା ଲଗାଇଥିଲା। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ଗୃହମନ୍ତ୍ରୀ ଇଜାଜ୍ ଶାହଙ୍କ ମଧ୍ୟରେ ଶୁକ୍ରବାର ବୈଠକ ବସି ଆତଙ୍କବାଦୀ ଗୋଷ୍ଠୀ ସହ ସମ୍ପର୍କ ରଖିଥିବା ୧୧ ସଙ୍ଗଠନ ଉପରେ କଟକଣା ଲଗାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନ ମାଟିରେ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ଚାଲିପାରିବ ନାହିଁ ବୋଲି ଇମ୍ରାନ୍ କହିଥିଲେ। ସରକାର ୩୦ ହଜାରରୁ ଊର୍ଦ୍ଧ୍ୱ ଧାର୍ମିକ ସେମିନାର୍ ଉପରେ ନିୟନ୍ତ୍ରଣ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।



# ଭାରତରେ 'ପ୍ରଦେଶ' ଗଠନ କରିଛୁ

**ଇସ୍‌ଲାମିକ୍ ଷ୍ଟେଟ୍‌ର ଦାବି**

ନୂଆଦିଲ୍ଲୀ,୧୧।୫(ଆଇଏଏନ୍ଏସ୍)




ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଭାରତରେ ଏକ ପ୍ରୋଭିନ୍ସ ବା ପ୍ରଦେଶ ଗଠନ କରିଥିବା ଦାବି କରିଛି, ଯାହାକୁ ଭାରତୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ଖଣ୍ଡନ କରିଛନ୍ତି। ଇସ୍‌ଲାମିକ୍ ଷ୍ଟେଟ୍ ଜମ୍ମୁ ଓ କଶ୍ମୀର (ଜେକେଆଇଏସ୍)ର ଇଶ୍‌ଫାକ୍ ସୋଫି ଓରଫ୍ ଅବ୍‌ଦୁଲ୍ଲା ଭାଇଙ୍କୁ ନିପାତ କରାଯାଇଥିବା ନେଇ ସେନା ପକ୍ଷରୁ କୁହାଯିବାର ଦିନକ ପରେ ଆଇଏସ୍‌ର ଏଭଳି ଆସ୍ଫାଳନ ସାମ୍ନାକୁ ଆସିଛି।

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲା ଅମ୍‌ସିପୋରା ଗ୍ରାମରେ ଶୁକ୍ରବାର ଭାରତୀୟ ସେନା ପକ୍ଷରୁ ଏନ୍‌କାଉଣ୍ଟର କରାଯାଇଥିଲା। ଏଥିରେ ହିଜ୍‌ବୁଲ ମୁଜାହିଦ୍ଦିନର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଜାକିର ମୁସାଙ୍କ ଘନିଷ୍ଠ ସହଯୋଗୀ ଇସ୍‌ଫାକ୍ ସୋଫି ନିହତ ହୋଇଥିବା ନେଇ ଶ୍ରୀନଗରସ୍ଥିତ ସେନା କର୍ପ ପକ୍ଷରୁ ଶୁକ୍ରବାର ଟୁଇଟ୍ କରାଯାଇଥିଲା। ସୋଫି ଜେକେଆଇଏସ୍‌ର ଜଣେ ସ୍ଥାନୀୟ ଆତଙ୍କବାଦୀ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦଲବାଗ୍ ସିଂ ସୂଚନା ଦେଇଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଆଇଏସ୍‌ର ଆକାକସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆତଙ୍କବାଦୀ ସଙ୍ଗଠନ ୱିଲାୟାହ ଅଫ୍ ହିନ୍ଦ୍ (ଭାରତରେ ଆଇଏସ୍‌ର ଏକ ପ୍ରଦେଶ) ଗଠନ କରିଛି। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଓ ଜମ୍ମୁ-କଶ୍ମୀରର ବରିଷ୍ଠ ପୋଲିସ ଅଧିକାରୀମାନେ ଶନିବାର ଆଇଏସ୍‌ର ଉକ୍ତ ଦାବିକୁ ଖଣ୍ଡନ କରିଛନ୍ତି। ନିହତ ସୋଫି ଆଇଏସ୍ ବିଚାରଧାରାରେ ଅନୁପ୍ରାଣିତ ହୋଇଥିଲେ। କିନ୍ତୁ ଆଇଏସ୍ ସହ ତାଙ୍କର ସମ୍ପୃକ୍ତି ନ ଥିଲା କିମ୍ବା ଉପତ୍ୟକାରେ ଏହି ସଙ୍ଗଠନର ଉପସ୍ଥିତି ନାହିଁ ବୋଲି ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ କହିଛନ୍ତି।


ନିହତ ଆତଙ୍କବାଦୀ ଇଶ୍‌ଫାକ୍ ସୋଫି



ଯେଉଁମାନେ ସବୁ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ। - ହେନେରୀ ଫର୍ଡ



## ସଂକ୍ଷେପରେ

### ପୁଅ ମାଡ଼ରେ ମାଆ ମୃତ

**ପୁରୁଣା ଭୁବନେଶ୍ୱର, ୧୧।୫(ଡି.ଏନ.ଏ.):** ପୁଅଟିଏ ପାଇଁ ମା' ବାପା ଅନେକ ଓଷାବ୍ରତ କରିଥାନ୍ତି। ପୁଅଟିଏ ଜନ୍ମ ହେଲେ ଶେଷ ସମୟରେ ସେମାନଙ୍କ ସାହାରା ପାଲଟିବ। ହେଲେ ସଭ୍ୟ ସମାଜରେ ଏଭଳି ପୁଅ ଅଛନ୍ତି ଯେ କି ମା'ବାପାଙ୍କୁ ସାହାରା ଦେବେ କ'ଣ ବୃଦ୍ଧା ଅବସ୍ଥାରେ ମାଡ ମାରିବାକୁ ପଛାଉ ନାହାନ୍ତି। ପୁଅ ମାଡରେ ଜଣେ ବୃଦ୍ଧା ମା'ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ରାଜଧାନୀ ଉପକଣ୍ଠ ଉତ୍ତରାଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଗାଁରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଭାବଗ୍ରାହୀ ବେହେରା ନାମକ ପୁଅ ବୃଦ୍ଧ ମା' କେଲୁଣୀ(୭୦), ବାପା ପରଭାଷିଆ(୮୦)ଙ୍କୁ ବର୍ଷ ବର୍ଷ ଧରି ନିର୍ଯାତନା ଦେଇ ଆସୁଥିଲେ। ସେମାନଙ୍କୁ ଘରୁ ବାହାର କରି ଦେଇଥିଲେ। ମା'ବାପାଙ୍କୁ ଘରଠାରୁ ୫ ଶହ ମିଟର ଦୂର ଏକ ରାସ୍ତାକଡରେ ଛଣଛପର ଘରେ ରଖିଥିଲେ। ବାତ୍ୟା ଫନୀରେ ମା' ବାପା ରହୁଥିବା ଚାଳ ଛପର ଘରଟି ଭାଙ୍ଗି ଯାଇଥିଲା। ବେସାହାରା ହୋଇ ପଡିଥିବା ମା'ବାପାଙ୍କୁ ଭାବଗ୍ରାହୀଙ୍କ ବଡପୁଅ ଅର୍ଥାତ୍ ନାତି ଘରେ ଆଶ୍ରୟ ନେଇଥିଲେ। ଏଥିରେ ଭାବଗ୍ରାହୀ ଉତ୍କ୍ଷିପ୍ତ ହୋଇ ଉଭୟ ମା' ବାପାଙ୍କୁ ବୁଧବାର ମାଡି ମାରିଥିଲେ। ରାତି ସାରା ଭାବଗ୍ରାହୀ ସେମାନଙ୍କୁ ମାଡ ମାରିବା ସହ ଘରେ ବାନ୍ଧି ରଖିଥିଲେ। ଏହି ଘଟଣା ପରେ ସେମାନଙ୍କ ପରିବାର ଓ ପଡୋଶୀମାନେ ପହଞ୍ଚି ବୃଦ୍ଧାବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ଗୁରୁବାର ସେମାନଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥା ମା' କେଲୁଣୀଙ୍କ ମୃତ୍ୟୁ ଘଟିଥିଲା ବୋଲି ଫାଣ୍ଡି ଅଧିକାରୀ ଅଶୋକ ଗୋଛାୟତ କହିଛନ୍ତି। ପୁଅ ଭାବଗ୍ରାହୀ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ପାରିନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଫାଣ୍ଡିରେ କୌଣସି ମାମଲା ରୁଜୁ ହୋଇନାହିଁ।

### ରାଜଧାନୀରେ ୪ ଅଂଶୁଘାତର ଶିକାର

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ରାଜଧାନୀର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଅସହ୍ୟ ଗରମରେ ଲୋକେ ଶିଝି ଯାଉଛନ୍ତି। ଯେଉଁମାନେ କାମରେ ଘରୁ ବାହାରୁଛନ୍ତି ସେମାନେ ସାବଧାନତା ଅବଲମ୍ବନ କରୁନାହାନ୍ତି। ସାଥିରେ ଓଦା ଗାମୁଛା, ଛତା ଓ ଜୋତା ନେବାକୁ ଭୁଲି ଯାଉଛନ୍ତି। ଫଳରେ ଅଂଶୁଘାତର ଶିକାର ହେଉଛନ୍ତି। ଶନିବାର ରାଜଧାନୀରେ ୪ ଜଣ ଅଂଶୁଘାତ ଶିକାର ହୋଇଛନ୍ତି। ଦାରୁଠେଙ୍ଗ ରାସ୍ତା ଦାଦା ଅଞ୍ଚଳର ଜଗନ୍ନାଥ ମହାନ୍ତି(୬୧) ରାସ୍ତାରେ ଯାଉଥିବା ବେଳେ ଅଂଶୁଘାତର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ଆଶୁ ଚିକିତ୍ସା ପ୍ରଦାନ କରିବା ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହିପରି ପଟିଆ କଲେଜ ନିକଟରେ କେଲାସାହିର ଦିଗାମ୍ବର ମାହାଳି(୬୦) ମଧ୍ୟାହ୍ନରେ ଯାଉଥିବାବେଳେ ସେ ମଧ ଅଂଶୁଘାତର ଶିକାର ହୋଇ ପଡିଯାଇଥିଲେ। ଏହାସହ କିଟ୍ ଛକରେ ଚିରଗୋଲଟୋଲା ବସ୍ତିର ଅମିନ ନାୟକ(୬୧), ନୟାପଲ୍ଲୀ ସାଲିଆସାହିର ରାହୁଳ ମଲିକ(୫୦) ରାସ୍ତାରେ ଯାଉଥିବା ବେଳେ ଅଂଶୁଘାତର ଶିକାର ହୋଇଥିଲେ। ସବୁଠୁ ବଡକଥା ହେଲା ସ୍ଥାନୀୟ ଲୋକେ ଏମାନଙ୍କର ପ୍ରାଥମିକ ଚିକିତ୍ସା କରାଇ ଥିବାରୁ ସେମାନଙ୍କ ଜୀବନ ବର୍ତ୍ତିଯାଇଛି।

### ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ରସୁଲଗଡ଼ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ବୋଲଗଡର ସୁରଜ ଚନ୍ଦ୍ର ନାୟକ (୨୯)। ଦୁର୍ଘଟଣା ଘଟାଇବା ପରେ ବସ୍ ଡ୍ରାଇଭର ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ନେଇଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେହିପରି ଏକ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଅନ୍ୟପଟେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ ପାଇଁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ସେମାନଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ସୁରଜ କୌଣସି କାମରେ ବାଇକ୍ ଯୋଗେ କଟକ ଯାଇଥିଲେ। ସେ ସକାଳ ପ୍ରାୟ ୮ଟାରେ ଭୁବନେଶ୍ୱର ଫେରୁଥିଲେ। ବସ୍ (ଓଡି-୨୯ଇ-୯୧୬୬)ଟି ମଧ କଟକରୁ ଭୁବନେଶ୍ୱର ଆସୁଥିଲା। ରସୁଲଗଡ଼ ପେଟ୍ରୋଲ ପମ୍ପ ପାଖରେ ସୁରଜଙ୍କୁ ପଛପଟୁ ବସ୍‌ଟି ଧକ୍କା ଦେଇଥିଲା। ଫଳରେ ସୁରଜ ବସ୍ ଚକାତଳେ ପଡ଼ିଯାଇଥିଲେ। ବସ୍ ତାଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ଚୋରି କରି ଧରାପଡ଼ିଲେ କ୍ୟାପିଟାଲ ହସ୍ପିଟାଲ ସୁରକ୍ଷାକର୍ମୀ

# ଡାକ୍ତରଙ୍କ ଚାମ୍ବରରେ ଜମାଇଥିଲେ ମଦ ଆସର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୧।୫(ବ୍ୟୁରୋ)

- ରୋଗୀ, ସମ୍ପର୍କୀୟଙ୍କଠାରୁ ବାରମ୍ବାର ଚୋରି କରୁଥିଲେ
- ସାମିଲ ଥିଲେ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଯୁବକ
- ବିନା ଡ୍ୟୁଟିରେ ଦରମା ନେଉଛନ୍ତି ଏକାଧିକ ସୁରକ୍ଷା କର୍ମୀ



ଆଉ ଏକ ଘଟଣାକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛି ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲ। ଖୋଦ୍ ଡାକ୍ତରଙ୍କ ଚାମ୍ବରରେ ଜମୁଥିଲା ଅସାମାଜିକଙ୍କ ଆଡ୍ଡା। ରାତିରେ ଏସି ଲଗାଇ ଚାଲୁଥିଲା ମଦ ଆସର। ନିଶା ଚଢ଼ିଯିବା ପରେ ରୋଗୀ ଓ ସମ୍ପର୍କୀୟଙ୍କଠାରୁ କରୁଥିଲେ ଚୋରି। ମୁଖ୍ୟ କାର୍ପଟଦାର ଥିଲେ ହସ୍ପିଟାଲର ସୁରକ୍ଷା କର୍ମୀ। ଶୁକ୍ରବାର ରାତିରେ ଜଣେ ରୋଗୀ ସମ୍ପର୍କୀୟଙ୍କ ମୋବାଇଲ୍ ଫୋନ୍ ଚୋରି କରି ଜଣେ ସୁରକ୍ଷା କର୍ମୀ ଧରାପଡିବା ପରେ ଏହି ଘଟଣା ଏବେ ପଦାକୁ ଆସିଛି। ପୋଲିସ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ମୋବାଇଲ୍ ଫୋନ୍ ଜବତ କରିଛି। ଏଥିସହ ଡାକ୍ତରଙ୍କ ଚାମ୍ବରରୁ ଆଉ ୪ ଚୋରି ମୋବାଇଲ୍ ଫୋନ୍ ଜବତ କରିବା ସହ ମଦ ଆସରରେ ସାମିଲ୍ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଅସାମାଜିକ ଯୁବକଙ୍କୁ ପଚରାଉଚରା ପରେ ଛାଡ଼ି ଦେଇଛି। ଏହି ଘଟଣା ପରେ କ୍ୟାପିଟାଲ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗିରଫ ସୁରକ୍ଷା କର୍ମୀ ଜଣକ ହେଲେ ଲିଙ୍ଗରାଜ ଥାନା କପିଳେଶ୍ୱରରେ ରହୁଥିବା ସୌଭାଗ୍ୟ କୁମାର ସାହୁ (୨୭)। ସେ ହସ୍ପିଟାଲର ୧୬ ନମ୍ବର ରୁମ୍ ତଥା ଶଲ୍ୟ ରୋଗ ଚିକିତ୍ସା ବହିର୍ବିଭାଗରେ ସୁରକ୍ଷା କର୍ମୀ (ସିକ୍ୟୁରିଟି ଗାର୍ଡ) ଭାବେ ନିୟୋଜିତ ଥିଲେ। ତାଙ୍କର ଦୈନନ୍ଦିନ କାର୍ଯ୍ୟ ହେଲା ଡାକ୍ତର ଆସିବା ପୂର୍ବରୁ ସକାଳୁ ମାଟ୍ରନଙ୍କ ନିକଟରୁ ଉକ୍ତ ରୁମ୍ (ଡାକ୍ତରଙ୍କ ଚାମ୍ବର) ଚାବି ଆଣି ଘର ସଫା କରିବା ସହ ସବୁକିଛି ଠିକ୍‌ଠାକ୍ ରଖିବା। ଡାକ୍ତର ଆସିବା ପରେ ରୋଗୀଙ୍କୁ ଗୋଟି ଗୋଟି କରି ଭିତରକୁ ଛାଡିବା। ଅପରାହ୍ଣ ୫ଟା ପରେ ଅର୍ଥାତ୍ ଡାକ୍ତର ଡ୍ୟୁଟି ସାରି ସେଠାରୁ ଚାଲିଯିବା ପରେ ସୌଭାଗ୍ୟ ଉକ୍ତ ଚାମ୍ବର ବନ୍ଦ କରି ଚାବି ଯେଉଁଠୁ ଆଣିଥାନ୍ତି ସେଠାରେ ଜିମା ଦେବା କଥା। କିନ୍ତୁ ମିଳିଥିବା ସୂଚନାନୁସାରେ, ସୌଭାଗ୍ୟଙ୍କ ପରି ଏକାଧିକ ସୁରକ୍ଷାକର୍ମୀ ଚାବି ଫେରାନ୍ତି ନାହିଁ। ରାତିରେ ଡାକ୍ତରଙ୍କ ଚାମ୍ବରକୁ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଯୁବକଙ୍କୁ ଡାକି ଏସି ଲଗାଇ ମଦ ଓ ମାଂସ କରି ମଉଜ କରନ୍ତି। ଏପରିକି ଅନୈତିକ କାର୍ଯ୍ୟ ମଧ କରୁଥିବା ନେଇ ଅଭିଯୋଗ ରହିଛି। ଏନେଇ ହସ୍ପିଟାଲ ଫାଣ୍ଡି ଏବଂ ଥାନା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ହେଲେ ସ୍ଥାନୀୟ ଗୁଣ୍ଡାଙ୍କ ସମ୍ପୃକ୍ତି ରହୁଥିବାରୁ ସେମାନେ ଚୁପ୍ ରହୁଥିବା କୁହାଯାଉଛି।

ଘଟଣାକ୍ରମରେ ଶୁକ୍ରବାର ରାତିରେ ସୌଭାଗ୍ୟ ସବୁଦିନ ପରି ଉକ୍ତ ରୁମ୍‌ରେ ମଦ ପିଇବା ସହ ଏସି ଲଗାଇ ମଉଜ କରୁଥିଲେ। ରାତି ପ୍ରାୟ ୨ଟାରେ ସେ ପେଡିଆଟ୍ରିକ୍ ୱାର୍ଡ (ଶିଶୁ ରୋଗ ବିଭାଗ)କୁ ସୁରକ୍ଷା ଯାଞ୍ଚ ବାହାନାରେ ଚୋରି କରିବାକୁ ଯାଇଥିଲେ। ଏହି ସମୟରେ ଜଣେ ରୋଗୀଙ୍କ ସମ୍ପର୍କୀୟ କୃଷ୍ଣଚନ୍ଦ୍ର ବେହେରା ନିଜର ୫୦ ହଜାର ଟଙ୍କାର ଦାମୀ ମୋବାଇଲ୍‌କୁ ଚାର୍ଜରେ ବସାଇ ବାଥ୍‌ରୁମ୍‌କୁ ଯାଇଥିଲେ। ଏହି ସୁଯୋଗରେ ସୌଭାଗ୍ୟ ଉକ୍ତ ମୋବାଇଲ୍ ଫୋନ୍‌କୁ ଚୋରି କରି ଆଣିଥିଲେ। କୃଷ୍ଣଚନ୍ଦ୍ରଙ୍କ ସନ୍ଦେହ ହେବାରୁ ସେ ତୁରନ୍ତ ସୌଭାଗ୍ୟଙ୍କ ପଛେ ପଛେ ଆସି ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ତୁରନ୍ତ ସୁରକ୍ଷାକର୍ମୀ ସୌଭାଗ୍ୟଙ୍କୁ ପଚରାଉଚରା କରିବା ସହ ଯାଞ୍ଚ ପରେ ତାଙ୍କ ନିକଟରୁ ୪ଟି ଚୋରି ମୋବାଇଲ୍ ଫୋନ୍ ମିଳିଥିଲା। ଅଧିକ ପଚରାଉଚରା ପରେ ସେ କହିବା ମୁତାବକ ଡାକ୍ତରଙ୍କ ଚାମ୍ବର (୧୬ ନମ୍ବର ରୁମ୍)କୁ ଯାଇ ଯାହା ଦେଖିଲେ ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ଡାକ୍ତରଙ୍କ ଚାମ୍ବରରେ ଏସି ଲାଗିଥିଲା। ମଦ ଆସର ଜମିଥିଲା। ମଦ ବୋତଲ ଗଡୁଥିବାବେଳେ ଚିକେନ କଣ୍ଟା ପଡ଼ିଥିଲା। ଏପରିକି ଉକ୍ତ ରୁମ୍‌ରେ ଆଉ ୨ଜଣ ବାହାରର ଯୁବକ ଥିଲେ। ରୁମ୍ ଚାବି କେଉଁଠୁ ଆଣିଲ ବୋଲି ପୋଲିସ ପଚାରିବାରୁ ସେମାନେ କିଛି କହି ନ ଥିଲେ। ଶେଷରେ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୭୯ରେ ମାମଲା (ନଂ.୧୭୮/୧୯) ରୁଜୁ କରି ସୌଭାଗ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।




ଏହି ଘରେ ଚାଲିଥିଲା ମଦ ଆସର।

### ଅଭିଯୋଗ ସତ୍ତ୍ୱେ ଚୁପ୍ ରହୁଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ, ପୋଲିସ

କ୍ୟାପିଟାଲ ହସ୍ପିଟାଲ ଭିତରେ ରହିଛି ପୋଲିସ ଫାଣ୍ଡି। ରାତିଦିନ ସେଠାରେ ପୋଲିସ କର୍ମଚାରୀ ମୁତୟନ ରହୁଛନ୍ତି। ଏଥିସହ ହସ୍ପିଟାଲରେ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ବିଭିନ୍ନ ସ୍ଥାନରେ କ୍ୟାମେରା ମଧ ଲାଗିଛି। ଏହା ସତ୍ତ୍ୱେ ରାଜଧାନୀର ଏହି ପ୍ରମୁଖ ହସ୍ପିଟାଲରେ ରୋଗୀ ଓ ସମ୍ପର୍କୀୟଙ୍କଠାରୁ ହେଉଥିଲା ଚୋରି। ଜମୁଥିଲା ଅସାମାଜିକଙ୍କ ଆଡ୍ଡା। ଘଟୁଥିଲା ନାନା ଅପରାଧ। ଅଭିଯୋଗ ସତ୍ତ୍ୱେ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାବେଳେ ପୋଲିସ ଚୁପ୍ ବସୁଥିଲା। ଏବେ ଖୋଦ୍ ସୁରକ୍ଷା କର୍ମୀ ଚୋରି କରି ଗିରଫ ହେବା ଓ ଡାକ୍ତରଙ୍କ ଚାମ୍ବରରେ ଅସାମାଜିକଙ୍କ ମଦ ଆସର ପଦାକୁ ଆସିବା ପରେ କର୍ତ୍ତୃପକ୍ଷଙ୍କ ଅସଲ ମୁଖା ପଦାକୁ ଆସିଥିବା ଆଲୋଚନା ହେଉଛି।

ଏନେଇ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଏପରିକି ଅନ୍ୟ କେତେକ ଅଭିଯୋଗ ସଂକ୍ରାନ୍ତରେ ମଧ ସେ ଚୁପ୍ ରହିଥିଲେ।

### ସୌଭାଗ୍ୟଙ୍କ ଚାକିରିକୁ କିଏ ଦେଇଥିଲା ସୁରକ୍ଷା

ସୌଭାଗ୍ୟ ପୂର୍ବରୁ ହସ୍ପିଟାଲରୁ ୨ଥର ଚୋରି କରି ଧରାପଡିଛନ୍ତି। ଧରାପଡିବା ପରେ ତାଙ୍କୁ ଚାକିରିରୁ ବିଦା କରାଯାଇଥିଲା। କିନ୍ତୁ ପରେ ପୁଣି ତାଙ୍କୁ ଚାକିରିରେ ଅବସ୍ଥାପିତ କରାଯାଇଥିଲା। ତେବେ କିଏ ଓ କାହିଁକି ତାଙ୍କୁ ସୁରକ୍ଷା ଯୋଗାଇଥିଲା ତାହାକୁ ନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି। ସ୍ଥାନୀୟ ନେତା ଓ କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କ ଚାପରେ ହସ୍ପିଟାଲ କର୍ତ୍ତୃପକ୍ଷ ଅଭିଯୁକ୍ତ ସୁରକ୍ଷା କର୍ମୀଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଇଥିବା କୁହାଯାଉଛି। ଏପରିକି ଜଣେ ଅଭିଯୁକ୍ତଙ୍କୁ କିପରି ଜଣେ ଡାକ୍ତର ଓ ରୋଗୀଙ୍କ ସୁରକ୍ଷା ଦାୟିତ୍ୱରେ ରଖାଯାଇଥିଲା ତାହା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଧାରାକୁ ଅଙ୍ଗୁଠି ନିର୍ଦ୍ଦେଶ କରୁଛି।

### ହସ୍ପିଟାଲ ପରିଚାଳନାକୁ ନେଇ ରହସ୍ୟ

ବିଭିନ୍ନ ସମୟରେ କ୍ୟାପିଟାଲ ହସ୍ପିଟାଲରେ ନାନା ଅବ୍ୟବସ୍ଥାକୁ ନେଇ ଉତ୍ତେଜନା ଦେଖିବାକୁମିଳୁଛି। କେତେବେଳେ ଆବଶ୍ୟକ ସମୟରେ ଚିକିତ୍ସା ନ ପାଇ ରୋଗୀଙ୍କ ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ସରକାରଙ୍କ ମାଗଣା ଔଷଧ ନ ପାଇ ବାତ୍ୟା ବିପନ୍ନ ହଟହଟା ହେଉଛନ୍ତି। ଏଥିପାଇଁ ହସ୍ପିଟାଲ ପରିଚାଳନାକୁ ଦାୟୀ କରାଯାଉଛି। ତେବେ ସବୁଠୁ ବଡ଼ କଥା ହେଲା ହସ୍ପିଟାଲରେ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀଙ୍କ ପାଇଁ ଏପରିସ୍ଥିତି ଉପୁଜୁଛି। ଚାକିରି କାଳ ଶେଷ ହୋଇଯାଇଥିଲେ ମଧ କେତେଜଣ କର୍ମଚାରୀଙ୍କୁ ରଖାଯାଇ ଦରମା ଦିଆଯାଉଛି। ଅନ୍ୟପଟରେ ଏବେ ଆଉ ଏକ ନୂଆ ଘଟଣା ପଦାକୁ ଆସିଛି। ହସ୍ପିଟାଲରୁ ଦରମା ପାଉଥିବା ଅନେକ ସିକ୍ୟୁରିଟି ଗାର୍ଡ କାର୍ଯ୍ୟ କରୁଥିବା ଦେଖାଯାଏ ନାହିଁ। ସେମାନଙ୍କ ନାମ ଖାତାରେ ଗଡୁଥିବା ଜଣାପଡିଛି। ଦରମା ଟଙ୍କା କିଏ ନେଉଛି ତାହା ମଧ ଏବେ ରହସ୍ୟ ଘେରରେ ରହିଛି।

# କ୍ଷତିଗ୍ରସ୍ତ ଅଲାରନାଥ ମନ୍ଦିର ସ୍ଥିତି ଅନୁଧ୍ୟାନ କଲା ପ୍ରତ୍ନତତ୍ତ୍ୱ ବିଭାଗ

ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.)

ବାତ୍ୟା ଫନୀ ପ୍ରଭାବରେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ଶନିବାର ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଏହାର କ୍ଷୟକ୍ଷତି ଆକଳନ କରାଯାଇଛି। ଏହି ମନ୍ଦିରଟି ପଞ୍ଚଦଶ ଶତାବ୍ଦୀ ପୂର୍ବର ବହୁ ପ୍ରାଚୀନ ମନ୍ଦିର। ଓଡିଶା ପର୍ଯ୍ୟଟନ କ୍ଷେତ୍ରରେ ଏହି ମନ୍ଦିରଟି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାର ସୁରକ୍ଷା ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ। କିନ୍ତୁ ବାତ୍ୟା ଯୋଗୁ ଏହି ମନ୍ଦିରଟି ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମନ୍ଦିର ଚାରିପଟେ କରାଯାଇଥିବା ପ୍ରଲେପ ଓ ପ୍ଲାଷ୍ଟର ବାହିରି ପଡ଼ିଛି। ଏହାସହ କେତେକ ସ୍ଥାନରେ ଚିଆଁ ଫାଟ ସୃଷ୍ଟି ହୋଇଛି। ମନ୍ଦିରର ପ୍ଲାଷ୍ଟର ଛାଡି ଜଗମୋହନରେ ପାଣି ଗଳୁଛି। ଗର୍ଭଗୃହର ଗମ୍ଭାସନ୍ଧୀରୁ ମଧ ପାଣି ଗଳୁଛି। ଏହାଛଡା ଚାପପୋଖରୀର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ନଷ୍ଟ ହୋଇଛି। ପାଣି ଗଳିବା ଯୋଗୁ ଏହା ମନ୍ଦିର ପାଇଁ ବିପଦ ସୃଷ୍ଟି ହେବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର କଞ୍ଜରଭେଶନ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ସୂଚନା ଦେଇଛନ୍ତି। ଖୁବଶୀଘ୍ର ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଏହାର ମରାମତି କରାଯିବ ବୋଲି କହିଛନ୍ତି।



ଏଏସ୍ଆଇ ଯନ୍ତ୍ରୀ ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

## ଆହତ ପୋଲିସ ଏଏସ୍ଆଇଙ୍କ ସେବା ମନୋବୃତ୍ତି

# ପୁରସ୍କୃତ କଲେ ପୋଲିସ କମିଶନର

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ନିଜ ଜୀବନକୁ ବାଜି ଲଗାଇ ଫନୀ କବଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ ଖଣ୍ଡଗିରି ଥାନା ପୋଲିସ ଏଏସ୍ଆଇ ଦୋଳଗୋବିନ୍ଦ ସ୍ୱାଇଁ। ଓୟୁଏଟି କଲୋନୀରେ ଫସିଥିବା ଲୋକଙ୍କୁ ଉଦ୍ଧାର କଲାବେଳେ ଗଛର ଡାଳ ତାଙ୍କ ମୁଣ୍ଡ ଉପରେ ଖସି ପଡିଥିଲା। ଫଳରେ ସେ ଗୁରୁତର ଆହତ ହୋଇ ଏମ୍ସ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଏପରିକି ଚିକିତ୍ସିତ ହେବା ପରେ ଗତ ୬ ତାରିଖରେ ସୁସ୍ଥ ହୋଇ ଫେରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ କହିଥିଲେ। ହେଲେ ରିଲିଫ୍ ସମୟରେ ବିଶ୍ରାମ ଅପେକ୍ଷା ତାଙ୍କର କାମକରିବା ନିହାତି ଆବଶ୍ୟକ ବୋଲି ସେ ଅନୁଭବ କରିଥିଲେ। ଏପରିକି ବିଶ୍ରାମ ନ ନେଇ ସେ ସେବା ମନୋବୃତ୍ତି ରଖି ତପୋବନ ହାଇସ୍କୁଲରେ ବଣ୍ଟାଯାଉଥିବା ରିଲିଫ କାର୍ଯ୍ୟ ନିକଟରେ ଡିଉଟି କରିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଶନିବାର କମିଶନରେଟ ପୋଲିସର ମୁଖ୍ୟାଳୟକୁ ଡାକି ପୁରସ୍କୃତ କରିଛନ୍ତି। ତାଙ୍କର ଏହି ପୁରସ୍କାର ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ପୋଲିସ କମିଶନର ମହାନ୍ତି କହିଛନ୍ତି।

**ଲୋକଙ୍କୁ ଉଦ୍ଧାରବେଳେ ତାଙ୍କ ଉପରେ ପଡ଼ିଥିଲା ଗଛ ଡାଳ**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅମରେଶ



ରୁଦ୍ରପ୍ରତାପ



ଜଗନ୍ନାଥ



ସତ୍ୟ



ସନାତନ



ରାଜୁ



ଦେବେନ୍ଦ୍ର


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଟ୍ରାକ୍ ଲିଙ୍କିଙ୍ଗ୍ କାର୍ଯ୍ୟ ନିର୍ବାହ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଟେଣ୍ଡର ବିଜ୍ଞପ୍ତି ସଂ.: ସିଇସି/ ବିଏସ୍‌ପି/ ୧୯-୨୦/୧୧, ତାରିଖ: ୦୬।୦୫।୨୦୧୯ (ଖୋଲା ଟେଣ୍ଡର)
କାର୍ଯ୍ୟ: "ବିଳାସପୁର-ଝାରସୁଗୁଡ଼ା ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଲାଜକୁରା-ଜାମଗା ମଧ୍ୟରେ ୪ର୍ଥ ଲାଇନ୍ ପାଇଁ ଟ୍ରାକ୍ ଲିଙ୍କିଙ୍ଗ, ଟର୍ନଆଉଟ୍ ଭର୍ତ୍ତି କରିବା, ସାମଗ୍ରୀ ପରିବହନ, ଲେଭଲ କ୍ରସିଂ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିବିଧ କାର୍ଯ୍ୟ ନିର୍ବାହ"। ଟେଣ୍ଡର ମୂଲ୍ୟ: ₹୧୩୦୨.୪୧ ଲକ୍ଷ। ଅମାନତ ଜମା ରାଶି: ₹୮,୦୧,୩୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/- । କାର୍ଯ୍ୟର ସମାପ୍ତି ଅବଧି: ସ୍ୱୀକୃତି ପତ୍ର ଜାରି ତାରିଖରୁ ୧୫ (ପନ୍ଦର) ମାସ।

କ୍ର.ସଂ. (୨) ଟେଣ୍ଡର ବିଜ୍ଞପ୍ତି ସଂ.: ସିଇସି/ ବିଏସ୍‌ପି/ ୧୯-୨୦/୧୨, ତାରିଖ: ୦୬।୦୫।୨୦୧୯ (ଖୋଲା ଟେଣ୍ଡର)
କାର୍ଯ୍ୟ: "ବିଳାସପୁର-ଝାରସୁଗୁଡ଼ା ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଜାମଗା (ଜାମଗା ସମେତ)-ରାୟଗଡ଼ (ସମେତ) ମଧ୍ୟରେ ୪ର୍ଥ ଲାଇନ୍ ପାଇଁ ଟ୍ରାକ୍ ଲିଙ୍କିଙ୍ଗ୍, ଟର୍ନଆଉଟ୍ ଭର୍ତ୍ତି କରିବା, ସାମଗ୍ରୀ ପରିବହନ, ଲେଭଲ କ୍ରସିଂ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିବିଧ କାର୍ଯ୍ୟ ନିର୍ବାହ"। ଟେଣ୍ଡର ମୂଲ୍ୟ: ₹୧,୧୭୯.୫୯ ଲକ୍ଷ। ଅମାନତ ଜମା ରାଶି: ₹୭,୩୯,୮୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/- । କାର୍ଯ୍ୟର ସମାପ୍ତି ଅବଧି: ସ୍ୱୀକୃତି ପତ୍ର ଜାରି ତାରିଖରୁ ୧୫ (ପନ୍ଦର) ମାସ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୧।୦୫।୨୦୧୯ରିଖ ୧୫.୦୦ ଘଟିକା।

ଯୋଗ୍ୟତା ମାନଦଣ୍ଡ ସମ୍ପର୍କିତ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର (ସିଓଏନ୍)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ/ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଚିଫ୍ ଇଞ୍ଜିନିୟର (ସିଓଏନ୍)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ/ନାଗପୁର, ପିନ୍: ୪୪୦୦୦୧ କିମ୍ବା ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍)/ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁର, ପିନ୍: ୪୯୨୦୦୯ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.in ଦେଖନ୍ତୁ।

ନିର୍ବାହୀ ଯନ୍ତ୍ରୀ (ସିଓଏନ୍)/ ଟି ଆଣ୍ଡ ଏସ୍, ବିଳାସପୁର
CPR/10/68
ସ୍ୱଚ୍ଛ ଭାରତ ଅଭିଯାନ



THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**EXPRESSION OF INTEREST**

The Odisha Mining Corporation Limited is seeking Expression of Interest (EOI) from reputed Cost Accountants Firms having Head office in Odisha and Head office / Branch Office situated in Bhubaneswar / Cuttack for undertaking the Cost Audit and Cost related work for the financial year 2019-20 & 2020-21. The interested firms may download the EOI documents available in our website **www.omcltd.in** and submit their proposal to Addl. General Manager (Finance), OMC Ltd., OMC House, Post Box No. 34, Bhubaneswar-751001 through Registered / Speed post (not through private courier) to reach the above address on or before **01.06.2019** within 4.00 PM.

**Addl. General Manager (Finance)**



**ସୂଚନା**

**ତା. 20.05.2019 ରିଖ ରେ ବିକ୍ରେତା ସମ୍ମିଳନୀ**

ପୂର୍ବ ତଟ ରେଳପଥ, ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ୍ ସହଯୋଗରେ ନୂଆ ବିକ୍ରେତାମାନଙ୍କୁ ବିକଶିତ କରିବା ଏବଂ ବର୍ତ୍ତମାନର ବିକ୍ରେତାମାନଙ୍କ ଉତ୍ପାଦରେଞ୍ଜକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ତା. **20.05.2019** ରିଖ ଅପରାହ୍ନ **3.00** ଘଟିକାରେ ମଲ୍ଟି ସ୍ପୋର୍ଟସ୍ କମ୍ପ୍ଲେକ୍ସ, ଶ୍ରୀନିବାସ କଲ୍ୟାଣ ମଣ୍ଡପମ୍, ବିଶାଖାପାଟଣା ରେଳ ଷ୍ଟେସନ ନିକଟରେ ବିକ୍ରେତା ସମ୍ମିଳନୀ (Vendor Meet)ର ଆୟୋଜନ କରୁଛି। ରେଳବାଇକୁ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଇଚ୍ଛୁକ ସମସ୍ତ ବର୍ତ୍ତମାନର ତଥା ଆଶାୟୀ ବିକ୍ରେତାମାନଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ନିବେଦନ କରାଯାଉଛି। ଇଚ୍ଛୁକ ବିକ୍ରେତାମାନେ ତା. **20.05.2019** ରିଖ ଅପରାହ୍ନ **2.00** ଘଟିକାରେ ସମ୍ମିଳନୀ ପୂର୍ବରୁ ଉପରୋକ୍ତ ସ୍ଥାନରେ ନିଜର ଅଗ୍ରୀମ ପଞ୍ଜୀକରଣ କରିପାରିବେ। ଅଧିକ ଜାଣିବାପାଇଁ, ଶ୍ରୀ ବି.ଆର୍.ଏସ୍. ପଟ୍ଟନାୟକ, ମୁଖ୍ୟ ଡିପୋ ସାମଗ୍ରୀ ଅଧିକ୍ଷକ, ମୋବାଇଲ ନଂ.: **08978080757** କିମ୍ବା ଶ୍ରୀ ଚିରଞ୍ଜିବୀ ବିଦ୍ୟାସାଗର, ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ମୋବାଇଲ୍ ନଂ.: **08978080754**, ବିଶାଖାପାଟଣା, ପୂର୍ବ ତଟ ରେଳପଥଙ୍କ ସହିତ ଯୋଗାଯୋଗ କରିପାରିବେ।

PR-73/K/19-20 ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ /II/ ଭୁବନେଶ୍ୱର

ପୂର୍ବ ତଟ ରେଳପଥ



**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ପାଇଁ ଇସ୍ତିହାର**
(ଧାରା ୮୨ ଦେଖନ୍ତୁ)

**ସତୀଶ କୁମାର ଅରୋରା, ଅତିରିକ୍ତ ଦୌରାଜଜ ତଥା-୦୨/ ଏଫ୍‌ଟିସି, ଏମ୍-୦୪, ଏମ୍‌ଇଏ ବିଲ୍‌ଡିଂ, ୨ୟ ମହଲା, ପଟିଆଲା ହାଉସ କୋର୍ଟ, ନୂଆଦିଲ୍ଲୀଙ୍କ ଅଦାଲତରେ**

**ସେବୀ ବନାମ ୱିୟର୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ କର୍ପୋରେଶନ୍ ଲିମିଟେଡ୍ ଓ ଅନ୍ୟମାନେ**

ସିସି ନଂ.୦୩/୨୦୧୮
ଭାରତୀୟ ପ୍ରତିଭୂତି ଏବଂ ବିନିମୟ ପରିଷଦ ଅଧିନିୟମ, ୧୯୯୨ର ଧାରା ୨୪(୧) ଏବଂ ୨୭ ଅଧୀନରେ ଏବଂ ୨୬ବି ଓ ୨୬ଇ ସହିତ ପଠନପୂର୍ବକ
ଏନ୍‌ଡିଓଏଚ୍: ୧୬।୦୭।୨୦୧୯

ଯେହେତୁ ସିଆର୍.ପି.ସି.ର ଧାରା ୧୯୦ ସହିତ ପଠନପୂର୍ବକ ୨୦୦ ଅଧୀନରେ ମୋ ନିକଟରେ ଅଭିଯୋଗ କରାଯାଇଛି ଯେ ଶ୍ରୀ ଭାବଗ୍ରାହୀ ବେହେରା, ବାସିନ୍ଦା- ଗ୍ରାମ/ ୱାର୍ଡ- ତୁଲମତୁଲା (ଅଂଶ), ଗ୍ରା.ପ./ସହର- ଅରୁହା, ଥାନା- ବାସୁଦେବପୁର, ଜିଲ୍ଲା- ଭଦ୍ରକ-୭୫୬୧୫୮ (ଓଡ଼ିଶା) କମ୍ପାନୀ ଅଧିନିୟମ, ୧୯୫୬ର ଧାରା ୫୬, ୬୦ ସମେତ ପଠନପୂର୍ବକ ଧାରା ୨(୩୬), ୬୭, ୭୩(୧), ୭୩(୨), ୭୩(୩), ୧୧୭ବି ଏବଂ ୧୧୭ସି, ସେବୀ (ଡେବ୍‌ଟ ସିକ୍ୟୁରିଟିର ଇସ୍ୟୁ ଓ ଲିଷ୍ଟିଂ) ରେଗୁଲେଶନ୍ସ, ୨୦୦୮ର ନିୟମ ୪, ୫, ୬, ୭, ୮, ୯, ୧୨, ୧୪, ୧୫, ୧୬, ୧୭, ୧୯ ଓ ୨୬, ସେବୀ (ଡିବେଞ୍ଚର ଟ୍ରଷ୍ଟିଜ୍) ରେଗୁଲେଶନ୍ସ, ୧୯୯୩ର ନିୟମ ୭, ସେବୀ ଅଧିନିୟମ, ୧୯୯୨ର ଧାରା ୧୨(୧)ର ଉଲ୍ଲଂଘନଜନିତ ଅପରାଧ କରିଛନ୍ତି (କିମ୍ବା କରିଥିବାର ସନ୍ଦେହ କରାଯାଉଛି) ଯାହା ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ ଅଧିନିୟମ, ୧୯୯୨ର ଧାରା ୨୪(୧) ଏବଂ ୨୭ ସମେତ ପଠନପୂର୍ବକ ଧାରା ୨୬ବି ଓ ୨୬ଇ ଅଧୀନରେ ଦଣ୍ଡଯୋଗ୍ୟ ଏବଂ ତାହା ଉପରେ ଜାରି ଗିରଫ ପରୱାନା ଶ୍ରୀ ଭାବଗ୍ରାହୀ ବେହେରାଙ୍କ ପତ୍ତା ମିଳୁ ନ ଥିବାରୁ ଫେରିଆସିଛି ଏବଂ ଯେହେତୁ, ମୋ ସନ୍ତୁଷ୍ଟି ଅନୁଯାୟୀ ଏହା ଦର୍ଶାଯାଇଛି ଯେ କଥିତ ଶ୍ରୀ ଭାବଗ୍ରାହୀ ବେହେରା ପଳାୟନ କରିଛନ୍ତି (କିମ୍ବା ପରୱାନାର ସେବାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍ୱାରା ଇସ୍ତିହାର ଦିଆଯାଉଛି ଯେ ଶ୍ରୀ ଭାବଗ୍ରାହୀ ବେହେରା, ବାସିନ୍ଦା- ଗ୍ରାମ/ ୱାର୍ଡ- ତୁଲମତୁଲା (ଅଂଶ), ଗ୍ରା.ପ./ସହର- ଅରୁହା, ଥାନା- ବାସୁଦେବପୁର, ଜିଲ୍ଲା- ଭଦ୍ରକ-୭୫୬୧୫୮ (ଓଡ଼ିଶା) କଥିତ ଅଭିଯୋଗର ଉତ୍ତର ଦେବା ପାଇଁ ତା୧୬।୦୭।୨୦୧୯ରିଖ ଦିନ ଏହି ଅଦାଲତରେ ହାଜର ହେବେ।

ତାରିଖ: ୨୪।୦୪।୨୦୧୯
(ମୋହର)
ସ୍ୱା./-
(ସତୀଶ କୁମାର ଅରୋରା)
ଅତିରିକ୍ତ ଦୌରାଜଜ୍-୦୨/ଏଫ୍‌ଟିସି
ନୂଆଦିଲ୍ଲୀ
davp 15204/11/0045/1920

# ୪ ଲିଟର କିରୋସିନରେ ମିଶିଛି ୩ ଲିଟର ପାଣି

## ରିଲିଫରେ ଦୁର୍ନୀତି

- ପାଣିମିଶା କିରୋସିନ ମନ୍ତ୍ରୀଙ୍କୁ ଦେଖାଇଲେ ଲୋକେ
- ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ପୁରୀ ଅଫିସ,୧୧।୫

ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଭୋକ ଉପାସରେ ବିପନ୍ନ ପରିବାର ଦିନ କାଟୁଛନ୍ତି। ଅନ୍ୟପଟେ ପ୍ରଶାସନ ବାଣ୍ଟୁଥିବା ରିଲିଫ ଚାଉଳ ଓ କିରୋସିନ୍‌ରେ ଦୁର୍ନୀତି ଅଭିଯୋଗ ହୋଇଛି। କେଉଁଠି ଚାଉଳ କମ୍ ଦିଆଯାଉଛି ତ ଆଉ କେଉଁଠି କିରୋସିନରେ ପାଣି ମିଶାଇ ବଣ୍ଟନ କରାଯାଉଛି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ସମୀକ୍ଷା ବୈଠକରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଲୋକେ ପାଣିମିଶା କିରୋସିନ ଦେଖାଇଥିଲେ। ଏଭଳି ଘଟଣାକୁ ସେ ନିନ୍ଦା କରିଛନ୍ତି। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାତ୍ର କହିଛନ୍ତି।

ସୂଚନା ଅନୁଯାୟୀ, ପୁରୀ ପୌର ପରିଷଦ ଅଧୀନ ୨୧ନମ୍ବର ୱାର୍ଡର ନରେନ୍ଦ୍ର କୋଣସ୍ଥିତ ଡିଲର ପଏଣ୍ଟରେ ଶନିବାର କିରୋସିନ ଦିଆଯାଉଥିଲା। ପ୍ରତ୍ୟେକ ଖାଉଟି ୪ଲିଟର ଲେଖାଏଁ କିରୋସିନ କିଣି ନେଇଥିଲେ। ତେବେ କିରୋସିନରେ ଅଧାରୁ ଅଧିକ ପାଣି ମିଶିଥିବା କେତେଜଣ ହିତାଧିକାରୀ ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ନୟନା ବେହେରା, ବିଦ୍ୟୁଲତା ପ୍ରଧାନ, ଶାହନୱାଜ ବିବିଙ୍କ ଖାଉଟି କାର୍ଡରେ କିରୋସିନ ଆଣିବାକୁ ଯାଇଥିବା ପରିବାର ସଦସ୍ୟ ଏହାର ତୀବ୍ର ବିରୋଧରେ କରିଥିଲେ। ସୁରେଶ ବେହେରା କହିଛନ୍ତି, ୪ଲିଟର କିରୋସିନରେ ୩ଲିଟର ଗୋଳିଆ ପାଣି ମିଶାଯାଇଛି। ଏହା ସ୍ପଷ୍ଟ ଭାବେ ଜଣାପଡ଼ିଯାଉଛି। ଏହାକୁ କଣ୍ଟ୍ରୋଲ ଡିଲର ଅସ୍ୱୀକାର କରିଥିବାବେଳେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି ଯେ, ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ପାଇଛି। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମନ୍ତ୍ରୀଙ୍କୁ ଘେରିଲେ ୪ ବସ୍ତିର ବାସିନ୍ଦା

ପୁରୀ ଅଫିସ,୧୧।୫



## ରିଲିଫ, ପାନୀୟଜଳ ଯୋଗାଣ ପ୍ରତିଶ୍ରୁତି ଦେଇ ମୁକୁଳିଲେ

ବାତ୍ୟା 'ଫନୀ' ଯିବାର ୮ଦିନ ବିତିଲାଣି। ତଥାପି ବିପନ୍ନଙ୍କ ଦୁଃଖ ସରୁନି। ପାନୀୟଜଳ ଓ ଖାଦ୍ୟ ଲାଗି ହଇରାଣ ହେବାକୁ ପଡୁଛି। ବର୍ତ୍ତମାନ ସୁଦ୍ଧା ପୁରୀ ସହରର ଅଧିକାଂଶ ସ୍ଥାନରେ ପାନୀୟଜଳ, ରିଲିଫ ସାମଗ୍ରୀ ଓ ପଲିଥିନ ପହଞ୍ଚି ନାହିଁ। ଭୋକ ଉପାସରେ ବିପନ୍ନ ପରିବାର ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୧ଟାରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଘେରାଉ କରିଥିଲେ କ୍ଷତିଗ୍ରସ୍ତ ଲୋକେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ମା' ମଙ୍ଗଳା, ମଙ୍ଗରାଜପୁର, ମାଟିତୋଟା, ସୁଜାତା ନଗର ବସ୍ତିର ବାସିନ୍ଦାମାନେ ମନ୍ତ୍ରୀଙ୍କ ଗାଡ଼ି ଅଟକାଇ ଘେରି ରହିଥିଲେ। ରିଲିଫ ସାମଗ୍ରୀ କେବେ ମିଳିବ, ପଲିଥିନ, ପାନୀୟଜଳ ଲାଗି ଆଉ ଏମିତି କେତେ ଦିନ ଦୌଡୁଥିବୁ ବୋଲି ପାତ୍ରଙ୍କୁ ନାନା ପ୍ରଶ୍ନ କରିଥିଲେ। ଖୁବଶୀଘ୍ର ସମସ୍ତଙ୍କୁ ରିଲିଫ ଓ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଗାଡ଼ିକୁ ଛାଡିଥିଲେ।

ମାଟିତୋଟା ସୁଜାତା ନଗର-୨ ବସ୍ତିର ବାସନ୍ତି ଦାଶ କହିଛନ୍ତି ଯେ, ବାତ୍ୟାରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଘର ଭାଙ୍ଗିଯାଇଛି। ସାହି ବାସିନ୍ଦା ନାନା ଅସୁବିଧା ଭୋଗୁଛନ୍ତି। ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇନାହିଁ। ଯାହା ରିଲିଫ ମିଳିଥିଲା ତାହା ସମୁଦ୍ରକୁ ଶଙ୍ଖେ ପରି। ସେହିପରି ପ୍ରତିମା ପ୍ରଧାନ କହିଛନ୍ତି, ସମସ୍ତ ଆସବାବପତ୍ର ଓ ଖାଦ୍ୟସାମଗ୍ରୀ ନଷ୍ଟ ହୋଇଯାଇଛି। ଖାଇବାକୁ କିଛି ନାହିଁ। କାମଧନ୍ଦା ବନ୍ଦ ରହିଛି। ପାଖରେ ଟଙ୍କା ନାହିଁ। ପ୍ରଶାସନ ଆମକୁ ଅଣଦେଖା କରୁଛି। ଅନ୍ୟପଟେ ପୁରୀ ସଦର କାଶୀହରିପୁର ପଞ୍ଚାୟତର ମଙ୍ଗରାଜପୁର ଓ ଚକ୍ରବର୍ତ୍ତୀପାଟଣା ଗ୍ରାମର ଶତାଧିକ ବାସିନ୍ଦା ମୌଳିକ ସୁବିଧା ପ୍ରଦାନ ଲାଗି ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ବାତ୍ୟା ପ୍ରଭାବରେ ଚାଷଜମି ନଷ୍ଟ ହୋଇଛି। ଗ୍ରାମ ପୋଖରୀରେ ନାଳନର୍ଦ୍ଦମା ପାଣି ଜମି ରହିଛି। ନଳକୂପ ଅଚଳ । ପାଣି ପାଇଁ ଡହଳବିକଳ ହେବାକୁ ପଡୁଛି। ସମସ୍ତ ପରିବାରକୁ ପଲିଥିନ କି ରିଲିଫ ସାମଗ୍ରୀ ମିଳିନାହିଁ। ତୁରନ୍ତ ପାନୀୟଜଳ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ଲାଗି ଦିଲୀପ ଦାଶ, ଅନନ୍ତ ମହାନ୍ତି, ପ୍ରତାପ ମହାନ୍ତି, କାଳୁ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ପର୍ଯ୍ୟଟନ ବିଭାଗ କ୍ଷୟକ୍ଷତି ୧୦୦ କୋଟି ଟପିବ

## ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସୂଚନା



ପୁରୀ ଅଫିସ,୧୧।୫

ଧାର୍ମିକ, ପର୍ଯ୍ୟଟନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ବାତ୍ୟାରେ ପୁରୀ ଜିଲାର ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜ୍ୟ ପର୍ଯ୍ୟଟନ ଶିଳ୍ପ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ବିଶେଷ କ୍ଷତି ଘଟିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି। ସମସ୍ତ କ୍ଷୟକ୍ଷତିର ଆକଳନ କରାଗଲେ ଏହା ୧୦୦ କୋଟି ଟପିବ। ରିପୋର୍ଟ ପ୍ରସ୍ତୁତ ଚାଲିଛି। ବାତ୍ୟା ପରିସ୍ଥିତି ଅନୁଧ୍ୟାନ କରିବାକୁ ଆସୁଥିବା କେନ୍ଦ୍ରୀୟ ଟିମ୍ ଆଗରେ ଏହି ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ଶନିବାର ସମୀକ୍ଷା ବୈଠକରେ ଯୋଗଦେବାକୁ ପୁରୀ ଆସିଥିବା ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି। ମନ୍ତ୍ରୀ ପଣ୍ଡା କହିଛନ୍ତି, ଫନୀ ପ୍ରଭାବରେ ପର୍ଯ୍ୟଟନ ଶିଳ୍ପକୁ ବଡ ଧରଣର ଧକ୍କା ଲାଗିଛି। ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ପାନ୍ଥନିବାସ, ପର୍ଯ୍ୟଟନସ୍ଥଳୀଗୁଡିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପୁରୀ ପାନ୍ଥ ନିବାସ, ସାତପଡା ପାନ୍ଥ ନିବାସ, ଜଗନ୍ନାଥ ବଲ୍ଲଭ ମଠ, କୋଣାର୍କର ଲାଇଟ ଏଣ୍ଡ ସାଉଣ୍ଡ, ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ, ସାତପଡାସ୍ଥିତ ଜେଟି, ଡଙ୍ଗା, ସାକ୍ଷୀଗୋପାଳରେ ଥିବା ଜଳଯୋଗାଣ ବ୍ୟବସ୍ଥା ବ୍ୟାପକ କ୍ଷତି ଘଟିଛି। ଏଥିସହିତ ଗଜପତି ଓ ଖୋର୍ଦ୍ଧା ଜିଲାରେ ପର୍ଯ୍ୟଟନ ଶିଳ୍ପର ମଧ୍ୟ କ୍ଷତି ହୋଇଛି। ପୁରୀର ହୋଟେଲ ଶିଳ୍ପ ବିଶେଷ ପ୍ରଭାବିତ ହୋଇଛି। ପୁରୀ ସହରର ଆର୍ଥିକ ବିକାଶରେ ହୋଟେଲ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶ୍ରୀକ୍ଷେତ୍ରରେ ୪୦୦ରୁ ଊର୍ଦ୍ଧ୍ୱ ହୋଟେଲ ରହିଛି। ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ଫନୀକୁ ଦୃଷ୍ଟିରେ ରଖି ମେ ୨ତାରିଖରେ ସମସ୍ତ ହୋଟେଲରେ ରହିଥିବା ପର୍ଯ୍ୟଟକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବୁକିଂ କ୍ୟାନସେଲ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ହୋଟେଲ ଶିଳ୍ପର ବିକାଶ ଲାଗି ଗୁରୁତ୍ୱ ଦିଆଯିବ। ରବିବାର ଏ ନେଇ ଆଲୋଚନା କରାଯିବ। ହୋଟେଲ, ଟୁର ଓ ଟ୍ରାଭେଲ୍ସ ସଂସ୍ଥାଗୁଡ଼ିକର କର୍ତ୍ତୃପକ୍ଷମାନଙ୍କୁ ସେମାନଙ୍କ ଦାବି ଉପସ୍ଥାପନ ଲାଗି କୁହାଯାଇଛି। ଅନେକ ହୋଟେଲ ମାଲିକ ଋଣରେ ବୁଡ଼ିଛନ୍ତି। ଫନୀ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଋଣ ପରିଶୋଧ ଛାଡ଼ କରିବା ଲାଗି ଦାବି କରିଛନ୍ତି। ଏ ସମ୍ପର୍କରେ ସେମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମଧ୍ୟ ବିଶେଷ କ୍ଷତି ଘଟିଛି। ଚନ୍ଦନପୁର ନିକଟ ଐତିହ୍ୟ ଗ୍ରାମ ରଘୁରାଜପୁର ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଶିଳ୍ପର ବିକାଶରେ ଏହି ଗ୍ରାମର ବିଶେଷ ଅବଦାନ ରହିଛି। ପୂର୍ବରୁ ସଂସ୍କୃତି ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ବହୁ କଳାକାର ପରିବାରଙ୍କ ଘରଦ୍ୱାର ଭାଙ୍ଗିଯିବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ଏ ସବୁର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯାଉଛି। ସତ୍ୟବାଦୀ ବକୁଳବନରେ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ଲାଗି ମଧ୍ୟ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

# ମଲା କୁକୁଡ଼ାଙ୍କ ଦୁର୍ଗନ୍ଧ, ମାଛି ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ

## ଜଟଣୀ କନ୍ତିଆ ଗ୍ରାମରେ ମହାମାରୀ ଆଶଙ୍କା

ଜଟଣୀ, ୧୧।୫(ଡି.ଏନ.ଏ.)





ହଜାର ହଜାର ମଲା ବ୍ରଏଲର୍ କୁକୁଡାଙ୍କ ଉତ୍କଟ ଦୁର୍ଗନ୍ଧ ଓ ଅସଂଖ୍ୟ ମାଛିଙ୍କ ପ୍ରାଦୁର୍ଭାବରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଲେଣି। ରୋଷେଇ ଘରଠୁ ଶୋଇବା ଘର ଚାରିଆଡେ ମାଛି। ଉଠାଇ ବସାଇ ଦେଉନାହାନ୍ତି। ଲୋକେ ଶାନ୍ତିରେ ଗଣ୍ଡେ ଖାଇ ପାରୁନାହାନ୍ତି। ଗ୍ରାମରେ ମହାମାରୀ ଭଳି ଆଶଙ୍କା ସୃଷ୍ଟି ହେଲାଣି। ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ଗ୍ରାମରେ ୮ ଦିନ ଧରି ଏପରି ଅବସ୍ଥା ଲାଗି ରହିଛି। ହେଲେ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବାତ୍ୟା ଫନୀର ପ୍ରଭାବରେ କନ୍ତିଆ ଗ୍ରାମ ନିକଟରେ ଥିବା ଦୁଇଟି ବଡ କୁକୁଡା ଫାର୍ମ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ଏଠାରେ ଥିବା ହଜାର ହଜାର କୁକୁଡା ମରି ଯାଇଛନ୍ତି। ମଲା କୁକୁଡାଙ୍କୁ ସ୍ଥାନାନ୍ତର କିମ୍ବା ପୋତିବା ବ୍ୟବସ୍ଥା ତୁରନ୍ତ କରା ନ ଯିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। କୁକୁଡାଗୁଡିକ ମଲା ପରେ ଜାଲି ମଧ୍ୟରେ ୨ ରୁ ୩ ଦିନ ପଡି ରହିବା ଦ୍ୱାରା ଏଗୁଡିକ ପଚିଯାଇଥିଲା। ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିବା ସହ ଅସଂଖ୍ୟ ମାଛି ସୃଷ୍ଟି ହୋଇ କନ୍ତିଆ ଗ୍ରାମକୁ ଗ୍ରାସ କରି ଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଫଳରେ କୁକୁଡା ଫାର୍ମ ପକ୍ଷରୁ ୧ ଲକ୍ଷ ପାଖାପାଖି ମଲା କୁକୁଡାଙ୍କୁ ପୋତା ଯାଇଥିବା ପ୍ରାଣୀ ଚିକିତ୍ସକ ଶରତ କୁମାର ମିଶ୍ର କହିଛନ୍ତି। ଫାର୍ମଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାରୁ ଜାଲି ସହ କୁକୁଡାଗୁଡିକୁ ପୋତା ଯାଇଥିବା ସେ ସୂଚନା ଦେଇଛନ୍ତି। ହେଲେ ଆହୁରି ହଜାର ହଜାର ମଲା କୁକୁଡା ଫାର୍ମ ମଧ୍ୟରେ ଏବେବି ପଡି ରହିଛନ୍ତି। ଏପରି ପରିସ୍ଥିତି ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ୯ ତାରିଖରେ ଶତାଧିକ ଗ୍ରାମବାସୀ ଫାର୍ମ ନିକଟରେ ପହଞ୍ଚି ପ୍ରତିବାଦ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଗ୍ରାମର ନୀଳମଣି ସାହୁ ଓ ପଦ୍ମଚରଣ ସୁବୁଦ୍ଧି କୁହନ୍ତି, ଏପରି ଅବସ୍ଥା ହୋଇଛି ଗ୍ରାମରେ ରହିବା କଷ୍ଟକର ହୋଇପଡିଛି। ବାତ୍ୟା ପରେ ବିଦ୍ୟୁତ୍ ନ ଥିବା ସହ ମାଛି ଓ ମଲା କୁକୁଡାଙ୍କ ଦୁର୍ଗନ୍ଧରେ ଲୋକେ ଶୋଇ ପାରୁନାହାନ୍ତି। ଅନେକେ ବନ୍ଧୁବାନ୍ଧବଙ୍କ ଘରକୁ ପଳାଇଲେଣି। ମହାମାରୀ ଆଶଙ୍କାକୁ ଏଡାଇ ହେବ ନାହିଁ ବୋଲି ସେମାନେ କହିଛନ୍ତି। ଗ୍ରାମର ସୁବାସିନୀ ପାଇକାରାୟ ଓ ସଂଯୁକ୍ତା ଦାସ କୁହନ୍ତି, ମାଛିଙ୍କ ଯୋଗୁ ରୋଷେଇ କରି ହେଉନି। ରନ୍ଧା ସମୟରେ ଭଣଭଣ ହୋଇ ଚାରିଆଡେ ବୁଲୁଥିବା ମାଛି ଖାଦ୍ୟରେ ପଡୁଛନ୍ତି। ପାଣି ରହୁଥିବା ଗରା, ମାଠିଆ ସବୁଠି ମାଛି ଘେରି ରହୁଛନ୍ତି। ବିଶେଷକରି ଛୋଟ ପିଲାଙ୍କ ପାଇଁ ଚିନ୍ତା ବଢିଯାଇଛି। ଏ ନେଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ୍ ଅଫିସର୍ ଜେ.କେ. ପଣ୍ଡା କୁହନ୍ତି, ଶନିବାର ଏକ ମେଡିକାଲ୍ ଟିମ୍ ଅନୁଧ୍ୟାନ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ସେମାନଙ୍କ ରିପୋର୍ଟ ଆସିବା ପରେ ଏହାର ଅନୁଧ୍ୟାନ କରି ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅଳିଆ ହଟାଉଛନ୍ତି, ବସ୍ତି ବୁଲି ରନ୍ଧାଖାଦ୍ୟ ବାଣ୍ଟୁଛନ୍ତି

## ସେବା ହିଁ ପରମ ଧର୍ମ



ଠେଲା ଗାଡ଼ିରେ ସାହିରୁ ଅଳିଆ ଉଠାଉଛନ୍ତି ସନ୍ତୋଷ ଶେଖର ମହାନ୍ତି।

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧୧।୫

ସେବା ହିଁ ପରମ ଧର୍ମ। ଏଭଳି ମନୋଭାବ ନେଇ ବାତ୍ୟା ବିପନ୍ନଙ୍କୁ ସେବା ଯୋଗାଇ ଦେଉଛନ୍ତି କେତେଜଣ ବ୍ୟକ୍ତି। ପୁରୀ ମୋଚି ସାହି ଛକରେ ରହିଛି ଦେବେନ୍ଦ୍ର ପ୍ରଧାନଙ୍କ ଚା' ଦୋକାନ। ଜଣେ ସାମାଜିକ କର୍ମୀ ଭାବେ ସେ ବେଶ୍ ପରିଚିତ। ଚା' ଦୋକାନରୁ ଯାହା କିଛି ଅର୍ଥ ରୋଜଗାର ହୋଇଥାଏ ସେଥିରେ ପରିବାର ଚଳାନ୍ତି। ବାତ୍ୟାରେ ତାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ତଥାପି ସେ ବିପନ୍ନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ତାଙ୍କୁ ଚା' ଦୋକାନୀ ମଙ୍ଗୁଳି ଦୋରା ଓ ଶ୍ରମିକ ଗୌତମ କର୍ମକାର ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ଏହି ୩ଜଣ ନିଜ ଖର୍ଚ୍ଚରେ ୪ଦିନ ହେଲା ଭାତ, ଡାଲମା ରାନ୍ଧି ମୋଚି ସାହି ଛକରେ ରିକ୍ସା ଚାଳକ, ମେହେନ୍ତରମାନଙ୍କୁ ଖାଇବାକୁ ଦେଉଛନ୍ତି। ଏଥିସହ ନିକଟ ବସ୍ତି, ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରୁଛନ୍ତି। ଦେବେନ୍ଦ୍ର ମୂଳତଃ ଅସ୍ତରଙ୍ଗ ଉଦୟକୁଣି ଗ୍ରାମର ହୋଇଥିବାବେଳେ ଏଠାରେ ଦୀର୍ଘ ବର୍ଷ ହେଲା ଚା' ଦୋକାନ କରିଛନ୍ତି।

ସେହିପରି ୭ଜଣ ଯୁବକ ସାହିଗଳି ସଫା କରିବାରେ ଲାଗିଛନ୍ତି। ଠେଲାଗାଡ଼ି ଧରି ରାସ୍ତାକଡ଼ରୁ ଅଳିଆ ଉଠାଉଛନ୍ତି। ନିଜସ୍ୱ ଖର୍ଚ୍ଚରେ ରୋଷେଇ କରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏମାନେ ହେଲେ ସନ୍ତୋଷ ଶେଖର ମହାନ୍ତି, ସତ୍ୟକାମ ସାହୁ, ସୂର୍ଯ୍ୟ ନାରାୟଣ ପ୍ରଧାନ, ତନ୍ମୟ ଚାଟାର୍ଜୀ, ଲକ୍ଷ୍ମୀଧର ବେହେରା, ସିଲୁ, କାହ୍ନା, ଚନ୍ଦ୍ରଶେଖର ମିଶ୍ର, ବ୍ରଜବନ୍ଧୁ ମହାରଣା ପ୍ରମୁଖ। କିଏ ଅଳିଆ ସଫା କରୁଛନ୍ତି ତ କେହି ଶୁଖିଲା ଖାଦ୍ୟ ପୁଡିଆ ବାଣ୍ଟୁଛନ୍ତି। ସେହିପରି କିଏ ରୋଷେଇରେ ସହଯୋଗ କରୁଛନ୍ତି ତ କେହି ବସ୍ତି ବୁଲି ରନ୍ଧା ଖାଦ୍ୟ ବାଣ୍ଟୁଛନ୍ତି। ପୌରସଦନ ଛକରେ ସାମାଜିକ କର୍ମୀ ପଦ୍ମନାଭ ତ୍ରିପାଠୀ ଓ ତାଙ୍କ ସହଯୋଗୀମାନେ ନିଜସ୍ୱ ଖର୍ଚ୍ଚରେ ଲୋକଙ୍କୁ ଟଙ୍କତୋରାଣି ବାଣ୍ଟୁଛନ୍ତି। ସେମାନଙ୍କ ମଧ୍ୟରୁ କିଏ ପାଣି ବୋହୁଛନ୍ତି ତ, ଆଉ କିଏ ଲୋକଙ୍କ ହାତକୁ ପାଣି ଗିଲାସ ବଢାଇ ଦେଉଛନ୍ତି। ସେହିପରି କେହି ପୁଣି ଥକି ପଡିଥିବା ଲୋକଙ୍କ ମୁହଁକୁ ଚନ୍ଦନ, କର୍ପୂର ମିଶ୍ରିତ ଜଳରେ ପୋଛି ଦେଉଛନ୍ତି। ପୂର୍ବାହ୍ନରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏମିତି ସେବା ଚାଲିଛି।



ରୋଷେଇ ଲାଗି ପରିବା କାଟୁଛନ୍ତି ଦେବେନ୍ଦ୍ର ପ୍ରଧାନ ଓ ସାଥୀ।



ଟଙ୍କତୋରାଣି ପ୍ରସ୍ତୁତ କରୁଛନ୍ତି ପଦ୍ମନାଭ ତ୍ରିପାଠୀ ।



"ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
- ସନ୍ଥ ଏକନାଥ



## ସଂକ୍ଷେପରେ

### ସ୍କୁଟିକୁ ପିଟିଲା କାର୍: ୨ ଆହତ

**କଟକ ଅଫିସ, ୧୧।୫:** ବିଡ଼ାନାସୀ ଥାନା ଅନ୍ତର୍ଗତ ଶ୍ରୀରାମ ମଣ୍ଡପ ନିକଟରେ ଶନିବାର ଏକ କାର୍(ଓଡି୦୫ଆର-୬୦୩୦) ରାସ୍ତାପାର୍ଶ୍ୱରେ ଥିବା ସ୍କୁଟିକୁ ଧକ୍କା ଦେଇଛି। ଏଥିରେ କାର ଚାଳକଙ୍କ ସମେତ ସେଥିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଖବରପାଇ ବିଡ଼ାନାସୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅପରାହ୍ନରେ କାର୍‌ଟି ବିଡ଼ାନାସୀ ଛକରୁ ଶ୍ରୀରାମ ମଣ୍ଡପ ଆଡ଼କୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଉକ୍ତ ସ୍କୁଟିକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାରକରି ମେଡିକାଲ ପଠାଇବା ସହ ପୋଲିସକୁ ସୂଚନା ଦେଇଥିଲେ।

### ହୁସେନ ରବିଗାନ୍ଧୀ ପାଇବେ 'କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ' ସମ୍ମାନ

**କଟକ ଅଫିସ, ୧୧।୫:** ଜଣାଶୁଣା କବି ଡ. ହୁସେନ ରବିଗାନ୍ଧୀ ଚଳିତବର୍ଷର ମର୍ଯ୍ୟାଦାଜନକ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କଟକ ସାରଳା ଭବନଠାରେ ଚଳିତ ମାସ ୧୫ ତାରିଖ ସନ୍ଧ୍ୟାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସଚ୍ଚି ରାଉତରାୟଙ୍କ ସ୍ମୃତି ପାଳନ ଉପଲକ୍ଷେ ଡ. ଗାନ୍ଧୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଡ. ଗାନ୍ଧୀ ଓଡ଼ିଆ ସାରସ୍ୱତ ଜଗତରେ ଜଣେ ଚର୍ଚ୍ଚିତ ପ୍ରତିଭା। ତାଙ୍କ କୃତି ମଧ୍ୟରେ ମୁକ୍ତ ପୂର୍ବାଶା, ନିଅଣ୍ଟ ରାତିର ସ୍ୱପ୍ନ, ସିଂହାସନ ଭାଙ୍ଗିବାର କାର୍ଯ୍ୟକ୍ରମ, ବିଂଶରୁ ଏକବିଂଶ, ଲୋକଗୀତ ଓ ଅନ୍ୟାନ୍ୟ କବିତା, ନିଜକୁ ଖୋଜୁଥିବା ବେଳେ, ଶ୍ରେଷ୍ଠ କବିତା ଓ ରାଣୀ ଲକ୍ଷ୍ମୀବାଈ ପ୍ରଭୃତି ଗ୍ରନ୍ଥ ଉଲ୍ଲେଖଯୋଗ୍ୟ। ସେ ଏକାଧାରରେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, କବି ଓ ଅନୁବାଦକ। ୧୯୪୮ ମସିହାରେ ଯାଜପୁର ଜିଲାର ହଳଦିଗଡ଼ିଆଠାରେ ଜନ୍ମଗ୍ରହଣ କରିଥିବା ଡ. ଗାନ୍ଧୀ ଏବେ କଟକରେ ଅବସ୍ଥାନ କରୁଛନ୍ତି।

### ଷ୍ଟ୍ରିଟଲାଇଟ ମରାମତିକୁ ନେଇ ଅନିଶ୍ଚିତତା

**କଟକ ସଦର,୧୧।୫(ଡି.ଏନ୍.ଏ.):** ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ପୂର୍ବରୁ କଟକ ସଦର ବ୍ଲକର କନ୍ଦରପୁର ବଜାର, ଆୟତପୁର, ବିରିବାଟୀ, ସୋମପୁର, ନାହାଭଙ୍ଗା, ନାନପୁର, ବୋଧପୁର, ଗଡ଼ମା, କଳପଡ଼ା, ଗତିରାଉତପାଟଣା ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ବାତ୍ୟା 'ଫନୀ'ରେ ସମସ୍ତ ଷ୍ଟ୍ରିଟ ଲାଇଟ ଭାଙ୍ଗି ନଷ୍ଟ ହୋଇଯାଇଛି। ତେବେ ଏହାର ମରାମତି ଦାୟିତ୍ୱ କାହାର ତାକୁ ନେଇ ଅନିଶ୍ଚିତତା ଦେଖାଯାଇଛି। ଅନ୍ୟପକ୍ଷରେ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ ଦାୟିତ୍ୱରେ ଥିବା କଟକ ସଦର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା କୁହନ୍ତି, ମରାମତି ପାଇଁ ବ୍ଲକରେ ସ୍ୱତନ୍ତ୍ର ପାଣ୍ଠି ନାହିଁ। ବିଦ୍ୟୁତ୍ ବିଲ୍ ପୈଠ ସହ ମରାମତି ଦାୟିତ୍ୱ ଅଞ୍ଚଳବାସୀ ନେବେ ବୋଲି ବ୍ଲକ ପ୍ରଶାସନକୁ ଅଣ୍ଡରଟେକିଂ ଲେଖିଲା ପରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି ବୋଲି କହିଛନ୍ତି। ମରାମତି ବ୍ୟୟବହୁଳ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ଖର୍ଚ୍ଚ ଭରଣା କରିବା ସମ୍ଭବପର ନୁହେଁ। ଉକ୍ତ ଷ୍ଟ୍ରିଟ ଲାଇଟ ମରାମତି ପାଇଁ ବିଧାୟକ, ଏମ୍‌ପି ସ୍ୱତନ୍ତ୍ର ଭାବେ ଅର୍ଥ ମଞ୍ଜୁର କରିବା ପାଇଁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ସୂଚନା ଥାଉକି, ବିଧାୟକ ଓ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା।

## ନାବାଳିକା ଅପହରଣ ଘଟଣାକୁ ୨୧ ଦିନ ବିତିଲା

# ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ

**କଟକ ଅଫିସ,୧୧।୫**

କଟକ ସଦର ଥାନା ଅଞ୍ଚଳର ୧୫ ବର୍ଷର ଜଣେ ବାଳିକାଙ୍କୁ ଗତ ଏପ୍ରିଲ ୨୦ ତାରିଖରେ ଅପହରଣ କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ଘଟଣାକୁ ୨୧ ଦିନ ବିତିଛି। ହେଲେ ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିପାରିନାହିଁ। କେବଳ ମାମଲା ରୁଜୁ କରି ପୋଲିସ ଚୁପ୍ ବସିଛି ବୋଲି ସମ୍ପୃକ୍ତା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ବାପା ଏ ନେଇ କଟକ ଡିସିପି ଏବଂ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ପୋଲିସ ମାମଲାକୁ ଗୁରୁତର ସହ ନେଉ ନ ଥିବାରୁ ମୋ ଝିଅକୁ ମୁଁ ଫେରିପାଉନି ବୋଲି ବାପା ଅଭିଯୋଗ କରିଛନ୍ତି। ଯଦି ରବିବାର ସୁଦ୍ଧା ମୋ ଝିଅକୁ ପୋଲିସ ଉଦ୍ଧାର ନ କରେ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଡିଜିପି ଅଫିସ୍ ସମ୍ମୁଖରେ ଧାରଣାରେ ବସିବି ବୋଲି ସେ କହିଛନ୍ତି।

ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୦ ତାରିଖ ରାତିରେ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିବାବେଳେ ତାଙ୍କୁ ଅପହରଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ପଚରାଉଚରା ପରେ କଟକ ସଦର ଥାନା ଅନ୍ତର୍ଗତ ଭାଣପୁରର ଜଣେ ଯୁବକ ତାଙ୍କୁ ଅପହରଣକରି ନେଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଏପ୍ରିଲ ୨୧ତାରିଖରେ

**୩ ବର୍ଷରେ ୭୧୦୮ ନାବାଳିକା ନିଖୋଜ**

ସୂଚନା ଅଧିକାର ଆଇନ ବଳରେ କ୍ରାଇମବ୍ରାଞ୍ଚରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫ରୁ ୨୦୧୮ ମଧ୍ୟରେ ମୋଟ୍ ୭୧୦୮ ଜଣ ନାବାଳିକା ନିଖୋଜ ହୋଇଥିବାବେଳେ ପୋଲିସ ସେମାନଙ୍କ ମଧ୍ୟରୁ ୩୧୮୪ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ସବୁଠୁ ଦୁଃଖର ବିଷୟ ହେଉଛି ବହୁ ନାବାଳିକାଙ୍କୁ ଅପହରଣ କରିନିଆଯାଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ପୋଲିସର ଦାୟିତ୍ୱହୀନତା ଯୋଗୁ ସେମାନଙ୍କୁ ଉଦ୍ଧାର କରାଯାଇପାରୁ ନାହିଁ। ଏ ସମ୍ପର୍କରେ ଗଣମାଧ୍ୟମରେ ଅନେକଥର ଖବର ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ସେଥିପ୍ରତି ଗୁରୁତ୍ୱ ଦେଉନାହିଁ।

### ଡିଜିପିଙ୍କ ଅଫିସ୍ ସମ୍ମୁଖରେ ଅନଶନ କରିବେ ବାପା

କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୮/୧୯) ରୁଜୁ କରିଥିଲା। ତେବେ ୧୦ ଦିନ ପରେ ମଧ୍ୟ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଗତ ମେ ୧ ତାରିଖରେ ସେ କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏ ନେଇ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଏ ନେଇ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଲେ, ମାମଲାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଟ୍ରାକ୍ କରାଯାଉଛି, ଖୁବ୍‌ଶୀଘ୍ର ଆମେ ଅଭିଯୁକ୍ତଙ୍କୁ ଧରିବୁ।



ଫନୀକୁ ୯ ଦିନ ବିତି ଯାଇଥିବା ସତ୍ତ୍ୱେ କଟକ ବାଲିଯାତ୍ରା ଉପର ପଡିଆ ରାସ୍ତାରେ ପଡି ରହିଥିବା ବିଦ୍ୟୁତ୍ ଖୁଣ୍ଟ।

## ରାଜସ୍ୱ ନିରୀକ୍ଷକଙ୍କୁ ମହିଳାମାନେ ଘେରିଲେ

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

**ତାଲିକାରେ ପାତରଅନ୍ତର**

ବାତ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଏବେ ସରକାରଙ୍କ ପକ୍ଷରୁ ରିଲିଫ ପ୍ରଦାନ କରାଯାଉଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ନିଜେ ଅନୁଧ୍ୟାନ କରି ତାଲିକା କରିବା ପରେ ବିପନ୍ନମାନେ ସରକାରୀ ସାହାଯ୍ୟ ପାଉଛନ୍ତି। ବାଲିପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରାଯାଇ ପଲିଥିନ ପ୍ରଦାନ ନିମନ୍ତେ କରାଯାଇଥିବା ତାଲିକାରେ ପାତରଅନ୍ତର କରାଯାଇଥିବାର ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଶନିବାର କେନ୍ଦୁପାଟଣା ଗ୍ରାମର ମହିଳାମାନେ ଅପରାହ୍ନ ୪ଟାରେ ବାଲିପଡ଼ା ରାଜସ୍ୱ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକଙ୍କୁ ଘେରାଉ କରି ୧ଘଣ୍ଟା ପର୍ଯ୍ୟନ୍ତ ରଖିଥିଲେ। ପଲିଥିନ ପ୍ରଦାନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ କାହିଁକି ନାହିଁ ବୋଲି ପ୍ରଶ୍ନ କରିଥିଲେ। ପରେ ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ସେଠୀ ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିବା ସହ ତହସିଲଦାରଙ୍କ ଦ୍ୱାରା ପୁନଃ ତଦନ୍ତର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଘରକୁ ଫେରିଥିଲେ।

## ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଟ୍ରକକୁ ନେଇଗଲେ ଗ୍ରାମବାସୀ

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

ବାତ୍ୟାର ୯ଦିନ ପରେ ମଧ୍ୟ ବାରଙ୍ଗ ଅଞ୍ଚଳରେ ବିଦ୍ୟୁତ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। ଗୋଟେ ପଟେ ବିଦ୍ୟୁତ ସମସ୍ୟା ଲାଗି ରହିଥିବା ବେଳେ ରାତି ହେଲେ ମଶାଙ୍କ ଉପଦ୍ରବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ପାନୀୟ ଜଳ ପାଇଁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବାରଙ୍ଗ ବିଦ୍ୟୁତ ବିଭାଗ ଅଧୀନରେ ଥିବା ୮୫ ପ୍ରତିଶତ ଗ୍ରାମବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବାରମ୍ବାର ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ଗ୍ରାମବାସୀ ବାରଙ୍ଗ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭିଡ଼ ଲାଗିରହୁଥିବାର ଦେଖିବାକୁ ମିଳୁଛି। କିନ୍ତୁ କାର୍ଯ୍ୟାଳୟରେ କୌଣସି ଅଧିକାରୀଙ୍କୁ ନ ଭେଟି ନିରାଶ ହୋଇ ଫେରୁଛନ୍ତି। ଯଦି ବି କେହି ଅଧିକାରୀ ଭେଟିଲେ କେବଳ ପ୍ରତିଶ୍ରୁତି ନେଇ ଫେରୁଛନ୍ତି। ତେବେ ବିଭାଗର କର୍ମଚାରୀମାନଙ୍କ ଲୁଚକାଳି ଖେଳକୁ ପ୍ରତିହତ କରିବା ପାଇଁ ଶନିବାର କାର୍ଯ୍ୟାଳୟରେ ଥିବା ଏକ ବିଦ୍ୟୁତଖୁଣ୍ଟ ବୋଝେଇ ଟ୍ରକକୁ ଗ୍ରାମବାସୀ ଜୋର ଜବରଦସ୍ତ ନିଜନିଜ ଗ୍ରାମକୁ ନେଇଥିଲେ। ପରେ ଆବଶ୍ୟକତା ମୁତାବକ ବିଦ୍ୟୁତ ଖୁଣ୍ଟ ଗ୍ରାମରେ ରଖି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ୧୦୨ଟି ବିଦ୍ୟୁତ ଖୁଣ୍ଟ ବୋଝେଇ ଟ୍ରକ ବାରଙ୍ଗ ବିଦ୍ୟୁତ ବିଭାଗକୁ ଆସୁଥିବାର ଖବରପାଇ ଚନ୍ଦକା ପାଖରୁ ପଦାସାହି, ବାଲିପଡ଼ା, ଗଣ୍ଡରପୁର ଗ୍ରାମର ଯୁବକମାନେ ନିଜ ଗ୍ରାମକୁ ଟ୍ରକକୁ ଆଣି ବିଦ୍ୟୁତ ଖୁଣ୍ଟ କାଢ଼ିବା ପରେ ଅଧିକାରୀଙ୍କୁ ଜଣାଇଛନ୍ତି।

### ଫନୀ ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନର ସମୀକ୍ଷା

**କଟକ ଅଫିସ, ୧୧।୫**

କଟକ ଜିଲାରେ ଫନୀ ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନର ଅଗ୍ରଗତି ସମ୍ପର୍କରେ ଶନିବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମୀକ୍ଷା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଶନିବାର ସୁଦ୍ଧା ଜିଲାରେ ବିଭିନ୍ନ ଭତ୍ତା ପାଉଥିବା ୨ ଲକ୍ଷ ୭୬, ୯୪୫ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨ଲକ୍ଷ ୩୦, ୩୪୪ଜଣଙ୍କୁ ଅତିରିକ୍ତ ଏକ ମାସର ଭତ୍ତା ପ୍ରଦାନ କରାଯାଇଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୫ଲକ୍ଷ ୭ ହଜାର ୩ଜଣ ହିତାଧିକାରୀ ମଧ୍ୟରୁ ୩ଲକ୍ଷ ୭୧ ହଜାର ୩୨୮ ଜଣଙ୍କୁ ୫ ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଇ ସେମାନଙ୍କୁ ଅତିରିକ୍ତ ଏକ ମାସର କୋଟା ୭୧,୩୩୧ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି।

### ଫନୀ: ମିଲ୍‌ରେ ୨୦ହଜାର କୁଇଣ୍ଟାଲ ଧାନ ନଷ୍ଟ

**କଟକ ଅଫିସ, ୧୧।୫**

ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିବା ଧାନରୁ ପାଖାପାଖି ୨୦ହଜାର କୁଇଣ୍ଟାଲ ଧାନ ନଷ୍ଟ ହୋଇଛି। ଫନୀ ପ୍ରଭାବରେ ଏହି ଧାନ ମିଲ୍‌ରେ ନଷ୍ଟ ହୋଇଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ମିଲ୍‌ଗୁଡ଼ିକୁ ରିପୋର୍ଟ ଦାଖଲ ପାଇଁ କୁହାଯାଇଥିବା ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି। ତେବେ ଏହି ଧାନର ଭରଣା ମିଲ୍ ମାଲିକମାନଙ୍କର ଇନ୍‌ସ୍ୟୁରାନ୍ସରୁ କରାଯିବ ବୋଲି ମିଶ୍ର କହିଛନ୍ତି। ସୂଚନାଥାଉ କି, ଚଳିତ ଖରିଫଋତୁରେ ଧାନ ସଂଗ୍ରହ କ୍ଷେତ୍ରରେ ଜିଲା ଯୋଗାଣ ବିଭାଗ ୮ଟି ମିଲ୍‌କୁ ସାମିଲ କରିଥିଲା। ସେଥିରୁ କଣ୍ଟାପଡ଼ା ଓ ଆଠଗଡ଼ ଅଞ୍ଚଳରେ ଥିବା ୨ଟି ମିଲ୍‌ରେ ପାଖାପାଖି ୧୦ରୁ ୧୫ହଜାର କୁଇଣ୍ଟାଲ ଧାନ ଫନୀ ପ୍ରଭାବରେ ନଷ୍ଟ ହୋଇଥିବାବେଳେ ଆଉ ୪ଟି ମିଲ୍‌ରେ ୫ହଜାର କୁଇଣ୍ଟାଲ ଧାନ ନଷ୍ଟ ହୋଇଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଉକ୍ତ ମିଲ୍‌ଗୁଡ଼ିକର ଯନ୍ତ୍ରାଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ଦଳର ବାତ୍ୟାଞ୍ଚଳ ପରିଦର୍ଶନ



କ୍ଷତିଗ୍ରସ୍ତ ଆଖୁଚାଷକୁ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ଦଳ ବୁଲି ଦେଖୁଛନ୍ତି ।

**କଣ୍ଟାପଡ଼ା, ୧୧।୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ କଣ୍ଟାପଡ଼ା ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ବହୁମାତ୍ରାରେ ଫସଲ ଉଜୁଡ଼ିଯାଇଛି। ଶନିବାର ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ଦଳ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, କୃଷକ ନେତା କୃଷ୍ଣ ଜଗଦ୍ଦେବ, ରଞ୍ଜନ ମଙ୍ଗରାଜ, ନମିତା ମିଶ୍ର, ଶକୁନ୍ତଳା ମହାପାତ୍ର, ବନ୍ଦନା ଦାସ କାନୁନ୍‌ଗୋ, ରବିନାରାୟଣ ମହାପାତ୍ର ପ୍ରମୁଖ କଣ୍ଟାପଡ଼ା ଅଞ୍ଚଳରେ କ୍ଷତିଗ୍ରସ୍ତ ଆଖୁ, ମୁଗ ଓ ପରିବା ଫସଲ ବୁଲି ଦେଖିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି କହିଥିଲେ। ପରେ ପ୍ରତିନିଧିଦଳ କଣ୍ଟାପଡ଼ା ବିଡିଓ କେ. ଅଶୋକ କୁମାରଙ୍କୁ ଭେଟି ଚାଷର କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାକୁ କହିଥିଲେ। ଅନ୍ୟପକ୍ଷରେ ବାତ୍ୟାଞ୍ଚଳରେ ରାଶନକାର୍ଡକୁ ଆଧାର କରି ରିଲିଫ ପ୍ରଦାନକୁ ପ୍ରତିନିଧି ଦଳ ନାପସନ୍ଦ କରିବା ସହ ସମସ୍ତ ବାତ୍ୟାବିପନ୍ନଙ୍କୁ ଏଥିରେ ସାମିଲ କରିବା ପାଇଁ ଦାବି କରିଥିଲେ।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

# କାର୍ ପୋଡ଼ି, ଜଣେ ଆହତ

**କଟକ ସଦର,୧୧।୫(ଡି.ଏନ୍.ଏ.)**

କିଶନନଗର ଥାନା ଅନ୍ତର୍ଗତ ତରିତୋ ଗ୍ରାମରେ ଶନିବାର ଅପରାହ୍ନରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ବିଶ୍ୱଭୂଷଣ ମହାନ୍ତି ଆହତ ହୋଇଥିବା ବେଳେ ରବୀନ୍ଦ୍ର ମହାନ୍ତିଙ୍କ ଗ୍ୟାରେଜରେ ଥିବା କାରକୁ ପୋଡି ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ଗଛକଟାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବିଶ୍ୱଭୂଷଣ ଆହତ ହୋଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏହା ପରେ ବିଶ୍ୱଭୂଷଣ ସମର୍ଥକଙ୍କ ସହ ରବୀନ୍ଦ୍ରଙ୍କ ସମର୍ଥକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହା ପରେ ବିଶ୍ୱଭୂଷଣଙ୍କ ସମର୍ଥକମାନେ ରବୀନ୍ଦ୍ରଙ୍କ ଗ୍ୟାରେଜରେ ଥିବା କାରକୁ ପୋଡି ଦେଇଥିବା କିଶନନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି। ଗଣ୍ଡଗୋଳ ଆଶଙ୍କାରେ ଗ୍ରାମରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ଖବରଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ହୃଦ୍‌ରୋଗ ଚିକିତ୍ସା ପାଇଁ ଗୁଜରାଟ ଗଲେ ୧୧ ଶିଶୁ

**କଟକ ଅଫିସ, ୧୧।୫**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଜରିଆରେ ୧୧ ଜଣ ଶିଶୁଙ୍କୁ ଗୁଜରାଟର ଅହମ୍ମଦାବାଦସ୍ଥିତ ସତ୍ୟସାଇ ହାର୍ଟ ହସ୍ପିଟାଲକୁ ଗୁରୁବାର ପଠାଯାଇଛି। ପୂର୍ବରୁ ବିନା ମୂଲ୍ୟରେ ଆର୍‌ବିଏସ୍‌କେ ଜରିଆରେ କଟକ ଜିଲାର ୬୨ ଜଣ ପିଲାଙ୍କୁ ଶିଶୁଭବନ ଓ ଏସ୍‌ସିବି ମେଡିକାଲରୁ ଚିହ୍ନଟ କରାଯାଇ ଅହମ୍ମଦାବାଦ ଓ ନାରାୟଣ ହୃଦୟାଳୟ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। ଶିଶୁଭବନ ଆର୍‌ବିଏସ୍‌କେ ମ୍ୟାନେଜର ଦୀପ୍ତିରଞ୍ଜନ ଦାସ ଓ ଏସ୍‌ସିବି ଆର୍‌ବିଏସ୍‌କେ ମ୍ୟାନେଜର ସତ୍ୟନାରାୟଣ ତ୍ରିପାଠୀ ସମସ୍ତ ଶିଶୁଙ୍କୁ ନେଇ ଗୁଜରାଟ ଯାଇଛନ୍ତି।



ଫନୀ ପରଠାରୁ କଟକ ଡଗରପଡା ଷ୍ଟୋନୀ ରୋଡ୍ ପାର୍ଶ୍ୱରେ ସଫା ହୋଇ ନ ପାରି ପଡି ରହିଥିବା କୁଢ଼ କୁଢ଼ ଆବର୍ଜନା।



ଶନିବାର ପୁରୀଘାଟ ସ୍ଥିତ ଶନି ମନ୍ଦିର ନିକଟରେ ଥିବା ଶନିଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି।

# ଏସ୍‌ସିବିରେ ଓପନ ହାର୍ଟ ସର୍ଜରି ବନ୍ଦ

**କଟକ ଅଫିସ, ୧୧।୫**

ଫନୀ ପ୍ରଭାବରେ ଏସ୍‌ସିବି ମେଡିକାଲର ହୃଦ୍‌ବକ୍ଷଶଲ୍ୟ ବିଭାଗର ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହ ଉକ୍ତ ବିଭାଗର ଆଇସିୟୁ ଭାଙ୍ଗିରୁଜି ଚୂର୍‌ମାର ହୋଇଯାଇଥିଲା। ଫଳରେ ଫନୀ ଦିନଠାରୁ ଅଦ୍ୟାବଧି ହୃଦ୍‌ବକ୍ଷଶଲ୍ୟ ବିଭାଗରେ ଗୋଟିଏ ହେଲେ ବି ଓପନ୍ ହାର୍ଟ ସର୍ଜରି କରାଯାଇନାହିଁ। ଶେଷଥର ପାଇଁ ମେ ପହିଲାରେ ଜଣେ ରୋଗୀଙ୍କର ଓପନ ହାର୍ଟ ସର୍ଜରି କରାଯାଇଥିଲା। ମାତ୍ର ଏହା ପରେ ସମ୍ଭାବ୍ୟ ଫନୀ ପାଇଁ ମେ ୨ ଓ ୩ ତାରିଖରେ କୌଣସି ସର୍ଜରି କରାଯାଇ ନ ଥିଲା। ପରେ ଫନୀ ପ୍ରଭାବରେ ଏହି ବିଭାଗର ଆଇସିୟୁ ଭାଙ୍ଗିଯିବାରୁ ଓପନ ହାର୍ଟ ସର୍ଜରି ପାଇଁ ଭର୍ତ୍ତି ହୋଇଥିବା ୧୦ ଜଣ ରୋଗୀ ମେଡିକାଲ ଛାଡ଼ିଥିଲେ। ସୋମବାରଠାରୁ ଅସ୍ଥାୟୀ ଭାବେ ଆଇସିୟୁ ମରାମତି କରାଯାଇଛି। ଏହି ୧୦ ଜଣ ରୋଗୀଙ୍କୁ ପୁଣି ଥରେ ଡକାଯାଇଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କହିଛନ୍ତି। ସୂଚନାଥାଉ କି, ହୃଦ୍‌ବକ୍ଷଶଲ୍ୟ ବିଭାଗ ମୋଟ୍ ୪୦ ବେଡ୍ ବିଶିଷ୍ଟ। ସେଥିମଧ୍ୟରେ ୩୪ଟି ସାଧାରଣ ବେଡ୍ ଓ ୬ଟି ଆଇସିୟୁ ବେଡ୍ ରହିଛି। ପ୍ରତି ସପ୍ତାହରେ ୫ ଜଣ ରୋଗୀଙ୍କ ଓପନ ହାର୍ଟ ସର୍ଜରି କରାଯାଇଥାଏ। ତେବେ ଫନୀ ପରେ ଅସ୍ଥାୟୀ ଭାବେ ଆଇସିୟୁ ମରାମତିକୁ ନେଇ ପ୍ରଶ୍ନ ଉଠିଛି। କାରଣ କାଚ ଝରକା ଜାଗାରେ ତାଳିପକା ଭାବେ କାଠପଟା ଦିଆଯାଇଛି। ଓପନ ହାର୍ଟ ସର୍ଜରି ରୋଗୀମାନଙ୍କ କ୍ଷେତ୍ରରେ ସଂକ୍ରମଣର ଆଶଙ୍କା ଅଧିକ ମାତ୍ରାରେ ରହୁଥିବାରୁ ଏଭଳି ତାଳିପକା କାମ ହୁଏତ ବିପଦ ଆଣିପାରେ ବୋଲି ବିଭାଗର ଜଣେ ଡାକ୍ତର ନିଜ ନାମ ଗୋପନ ରଖି କହିଛନ୍ତି। ଏହାବାଦ ଗ୍ରୀଷ୍ମଋତୁ ଚାଲିଥିବାରୁ ବିଭିନ୍ନ ସମୟରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳୁଛି। ଯଦି କାଳବୈଶାଖୀ ପ୍ରଭାବରେ ଏହି ତାଳିପକା କାମ ପୁଣି ଥରେ ଭାଙ୍ଗିଯାଏ ଆଇସିୟୁ ଭିତରେ ଥିବା ଗୁରୁତର ରୋଗୀମାନଙ୍କ କ୍ଷେତ୍ରରେ କ'ଣ ହେବ ତାହା କହିବା ମୁସ୍କିଲ ବୋଲି ସମ୍ପୃକ୍ତ ଡାକ୍ତର ଜଣକ କହିଛନ୍ତି।

**ଆଇସିୟୁ ଅଚଳ**




■ମେ ପହିଲାରେ ଶେଷଥର ପାଇଁ ହୋଇଥିଲା
■କାଚ ଝରକା ଜାଗାରେ ଲାଗିଛି କାଠପଟା



ଜଣେ ମା’ ଭାବେ ଶିଶୁଙ୍କୁ ଲୋକଦେଖାଣିଆ କରିବା ଉପରେ ବିଶ୍ୱାସ କରେନାହିଁ।
-ନେହା ଧୁପିଆ,
ବଲିଉଡ ଅଭିନେତ୍ରୀ।



# ପିଲାଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି ୭୦% ମା’

ନୂଆଦିଲ୍ଲୀ,୧୧।୫(ଆଇଏଏନ୍ଏସ୍)



ଭାରତରେ ୭୦ ପ୍ରତିଶତ ମା’ ସେମାନଙ୍କ ପିଲାଙ୍କୁ ଲାଳନପାଳନ କରିବା କ୍ଷେତ୍ରରେ ସ୍ମାର୍ଟଫୋନ୍ ବ୍ୟବହାର କରିଥାଆନ୍ତି ବୋଲି ଏକ ନୂଆ ସର୍ବେକ୍ଷଣରୁ ଜାଣିବାକୁ ମିଳିଛି। ବର୍ତ୍ତମାନ ସ୍ମାର୍ଟଫୋନ୍ ଏକ ବହୁଳ ବ୍ୟବହୃତ ଯନ୍ତ୍ରାଂଶ ହୋଇଥିବା ବେଳେ ମାତ୍ର ୩୦ ପ୍ରତିଶତ ମା’ କହନ୍ତି ସେମାନେ ଏହାକୁ ପରିବାର ଓ ବନ୍ଧୁବାନ୍ଧବଙ୍କ ନିମନ୍ତେ ବ୍ୟବହାର କରିଥାଆନ୍ତି। ଇଣ୍ଟରନେଟ୍‌ଭିତ୍ତିକ ମାର୍କେଟ ରିସର୍ଚ୍ଚ ଏବଂ ତଥ୍ୟ ବିଶ୍ଲେଷଣକାରୀ ଫାର୍ମ ‘ୟୁଗଭ୍’ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଏହି ସୂଚନା ମିଳିଛି। ଅପରପକ୍ଷରେ ପିଲାଙ୍କୁ ଲାଳନପାଳନ ପାଇଁ ଭାରତୀୟ ମା’ମାନେ ସର୍ବାଧିକ ବ୍ୟବହୃତ ଏବଂ ସୁପାରିସକୃତ ପ୍ୟାରେଣ୍ଟିଂ ଆପ୍ ବ୍ୟବହାର କରନ୍ତି ବୋଲି ୟୁଗଭ୍ ପକ୍ଷରୁ କୁହାଯାଇଛି। ଉକ୍ତ ଅଧ୍ୟୟନରେ ଦର୍ଶାଯାଇଛି, ଯଦିଓ ଭାରତୀୟ ମା’ମାନେ ପିଲାଙ୍କୁ ଲାଳନ ପାଳନ ପାଇଁ ପରିବାର ଓ ପଡୋଶୀଙ୍କ ପରାମର୍ଶ ଗ୍ରହଣ କରନ୍ତି, ତଥାପି ଅଧିକ ସଂଖ୍ୟକ ଯୁବତୀ ମା’ ଏଥିପାଇଁ ଅନ୍‌ଲାଇନ୍ ବ୍ଲଗ୍‌ସ ଉପରେ ନିର୍ଭର କରିଥାଆନ୍ତି। ଏମାନଙ୍କ ସଂଖ୍ୟା ପାଖାପାଖି ୭୦ ପ୍ରତିଶତ ହୋଇଥିବା ବେଳେ ବୟସ୍କା ମା’ଙ୍କ ସଂଖ୍ୟା ୩୦ ପ୍ରତିଶତରୁ ସାମାନ୍ୟ ଅଧିକ ବୋଲି କୁହାଯାଇଛି।

ଉକ୍ତ ସର୍ବେକ୍ଷଣ ପାଇଁ ୟୁଗଭ୍ ପକ୍ଷରୁ ୧୨ମାସ ଏବଂ ୧୮ବର୍ଷ ମଧ୍ୟରେ ପିଲାଙ୍କର ମା’ମାନଙ୍କ ସାକ୍ଷାତ୍‌କାର ନିଆଯାଇଥିଲା। ଏହାପରେ ସେମାନଙ୍କୁ ଯୁବତୀ ମା’ ଏବଂ ବୟସ୍କା ମା’ ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ୧୨ମାସରୁ ୩ବର୍ଷ ମଧ୍ୟରେ ପିଲାଙ୍କ ମା’ଙ୍କୁ ତରୁଣ ମହିଳା ଶ୍ରେଣୀଭୁକ୍ତ କରାଯାଇଥିଲା। ଗବେଷକମାନେ ୭୦୦ରୁ ଅଧିକ ମା’ଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଏହି ମା’ମାନଙ୍କ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ ହେଁ ସେମାନେ କେତେକ ଦିଗ ପ୍ରତି ଆଶଙ୍କା ପ୍ରକାଶ କରନ୍ତି ବୋଲି ଉକ୍ତ ଅଧ୍ୟୟନରୁ ଜଣାପଡିଛି। ସାଇବର ଅପରାଧ ଭଳି ଅନଲାଇନ୍ ବିପଦରୁ ଶିଶୁଙ୍କୁ ସୁରକ୍ଷିତ ରଖିବାକୁ ୭୬ ପ୍ରତିଶତ ମା’ ଚିନ୍ତାବ୍ୟକ୍ତ କରନ୍ତି ବୋଲି ଉକ୍ତ ଅଧ୍ୟୟନରେ କୁହାଯାଇଛି।



ଅମୃତସରରେ ଏଫ୍ଆଇସିସିଆଇ ଏଫ୍ଏଲ୍ଓ ପକ୍ଷରୁ ମାତୃ ଦିବସ ପାଳନ ଅବସରରେ ରାଜନେତା ନବଜୋତ୍ ସିଂ କୌର(ଡାହାଣ)ଙ୍କ ସହ ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ(ମଝି)।

# କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ହିନା



**ମୁମ୍ବାଇ:** ଲୋକପ୍ରିୟ ଅଭିନେତ୍ରୀ ହିନା ଖାନ୍ ଫ୍ରାନ୍ସର କାନ୍ସଠାରେ ହେଉଥିବା ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେବା ଲାଗି ପ୍ରସ୍ତୁତ ହେଉଛନ୍ତି। ସେ ରେଡ୍ କାର୍ପେଟରେ ଚାଲିବା ସହିତ ଉକ୍ତ ଉତ୍ସବର ୭୨ତମ ସଂସ୍କରଣରେ ବକ୍ତୃତା ପ୍ରଦାନ କରିବେ। ଏହି ଉତ୍ସବ ମେ ୧୪ରୁ ୨୫ ମଧ୍ୟରେ ଆୟୋଜିତ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ସେ ଆସନ୍ତା ରବିବାର ‘କସୌଟି ଜିନ୍ଦେଗୀ କ୍ୟା’ର ଶୁଟିଂରେ ଯୋଗଦେବେ ଏବଂ ସେହିଦିନ ହିଁ କାନ୍ସ ଯାତ୍ରା କରିବେ। ଇଣ୍ଡିଆ ପାଭେଲିୟନ୍ ଦ୍ୱାରା ଆୟୋଜିତ ପ୍ୟାନେଲ୍‌ରେ ଅଂଶଗ୍ରହଣ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ତାଙ୍କ ସହ ଯୋଗଦେବେ କଙ୍ଗନା ରାଣାଓ୍ୱତ୍, ସୋନମ କପୁର, ଏକତା କପୁର ଏବଂ ପ୍ରସୂନ ଜୋଷୀ। ଏମାନେ ମଧ୍ୟ ମେ ୧୭ରେ କେନ୍ସ ଉତ୍ସବରେ ବକ୍ତୃତା ଦେବେ। ଏ ସମ୍ପର୍କରେ ହିନା କହନ୍ତି, କାନ୍ସକୁ ଆମନ୍ତ୍ରିତ ହେବା ତାଙ୍କ ପାଇଁ ଏକ ସମ୍ମାନର ବିଷୟ। ସେ କିଛିବର୍ଷ ଧରି ଉକ୍ତ ଉତ୍ସବକୁ ପ୍ରଶଂସା କରିଆସୁଛନ୍ତି। ଏପରି ଏକ ସୁଯୋଗ ପାଇ ସେ କୃତଜ୍ଞ। କାରଣ ସେ ସିନେମା ସମ୍ପର୍କରେ ଅନେକ ସୃଜନଶୀଳ ବ୍ୟକ୍ତିଙ୍କ ସହିତ ଭାବ ବିନିମୟ କରିବାର ସୁଯୋଗ ପାଇବେ।

ଇତିହାସର ଆଇନାରେ

## ମେ ୧୨ର ପ୍ରମୁଖ ଘଟଣା

୨୦୦୨ ମେ ୧୨ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ପାଞ୍ଚଦିନିଆ କ୍ୟୁବା ଗସ୍ତ କରି ଫିଡେଲ କାଷ୍ଟ୍ରୋଙ୍କୁ ସାକ୍ଷାତ କରିଥିଲେ। ୧୯୫୯ରେ କ୍ୟୁବାର କମ୍ୟୁନିଷ୍ଟ ଶାସକ କାଷ୍ଟ୍ରୋଙ୍କ ବିପ୍ଳବ ପରଠାରୁ ଆମେରିକାର ଜଣେ ରାଷ୍ଟ୍ରପତି (ପଦବୀରେ ଥାଇ ବା ନ ଥାଇ) ପ୍ରଥମ କରି କ୍ୟୁବା ଗସ୍ତ କରିଥିଲେ। ୧୯୨୪ ଅକ୍ଟୋବର ୧ରେ ଜନ୍ମଗ୍ରହଣ କରିଥିବା ଜିମି କାର୍ଟର ଜଣେ ରାଜନେତା ଏବଂ ଜନହିତୈଷୀ ବ୍ୟକ୍ତି ଥିଲେ। ସେ ୧୯୭୭ରୁ ୧୯୮୧ ମଧ୍ୟରେ ଆମେରିକାର ୩୯ତମ ରାଷ୍ଟ୍ରପତି ଥିଲେ।

୨୦୧୫ ମେ୧୨ରେ ନେପାଳରେ ବଡ଼ ଧରଣର ଭୂକମ୍ପ ହେବା ଯୋଗୁ ୨୧୮ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩୫୦୦ ଲୋକ ଆହତ ହୋଇଥିଲେ। ୭.୩ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ରସ୍ଥଳ କୋଦାରିଠାରୁ ଦକ୍ଷିଣ-ପୂର୍ବ ୧୮କିଲୋମିଟର ଦୂରରେ ଡୋଲାଖା ଏବଂ ସିନ୍ଧୁପାଲଚୌକ ଜିଲା ମଧ୍ୟରେ ଥିଲା। ଏହି ଭୂକମ୍ପ ଯୋଗୁ ଭାରତର ବିହାର, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ସମେତ ଉତ୍ତର ଭାଗ ଥରିଉଠିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୪ | ୩୫.୭ |
| ଚାନ୍ଦବାଲି | ୩୯.୪ | ୨୯.୦ |
| କଟକ | ୩୭.୦ | ୨୬.୪ |
| ପାରାଦ୍ୱୀପ | ୩୩.୦ | ୨୮.୭ |
| ଭୁବନେଶ୍ୱର | ୩୬.୪ | ୨୮.୦ |
| ଗୋପାଳପୁର | ୩୨.୫ | ୨୭.୨ |
| ପୁରୀ | --- | --- |
| ଅନୁଗୋଳ | ୪୧.୧ | ୨୪.୦ |
| ବାରିପଦା | ୩୯.୦ | ୨୭.୩ |
| ଝାରସୁଗୁଡ଼ା | ୪୪.୪ | ୨୫.୦ |
| କେନ୍ଦୁଝର | ୪୧.୮ | ୨୪.୮ |
| ସମ୍ବଲପୁର | ୪୩.୫ | ୨୭.୦ |
| ସୁନ୍ଦରଗଡ଼ | ୪୨.୦ | ୨୪.୦ |
| ହୀରାକୁଦ | ୪୩.୨ | ୨୫.୫ |
| ତାଳଚେର | ୪୨.୧ | ୨୭.୨ |
| ଭବାନୀପାଟଣା | ୪୩.୫ | ୨୮.୦ |
| ବଲାଙ୍ଗୀର | ୪୪.୫ | ୨୭.୫ |
| କୋରାପୁଟ | ୩୬.୦ | ୨୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୬ | ୨୬.୫ |
| ମାଲକାନଗିରି | ୪୧.୨ | ୨୩.୮ |
| ସୋନପୁର | ୪୩.୪ | ୨୪.୬ |
| ଦାରିଙ୍ଗିବାଡ଼ି | --- | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍

## ରାଜ୍ୟ ଖବର

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସଂସ୍ଥା ପକ୍ଷରୁ ୪କୋଟି ୪୫ଲକ୍ଷ ଟଙ୍କାର ସହାୟତା

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ବାତ୍ୟା ଫନୀରେ ପ୍ରଭାବିତ ଦୁର୍ଗତମାନଙ୍କ ସହାୟତା ପାଇଁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ସହାୟତା ପ୍ରଦାନ କରାଯାଉଛି। ଶନିବାର ମୋଟ ୪କୋଟି ୪୫ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ସହାୟତା ମିଳିଛି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ ପକ୍ଷରୁ ୧କୋଟି ଟଙ୍କା, ନାଲ୍‌କୋ କର୍ମଚାରୀ ସଂଘ ପକ୍ଷରୁ ୨କୋଟି ୫୩ଲକ୍ଷ, ମାସୁନ ଇଷ୍ଟେଟ୍ସ ୧ଲକ୍ଷ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୩ ଲକ୍ଷ, ଭଞ୍ଜନଗର ବିଆଇଡିଇସିଏ ପକ୍ଷରୁ ୨ଲକ୍ଷ, ଡାକ୍ତର କାଳୀପ୍ରସାଦ ସ୍ୱାଇଁ ୬୪,୩୨୫ଟଙ୍କା, ମହାନ୍ତି ମେଡିକାଲ ଷ୍ଟୋର ପକ୍ଷରୁ ୫୦ହଜାର, ପ୍ରମୋଦ କୁମାର ପାତ୍ର ୧୦ହଜାର, ପାୟୋନିଅର ମୋବାଇଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୧୦ଲକ୍ଷ, ଏମ୍‌ଜିଏମ୍ ମିନେରାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୫୦ଲକ୍ଷ ଟଙ୍କା, ଫୁଲବାଣୀ ଇଣ୍ଡିଆନ ରେଡକ୍ରସ ସୋସାଇଟି ପକ୍ଷରୁ ୧୦ଲକ୍ଷ ୮୨ହଜାର ଟଙ୍କା, ଫୁଲବାଣୀ ରଙ୍ଗୁଣି ସମାଜ ୫ହଜାର ଟଙ୍କା, କନ୍ଧମାଳ ସମାଜସେବୀ ସଂସ୍ଥା ୧୦ହଜାର, ଓଏଏସ୍ ଆସୋସିଏଶନ ୫ଲକ୍ଷ, ହୋଟେଲ ପୁଷ୍ପକ ୨ଲକ୍ଷ, ଭୁବନେଶ୍ୱର ତାମିଲ ସଂଘ ୧ଲକ୍ଷ, ହିଞ୍ଜିଳି ପଞ୍ଚାୟତ ସମିତି ପକ୍ଷରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ଦୁର୍ଘଟଣାରେ ଏମ୍‌ପି କୁଳମଣି ସାମଲ ଆହତ



ତିର୍ତ୍ତୋଲ,୧୧।୫(ଡି.ଏନ.ଏ.)

ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲଙ୍କ ଗାଡ଼ି ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସେ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଡା. ସାମଲ ଅପରାହ୍ନ ସାଢେ ୪ଟାରୁ ୫ଟା ମଧ୍ୟରେ ସ୍କର୍ପିଓ (ନଂ.ଓଡି୨୧ସି୦୦୦୨) ଯୋଗେ କୁଜଙ୍ଗରୁ ବିରିଡ଼ି ଅଭିମୁଖେ ଯାଉଥିଲେ। ଜଇପୁର-ଜଗତ୍‌ସିଂହପୁର ରାସ୍ତାର ସଅଁରା ଛକ ନିକଟରେ ଜଣେ ସାଇକେଲଆରୋହୀ ତାଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲେ। ଫଳରେ ଡ୍ରାଇଭର ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱରେ ଥିବା ଏକ ଚାକୁଣ୍ଡା ଗଛରେ ଗାଡି ପିଟି ଦେଇଥିଲେ। ଏଥିରେ ଡା. ସାମଲଙ୍କ ମୁଣ୍ଡ ଓ ଶରୀରରେ ଆଘାତ ଲାଗିଛି। ତୁରନ୍ତ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାଯାଇଛି।

# ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ୫୦ ଏନ୍‌ଡିଆର୍‌ଏଫ ଟିମ୍

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ସାମୁଦ୍ରିକ ଝଡ ଫନୀର ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫର ୫୦ଟି ଟିମ୍ କାର୍ଯ୍ୟ ଜାରି ରଖିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାହତ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର କରିବାକୁ ଏନ୍‌ଡିଆର୍‌ଏଫ୍ ଟିମ୍ ଅଗ୍ରାଧିକାର ଦେଉଛନ୍ତି। ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟ ନାରାୟଣ ପ୍ରଧାନ ଶନିବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କ ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ସତ୍ୟ ନାରାୟଣ କହିଛନ୍ତି, ଏନ୍‌ଡିଆର୍‌ଏଫ ଟିମ୍ ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ଆବଶ୍ୟକ ପଡିଲେ ଅଧିକ ଏନ୍‌ଡିଆର୍‌ଏଫ ଟିମ୍ ଓଡିଶାକୁ ଅଣାଯିବ। ପୂର୍ବରୁ ଫନୀ ପ୍ରଭାବିତ ଅଞ୍ଚଳରେ ୪୪ଟି ଟିମ୍ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ କୋଲକାତାରୁ ଅଧିକ ୬ଟି ୟୁନିଟ୍ ଓଡିଶା ଆସିଛନ୍ତି। ସେମାନେ ୧୫ଟି ଗ୍ୟାସ୍ କଟର ଓ ୫ଟି ପ୍ଲାଜ୍‌ମା କଟର ନେଇ ଆସିଛନ୍ତି। ପ୍ଲାଜ୍‌ମା କଟର ଦ୍ୱାରା ସହଜରେ ଲୁହା ଓ କଂକ୍ରିଟ କଟାଯାଇପାରୁଛି। ଆଗକୁ ଯାହା ଆବଶ୍ୟକ ପଡିବ ଏନ୍‌ଡିଆର୍‌ଏଫ ଟିମ୍ କରିବ ବୋଲି ସେ କହିଛନ୍ତି।

# କଣ୍ଟାପଡ଼ା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଭାଜପାର ଦାବି

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ବାତ୍ୟା ଫନୀରେ ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହୋଇଛି । ଧାନ, ଆଖୁ, ନଡିଆ ଏବଂ ପନିପରିବା ଫସଲ ପୂରା ଛାରଖାର ହୋଇଛି । ବାତ୍ୟାର ୮ଦିନ ପରେ ମଧ୍ୟ କ୍ଷତିଗ୍ରସ୍ତ ଚାଷଜମିକୁ କୌଣସି କୃଷି ବିଭାଗ ଅଧିକାରୀ ଆସିନାହାନ୍ତି । ବାତ୍ୟା ପରେ ଚାଷୀକୁଳ ପୂରା ହତାଶ ହୋଇପଡିଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର କଟକ ଜିଲା କଣ୍ଟାପଡା ବ୍ଲକର ବାଗଲପୁର ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷଜମି ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ବାତ୍ୟାରେ ସମସ୍ତ ଫସଲ ନଷ୍ଟ ହୋଇଛି । ଫଳରେ ଚାଷୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିପଡିଛି ବୋଲି ଶିବାଜୀ କହିଛନ୍ତି। ତୁରନ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ସହାୟତା ଯୋଗାଇ ଦେବାପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି ।

# ଉଜୁଡ଼ିଛି ୧.୫୨ ଲକ୍ଷ ହେକ୍ଟର ଚାଷଜମି

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ବାତ୍ୟା ‘ଫନୀ’ ଯୋଗୁ ଚାଷଜମି ଉଜୁଡି ଯାଇଛି। ରାଜ୍ୟର ୧୪ ଜିଲାର ୮୮ ବ୍ଲକରେ ବ୍ୟାପକ ଫସଲ ହାନି ହୋଇଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ୧ ଲକ୍ଷ ୫୨ ହଜାର ୯୮୫ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ସେଥିରୁ ୧ ଲକ୍ଷ ୨୧ ହଜାର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଛି। ସେଥିରୁ ୩୬ ହଜାର ୮୯୮ ଜଳସେଚିତ ଏବଂ ୭୨ ହଜାର ୭୮୬ ହେକ୍ଟର ଜମି ଅଣଜଳସେଚିତ ଜମି ରହିଛି। ସେହିପରି ୧୨,୨୭୭ ହେକ୍ଟର ନଡ଼ିଆ, ଆମ୍ବ, କଦଳୀ, ପାନ, କାଜୁ ଓ ଅନ୍ୟାନ୍ୟ ଫଳ ଫସଲ ଛାର୍‌ଖାର ହୋଇଯାଇଛି। ସେହିପରି ଫନୀ ଚୋଟରେ ସରକାରୀ ଭାବେ ୪୩ ଜଣଙ୍କର ପ୍ରାଣ ଯାଇଛି। ପୁରୀ ଜିଲାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୩, ମୟୂରଭଞ୍ଜରେ ୪, ଯାଜପୁରରେ ୪, କଟକରେ ୬ ଏବଂ ଖୋର୍ଦ୍ଧା ଜିଲାରେ ୫ ଜଣଙ୍କର ପ୍ରାଣହାନି ହୋଇଛି । ବାତ୍ୟାରେ ୩୭ ଲକ୍ଷ ୩୩ ହଜାର ୭୯ଟି ପ୍ରାଣୀ ଆଖି ବୁଜିଛନ୍ତି। ସେମାନଙ୍କ ମଧ୍ୟରେ ୨୨୧୦ ଗୋମହିଷାଦି, ୨୪୮୮ ଛେଳି ମେଣ୍ଢା ଓ ୩୭ ଲକ୍ଷ ୨୮ ହଜାର ୩୮୧ଟି କୁକୁଡା ରହିଛନ୍ତି। ପ୍ରାଥମିକ ଆକଳନ ପରେ ଶନିବାର ଏହି ସୂଚନା ଦେଇଛନ୍ତି ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ ।

ପୁରୀ ଜିଲାରେ ୧ ଲକ୍ଷ ୮୯ ହଜାର ୯୫ଟି ଘର ଭାଙ୍ଗିଛି। ୧୭୦ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିଛି। ଅନ୍ୟ ଜିଲାଗୁଡିକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜୋର୍‌ଦାର ଚାଲିଛି। ୧୨ ତାରିଖରେ ଭୁବନେଶ୍ୱର ସହରାଞ୍ଚଳର ସମସ୍ତ ଅଞ୍ଚଳକୁ ଶତ ପ୍ରତିଶତ ବିଦ୍ୟୁତ ଯୋଗାଇ ଦିଆଯିବ। ଏଭଳି ପ୍ରତିଶ୍ରୁତି ଦେଇଛି ଶକ୍ତି ବିଭାଗ ।

ଗୁରୁବାର ସନ୍ଧ୍ୟା ସୁଦ୍ଧା ସେସୁ ଅଧୀନରେ ଥିବା କଟକ ସହରର ସମସ୍ତ ୧୧ କେଭି ଫିଡରକୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସିଡିଡି-୧ର ୭୨ ହଜାର ମଧ୍ୟରୁ ୭୦ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ସିଡିଡି-୨ରେ ୪୪ଟି ଫିଡର ମଧ୍ୟରୁ ୨୩ ଫିଡର କାର୍ଯ୍ୟକ୍ଷମ ହୋଇଛି। ୭୦ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୪୩ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ କରାଯାଇଛି। ଅନ୍ୟମାନଙ୍କୁ ଆସନ୍ତା ଦୁଇଦିନ ମଧ୍ୟରେ ବିଦ୍ୟୁତ ଯୋଗାଇ ଦିଆଯିବ । କଟକ ସିଇଡିରେ ୨ଟି ୩୩ କେଭି ଫିଡର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୮ଟି ୧୧ କେଭି ଫିଡର କ୍ଷତିଗ୍ରସ୍ତ ହୋଇଛି। ୩୮ଟିରୁ ୧୬ଟି ଫିଡର କାର୍ଯ୍ୟକ୍ଷମ ରହିଛି। ଏହି ଡିଭିଜନ ଅନ୍ତର୍ଭୁକ୍ତ ୯୫ ହଜାର ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ମଧ୍ୟରୁ ୪୪ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ଭୁବନେଶ୍ୱର ସହରାଞ୍ଚଳରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବିସିଡିଡି-୧ର ସମସ୍ତ ୪୧ଟି ଫିଡର କାର୍ଯ୍ୟକ୍ଷମ ହୋଇଥିବା ବେଳେ ୫୮ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୫୧ ହଜାରଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ବିସିଡିଡି-୨ର ୬୬ ଫିଡରରୁ ୫୬ଟି କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନ୍‌ର ୯୭ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୯୦ ହଜାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଇଡି ଡିଭିଜନର ସମସ୍ତ ୨୬ଟି ଫିଡରକୁ ଚାଲୁ କରାଯାଇଛି। ମାତ୍ର ପୁରୀ ସହରରେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଆସନ୍ତା ୧୨ ତାରିଖରୁ ପ୍ରଥମକରି ପୁରୀ ବଡ଼ଦାଣ୍ଡ ଓ ହସ୍ପିଟାଲ ଏବଂ ୧୫ ତାରିଖରେ କୋଣାର୍କକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ପୁରୀରେ ୧୭୫ ଗ୍ୟାଙ୍ଗ ଲାଗିଛନ୍ତି। ସେହିପରି ଖୋର୍ଦ୍ଧାରେ ୧୦୦ ଗ୍ୟାଙ୍ଗ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଗ୍ୟାଙ୍ଗରେ ୧୦ଜଣ କର୍ମଚାରୀ ଓ ଜଣେ ଅଫିସର ନିୟୋଜିତ ହୋଇଛନ୍ତି। ଘରୋଇ ଉପଭୋକ୍ତାଙ୍କ ଏଲ୍‌ଟି ଲାଇନରେ ସହାୟତା କରିବା ପାଇଁ ୭୫ ଜଣ ବିଦ୍ୟୁତ କର୍ମଚାରୀ ନିୟୋଜିତ ଥିବା ବେଳେ ୨୬୦ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଛାତ୍ରୀଛାତ୍ର ନିୟୋଜିତ ହୋଇଛନ୍ତି।

ସେହିପରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମଧ୍ୟ ସୁଧାର ଆସିଛି। ପୁରୀରେ ୨୩୯ଟି ବ୍ୟାଙ୍କ ଶାଖାରୁ ୬୦ଟି କାର୍ଯ୍ୟ କରୁଛି। ୨୭୩ ଏଟିଏମ୍‌ରୁ ୨୦ଟି କାର୍ଯ୍ୟକ୍ଷମ ରହିଛି। କଟକରେ ୪୨୨ରୁ ୨୬୦ଟି ବ୍ୟାଙ୍କ ଓ ୫୯୩ ଏଟିଏମ୍‌ରୁ ୧୬୨ଟି ଚାଲୁ ରହିଛି। ସେହିପରି ଖୋର୍ଦ୍ଧାରେ ୭୦୭ ବ୍ୟାଙ୍କ ଶାଖାରୁ ୭୨ଟି କାର୍ଯ୍ୟ କରୁଥିବା ବେଳେ ୧୧୬୪ ଏଟିଏମ୍‌ରୁ ୧୯୭ଟି ଏଟିଏମ୍ କାର୍ଯ୍ୟକ୍ଷମ ଅଛି। ଜଗତ୍‌ସିଂହପୁରରେ ୧୭୮ ବ୍ୟାଙ୍କରୁ ୧୨୩ କାର୍ଯ୍ୟକ୍ଷମ ରହିଥିବା ବେଳେ ୧୯୬ ଏଟିଏମ୍‌ରୁ ୧୧୨ ଚାଲୁ ରହିଛି। କେନ୍ଦ୍ରାପଡ଼ାରେ ୧୪୪ଟି ବ୍ୟାଙ୍କ ଶାଖାରୁ ୧୧୩ଟି କାର୍ଯ୍ୟକ୍ଷମ ଥିବା ବେଳେ ୧୬୯ ଏଟିଏମ୍‌ରୁ ୧୦୫ଟି ଚାଲୁ ରହିଛି। ଇଣ୍ଟରନେଟ୍ ନ ଥିଲେ ମଧ୍ୟ ସବୁ ବ୍ୟାଙ୍କ ଖୋଲା ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୀମା କମ୍ପାନୀଗୁଡିକ ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ କୁହାଯାଇଛି। ଏଥିସହିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଡାକିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ନଗଦ ଟଙ୍କାର ଅଭାବ ନାହିଁ।

ଟେଲି କମ୍ୟୁନିକେଶନ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସିଂ କହିଛନ୍ତି ଯେ, ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଟେଲିକମ୍ ସେବାରେ ସୁଧାର ଆସିଛି। ଭୁବନେଶ୍ୱରରେ ବିଭିନ୍ନ ଟେଲିକମ୍ କମ୍ପାନୀର ଷ୍ଟେଟ୍ ଲେଭଲ ସୁଇଚିଂ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ଖୋର୍ଦ୍ଧା ଜିଲାର ୯୯ଟି ଟେଲିଫୋନ ଏକ୍ସଚେଞ୍ଜ ମଧ୍ୟରୁ ୮୩ଟି କାର୍ଯ୍ୟକ୍ଷମ ରହିଥିବା ବେଳେ ପୁରୀର ୪୧ରୁ ୨୪, କଟକର ୭୭ଟି ଏକ୍ସଚେଞ୍ଜ କାର୍ଯ୍ୟ କରୁଛି। ୧୧ ତାରିଖ ସୁଦ୍ଧା ପୁରୀ ଜିଲାର ୨୨୨ଟି ବ୍ୟାଙ୍କ ଶାଖା ମଧ୍ୟରୁ ୧୮୫ଟି କାର୍ଯ୍ୟ କରୁଥିବା ବେଳେ ୨୭୫ଟି ଏଟିଏମ୍‌ରୁ ୪୩ଟି କାର୍ଯ୍ୟକ୍ଷମ ହୋଇଛି। ଖୋର୍ଦ୍ଧା ଜିଲାର ୬୫୬ଟି ବ୍ୟାଙ୍କ ମଧ୍ୟରୁ ୫୪୫ଟି, କଟକ ଜିଲାର ୩୯୪ରୁ ୩୧୮ଟି ଶାଖା ଖୋଲିଛି। ସେହିପରି ଖୋର୍ଦ୍ଧା ଜିଲାର ୧୧୮୪ଟି ଏଟିଏମ୍ ମଧ୍ୟରୁ ୪୧୨ଟି, କଟକ ଜିଲାର ୫୭୪ଟି ମଧ୍ୟରୁ ୨୪୦ଟି କାର୍ଯ୍ୟକ୍ଷମ ହୋଇଛି।

ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ପୁରୀ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାର ଗ୍ରାମାଞ୍ଚଳରେ ୨୩୬୪ଟି ପାନୀୟଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୧୯୭୬ଟିର ପୁନରୁଦ୍ଧାର କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୩୦୦ ଡିଜି ସେଟ୍ ଯୋଗାଇ ଦିଆଯାଇଛି। ଗାଁ ଗହଳିରେ ଥିବା ନଳକୂପଗୁଡିକୁ ଠିକ୍ କରିବା ପାଇଁ ମୋବାଇଲ ଟିମ୍ ପଠାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସିଂ ସୂଚନା ଦେଇଛନ୍ତି।

### କ୍ଷୟକ୍ଷତି ପ୍ରାଥମିକ ଆକଳନ



- ବାତ୍ୟା ନେଲା ୪୩ ଜୀବନ
- ୩୭ ଲକ୍ଷ ପ୍ରାଣୀ ସମ୍ପଦ ଆଖି ବୁଜିଲେ
- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ପୁନରୁଦ୍ଧାର କାର୍ଯ୍ୟ
- ଆଜି ଭୁବନେଶ୍ୱର ସହରାଞ୍ଚଳକୁ ବିଜୁଳି
- ସୁଧୁରୁଛି ଟେଲିକମ୍ ସେବା



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ଲିଭାଇ ଦେବା ଓ ରୋଗମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ। -ଚାଣକ୍ୟ



## ସଂକ୍ଷେପରେ

### ବାତ୍ୟା ପୁନରୁଦ୍ଧାର କର୍ମୀଙ୍କୁ ଆମ୍ରିର ଆଶୁ ଚିକିତ୍ସା

**ଭୁବନେଶ୍ୱର,୧୧।୫:** ଫନୀ ପରେ ଭୁବନେଶ୍ୱରରେ ପୁନରୁଦ୍ଧାର ତଥା ଥଇଥାନ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ଲୋକମାନେ ଭୀଷଣ ଖରାରେ କାର୍ଯ୍ୟ କରୁଛନ୍ତି। ଆମ୍ରି ହସ୍ପିଟାଲ ପକ୍ଷରୁ ସେହି ବ୍ୟକ୍ତିମାନଙ୍କୁ ଆଶୁ ଚିକିତ୍ସା ତଥା ଗ୍ଲୁକୋଜ ପ୍ରଦାନ କରାଯାଉଛି। ଏହି ସେବା ଚଳିତ ମାସ ୧୫ ତାରିଖ ଯାଏ ଚାଲିବ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ବାତ୍ୟାରେ ଆମ୍ରି ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହା ପୂର୍ବଭଳି କାର୍ଯ୍ୟକ୍ଷମ ହୋଇପାରିଛି ବୋଲି ସୂଚନା ରହିଛି।

### ଇଣ୍ଡିଆନ ବ୍ୟାଙ୍କର ରିଲିଫ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୫:** ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ଏବଂ ଶାଖା କାର୍ଯ୍ୟାଳୟଗୁଡିକରୁ କର୍ମଚାରୀମାନେ ଯୋଗଦେଇଥିଲେ। ଆଞ୍ଚଳିକ ପ୍ରବନ୍ଧକ ଶଶିଭୂଷଣ ଦାସ ଓ ଉପ ଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀଧର ନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରର ନିଳାଦ୍ରୀ ବିହାର ଏଂ ଶୈଳଶ୍ରୀ ବିହାରଠାରେ ଲୋକଙ୍କୁ ସହାୟତା ପ୍ରଦାନ କରାଯିବା ସହ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା।

### ବାଲିପାଟଣା: ବିଦ୍ୟୁତ୍ ସଂଯୋଗ ପାଇଁ ୨୦ଦିନ

**ବାଲିପାଟଣା,୧୧।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ ବାଲିପାଟଣା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବାତ୍ୟାର ୯ଦିନ ପରେ ବି ଉକ୍ତ ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ଏହି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହେବାକୁ ଆଉ ୨୦ଦିନ ଲାଗିବ ବୋଲି ଭୁବନେଶ୍ୱର ପାୱାର ହାଉସ ନିକଟ ସିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଯୋଗାଣ ଦାବିରେ ଶୁକ୍ରବାର ବାଲିପାଟଣା ବ୍ଲକ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଓ ଖବରଦାତା ପାୱାର ହାଉସ ନିକଟ ସେସୁ କାର୍ଯ୍ୟାଳୟରେ ମରାମତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଆବଶ୍ୟକ ମ୍ୟାଟେରିଆଲ ପଠାଯାଇ କାମ ତ୍ୱରିତ କରିବାକୁ ବାଲିପାଟଣା ବିଦ୍ୟୁତ୍ ସବଷ୍ଟେଶନର କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍‌କୁ ନେଇ ଜନ ଅସନ୍ତୋଷ ବଢୁଥିବା ବେଳେ ଖୁବ୍‌ଶୀଘ୍ର ବାଲିପାଟଣା ଅଞ୍ଚଳରେ ବିଦ୍ୟୁତ୍ ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କୁକୁରକୁ ଟେକା ପକାଇବାକୁ ନେଇ ଲଙ୍କାକାଣ୍ଡ
### ଦୁଇଗୋଷ୍ଠୀ ମଧ୍ୟରେ ହଣାକଟା, ୧୫ ଆହତ

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** କୁକୁରଙ୍କୁ ଟେକା ପକାଇବାକୁ କେନ୍ଦ୍ରକରି ଏୟାରଫିଲ୍ଡ ଥାନା ଅରୁଗୁଳ ସାହିରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ପରସ୍ପର ଉଭୟଙ୍କୁ ହଣାକଟା କରିଥିଲେ। ଏଥିରେ ୧୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଖବରପାଇ ପୋଲିସ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯେଉଁମାନେ ସାମାନ୍ୟ ଆହତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଛି। ଯେଉଁମାନେ ଗୁରୁତର ଆହତ ହୋଇଛନ୍ତି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଅରୁଗୁଳ ସାହିରେ ସନ୍ଧ୍ୟା ୭ଟାରେ ଗୋଟିଏ ଗୋଷ୍ଠୀର ଯୁବକମାନେ ଯାଉଥିବା ବେଳେ ଉକ୍ତ ସାହିର ଏକ କୁକୁର ତାଙ୍କୁ ଗୋଡାଇ ଭୁକିଥିଲା। ଫଳରେ ଯୁବକମାନେ କୁକୁରକୁ ଟେକା ମାରିଥିଲେ। ଫଳରେ ଟେକାଟି ଅନ୍ୟ ଗୋଷ୍ଠୀର ଯୁବକଙ୍କ ଦେହରେ ବାଜିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଯାହାକୁ ନେଇ ଉଭୟ ଗୋଷ୍ଠୀ ପରସ୍ପର ଖଣ୍ଡାରେ ଆକ୍ରମଣ କରିଥିଲେ।

## ଓୟୁଏଟି ଟିସୁକଲଚର ସେଣ୍ଟର ଧୂଳିସାତ
# ୪କୋଟି ୧୦ ଲକ୍ଷ ଟଙ୍କାର କ୍ଷୟକ୍ଷତି

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**



ବାତ୍ୟା ଫନୀ ପ୍ରକୋପରେ ବରମୁଣ୍ଡାସ୍ଥିତ ଓୟୁଏଟିର ଟିସୁକଲଚର ସେଣ୍ଟରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତାହା ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇଯାଇଛି। ୧୦ଗୋଟି ପଲିସେଡନେଟ ଓ ସେଡନେଟ ହାଉସ, ନୂଆ ୫ଟି ପଲିସେଡ଼ ଓ ସେଡନେଟ ହାଉସ ଉଦ୍‌ଘାଟନ ହେବା ପୂର୍ବରୁ ଭାଙ୍ଗିରୁଜି ଚୁରମାର ହୋଇଛି। ପଲିକାର୍ବୋନେଟ, ଗ୍ରୀନ ହାଉସ ୨ଟିର କବାଟ, ଝରକା, ପ୍ୟାଡ ଓ କଣ୍ଟ୍ରୋଲ ପ୍ୟାନେଲ ଭାଙ୍ଗିଯାଇଛି। ବିଭିନ୍ନ ଗ୍ରୀନ ହାଉସରେ ଥିବା ୧.୫ ଲକ୍ଷ ଟିସୁ କଲଚର ଗଛ ନଷ୍ଟ ହୋଇଯାଇଛି। ସେଗୁଡିକ ହେଲା ୫୦ ହଜାର ଗ୍ରାଣ୍ଡ ନୈନ କଦଳୀ, ୫୦ ହଜାର ବନ୍ତଳ ଚମ୍ପା ଓ ଅମୃତ ପାଣୀ କଦଳୀ, ୫୦ହଜାର ଆଖୁ ଗଛ ନଷ୍ଟ ହୋଇଯାଇଛି। ମଦର ବ୍ଲକ୍‌ରେ ଏବଂ ଗ୍ରୀନ ହାଉସରେ ଟିସୁ ସଂଗ୍ରହ ତଥା ଗବେଷଣା ପାଇଁ ଲଗା ଯାଇଥିବା ବିଭିନ୍ନ କିସମର ୨,୦୦୦ କଦଳୀ ଓ ଆଖୁଗଛ, ୮,୦୦୦ ଗୋଲାପ, ୮,୫୦୦ ଜର୍ବେରା, ୫,୦୦୦ ଆନ୍ଥୁରିଅମ୍, ୨,୫୦୦ ଅର୍କିଡ଼, ୧,୦୦୦ ଲିଲିଅମ୍, ୧,୦୦୦ ଅନ୍ୟାନ୍ୟ ଶୋଭା ବର୍ଦ୍ଧକ ବ୍ରୋମେଲିଆଡ଼, ମେଲାଲୁଖା ଓ ପ୍ଲିଓମୋଲ ଆଦି ଉଜୁଡି ଯାଇଛି। ବାତ୍ୟା ତଥା ବର୍ଷାପାଣିରେ ଡିଜି ସେଟ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯାଇଛି। ଚଳିତବର୍ଷ ୨୦୧୯-୨୦ ପାଇଁ ୫ ଲକ୍ଷ ଟିସୁକଲଚର ଗଛ ଉତ୍ପାଦନ କରିବା ଲାଗି ଲାବେରୋଟେରୀରେ ଥିବା ନୂଆ ଟିସୁ ସମ୍ପୂର୍ଣ୍ଣ ରୂପେ ପଚିସଢି ଯାଇଛି। ଏହି ସେଣ୍ଟରରେ ଥିବା ଝରକା, କବାଟ, ଗ୍ରୀଲ, ଗ୍ଲାସୱେୟାର, କଲଚର ବଟଲ ସବୁ ଭାଙ୍ଗିରୁଜି ଯାଇଛି। କ୍ୟାମ୍ପସରେ ଥିବା ୪ଟି ଷ୍ଟୋର ରୁମ୍ ଦରଭଙ୍ଗା ହୋଇପଡ଼ିଛି। ୨୦ଟି ଏସି ଓ ଅନେକ ଯନ୍ତ୍ରପାତି ଅକାମୀ ହୋଇଛି। ସେଣ୍ଟରର ସାମ୍ନା ପାଚେରୀ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଡ୍ରେନରେ ପଡ଼ିଛି। ପାଣି ଟାଙ୍କି, ଲାଇଟ ପୋଷ୍ଟ ଆଦି ଭାଙ୍ଗି ଯାଇଛି। ଗବେଷଣାର ଆଶା ଓ ସ୍ୱପ୍ନ ଧୂଳିସାତ ହୋଇଛି। ଏହି କ୍ଷୟକ୍ଷତିର ପରିମାଣ ୪କୋଟି ୧୦ ଲକ୍ଷ ଟଙ୍କା ହେବ ବୋଲି ଟିସୁକଲଚର ସେଣ୍ଟରର ନିର୍ଦ୍ଦେଶିକା ଡ. ଶଶିକଳା ବେଉରା ଆକଳନ କରିଛନ୍ତି। ଏହାର ସ୍ଥିତି ସୁଧାରିବା ଲାଗି ଆହୁରି ୫ ବର୍ଷ ଲାଗିବ। ଫଣ୍ଡ ନ ଥିବାରୁ ଗ୍ରୀନ ହାଉସ କିପରି ତିଆରି କରାଯିବ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ବିଦ୍ୟୁତ୍ ସେବା ସ୍ୱାଭାବିକ୍ ହେଲେ ଟିସୁକଲଚର ସେଣ୍ଟରକୁ ପୁଣି ନିର୍ମିତ କରାଯିବ ଏବଂ ଓଡ଼ିଶା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଟିସୁକଲଚର କଦଳୀ, ଆଖୁ ଓ ଫୁଲ ଚାରା ଯୋଗାଇ ଦେବା ଲାଗି ଆମର କଠିନ ପରିଶ୍ରମ ସହ ଯଥେଷ୍ଟ ପ୍ରୟାସ ଜାରି ରହିବ ବୋଲି ନିର୍ଦ୍ଦେଶିକା ବେଉରା କହିଛନ୍ତି।

# ରିଲିଫ ଟଙ୍କା ପାଇଁ ୪୦ କାର୍ଡଧାରୀ ହଟହଟା

**ବାଲିଅନ୍ତା,୧୧।୫(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ ଅଧୀନ ଦେୱାନାପାଟଣା ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ରାଶନ କାର୍ଡଧାରୀ ରିଲିଫ ଟଙ୍କା ପାଇବା ପାଇଁ ହଟହଟା ହୋଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ୪୦ରାଶନ କାର୍ଡଧାରୀ ଗତ ୩ବର୍ଷ ହେଲା ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଚାଉଳ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଜିତିକାର ସୁଆଁଳା ଗ୍ରାମର ରିଟେଲର ପାଖରୁ ପାଇ ଆସୁଛନ୍ତି। ଚଳିତ ରିଲିଫ ବାବଦକୁ ୫୦କି.ଗ୍ରା ଚାଉଳ ମଧ୍ୟ ସମ୍ପୃକ୍ତ ଡିଲର ପାଖରୁ ଶୁକ୍ରବାର ପାଇଛନ୍ତି। କିନ୍ତୁ ରିଲିଫ ବାବଦ ୨୫୦୦ ଟଙ୍କା ପାଇଁ ନିଜ ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି। ତାଲିକାରେ ନାମ ନଥିବା କହି ଅଧିକାରୀମାନେ ଫେରାଇ ଦେଉଥିବା ହିତାଧିକାରୀ ଦେବ ସାହୁ ଓ ପଞ୍ଚାନନ ସାହୁ ଅଭିଯୋଗ କରୁଛନ୍ତି। ତାଙ୍କ ନାଁ ଭିଙ୍ଗାରପୁର ପଞ୍ଚାୟତ ତାଲିକାରେ ଥାଇପାରେ ବୋଲି ସେମାନେ କହିଛନ୍ତି। କିନ୍ତୁ ସେଠାରେ ସେହି ଗ୍ରାମର କାର୍ଡଧାରୀଙ୍କ ଭିଡ ଯୋଗୁ ରିଲିଫ ଟଙ୍କା ମିଳୁପାରୁ ନାହିଁ। ଏସମ୍ପର୍କରେ ବେଣ୍ଟପୁର ସରପଞ୍ଚ ମୁରଲୀଧର ସାହୁ କୁହନ୍ତି, ସମ୍ପୃକ୍ତ କାର୍ଡଧାରୀଙ୍କ ନାମକୁ ଆମ ପଞ୍ଚାୟତ ଲିଷ୍ଟରେ ଯୋଡିବାକୁ ଏସଆଇକୁ ଅନୁରୋଧ କରିଛୁ।

# ଭୁବନେଶ୍ୱର, ବାଲିପାଟଣା ବ୍ଲକରେ ୫ ମୃତ

**ଖୋର୍ଦ୍ଧା ଅଫିସ,୧୧।୫**

ବାତ୍ୟା ଫନୀ ଖୋର୍ଦ୍ଧା ଜିଲାରୁ ୫୪୫ କୋଟି ଟଙ୍କାର ସମ୍ପତ୍ତି ଉଜାଡି ଦେଇଥିବାବେଳେ ୨ଟି ବ୍ଲକର ୫ଜଣଙ୍କୁ ମୃତ୍ୟୁ ଘଟିଛି। ଏଥିରେ ଜିଲାର ୧୯, ୮୮୦ ବଖରା ଘର ଓ ୩୯୦୦ କୁଡିଆ ଘର ଭାଙ୍ଗିଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡିଥିବା ଜିଲା ଆପତକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ୧୦ଟି ବ୍ଲକ, ୨ ମ୍ୟୁନିସିପାଲିଟି, ୨ ଏନ୍‌ଏସି, ବିଏମ୍‌ସିର ୧୬୬୯ ଗାଁର ୨୫ ଲକ୍ଷ ୨ ହଜାର ୮ଜଣ ପ୍ରଭାବିତ ହୋଇଛନ୍ତି। ୨୮ ଲକ୍ଷ ୧୩ ହଜାର ହେକ୍ଟର ଜମି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୭୯୬୫ ହେକ୍ଟର ରବି ଫସଲ ପ୍ରଭାବିତ ହୋଇଛି। ୭ ଲକ୍ଷ ୭୮, ୨୬୯ ଟଙ୍କାର ଫସଲ ନଷ୍ଟ ହୋଇଛି। ତେବେ ୬୦୨୭ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଛି। ସେହିପରି ୧୫, ୯୮୦ ଘର ଭାଙ୍ଗିଯାଇଥିବାବେଳେ ୩, ୯୦୦ କୁଡିଆ ଘର ଭାଙ୍ଗିଛି। ସେହିଭଳି ୫୯,୦୩୭ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମୋଟ ଘର ଭଙ୍ଗା କ୍ଷତି ୧ କୋଟି ୮୩ ଲକ୍ଷ ୩୬, ୬୬୭ ଟଙ୍କା ବୋଲି ଦର୍ଶାଯାଇଛି। ବାଲିପାଟଣା ବ୍ଲକର ୪ ଓ ଭୁବନେଶ୍ୱର ବ୍ଲକର ଜଣେ ଏପରି ୫ ଜଣ ଏଥିରେ ପ୍ରାଣ ହରାଇଥିବାବେଳେ ୬୫୫ ଗୃହପାଳିତ ଛୋଟ ଓ ବଡ ପ୍ରାଣୀ, ୬ ଲକ୍ଷ ୫, ୪୧୨ କୁକୁଡା ପ୍ରାଣ ହରାଇଛନ୍ତି। ସ୍କୁଲ ଗୃହ, ରାସ୍ତା, ଶଙ୍ଖ, କଲଭର୍ଟ ପରି ସରକାରୀ ସମ୍ପତ୍ତି ୩୬୨ କୋଟି ୨୦ ଲକ୍ଷ ୨ ହଜାର ୬୨୭ ଟଙ୍କା ଅନୁରୂପ ଭାବେ କ୍ଷୟକ୍ଷତି ହୋଇଛି ।

# ବିଦ୍ୟୁତ୍ ପାଇଁ ରାସ୍ତା ଅବରୋଧ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**



ତିନିମୁଣ୍ଡିଆ ଛକଠାରେ ବିଦ୍ୟୁତ୍ ଉପଭୋକ୍ତାମାନେ ରାସ୍ତାରୋକୋ କରିଛନ୍ତି।

ଗରମ ସାଙ୍ଗକୁ ବିଦ୍ୟୁତ୍ ବିଭାଗର ପାୱାରକଟ୍ ଲୋକଙ୍କୁ ଦୁର୍ଦ୍ଦଶାକୁ ବଢାଇ ଦେଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଆସି ନ ଥିବା ବେଳେ କେତେକ ସ୍ଥାନରେ ବିଦ୍ୟୁତ୍ ଦିଆଯାଇଛି। ବିଭାଗ ପକ୍ଷରୁ ସକାଳେ ବିଦ୍ୟୁତ୍ ସଂଯୋଗ ଦେଇ ମଧ୍ୟାହ୍ନ ବେଳକୁ କାଟି ଦିଆଯାଉଛି। ଫଳରେ ଲୋକେ ଗରମରେ ଆଉଟପାଉଟ ହେଉଛନ୍ତି। ଏହାକୁ ନେଇ ଲୋକେ ଧୈର୍ଯ୍ୟହରା ହୋଇ ରାସ୍ତାକୁ ଓହ୍ଲାଇଛନ୍ତି। କିଟ୍ ଓ ଏହାର ଆଖପାଖ ଆପାର୍ଟମେଣ୍ଟ, ପ୍ରଶାନ୍ତବିହାର, ଶିଖରଚଣ୍ଡୀ ଅଞ୍ଚଳରେ ବାସ କରୁଥିବା ଶତାଧିକ ଲୋକ କିଟ୍ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଗାଡି ମୋଟର ରାସ୍ତା ଉପରେ ଅଟକି ରହିଥିଲା। ଇନ୍‌ଫୋସିଟି ଥାନା ଅଧିକାରୀ, ବରିଷ୍ଠ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ବିଦ୍ୟୁତ୍ ଓ ପାଣି ଯୋଗାଇ ଦିଆ ନ ଯିବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ଅଡି ବସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ପାୱାର କଟ୍ କରାଯାଇ ବିଦ୍ୟୁତ୍ କାମ ଚାଲୁଥିବା ସେସୁ ପକ୍ଷରୁ କୁହାଯାଉଥିବା ବେଳେ ଲୋକେ ଏହାକୁ ସହଜରେ ଗ୍ରହଣ କରି ନ ଥିଲେ। ବାତ୍ୟାକୁ ୮ ଦିନ ବିତି ଯାଇଥିଲେ ମଧ୍ୟ ଏଭଳି ଭିଆଇପି ସ୍ଥାନକୁ ବିଦ୍ୟୁତ୍ ଯୋଗାଇ ନ ଦେବା ରାଜ୍ୟ ସରକାରଙ୍କ ଚରମ ଅବହେଳା ବୋଲି ଲୋକମାନେ ଅଭିଯୋଗ କରିଥିଲେ। ଶେଷରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବାକୁ ପୋଲିସ ପ୍ରତିଶ୍ରୁତି ଦେବା ପରେ ସେମାନେ ରାସ୍ତାରୁ ହଟିଥିଲେ। ସେହିଭଳି ବିଦ୍ୟୁତ୍ ପାଇଁ ଭୁବନେଶ୍ୱର ତିନି ମୁଣ୍ଡିଆ ଛକରେ ବିଦ୍ୟୁତ୍ ଉପଭୋକ୍ତା ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାର ଉପରେ କାଠ ପକାଇ ନିଆଁ ଲଗାଇ ଅବରୋଧ କରିଥିଲେ। ବାତ୍ୟାର ୮ ଦିନ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ କ'ଣ ପାଇଁ ଦିଆଯାଇନାହିଁ ବୋଲି ଲୋକେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ୨୨ହଜାର ହିତାଧିକାରୀଙ୍କୁ ଏକ ମାସର ଅଧିକ ଭତ୍ତା

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବିଏମ୍‌ସି ପକ୍ଷରୁ 'ଫନୀ' ଲାଗି ବିଭିନ୍ନ ସମସ୍ୟାକୁ ନେଇ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ୨୨ ହଜାର ହିତାଧିକାରୀଙ୍କୁ ଦ୍ୱିଗୁଣିତ ଭତ୍ତା ପ୍ରଦାନ କରାଯିବ। ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ଭିନ୍ନକ୍ଷମ ଭତ୍ତା, ୩୦ରୁ ଉର୍ଦ୍ଧ୍ୱ ଅବିବାହିତା ମହିଳାଙ୍କ ବିପିଏଲ ଭତ୍ତା, ଏଚ୍‌ଆଇଭି ରୋଗୀ ଭତ୍ତା ଓ ମାନସିକ ବିକାରଗ୍ରସ୍ତ ଭତ୍ତା ପାଉଥିବା ହିତାଧିକାରୀ ମେ' ମାସ ସହ ପୁଣି ଅଧିକ ଏକ ମାସର ଭତ୍ତା ପାଇବେ। ପୁଣି ଜୁନ୍ ମାସରେ ସ୍ୱାଭାବିକ ଭାବେ ସେମାନଙ୍କୁ ଭତ୍ତା ମିଳିବ ବୋଲି କୁହାଯାଇଛି। ହିତାଧିକାରୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ତଥା ଆବଶ୍ୟକ ସାମଗ୍ରୀ କିଣିବା ଲାଗି ଏହି ଅର୍ଥ କିଛି ପରିମାଣରେ କାମରେ ଆସିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଉଲ୍ଲେଖ ଥାଉ କି, ପ୍ରତ୍ୟେକ ମାସ ୫ ରୁ ୧୮ ତାରିଖ ଯାଏ ବିଏମ୍‌ସିର ୬୭ଟି ୱାର୍ଡ଼ରେ ଉପଭୋକ୍ତାଙ୍କୁ ଭତ୍ତା ପ୍ରଦାନ କରାଯାଏ। ୧୭ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଦ୍ୱିଗୁଣିତ ଭତ୍ତା ପ୍ରଦାନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନଙ୍କ ସମସ୍ୟାକୁ ଲକ୍ଷ୍ୟକରି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହିତାଧିକାରୀମାନେ ଚଳିତମାସରେ ଦୁଇ ମାସର ଭତ୍ତା ଏକାସାଙ୍ଗରେ ପାଇବେ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।

# ସଫେଇ କର୍ମଚାରୀଙ୍କୁ ଖାଦ୍ୟ ବଣ୍ଟନ



**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସଫେଇ କର୍ମଚାରୀ, ଜେସିବି ହେଲ୍‌ପର ଓ ଡ୍ରାଇଭରଙ୍କୁ ବିଏମ୍‌ସି ପକ୍ଷରୁ ୧ ହଜାର ଖାଦ୍ୟ ପ୍ୟାକେଟ ବଣ୍ଟାଯାଇଛି। ଏନ୍‌ଡ଼ିଆର୍‌ଏଫ୍, ଅଗ୍ନିଶମ, ଓଡ୍ରାଫ, ଓଏଫ୍‌ଡ଼ିସି ଓ ଅନ୍ୟ ରାଜ୍ୟରୁ ଆସିଥିବା କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଉଥିବାବେଳେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଶୁକ୍ରବାରଠାରୁ ଖାଦ୍ୟ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରତିଦିନ ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟ ଜାରି ରହିବ। ସହରର ସଫେଇ ନ ସରିବାଯାଏ ସେମାନେ କାର୍ଯ୍ୟରତ ରହିବେ। ସେମାନଙ୍କୁ ସୁବିଧା ଯୋଗାଇ ଦେବା ବିଏମ୍‌ସିର କାମ ବୋଲି ସେ କହିଛନ୍ତି। ଶନିବାର ୟୁନିଟ ୩, ୪, ୯, ଶାସ୍ତ୍ରୀ ନଗର, ଶହୀଦ ନଗର, ୟୁନିଟ-୩ କ୍ୱାର୍ଟର ନିକଟ, ଲୋୟର ପିଏମ୍‌ଜି ଓ ଲକ୍ଷ୍ମୀସାଗର ଆଦି ୧୧ଟି ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ଷ୍ଟେଟ୍ ଲାଇବ୍ରେରିରେ ତାଲା ପକାଇ ପ୍ରତିବାଦ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଷ୍ଟେଟ୍ ଲାଇବ୍ରେରୀରେ ବିଭିନ୍ନ ସମସ୍ୟାକୁ ନେଇ ଶନିବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିବା ସହ ଗେଟ୍‌ରେ ତାଲା ପକାଇଥିଲେ। ପାଠାଗାରରେ ଦିନକୁ ପ୍ରାୟ ଏକ ହଜାର ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଥାନ୍ତି। ବର୍ତ୍ତମାନ ପାଠାଗାରରେ ବିଦ୍ୟୁତ୍, ପାଣି ସମସ୍ୟା ରହିଥିବାରୁ ପିଲାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାଠଗାରରେ ୨ଟି ଡିଜି ଚାଲିଛି। କିନ୍ତୁ ଏହାର ଉପକୃତ କେବଳ ଅଧିକାରୀମାନେ ପାଉଛନ୍ତି। ପିଲାମାନେ ଗରମରେ ଆଉଟପାଉଟ ହେବା ସହ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସେପଟେ କର୍ମଚାରୀମାନେ କିନ୍ତୁ ଏସି ଘରେ ରହୁଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ପାଠାଗାରର ମୁଖ୍ୟ ଓ ଭିତର ଗେଟ୍‌ରେ ତାଲା ପକାଇଥିଲେ। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ପିଲାମାନେ ଦାବି କରିଛନ୍ତି। ଏଥିସହ ପାଠାଗାରର କେୟାର ଟେକର କିଶୋର ସ୍ୱାଇଁ ପିଲାମାନଙ୍କ ପ୍ରତି ଖରାପ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ପିଲାମାନଙ୍କ କହିବା ଅନୁଯାୟୀ କେୟାର ଟେକର ଆମମାନଙ୍କ ସହ ଭଲ ବ୍ୟବହାରରେ କଥାବାର୍ତ୍ତା ହୁଅନ୍ତି ନାହିଁ। ତେଣୁ ତାଙ୍କୁ ତୁରନ୍ତ ବଦଳି କରିବାକୁ ପିଲାମାନେ ଦାବି କରିଛନ୍ତି। ସେପଟେ ଏହି ଘଟଣା ପରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପିଲାମାନଙ୍କ ସହିତ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ସହ କେୟାର ଟେକରଙ୍କ ବଦଳି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶକ ନାୟକ ପ୍ରତିଶ୍ରୁତିଦେଇଥିବା ପିଲାମାନେ କହିଛନ୍ତି।



ଲାଇବେରୀରେ ତାଲା ପକାଇ ଛାତ୍ରମାନେ ବସିଛନ୍ତି।

# ବନ୍ଦ ହେଲା ୪୯ ସହାୟତା କେନ୍ଦ୍ର

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ୬୭ଟି ସହାୟତା ପ୍ରଦାନ କେନ୍ଦ୍ରରୁ ୪୯ଟିକୁ ବନ୍ଦ କରି ଦିଆଯାଇଛି। ଇନ୍‌ଫୋସିଟି, ଜାଭିୟର, କୁଆଖାଇ, ଖଣ୍ଡଗିରି, ଏୟାରପୋର୍ଟ, ସ୍ମାର୍ଟ ଡ଼ିଷ୍ଟ୍ରିକ୍ଟ, କଟକ ରୋଡ଼ ଓ ଲିଙ୍ଗରାଜ ଅଞ୍ଚଳରେ ମୋଟ ୧୮ଟି ସହାୟତା କେନ୍ଦ୍ର ଖୋଲା ରହିଛି। ଏଯାବତ୍ ୮୨, ୬୪୫ ଜଣଙ୍କୁ ବାତ୍ୟା ଲାଗି ସହାୟତା ରାଶି ମିଳି ସାରିଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୧୮, ୩୫୪ ରାଶନ ହିତାଧିକାରୀଙ୍କୁ ୯, ୧୭୭ କୁଇଣ୍ଟାଲ ଚାଉଳ ଦିଆଯାଇଛି। ଆଜି ଯାଏ ମୋଟ ୮୨, ୬୪୫ ଜଣଙ୍କୁ ୨୦କୋଟି ୬୬ ଲକ୍ଷ ୧୨ ହଜାର ୫ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶନିବାର ସୁଦ୍ଧା ବିଏମ୍‌ସି ମୁଖ୍ୟାଳୟରେ ଥିବା ବହୁମୁଖୀ ନିୟନ୍ତ୍ରଣ କକ୍ଷରେ ୧୨୪୧ଟି ଅଭିଯୋଗ ଆସିଥିବା ବେଳେ ଶନିବାର ମୋଟ ୧୨୨ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗଛ କାଟିବା ନେଇ ୮୧ଟି ଅଭିଯୋଗ ଆସିଥିବା ବେଳେ ଅନ୍ୟ ସମସ୍ତ ପାଣି ସମସ୍ୟା ନେଇ ଆସିଛି। ଅନ୍ୟପକ୍ଷେ ଶନିବାର ସହର ସ୍ୱାସ୍ଥ୍ୟ ଅଧିକାରୀ ବିଭିନ୍ନ ସ୍ଥାନରେ ଫଗିଂ ଓ ମଶା ଧୂଆଁ ଗାଡ଼ି ବୁଲାଇଛନ୍ତି। ଉଲ୍ଲେଖ ଥାଉ କି, ମେ ୧ ତାରିଖଠାରୁ ବିଏମ୍‌ସି ମୁଖ୍ୟାଳୟରେ ବହୁମୁଖୀ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ଥିଲା। ମେ ୬ରୁ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ମୋଟ ୬୭ଟି ସହାୟତା କେନ୍ଦ୍ର ମଧ୍ୟରୁ ଶୁକ୍ରବାର ୩୦ଟି କେନ୍ଦ୍ରକୁ ବିଏମ୍‌ସି ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ଶନିବାର ସହରରେ ଚାଲିଥିବା ୩୭ଟି କେନ୍ଦ୍ରରୁ ୧୯ଟିକୁ ବନ୍ଦ କରି ଦିଆଯାଇଛି ବୋଲି ବିଏମ୍‌ସିର ପକ୍ଷରୁ କୁହାଯାଇଛି।

## ପୁରୀ କେନାଲରେ ଯୁବକ ବୁଡିଯିବା ଘଟଣା
# ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବାଲିଅନ୍ତା ଥାନା ହଂସପାଳ ପୁରୀ କେନାଲରେ ମଦ ଆଣିବାକୁ ସାଙ୍ଗଙ୍କ ସହ ଯାଇଥିବା ବେଳେ କେନାଲରେ ଶୁକ୍ରବାର ଅପରାହ୍ନ ୫ଟାରେ ବୁଡ଼ି ଯାଇଥିଲେ ସଞ୍ଜୟ ମହାନ୍ତି। ଅଗ୍ନିଶମ କର୍ମଚାରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସଞ୍ଜୟଙ୍କ ପତ୍ତା ମିଳି ନ ଥିଲା। ଶନିବାର ସକାଳ ୮ଟାରେ ମୃତଦେହ କେନାଲ କୂଳରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ସେମାନେ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏ ନେଇ ବାଲିଅନ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୧୬/୧୯ରେ ରୁଜୁ କରାଯାଇ ତଦନ୍ତ କରାଯାଉଛି। ବାଲିଅନ୍ତା ପୋଲିସ ମୃତ ସଞ୍ଜୟଙ୍କ ସହ ଯାଇଥିବା ୩ ଜଣ ସାଙ୍ଗଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେଉଁଭଳି ପରିସ୍ଥିତିରେ ସଞ୍ଜୟ ପାଣିରେ ବୁଡିଗଲେ। ବୁଡିଯିବା ପରେ ସେମାନେ ସ୍ଥାନୀୟ ଲୋକଙ୍କୁ ନ ଡାକି କାହିଁକି ଫେରାର ହୋଇଗଲେ ବୋଲି ପୋଲିସ ସେମାନଙ୍କୁ ପ୍ରଶ୍ନ କରିଥିଲେ। ହେଲେ ସେମାନେ ମଦ ଆଣିବାକୁ କେନାଲରେ ପହଁରି ଅପରପାର୍ଶ୍ୱରେ ଥିବା ଦୋକାନକୁ ଯାଇଥିବା କହିଥିଲେ। ସଞ୍ଜୟ ତାଙ୍କ ୩ ସାଙ୍ଗ ସହ ନାଳ ନିକଟକୁ କାର ଯୋଗେ ଆସିଥିଲେ। କାରକୁ ନାଳ ନିକଟରେ ରଖି ମଦ ଆଣିବାକୁ କେନାଲ ଅପରପାର୍ଶ୍ୱରେ ଥିବା ମଦ ଦୋକାନକୁ ପହଁରି ଯାଇଥିଲେ। ସେଠାରୁ ମଦ କିଣି ଫେରିବା ପରେ ସଞ୍ଜୟ ନ ଥିବା ଦେଖି କେନାଲ ଭିତରକୁ ଦେଖିଥିଲେ। ସଞ୍ଜୟ ପାଣିରେ ବୁଡି ଯାଉଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଡାକିବା ଭିତରେ ସେ ବୁଡ଼ି ଯାଇଥିଲେ।

# ୮ ଦିନ ପରେ ସ୍ୱାଭାବିକ ହେଲା ପାର୍କ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଯିବାର ୮ଦିନ ପରେ ଭୁବନେଶ୍ୱରର ୧୦ଟି ପାର୍କ ଏବେ ସ୍ୱାଭାବିକ ହୋଇଛି। ଲୋକମାନେ ମର୍ନିଂ ୱାକ ସହ ମୁକ୍ତାକାଶ ଜିମ୍‌ର ମଜା ନେଇଥିବା ବେଳେ ଛୋଟପିଲାଙ୍କ ଖେଳିବା ସ୍ଥାନ ଓ ପାର୍କରେ ଥିବା ଭଙ୍ଗା ଗଛଗୁଡିକୁ ସଫା କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)ର ମୁଖ୍ୟ ୧୦ଟି ପାର୍କ ଯଥା ବିଜୁ ପଟ୍ଟନାୟକ, ଇନ୍ଦିରା ଗାନ୍ଧୀ, ବୁଦ୍ଧ, ମାହାତ୍ମା ଗାନ୍ଧୀ, କେଳୁଚରଣ ମହାପାତ୍ର, ଖାରବେଳ, ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କେ ୮' କଳିଙ୍ଗନଗର ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କକୁ ବର୍ତ୍ତମାନ ସ୍ୱାଭାବିକ କରାଯାଇଛି।

ଦୁଇଦିନ ମଧ୍ୟରେ କେବଳ ବିଜୁ ପଟ୍ଟନାୟକ ପାର୍କରୁ ୨୦୦ ଟ୍ରିପ୍ ଭାଙ୍ଗି ପଡ଼ିଥିବା ଗଛକୁ ବାହାରକୁ କାଢି ସଫା କରାଯାଇଛି। ୮୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ପାର୍କକୁ ପରିଷ୍କାର କାମ ଜାରି ରଖିଥିଲେ। ପାର୍କରୁ ସମସ୍ତ ଆବର୍ଜନା ଉଠେଇବା ଲାଗି ଆହୁରି କିଛିଦିନ ସମୟ ଲାଗିବ ବୋଲି କୁହାଯାଇଛି। ଏହାବ୍ୟତୀତ ଅନ୍ୟ ପାର୍କଗୁଡ଼ିକରେ ମଧ୍ୟ ସେହି ଅବସ୍ଥା ଥିବାରୁ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବାକୁ ଆଉ୨ ରୁ ୩ଦିନ ଲାଗିବ ବୋଲି ବିଡ଼ିଏ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ପୋଖରୀପୁଟ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ନୃପ କିଶୋର ପଟ୍ଟନାୟକ କହିଥିଲେ ଯେ, ପାର୍କଗୁଡ଼ିକ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଥିବାରୁ ବହୁତ୍ ଖୁସି ଲାଗୁଛି। ଏବେ ବି ପାର୍କର ସଫେଇ ଜୋରସୋର ଚାଲିଛି। ପାର୍କର ସବୁଜିମା ଫନୀ ଦ୍ୱାରା ଧ୍ୱସ୍ତ ହୋଇଯାଇଛି। ବିଭାଗୀୟ ଅଧିକାରୀମାନେ ପାର୍କରେ ଏବେ ଅଧିକରୁ ଅଧିକ ଗଛ ଲଗାଇବା କାର୍ଯ୍ୟ କରିବା ଆବଶ୍ୟକ।

ଉଲ୍ଲେଖ ଥାଉ କି, ଭୁବନେଶ୍ୱରରେ ମୋଟ ୧୨୦ରୁ ଉର୍ଦ୍ଧ୍ୱ ପାର୍କ ରହିଥିବା ବେଳେ ବିଡ଼ିଏ ରକ୍ଷଣାବେକ୍ଷଣରେ ୫୭ଟି ପରିଚାଳିତ ହେଉଛି। ଅନ୍ୟ ଛୋଟ କମ୍ୟୁନିଟି ପାର୍କଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ପରିଚାଳିତ ହେଉଛି। ବିଭିନ୍ନ ପାର୍କରେ ଭାଙ୍ଗି ପଡ଼ିଥିବା ଗଛ ଓ ଅନ୍ୟ କାର୍ଯ୍ୟକୁ ସୁଧାରିବା ସହ ପାର୍କକୁ ପୁଣି ଥରେ ଲୋକମାନଙ୍କ ଲାଗି ସଜାଡିବାରେ ବିଡ଼ିଏ ପକ୍ଷରୁ ଚେଷ୍ଟା କରାଯାଇଥିଲା। ଏ ନେଇ ୧୦ଟି ଜେସିବି ସହ ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ୧୦୦ରୁ ଉର୍ଦ୍ଧ୍ୱ ଯାନବାହନକୁ ନିୟୋଜିତ କରାଯାଇଥିଲା ବୋଲି ବିଡ଼ିଏ ପକ୍ଷରୁ କୁହାଯାଇଛି।



ପାର୍କର ପୁନରୁଦ୍ଧାର ପରେ ଜଣେ ବ୍ୟକ୍ତି ବ୍ୟାୟାମ କରୁଛନ୍ତି।

## ଯାହାର ଭଲପାଇବାରେ ନ ଥାଏ ପ୍ରତିଦାନର ଆଶା, ଯେ ସହିଚାଲେ ସନ୍ତାନର ସବୁ ଅଳି ଅଝଟ, ସେ ହେଉଛି ମା'। ସବୁଠୁ ନିରାପଦ ତା'ର ପଣତ...

# ମା'

ସବୁ ବିପଦରୁ ତା' ସନ୍ତାନକୁ ଯିଏ ଘଣ୍ଟ ଘୋଡାଇ ରଖେ ସେ ମା'। ସେ ସର୍ବଂସହା, ସେ ପୁଣି ଭଗବାନଙ୍କ ଚଳନ୍ତି ପ୍ରତିମା। ମା' ଥିଲେ ପାଖରେ କୌଣସି ସମସ୍ୟା ବଡ ଲାଗେନା। ତା' ପଣତ ଆଢୁଆଳରେ କେବେ ବି ଅସୁରକ୍ଷିତ ମନେହୁଏନା। ତା' ଧୈର୍ଯ୍ୟ, ତା' ବଳିଦାନ, ତା' ଆଦର, ତା' ସ୍ନେହର ନା ଅଛି କୌଣସି ମାପଦଣ୍ଡ ନା ଅଛି କୌଣସି ତୁଳନା। ତେଣୁ ବୋଧେ ଭଗବାନଙ୍କ ସୃଷ୍ଟିର ସେ ସବୁଠାରୁ ଶକ୍ତିଶାଳୀ ସର୍ଜନା। ତେବେ ଏହି ମାତୃ ଦିବସ ଅବସରରେ ଜୀବନରେ ନିଜ ମା'ଙ୍କ ଭୂମିକାକୁ ନେଇ କିଛି ଯୁବପିଢି ଯାହା ମତ ରଖନ୍ତି ସେ ସମ୍ପର୍କରେ...

**❖ମୋ ଜୀବନରେ ମା'ଙ୍କ ଭୂମିକାକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ–**ମା' ଶବ୍ଦର ଅର୍ଥ ବ୍ୟାପକ। ଏହି ଶବ୍ଦର ଅର୍ଥ ଯିଏ ବୁଝିଛି ସେ ଦୁନିଆର ସବୁ ସମସ୍ୟାକୁ ସାମ୍ନା କରିବାର ତାକତ ରଖିଛି। ମୋ ଜୀବନର ସବୁଠାରୁ ବଡ ଶକ୍ତି ହେଉଛନ୍ତି ମୋ ମା'। ମନେଅଛି ଯେବେ ମୁଁ ଗୀତ ଶିଖିବା ପାଇଁ କୋଲକାତା ଯିବାକୁ ଚାହୁଁଥିଲି ସେହି ସମୟରେ ମୋ ମା' ହିଁ ମୋତେ ସାହସ ଓ ପ୍ରେରଣା ଦେଇଥିଲେ। ସେ ସବୁବେଳେ କୁହନ୍ତି, ''ମାନେ ନାହିଁ ଯେ ଜୀବନରେ ଆମେ ସବୁବେଳେ ଜିତିବା, କେବେ କେବେ ହାରିବାକୁ ମଧ୍ୟ ପଡିଥାଏ। ଆଉ ସେହି ସମୟରେ ଆମେ ନିଜ ଉପରେ ବିଶ୍ୱାସକୁ କଦାପି ହରାଇବା ନାହିଁ, ଯଦ୍ଦ୍ୱାରା ଆମେ ସବୁ ସମସ୍ୟାକୁ ଅଚିରେ ସମାଧାନ କରିପାରିବା।'' ତାଙ୍କର ଏହି ଗୁରୁମନ୍ତ୍ରକୁ ଆଦରି ଆଜି ପର୍ଯ୍ୟନ୍ତ ବାଟଚାଲୁଛି। ବୃତ୍ତିଗତ କାରଣରୁ ମୋତେ ତାଙ୍କଠାରୁ ଦୂରରେ ରହିବାକୁ ପଡେ କିନ୍ତୁ ଯେବେ ବି ମନରେ କୌଣସି ନିଷ୍ପତ୍ତିକୁ ନେଇ ଦ୍ୱନ୍ଦ୍ୱ ଉପୁଜେ ତାଙ୍କ ପରାମର୍ଶ ନେବାକୁ ମୁଁ ଜମା ଭୁଲେନି। କୌଣସି କଥାକୁ ନେଇ ଯଦି କେବେ ଟେନ୍‌ସନ୍‌ରେ ଥାଏ, ତାଙ୍କ ସହ ଦି ପଦ କଥା ହୋଇଗଲେ ମନ ହାଲକା ହୋଇଯାଏ। ତେଣୁ ମୋ ଜୀବନରେ ମା'ଙ୍କ ଭୂମିକାକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ତେବେ ମାତୃ ଦିବସ ବିଷୟରେ ଏତିକି କହିବି, ବର୍ଷର କେବଳ ଗୋଟିଏ ଦିନ ନୁହେଁ ପ୍ରତ୍ୟେକ ଦିନକୁ ମାତୃଦିବସ ଭାବେ ପାଳନ କରିବା ଆବଶ୍ୟକ। ମା'ଙ୍କ ପ୍ରତି ସମ୍ମାନ, ଭଲପାଇବା ଏବଂ ତାଙ୍କ ସେବା ଦ୍ୱାରା ହିଁ ଆମେ ମାତୃ ଦିବସ ପାଳିବାର ଯଥାର୍ଥତାକୁ ପ୍ରତିପାଦନ କରିପାରିବା। ଏହି ମାତୃ ଦିବସରେ ସବୁ ପିଲାମାନଙ୍କୁ କହିବାକୁ ଚାହିଁବି କେବେ ବି ନିଜ ମା'ଙ୍କ ମନରେ କଷ୍ଟ ଦିଅନ୍ତୁ ନାହିଁ। କାରଣ ଆମ ଜୀବନ ଗଢିବାରେ ସେମାନେ ଦେଇଥିବା ବଳିଦାନ କେବେ ବି ଶୁଝିପାରିବା ନାହିଁ।

*– **ଆରୋହୀ ଅଜିତା,** ଓଲିଉଡ୍ ମ୍ୟୁଜିକ୍ ଡାଇରେକ୍ଟର, ତିହିଡି, ଭଦ୍ରକ*

**❖ମା'ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ହିଁ ବିଶ୍ୱ ମାତୃତ୍ୱ ଦିବସ ପାଳିବାର ଯଥାର୍ଥତା ପ୍ରତିପାଦନ ହୋଇପାରିବ–** ପୁଅ ହେଉ କି ଝିଅ ମା' ପାଖରେ ସେ ସବୁର ପାତର ଅନ୍ତର ନ ଥାଏ। ନିଜ ସନ୍ତାନକୁ ଉତ୍ତମ ଶିକ୍ଷା ଦୀକ୍ଷା ଦେଇ ଭଲ ମଣିଷଟିଏ କରିବାରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥାଏ। ହେତୁ ପାଇଲା ଦିନୁ ଆଜି ଯାଏଁ କେବେ ବି ମା'ଙ୍କୁ ମୋ ପ୍ରତି ଅବହେଳା କରିବାର ଦେଖିନି। ଶୁଟିଂ ସେଟ୍‌ରେ ବିଜି ଥିଲା ବେଳେ ମା'ଙ୍କ କଲ୍ ନିହାତି ଭାବରେ ଆସେ। ଦୂରରେ ଥାଇ ମଧ୍ୟ ଖାଇଛି କି ନାହିଁ ନିଶ୍ଚୟ ପଚାରି ବୁଝନ୍ତି। ମା'ଙ୍କ କଥା ବେଶି ମନେପଡେ ଯେବେ ଦେହ ଖରାପ ହୁଏ। କାରଣ ଏହି ସମୟରେ ନିଜ ସନ୍ତାନର ଯତ୍ନ ମା'ଙ୍କଠାରୁ ବଳି ଦୁନିଆରେ ଅନ୍ୟ କେହି ନେଇପାରନ୍ତି ନାହିଁ। ଆଜି ମୁଁ ଯାହା କିଛି ବି ସଫଳତା ଲାଭ କରିଛି ତାହାର ଶ୍ରେୟ ମୋ ମା'ଙ୍କୁ ଦେବାକୁ ଚାହିଁବି। ତାଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆଶୀର୍ବାଦ ବିନା ଏସବୁ କେବେ ବି ସମ୍ଭବ ନ ଥିଲା। ମୋ ଜୀବନରେ ମା'ଙ୍କ ଭୂମିକା ବର୍ଣ୍ଣନା କରିବା ଅସମ୍ଭବ। ଆଜି ବିଶ୍ୱ ମାତୃତ୍ୱ ଦିବସ, ପରିବାରରେ ମା' ଓ ମାତୃତ୍ୱକୁ ସମ୍ମାନ ଜଣାଇବା ଲାଗି ଏହି ଦିବସର ଆୟୋଜନ। ପ୍ରତ୍ୟେକ ବର୍ଷ ଏହି ଦିନ ମୁଁ ମା'ଙ୍କୁ ଗୋଟିଏ ଗୋଲାପ ଫୁଲ ଦେବା ସହ ଅଭିନନ୍ଦନ ଜଣାଏ। ମା'ଙ୍କ ପାଦ ଛୁଇଁ ଆଶୀର୍ବାଦ ନିଏ। ମୋ ଜୀବନକୁ ସରସ ସୁନ୍ଦର କରି ଏକ ଉଚିତ ମଣିଷ ଭାବେ ଗଢିଥିବାରୁ କୃତଜ୍ଞତା ଜଣାଏ। ତେବେ ଆଜି ଯେହେତୁ ମାତୃତ୍ୱ ଦିବସ ତେଣୁ ମା'ଙ୍କୁ ସମସ୍ତ ଘରକାମରୁ ଫୁର୍‌ସତ ଦେଇ ତାଙ୍କ ପାଇଁ ଏକ ସ୍ପେଶାଲ ଡିସ୍ ପ୍ରସ୍ତୁତ କରିବି ବୋଲି ଯୋଜନା କରିଛି। ଏହା ବ୍ୟତୀତ ମା'ଙ୍କ ପାଇଁ ଏକ ସରପ୍ରାଇଜ୍ ଗିଫ୍ଟ ମଧ୍ୟ କିଣି ରଖିଛି। ଶେଷରେ ଏତିକି କହିବି, ବିଶ୍ୱର ସମସ୍ତ ମା'ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିପାରିଲେ ହିଁ ବିଶ୍ୱ ମାତୃତ୍ୱ ଦିବସ ପାଳିବାର ଯଥାର୍ଥତା ପ୍ରତିପାଦନ ହୋଇପାରିବ।

***–ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ**(ଅଭିନେତା), ପୋଲସରା, ଗଞ୍ଜାମ*

**❖ମା'ର ଉତ୍ସାହ ମୋତେ ପରିଚୟ ଦେଇଛି–**ମା'ଠାରୁ ମୁଁ ସବୁବେଳେ ଲେଖାଲେଖି କରିବାକୁ ପ୍ରେରଣା ପାଏ। ମା'ର ଉତ୍ସାହ ହିଁ ମୋତେ ଆଜି ଜଣେ ଲେଖକର ପରିଚୟ ଦେଇଛି। ମୁଁ ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥାଏ। ଘରର କାଗଜପତ୍ର ଖେଳାଉଥିବାବେଳେ ମା'ର ହାତଲେଖା କିଛି ଗପକବିତା ପାଇଲି। ତାହା କୌଣସି ପତ୍ରିକାରେ ପ୍ରକାଶ ପାଇ ନ ଥିଲା। ସେଗୁଡିକୁ ଧ୍ୟାନର ସହ ପଢିଲି। ଆଗରୁ ମୁଁ ଜାଣି ନ ଥିଲି ମା' ଲେଖାଲେଖି କରେ ବୋଲି। ସେଦିନ ହିଁ ଜାଣିଲି। ତାଙ୍କ ହାତଲେଖା ଦେଖି ମୁଁ କପି କରି ଲେଖିବା ଆରମ୍ଭ କଲି। ଏକ ଖବରକାଗଜରେ ପ୍ରକାଶ ପାଇଲା ମୁଁ ଲେଖିଥିବା କବିତାଟିଏ। ସେତେବେଳେ ମୋର ଷଷ୍ଠ ଶ୍ରେଣୀ। ମା' ବି ଜାଣିଲେ ମୁଁ ଲେଖିଛି କବିତାଟି। ସେଦିନ ଥିଲା ମୋ ପାଇଁ ସ୍ମରଣୀୟ ଦିନ। ସେବେଠାରୁ ଲେଖାଲେଖି ପ୍ରତି ମୋର ଆଗ୍ରହ ବେଶି ବଢିଲା। ଆଜିକାଲି ଚାକିରିଆ ଝିଅ, ପୁଅବୋହୂମାନେ ମା'ଙ୍କୁ ଗାଁରେ ଛାଡି ସହରରେ ରହୁଛନ୍ତି। ଏହି ବିଶ୍ୱ ମାତୃ ଦିବସ ଅବସରରେ ସେମାନଙ୍କୁ କହିବି ଯେଉଁଠି ବି ରୁହନ୍ତୁ ମା'ଙ୍କୁ ସାଥିରେ ରଖନ୍ତୁ।

*– **ଶିବରାମ ମହାପାତ୍ର,** ସାହିତ୍ୟିକ, ମହିତମା, ନୟାଗଡ*

**❖ମା' ବିନା ଜୀବନ ଅଧୁରା–** ମା'ତ ସବୁବେଳେ ବନ୍ଦନୀୟା। ମୁଁ କେବଳ ଏହି ଦିନରେ ମା'କୁ ଶ୍ରଦ୍ଧା କରେ ତାହା ନୁହେଁ ସବୁଦିନ ସେ ମୋ ପାଖେ ପାଖେ ଛାଇ ପରି ଥାଏ। ଯଦି ମୁଁ କିଛି ଭୁଲ୍ କରେ ସେ ମୋତେ ବାଟ ଦେଖାଏ। କ'ଣ କଲେ ମୋ ପାଇଁ ଭଲ ହେବ ସେ ସବୁବେଳେ ମୋତେ କୁହେ। ମୁଁ ପାଠ ପଢ଼ା ଲାଗି ବାହାରେ ରୁହେ। ଯେତେବେଳେ ମୋର କିଛି ଛୁଟି ରୁହେ ଘରକୁ ଆସେ। ତାକୁ ନ ଦେଖିଲେ ମୋତେ ଯେମିତି ଲାଗେ ମୋ ଜୀବନ ଅଧୁରା। ତା'ର ପଣତକାନି,ସ୍ନେହବୋଳା କଥା ମୋ ଜୀବନରେ ସେମିତି ଛାଇ ହୋଇଥାଉ। ପିଲାବେଳୁ ମା'ର ପ୍ରତ୍ୟେକ କାର୍ଯ୍ୟକଳାପରୁ କିଛି ନା କିଛି ଭଲ କଥା ଶିଖିଛି। ତା'ର ଉପଦେଶ ମାନି ଆଗକୁ ବଢ଼ିଛି। ମା'ମୋର ଆଦର୍ଶ। ତା'ର ପ୍ରତ୍ୟେକଟି କଥା ମୋ ଜୀବନରେ ବହୁତ ପ୍ରଭାବ ପକାଇଛି।

*–**ସ୍ୱୟଂପ୍ରଜ୍ଞା ବାରିକ୍** ଯୁକ୍ତ ଦୁଇ, ୨ୟବର୍ଷ ବିଜ୍ଞାନ, ଭୁବନେଶ୍ୱର*

**❖ମା' ଆମ ପାଇଁ ସବୁକିଛି –** ଆଜି ପର୍ଯ୍ୟନ୍ତ ଯେକୌଣସି କାମ କରିବାକୁ ଚାହିଁଛି ସବୁବେଳେ ମା'ଙ୍କର ସପୋର୍ଟ ରହିଛି। ଆମେ ଦୁଇଭଉଣୀ ମା'ଙ୍କର ବହୁତ କ୍ଲୋଜ୍। ସବୁକଥା ଆମେ ମା'ଙ୍କ ସହ ଶେୟାର କରୁ। ଆଜି ମଧ ମୋ ସାନ ଭଉଣୀ ପାରାଦୀପରୁ କିଛି ସରପ୍ରାଇଜ୍ ଗିଫ୍ଟ ଆଣି ଆସିବ। ତା'ପରେ ଏସ୍‌ପ୍ଲାନେଡ୍ ବୁଲିବୁ। ସେଠାରେ ସମସ୍ତେ ମସ୍ତି କରି ଖାଇପିଇ ଘରକୁ ଫେରିବୁ। ରାତିରେ ଘରେ ଦୁଇଭଉଣୀ ମିଶି ସ୍ପେଶାଲ ରୋଷେଇ କରିବୁ। ସବୁବର୍ଷ ଆମେ ମା'ଙ୍କ ପାଇଁ କିଛି ନା କିଛି ସରପ୍ରାଇଜ୍ ପ୍ଲାନିଂ କରିଥାଉ। ପିଲାଟି ବେଳୁ ଆମେ ବାପାଙ୍କୁ ହରାଇଛୁ। ମା'ଆମ ପାଇଁ ସବୁକିଛି। ଦିନଟା ଫୁଲ୍ ସ୍ପେଶାଲ କରିବାର ଯୋଜନା ଅଛି।

*–**ସିପ୍ରା ସ୍ୱାଇଁ,** କର୍ମଜୀବୀ, ଭୁବନେଶ୍ୱର*

ପ୍ରସ୍ତୁତି: ଲିପ୍ସା, ଦେବସ୍ମିତା, ମହାଶ୍ୱେତା


ମା'ଙ୍କ ସହ ଶିବରାମ


ମା'ଙ୍କ ସହ ସିପ୍ରା


ମା'ଙ୍କ ସହ ସ୍ୱୟଂପ୍ରଜ୍ଞା



ମା'ଙ୍କ ସହ ଅର୍ଦ୍ଧେନ୍ଦୁ


ମା'ଙ୍କ ସହ ଆରୋହୀ

## ବୃଦ୍ଧାଶ୍ରମରେ ରହି ବି ପୁଅର ମଙ୍ଗଳ କାମନା


ରାଧାରାଣୀ ଓ ସରୋଜିନୀ

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଲକ୍ଷ୍ମୀପୋଷି ପଞ୍ଚାୟତ ଅଧୀନ କ୍ଷେତ୍ରପାଟଣା ଅଞ୍ଚଳର ରାଧାରାଣୀ ପଣ୍ଡା(୬୦)। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ। ସ୍ୱାମୀ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ କିଛି ଦିନ ହେବ ବାରିପଦା ସହର ଉପକଣ୍ଠ ପାଳବଣି ଗୋଲେଇ ନିକଟରେ ମହିଳାଙ୍କ ପାଇଁ ଥିବା ବରିଷ୍ଠ ନାଗରିକ ଗୃହରେ ରହୁଛନ୍ତି ରାଧାରାଣୀ। ତେବେ ସେ ଜଣେ ବ୍ରାହ୍ମଣ ପରିବାରର ହୋଇଥିଲାବେଳେ ୨୦୦୬ ରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ସପ୍ତମ ଶ୍ରେଣୀ ପାସ କରିଥିବା ରାଧାରାଣୀ କୁହନ୍ତି ତାଙ୍କୁ ଏହି ଧର୍ମର ବିଚାରଧାରା ଭଲ ଲାଗିବାରୁ ଧର୍ମ ପରିବର୍ତ୍ତନ କରିଥିଲେ। ସେବେଠୁ ତାଙ୍କ ପରିବାରରେ ଅଶାନ୍ତି ବଢିଲା। ଏହା ଅଧିକ ହେବାରୁ ସେ ଘର ଛାଡି ଚାଲି ଆସିଥିଲେ। ଆଉ ରାସ୍ତା କଡରେ ଘୂରିବୁଲୁଥିବା ବେଳେ ବାରିପଦା ସଦର ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ବରିଷ୍ଠ ନାଗରିକ ଗୃହକୁ ହସ୍ତାନ୍ତର କରିଥିଲା। ତେବେ ସେ ପୁଅ କି ସ୍ୱାମୀଙ୍କ ବିରୋଧରେ ପଦୁଟିଏ କହି ନ ଥିଲେ ବରଂ ସେମାନେ ଖୁସିରେ ରୁହନ୍ତୁ ବୋଲି କାମନା କରିଥିଲେ।

ସେହିପରି ଆଉ ଜଣେ ହେଲେ ବାରିପଦା ଉପକଣ୍ଠସ୍ଥ ସରଡିହା ଅଞ୍ଚଳର ସରୋଜିନୀ ଦତ୍ତ। ତାଙ୍କ ସ୍ୱାମୀ ଜଣେ ରେଳ ବିଭାଗର କର୍ମଚାରୀ। ୧୨ ବର୍ଷ ତପସ୍ୟା ପରେ ପୁଅ ଏବଂ ପରେ ଏକ ଝିଅ ମଧ୍ୟ ଜନ୍ମ ହୋଇଥିଲା। ମାତ୍ର ପୁଅ ବଡ ହୋଇ କୁସଙ୍ଗରେ ପଡି ଅବାଟରେ ଚାଲିଲା। ପ୍ରତିଦିନ ମଦ ପିଇ ବାପା ଓ ମାଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ। ତାଙ୍କୁ ଠିକଣା ବାଟକୁ ଆଣିବା ପାଇଁ ପୁଅ ନାମରେ ଏକ ବ୍ୟବସାୟ ଆରମ୍ଭ କରିଦେଲେ। ହେଲେ ବ୍ୟବସାୟକୁ ବି ପୁଅ ଠିକ ଭାବେ ଚଲାଇ ପାରିଲା ନାହିଁ। ପରେ ତାଙ୍କ ସ୍ୱାମୀ ପକ୍ଷାଘାତର ଶିକାର ହେଲେ। ତଥାପି ପୁଅ ଠିକ ବାଟକୁ ଆସିଲା ନାହିଁ। ଅପରପକ୍ଷରେ ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଲା। ଫଳରେ ସ୍ତ୍ରୀସ୍ୱାମୀ ଦୁଇ ଜଣ ଲକ୍ଷ୍ମୀପୋଷୀ ସ୍ଥିତ ଏକ ବୃଦ୍ଧାଶ୍ରମରେ ଯାଇ ରହିଲେ। କିଛି ଦିନ ପରେ ଘରକୁ ଫେରିଥିଲେ। ପରେ ସ୍ୱାମୀଙ୍କ ମୃତ୍ୟୁ ହୋଇଗଲା। ସ୍ୱାମୀଙ୍କ ଚିକିତ୍ସା ପାଇଁ ସରୋଜିନୀ ଧାର କରଜରେ ବୁଡି ଯାଇଥିଲେ। ଗୋଟିଏ ପଟେ କରଜ ଶୁଝିବା ଚିନ୍ତା ଏବଂ ଅନ୍ୟ ପଟେ ପୁଅର ଅତ୍ୟାଚାର। ଏସବୁ ସହ୍ୟ କରି ନ ପାରି ଝିଅ ପାଖକୁ ଚାଲି ଯାଇଥିଲେ। ହେଲେ ପୁଅ ତାଙ୍କୁ ପିଛା କରି ଝିଅ ଘରେ ପହଞ୍ଚି ହଇରାଣ ହରକତ କଲା। ଫଳରେ ସେ ବାରିପଦା ପାଳବଣୀ ସ୍ଥିତ ସ୍ୱଧାର ଗୃହକୁ ଚାଲି ଆସିଥିଲେ। ଏଠାକୁ ବିଭିନ୍ନ ସମୟରେ ଝିଅ ଓ ନାତି ମାନେ ଆସି ତାଙ୍କ ଅବସ୍ଥା ବୁଝି ଯାଆନ୍ତି। ଏଥିସହ ସେ ପାଉଥିବା ପେନସନ ଟଙ୍କାରେ କରଜ ଶୁଝୁଛନ୍ତି। ତେବେ ତାଙ୍କ ପୁଅ କିଭଳି ଭଲ ବାଟକୁ ଫେରି ଆସିବ ତାହାହିଁ ତାଙ୍କର ସବୁଠୁ ବଡ ଚିନ୍ତା ବୋଲି ମଧ ସରୋଜିନୀ କୋହଭରା କଣ୍ଠରେ କୁହନ୍ତି। ପୁଅ ନିଜ ମା'ଙ୍କୁ ଅବହେଳା କଲେ କି ନିର୍ଯାତନା ଦେଉଥିଲେ ବି ମା' କିନ୍ତୁ ପର କରିପାରିନି ନିଜ ସନ୍ତାନକୁ। ଆଉ ସେମାନଙ୍କ ଅମଙ୍ଗଳ ଚିନ୍ତା ନ କରି ଶୁଭ ମନାସୁଛନ୍ତି।

*– **ରବି ନାରାୟଣ ଚଲାନ,** ବାରିପଦା*

## ୨୦ ପିଲାଙ୍କ ମା'


କନ୍ୟାଶ୍ରମ ପିଲାଙ୍କ ସହ ଲିପିକା(ପଛ) ଓ ସସ୍ମିତା(ଡାହାଣ)।

ଭଦ୍ରକ ସହରଠାରୁ ୧୦ କିମି ଦୂରରେ ପଡେ ପଗଡ଼ ଗାଁ। ସେଠାରେ ରହିଛି ଜିଲାର ଏକମାତ୍ର ମାନବସେବା କନ୍ୟାଶ୍ରମ। ଏବେ ସେଠାରେ ରହୁଛନ୍ତି ୨୦ ଜଣ ଅନ୍ତେବାସୀ। ଏମାନଙ୍କ ମଧ୍ୟରୁ ପ୍ରାୟତଃ ମା'–ବାପ ଛେଉଣ୍ଡ ଅବା ମାତୃ କି ପିତୃ ହୀନ ମଧ୍ୟରୁ ଜଣେ। ଏହି ଅନ୍ତେବାସୀମାନଙ୍କ ଦେଖାଶୁଣା କରିବା ପାଇଁ ୩ ଜଣ ମହିଳା କର୍ମଚାରୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଲିପିକା ପଣ୍ଡା ଓ ସସ୍ମିତା ସେଠି ସତେ ଯେପରି ଏମାନଙ୍କ ପାଇଁ ମା। ଯଦିଓ ଏମାନେ ଅବିବାହିତା କିନ୍ତୁ ସବୁ ପିଲାଙ୍କ ପାଇଁ ଏ ଦୁହେଁ ହେଲେ ପାଳିତ ମା'। ଦୁହେଁ ଉଚ୍ଚ ଶିକ୍ଷିତା। ସେବା ମନୋବୃତ୍ତି ରହିଥିବାରୁ ଏହି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ସକାଳୁ ରାତି ଯାଏ ଏ ଦୁହେଁ ବାଣ୍ଟନ୍ତି ମା' ର ସ୍ନେହ, ଆଉ ନିଅନ୍ତି ଯତ୍ନ। ଏହି ଅନୁଷ୍ଠାନଟି ଯଦିଓ ମାନବ ସେବା ପ୍ରତିଷ୍ଠାନ ଭଦ୍ରକ ଶାଖା କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ। ପିଲାଙ୍କୁ ସ୍ନେହ, ଆଦର ସହ ମା'ର ସମସ୍ତ ଯତ୍ନ ନିଅନ୍ତି ଏ ଦୁହେଁ। ଲିପିକା ଯଦିଓ ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଓ ସସ୍ମିତା ହାଉସ୍ ମଦର କିନ୍ତୁ ଦୁହେଁ ଅନ୍ତେବାସୀଙ୍କୁ ନିଜର ଝିଅ ଭଳି ସେବା ଶୁଶ୍ରୂଷା କରନ୍ତି। ଆଶ୍ରମଟି ସରକାରୀ ସ୍ୱୀକୃତିପ୍ରାପ୍ତ। କିନ୍ତୁ ଟଙ୍କାଟିଏ ମଧ ସରକାରୀ ଅନୁଦାନ ମିଳେନାହିଁ। ଫଳରେ ଆର୍ଥିକ ସମସ୍ୟା ଏହି ସେବାଶ୍ରମ ପାଇଁ ମୁଣ୍ଡବ୍ୟଥାର କାରଣ। ସେବାଶ୍ରମ ପ୍ରତିଷ୍ଠାନର କର୍ମକର୍ତ୍ତା, ବଦାନ୍ୟ ବ୍ୟକ୍ତି ତଥା ଭଦ୍ରକର ସହୃଦୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ଏହି ଅନୁଷ୍ଠାନ ବଞ୍ଚି ରହିଛି ୨୦୧୪ ରୁ। ଦୁହେଁ ସକାଳୁ ଉଠିଲେ ପିଲାଙ୍କ ମୁହଁ ଧୋଇବାଠାରୁ ଶୌଚ, ଖାଇବା, ସେମାନଙ୍କୁ ସ୍କୁଲ ଯିବାକୁ ପ୍ରସ୍ତୁତ କରାଇବା, ମୁଣ୍ଡ କୁଣ୍ଡାଇଦେବା, ପୋଷାକ ପିନ୍ଧାଇବା, ପିଲାମାନଙ୍କୁ ଖେଳାଇବାଠାରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ଯାହା ଯତ୍ନ ଦରକାର ସବୁ କିଛି କରନ୍ତି। ଶିଶୁ ଯତ୍ନ ଅନୁଷ୍ଠାନର ହାଉସ୍ ମଦର ଓ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନୁହେଁ ବରଂ ଏହା ଦୁହିଁଙ୍କ ଦୈନନ୍ଦିନ କାମ ହୋଇଯାଇଛି ବୋଲି କୁହନ୍ତି। ଏବେ ପିଲାଙ୍କ ଗହଣରେ ଦୁହେଁ ନିଜ ଘର କଥା ଭୁଲିଯାଆନ୍ତି। ସବୁ ସୁଖଦୁଃଖ ହେଉଛନ୍ତି ଏହି ପିଲାଏ। ପିଲାଙ୍କ ଲାଳନପାଳନ, ଯତ୍ନ, ସେବାରୁ ଯେଉଁ ଆନନ୍ଦ ମିଳେ ତାହା ଅନ୍ୟ ସବୁ ଆନନ୍ଦକୁ ପଛକୁ ପକାଇ ଦେଇଛି ବୋଲି କହନ୍ତି। ଏ ନେଇ ମାନବସେବା ପ୍ରତିଷ୍ଠାନ ଭଦ୍ରକ ଶାଖାର ସଭାପତି ଅକ୍ଷୟ ମିଶ୍ର କୁହନ୍ତି, ଅନ୍ତେବାସୀଙ୍କ ପାଇଁ ଏ ଦୁହେଁ ପାଳିତ ମା' ନୁହଁନ୍ତି ବରଂ ମା'। ମା' ଯେଭଳି କାର୍ଯ୍ୟ କରେ ଏ ଦୁହେଁ ଏଠାରେ ପିଲାଙ୍କ ଭଲମନ୍ଦ ସେଭଳି ବୁଝନ୍ତି। ସରକାରୀ ସ୍ତରରେ ଅନୁଦାନ ମିଳୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ କରୁଛି ଏହି ଶିଶୁ ଯତ୍ନ ଅନୁଷ୍ଠାନ। ଜିଲାର ଏହା ଏକମାତ୍ର କନ୍ୟାଶ୍ରମ ହୋଇଥିବାରୁ ସରକାରୀ ସ୍ତରରେ ଅନୁଦାନ ପ୍ରଦାନ ପାଇଁ ସେ ଅନୁରୋଧ କରିଛନ୍ତି। ଏଠାରେ ସମାଜରେ ଅବହେଳିତ ଅଥବା କୌଣସି କାରଣରୁ ନିର୍ଯ୍ୟାତିତ, ଅନାଥ, ଅସହାୟ ହୋଇଥିବା କନ୍ୟାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ର ଅନୁମୋଦନ କ୍ରମେ ଅନୁଷ୍ଠାନରେ ରହିବାର ସୁଯୋଗ ଦିଆଯାଏ।

*– **ବିଭୁପ୍ରସାଦ ବେହେରା,** ଭଦ୍ରକ*



ଭୁବନେଶ୍ୱର ସତ୍ୟନଗର ରିଲିଫ୍ କ୍ୟାମ୍ପରେ ବାତ୍ୟାବିପନ୍ନ ଜଣେ ମହିଳା ତାଙ୍କ ପିଲାକୁ ଖାଦ୍ୟ ଖୁଆଉଛନ୍ତି।

"ଚାକିରି କ୍ଷେତ୍ରରେ ବିବାହିତାଙ୍କ ଅଂଶଗ୍ରହଣ ବୃଦ୍ଧି ଲାଗି ଉତ୍ତମ ପରିବେଶ, ଶିଶୁଙ୍କ ପାଇଁ ଯତ୍ନର ବ୍ୟବସ୍ଥା ଆଦି ଉପରେ ଅଧିକ ଧ୍ୟାନ ଦେବାକୁ ହେବା

–ବି.କେ.ଗୋଏଙ୍କା, ଆସୋଚାମ୍ ପ୍ରେସିଡେଣ୍ଟ



"ଏସ୍ଆର୍ଏଫ୍ ଏହାର କୋର୍ ବ୍ୟବସାୟ କେମିକାଲ ଉପରେ ଅଧିକ ଧ୍ୟାନ ଦେବ। ଏହି କାରଣରୁ କମ୍ପାନୀ ଏହାର ଇଞ୍ଜିନିୟରିଂ ପ୍ଲାଷ୍ଟିକ ବ୍ୟବସାୟକୁ ବିକ୍ରି କରିଛି।

–ଆଶିଷ ଭରତ ରାମ, ଏମ୍ଡି, ଏସ୍ଆର୍ଏଫ୍



## ସଂକ୍ଷେପରେ

### ୫ ଦିନରେ ରିଲାଏନ୍ସର ୧ ଲକ୍ଷ କୋଟି କ୍ଷତି

ମୁମ୍ବାଇ,୧୧-୫: ଗତ ୫ ଦିନ ହେବ ଦେଶର ଷ୍ଟକ୍ ବଜାରରେ ଉଠାପକା ଚାଲିବା କାରଣରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍ଆଇଏଲ୍)ର ଶେୟାର ଉପରେ ବଡ଼ ପ୍ରଭାବ ପଡିଛି। ବଜାରରେ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ତଥା ସାମଗ୍ରୀଗୁଡ଼ିକର ଦରବୃଦ୍ଧି କାରଣରୁ ଆର୍ଆଇଏଲ୍କୁ ଜୋର୍ ଝଟ୍କା ଲାଗିଥିଲା। ଏହି କାରଣରୁ ଦେଶର ସର୍ବବୃହତ ମୂଲ୍ୟବାନ କମ୍ପାନୀ ଭାବେ ଆର୍ଆଇଏଲ୍ର ସ୍ଥାନ ଖସିଯାଇଥିଲା। ଶୁକ୍ରବାର ଟିସିଏସ୍ ପୁଣିଥରେ ଦେଶର ସର୍ବବୃହତ୍ ମୂଲ୍ୟବାନ କମ୍ପାନୀ ହୋଇପାରିଛି। ଏହି ଦିନ ଆର୍ଆଇଏଲ୍ର ମାର୍କେଟ ଭାଲ୍ୟୁ ୭.୯୩ ଲକ୍ଷ କୋଟି ଟଙ୍କା ଥିଲା ବେଳେ ଟିସିଏସ୍ର ୮.୦୧ ଲକ୍ଷ କୋଟି ଟଙ୍କା ଥିଲା। ଫଳରେ ଆର୍ଆଇଏଲ୍ର ୧ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇସାରିଲାଣି।

### ଆୟୁଷ୍ମାନ୍ ଭାରତ ଯୋଜନାକୁ ଆମେରିକାର ପ୍ରଶଂସା

ୱାଶିଂଟନ,୧୧-୫: ଏନ୍ଡିଏ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆୟୁଷ୍ମାନ୍ ଭାରତ'କୁ ଆମେରିକାର ଥିଙ୍କଟ୍ୟାଙ୍କ ସେଣ୍ଟର ଫର୍ ଗ୍ଲୋବାଲ ଡେଭଲପ୍ମେଣ୍ଟ(ସିଜିଡି) ପ୍ରଶଂସା କରିଛି। ଏହି ଯୋଜନା ୟୁନିଭର୍ସାଲ ହେଲ୍ଥ କଭରେଜ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏହା ବର୍ଣ୍ଣନା କରିଛି। ତେବେ ଉପଯୁକ୍ତ ଭାବେ ଏହି ଯୋଜନା କାମ କରିବା ଉଚିତ୍ ଏବଂ ଭାରତୀୟଙ୍କୁ ଭଲ ଗୁଣବତ୍ତାର ଚିକିତ୍ସା ମିଳିବା ନେଇ ଦୃଢ଼ ପଦକ୍ଷେପ ନେବାକୁ ହେବ ବୋଲି ଏହା ପରାମର୍ଶ ଦେଇଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍-ଜୟ) ଯାହାକୁ ମୋଦି କେୟାର କୁହାଯାଉଥିବା ବେଳେ ଏହାର ପ୍ରଥମ ବର୍ଷ ବିଶ୍ଳେଷଣରୁ ପ୍ରୟାସ ସକାରାତ୍ମକ ରହିଥିବା ସିଜିଡି କହିଛି।

### ହ୍ୟାକ୍ ହୋଇଛି ୨୭.୫ କୋଟି ଭାରତୀୟଙ୍କ ଡାଟା: ରିପୋର୍ଟ

ନୂଆଦିଲ୍ଲୀ,୧୧-୫: ଭାରତୀୟଙ୍କ ଡାଟା ଚୋରି ନେଇ ସିକ୍ୟୁରିଟି ରିସର୍ଚ୍ଚର ଡିସ୍କଭରୀ ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ, ପ୍ରାୟ ୨ ସପ୍ତାହ ହେବ ୨୭.୫ କୋଟି ଭାରତୀୟଙ୍କ ଡାଟା ଅସୁରକ୍ଷିତ ଭାବେ ରହିଥିଲା। ପରେ ଏହାକୁ ହ୍ୟାକର୍ସ ଗ୍ରୁପ୍ ହ୍ୟାକ୍ କରି ନେଇଛି। ଡିସ୍କଭରୀର ସିକ୍ୟୁରିଟି ବବ୍ ଡିୟାଚେଙ୍କୋ କହିଛନ୍ତି ଯେ, ଭାରତୀୟ ନାଗରିକଙ୍କ ମଙ୍ଗୋଡିବି ଡାଟାବେସ୍ ଆମାଜନ ଏଡବ୍ଲ୍ୟୁଏସ୍ରେ ଉପଲବ୍ଧ ଥିଲା, ଯାହା କି ସାର୍ବଜନୀନ ଭାବେ ଯେ କେହି ହାସଲ କରିପାରିବ।

### ଆକାଉଣ୍ଟ ସମାଧାନ ଲାଗି ଏୟାର ଇଣ୍ଡିଆକୁ ୫୦ ଦିନ ସମୟ

ନୂଆଦିଲ୍ଲୀ,୧୧-୫: ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଉପରେ ଏବେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ବକେୟା ରହିଛି। ଚଳିତ ଆର୍ଥିକ ବର୍ଷରେ ଉଡ଼ାଣ ଭରିବାକୁ ହେଲେ ଏହାକୁ ଅତିକମ୍ରେ ୧୨ ହଜାର କୋଟି ଟଙ୍କାର ବକେୟା ଋଣ ଫେରସ୍ତ କରିବାକୁ ହେବ। ଏଣୁ ଏ ସମ୍ପର୍କରେ ନୂଆ ସରକାର ନିଷ୍ପତ୍ତି ନେବେ। ଏହି କାରଣରୁ ଗତ ଆର୍ଥିକ ବର୍ଷ ୨୦୧୮-୧୯ର ହିସାବକିତାବ ଚୂଡ଼ାନ୍ତ କରିବା (ଆକାଉଣ୍ଟ ସମାଧାନ) ଲାଗି କେନ୍ଦ୍ର ସରକାର ଏୟାର ଇଣ୍ଡିଆ ଓ ଏହାର ସହାୟକ କମ୍ପାନୀଗୁଡ଼ିକର ମ୍ୟାନେଜମେଣ୍ଟକୁ ୫୦ ଦିନ ସମୟ ଦେଇଛନ୍ତି। ଆଗାମୀ ଦିନରେ ବିଡ୍ ପ୍ରକ୍ରିୟା ଆରମ୍ଭ କରିବା ଲାଗି ନୂଆ ସରକାର ଏହାକୁ ଆଧାର ଭାବେ ଗ୍ରହଣ କରିବେ। ବେସାମରିକ ବିମାନ ଚଳାଚଳ ସଚିବ ପି.ଏସ୍. ଖରୋଲା ଏ ସମ୍ପର୍କରେ ଏୟାର ଇଣ୍ଡିଆ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀଙ୍କୁ ପତ୍ର ଲେଖିଛନ୍ତି।

### ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୧-୫
ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷର ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କର ମୋଟ କାରବାର ୩.୭୭ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ମୋଟ ଜମା ୨.୧୪ ଲକ୍ଷ କୋଟି ଟଙ୍କା ଥିବା ବେଳେ ମୋଟ ଋଣ ପ୍ରଦାନ ୧.୬୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ସଞ୍ଚୟ ଏବଂ କରେଣ୍ଟ ଆକାଉଣ୍ଟ ଜମା ୧.୦୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ଶିଳ୍ପରେ ସର୍ବାଧିକ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ରିଟେଲ ଋଣ ୧୪.୪୯% ବୃଦ୍ଧି ଘଟିଥିବା ବେଳେ ବ୍ୟାଙ୍କ ୨୭୬୭ କୋଟି ଟଙ୍କାର ପରିଚାଳନା ଲାଭ ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ବ୍ୟାଙ୍କର କ୍ଷତି ୩୮୩୪ କୋଟି ଟଙ୍କା ରହିଛି। ଆଲୋଚ୍ୟ ବର୍ଷରେ ଏହା ୮୩୩୩ କୋଟି ଟଙ୍କାର ନେଟ୍ କ୍ଷତି ସହିଛି।

# ବ୍ୟବସାୟୀଙ୍କୁ ୨୧୦୦ କୋଟିର କ୍ଷତି

ଭୁବନେଶ୍ୱର,୧୧-୫ (ବ୍ୟୁରୋ)

**ଫନୀ ପ୍ରଭାବ**
- ୫ ଜିଲାରେ ବ୍ୟବସାୟ ବିଶେଷ କ୍ଷତିଗ୍ରସ୍ତ
- ସ୍ୱତନ୍ତ୍ର ପ୍ୟାକେଜ ପାଇଁ ବ୍ୟବସାୟୀ ସଂଘର ନିବେଦନ
- ସରକାରଙ୍କୁ ଭେଟିବ ପ୍ରତିନିଧି ଦଳ
- ବ୍ୟବସାୟିକ ସ୍ଥିତିରେ ସୁଧାର ଆସୁଛି



ଫନୀ ଯୋଗୁ ରାଜ୍ୟ ମଧ୍ୟରେ ବାଣିଜ୍ୟ କାରବାର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ ଜିଲାର କ୍ଷୁଦ୍ର ବ୍ୟବସାୟୀ ବାତ୍ୟା ଫନୀ ଦ୍ୱାରା ବ୍ୟାପକ ହାରରେ କ୍ଷତି ସହିଛନ୍ତି। ଏହି ୫ ଜିଲା ସମେତ ରାଜ୍ୟର ବ୍ୟବସାୟୀମାନେ ମୋଟ ୨୦୦୦ରୁ ୨୧୦୦ କୋଟି ଟଙ୍କାର କ୍ଷତି ସହିଥିବା ବଜାର ବିଶେଷଜ୍ଞଙ୍କ ପକ୍ଷରୁ ସୂଚନା ରହିଛି।

ରାଜ୍ୟ ବ୍ୟବସାୟୀ ମହାସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ଫନୀ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି କରିଛି। ଏହା ଯୋଗୁ ରାଜ୍ୟର ୫ ଜିଲାର ବ୍ୟବସାୟୀ ପ୍ରଭାବିତ ହେବା ସହ ସେମାନଙ୍କ ବ୍ୟବସାୟକୁ କ୍ଷତି ହୋଇଛି। ଫନୀ କ୍ଷୁଦ୍ର ବ୍ୟବସାୟୀଙ୍କ ଅଣ୍ଟା ଭାଙ୍ଗିଦେଇଛି। ଛୋଟ ଛୋଟ ଦୋକାନ କରି ଚଳୁଥିବା ଲୋକଙ୍କ ଦୋକାନ ଭାଙ୍ଗିବା ସହ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଏହା ଫଳରେ ସେମାନେ ପୁଣି ଥରେ ସଳଖି ଛିଡା ହେବା କଷ୍ଟକର ହୋଇ ପଡିଛି। କଟକର ମାଲଗୋଦାମ, ପୁରୀ ହେଉକି ଭୁବନେଶ୍ୱରରେ, ଫନୀର ପ୍ରଭାବ ବ୍ୟବସାୟୀଙ୍କୁ ବେଶ୍ ବାଧିଛି ବୋଲି ପଣ୍ଡା ସୂଚନା ଦେଇଛନ୍ତି।

ବୀମା ସୁବିଧା ନେଇ ନ ଥିବା କ୍ଷୁଦ୍ର ବ୍ୟବସାୟୀ କ୍ଷତି ଯୋଗୁ ବର୍ତ୍ତମାନ ହଇରାଣ ହେଉଛନ୍ତି। ବ୍ୟବସାୟୀଙ୍କ ଏହି ଅସୁବିଧାକୁ ସରକାର ବିଚାର କରିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ବ୍ୟବସାୟୀଙ୍କ ଲାଗି ଆର୍ଥିକ ସହାୟତା ପ୍ୟାକେଜ ପ୍ରଦାନ ଦିଗରେ ସରକାର ପଦକ୍ଷେପ ନେବା ଉଚିତ୍ ବୋଲି ସଂଘ ଦାବି ଜଣାଇଛି।

ଋଣ ନେଇ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ହୋଇଥିବା ବର୍ତ୍ତମାନର କ୍ଷତି ଯୋଗୁ ସେମାନଙ୍କୁ ଋଣ ପୈଠ ଉପରେ ରିହାତି ବ୍ୟବସ୍ଥା ପ୍ରଦାନ କରିବା ନେଇ ବିଚାର କରିବାକୁ ସଂଘ ଗୁରୁତ୍ୱାରୋପ କରିଛି। ବିଭିନ୍ନ ଯୋଜନାରେ ବ୍ୟାଙ୍କଗୁଡିକ ବ୍ୟବସାୟୀଙ୍କୁ ଋଣ ସହାୟତା ପ୍ରଦାନ କରନ୍ତୁ ବୋଲି ସଂଘ ଦାବି ରଖିଛି। ଏହା ହେଲେ ସେମାନେ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବାକୁ ସକ୍ଷମ ହେବେ। ଏସମସ୍ତ ପ୍ରସଙ୍ଗକୁ ନେଇ ଆସନ୍ତା ମଙ୍ଗଳବାର ସଂଘର ଏକ ପ୍ରତିନିଧି ଦଳ ସରକାରଙ୍କୁ ଭେଟି ଆଲୋଚନା କରିବାକୁ ଯୋଜନା ରଖିଥିବା ପଣ୍ଡା କହିଛନ୍ତି। ସେହିଭଳି ବର୍ତ୍ତମାନ ୫ ଜିଲାର ଜିଲାପାଳଙ୍କ ସହ ବ୍ୟବସାୟୀଙ୍କ ସମସ୍ୟା ନେଇ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି। ଫନୀ ପରେ ପ୍ରଭାବିତ କଟକର ମାଲଗୋଦାମର ବ୍ୟାବସାୟିକ ସ୍ଥିତି ସୁଧୁରିଥିବା ବ୍ୟବସାୟୀ ସଂଘର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର ସୂଚନା ଦେଇଛନ୍ତି। ସେହିଭଳି ଭୁବନେଶ୍ୱର ୟୁନିଟ ୧ରେ କାରବାର ସ୍ୱାଭାବିକ ସ୍ଥିତିକୁ ଆସିଛି। ପୁରୀରେ କାରବାର ଏବେ ପୂର୍ବ ଅବସ୍ଥାକୁ ଆସିଥିବା ସୂଚନା ରହିଛି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ରିଲିଫ ପାଣ୍ଠିକୁ ନାଲ୍କୋର ୨.୫୩ କୋଟି




ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍କୋ) ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କର୍ମଚାରୀଙ୍କ ଗୋଟିଏ ଦିନର ବେତନ ବାବଦ ଉଦ୍ଦିଷ୍ଟ ଅର୍ଥ ୨.୫୩ କୋଟି ଟଙ୍କା ପ୍ରଦାନ କରିଛି। ନାଲ୍କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଉତ୍ପାଦନ ନିର୍ଦ୍ଦେଶକ ଭି.ବୋଲସୁବ୍ରମନ୍ୟନ, ମାନବ ସମ୍ବଳ ନିର୍ଦ୍ଦେଶକ ବସନ୍ତ କୁମାର ଠାକୁର, ବିତ୍ତ ନିର୍ଦ୍ଦେଶକ ଶ୍ରୀଧର ପାତ୍ର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି। ଏହା ସହ ନାଲ୍କୋ ପକ୍ଷରୁ ବାତ୍ୟା ପ୍ରଭାବିତଙ୍କ ଲାଗି ରିଲିଫ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟଲାଗି ୭ଟି ଦଳ ନିୟୋଜିତ ଅଛନ୍ତି। ସେହିଭଳି ଥଇଥାନ ଲାଗି କମ୍ପାନୀ ପୁରୀ ଜିଲା ପ୍ରଶାସନ ସହ ମିଳିତ ହୋଇ କାର୍ଯ୍ୟ କରୁଛି।

### ବ୍ୟାଙ୍କିଙ୍ଗ୍ ନେଇ ୟୁକୋ ବ୍ୟାଙ୍କର ପଦକ୍ଷେପ

ଫନୀ ଯୋଗୁ ବିଶେଷ ପ୍ରଭାବିତ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହୋଇଛି। ୟୁକୋ ବ୍ୟାଙ୍କ ଏହି ସ୍ଥାନଗୁଡିକରେ କ୍ୟାଶ ଉଠାଣକୁ ସହଜ କରିଛି। ପୁରୀର ଟେମ୍ପୁଲ ଶାଖା ଓ ମୁଖ୍ୟ ଶାଖା, କାକଟପୁର, ଡେଲାଙ୍ଗ, ସୁକଳ ଭଳି ଶାଖାଠାରେ ବ୍ୟାଙ୍କ ସେବା ଯୋଗାଣ ଲାଗି ୫ଟି ଭିସ୍ୟାଟ ସଂଯୋଗ କରାଯାଇ ଏଟିଏମ୍ ସେବା ଉପଲବ୍ଧ କରାଯାଉଛି। ଅଫ୍ଲାଇନରେ ମଧ୍ୟ ଗ୍ରାହକଙ୍କୁ କ୍ୟାଶ୍ ଉଠାଣ ସୁବିଧା ପ୍ରଦାନ କରାଯାଉଛି। କଲିକତା ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପୁରୀକୁ ୩ଟି ମୋବାଇଲ ଭ୍ୟାନ ଦିଆଯାଇଛି। ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ବାତ୍ୟା ଅଞ୍ଚଳ ବୁଲି ଦେଖିବା ସହ ତ୍ୱରିତ ବ୍ୟାଙ୍କିଙ୍ଗ୍ ସେବାକୁ ଗୁରୁତ୍ୱ ଦେଇଛନ୍ତି।

### ଶୀଘ୍ର କାର୍ଯ୍ୟକ୍ଷମ ହେବ ଏସ୍ବିଆଇର ସବୁ ଶାଖା

ଫନୀ ଯୋଗୁ ପ୍ରଭାବିତ ହୋଇଥିବା ରାଜ୍ୟର ୧୪ ଜିଲାରେ ଥିବା ନିଜର ଅଧିକାଂଶ ଶାଖାକୁ କାର୍ଯ୍ୟକ୍ଷମ କରାଇଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ବିଆଇ) ସୂଚନା ଦେଇଛି। ବାକିଥିବା ଅନ୍ୟ ଶାଖାଗୁଡିକୁ ଆଗାମୀ ଦୁଇ ଦିନରେ ସେବା ପରିସରଭୁକ୍ତ କରାଯିବ ବୋଲି ଏସ୍ବିଆଇ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କୁ ସେବା ଯୋଗାଣରେ ସୁଗମତା ନେଇ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଥିବା ଏହା ପ୍ରକାଶ କରିଛି। ବ୍ୟାଙ୍କର ଗ୍ରାହକମାନେ ପୂର୍ବଭଳି ଜମା, ଉଠାଣ ଏବଂ ଅନ୍ୟ ସେବା ଲାଭ କରିପାରିବେ।

### ସ୍ୱସ୍ତି ଗ୍ରୁପ୍ ଦେଲା ୧୦ ଲକ୍ଷ ଟଙ୍କା



ସ୍ୱସ୍ତି ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗ୍ରୁପର ଉପସଭାପତି ପ୍ରିୟନାଥ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ସେହିଭଳି ଗ୍ରୁପର ସ୍ୱସ୍ତି ଗ୍ରାଣ୍ଡ, ସ୍ୱସ୍ତି ପ୍ରିମିୟମ, ଗୋପାଳପୁର ପାମ ରିସୋର୍ଟ, ସ୍ୱସ୍ତି ଚିଲିକା ରିସୋର୍ଟ ସ୍ୱାଭାବିତ ସ୍ଥିତିକୁ ଫେରିଥିବା ସିଏମ୍ଡି ଜେ.କେ. ମହାନ୍ତି କହିଛନ୍ତି।

### ପୁନରୁଦ୍ଧାର କାର୍ଯ୍ୟରେ ଏନ୍ଟିପିସି

ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ(ଏନ୍ଟିପିସି) ପକ୍ଷରୁ ୫୦୦ କୁଶଳୀ ଶ୍ରମିକ ନିୟୋଜିତ ହୋଇଛନ୍ତି। ପ୍ରମୁଖ ସ୍ଥାନରେ ବିଜୁଳି ଯୋଗାଣ ସ୍ୱାଭାବିକ କରିବା ଲାଗି କମ୍ପାନୀ ପକ୍ଷରୁ ତିନୋଟି ଡିଜିସେଟ ବ୍ୟବସ୍ଥା କରାଯାଇଛି। ଗଛ ତଥା ମଇଳା ଆବର୍ଜନା ସଫା କରିବା ଲାଗି ଏକ ୧୩ ଜଣିଆ ଦଳ କାର୍ଯ୍ୟ କରୁଛି। ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ଲାଗି କଣ୍ଡକ୍ଟର,ପୋଲ ଏବଂ ଇନସୁଲେଟର ବ୍ୟବସ୍ଥା କରାଯାଇଛି। ପୁରୀ ଏବଂ ଚନ୍ଦ୍ରଭାଗାଠାରେ ଏକ ଡାକ୍ତରୀ ଏବଂ ପାରାମେଡିକାଲ ଟିମ କାର୍ଯ୍ୟ କରୁଛନ୍ତି। ଶୁଦ୍ଧପାନୀୟ ଜଳ ଯୋଗାଣ ଦିଗରେ ଏହା ନିଜର ଯୋଗଦାନ ରଖିଥିବା କହିଛି।

# ପୂର୍ବତଟ ରେଳପଥର କ୍ଷତି ୧୦ କୋଟି ଟପିଲା

ଭୁବନେଶ୍ୱର,୧୧-୫ (ବ୍ୟୁରୋ)

**ଦକ୍ଷିଣ କେନ୍ଦ୍ରୀୟ ରେଲୱେର ୨.୯୮ କୋଟି**



ପ୍ରାରମ୍ଭିକ ଆକଳନ ଅନୁସାରେ ଫନୀ ଯୋଗୁ ପୂର୍ବତଟ ରେଳପଥ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିଛି। କ୍ଷତି ପରିମାଣ ବଢିବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଦକ୍ଷିଣ କେନ୍ଦ୍ରୀୟ ରେଲୱେ ଫନୀ ଦ୍ୱାରା ୨.୯୮ କୋଟି ଟଙ୍କା କ୍ଷତି ସହିଥିବା ଜଣାପଡିଛି। କଟକ,ଭୁବନେଶ୍ୱର ଭଳି ପ୍ରମୁଖ ଷ୍ଟେଶନ ସହ ଅନ୍ୟ ଷ୍ଟେଶନ, ଖୋର୍ଦ୍ଧାରୋଡ ମେମୁ ସେଡ, ପୁରୀ କୋଚିଂ ଡିପୋ, ମଞ୍ଚେଶ୍ୱର କୋଚ୍ ମରାମତି କାରଖାନା, ମଞ୍ଚେଶ୍ୱର ରେଲୱେ ଚିକିତ୍ସାଳୟ ଏବଂ ବୈଦ୍ୟୁତିକ ତାର ଭଳି ଅନ୍ୟାନ୍ୟ କ୍ଷୟକ୍ଷତି ହୋଇଛି। ବାତ୍ୟା ଦ୍ୱାରା ୬୦ ଗୋଟି ଓଭରହେଡ ତାର ଏବଂ ୨୨୦୦ କିମି ରେଳ ଟ୍ରାକ, ୨୦ ଗୋଟି ଲେଭଲ କ୍ରସିଂ ଗେଟ, ୧୫ ଇଲେକଟ୍ରିକ ସବ୍ଷ୍ଟେଶନ, ବହୁ ଷ୍ଟେଶନ ବିଲଡିଂର ଛାତ, ୨୦୦ ଜାଗାରେ ଗଛ ଉପୁଡିବା ଯୋଗୁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଫନୀର ୨୪ ଘଣ୍ଟା ମଧ୍ୟରେ ରେଲୱେ ହାଓଡା-ଚେନ୍ନାଇ ମେନ୍ ଲାଇନରେ ରେଳ ଚଳାଚଳକୁ ସ୍ୱାଭାବିକ କରିଥିଲା। ଓଭର ହେଡ ଏବଂ ରେଳ ଟ୍ରାକର ତାରକୁ ତ୍ୱରାନ୍ୱିତ ଭିତ୍ତିରେ ମରାମତି କରାଯାଇଥିଲା। ସେହିଭଳି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଦ୍ୱାରା ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଯାଇଥିଲା। ବିଭିନ୍ନ ଷ୍ଟେଶନରେ ଫସି ରହିଥିବା ଯାତ୍ରୀଙ୍କ ଖାଇବା ଏବଂ ରହିବା ବ୍ୟବସ୍ଥା ସହ ଭୁବନେଶ୍ୱର ଷ୍ଟେଶନରେ ୱାଟର ଭେଣ୍ଡିଂ ମେଶିନ ଏବଂ ମୋବାଇଲ ଚାର୍ଜ ସୁବିଧା କରାଯାଇଥିଲା ବୋଲି ରେଲୱେ କହିଛି।

**ପୁରୀରୁ ଟ୍ରେନ ସ୍ୱାଭାବିକ କରିବାକୁ ପ୍ରସ୍ତୁତି ଜୋରଦାର**

ବାତ୍ୟାର ତିନି ଦିନ ପରେ ଡିଜେଲ ଇଞ୍ଜିନ ଦ୍ୱାରା ଖୋର୍ଦ୍ଧାଠାରୁ ପୁରୀ ଟ୍ରେନ ଚଳାଚଳ କରିଥିଲା। ଏହା ଦ୍ୱାରା ଅନ୍ୟ କେତେକ ପ୍ରମୁଖ ଟ୍ରେନ ପୁରୀଠାରୁ ଚଳାଚଳ ଆରମ୍ଭ କରିଥିଲା। ପୁରୀରୁ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ କରିବାକୁ ଷ୍ଟେଶନର ସମେତ ଅନ୍ୟାନ୍ୟ ପୁନରୁଦ୍ଧାର ଜୋରଦାର ହୋଇଛି। ଏଠାରୁ ଶୁଭାରମ୍ଭ ହେଉଥିବା ଅଧିକାଂଶ ଟ୍ରେନ ବର୍ତ୍ତମାନ ସ୍ୱାଭାବିକ ସ୍ଥିତିକୁ ଫେରିଛି। ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ନିରାପତ୍ତା ସଂକ୍ରାନ୍ତ କାର୍ଯ୍ୟ ହାତକୁ ନିଆଯାଇଛି। ଧିରେ ଧିରେ ସ୍ଥିତି ସ୍ୱାଭାବିକ ହେଉଥିବା ରେଲୱେ କହିଛି। ଟ୍ରେନର ଉନ୍ନତ ପରିଚାଳନା ଲାଗି ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏହା ଫଳରେ କିଛି ଟ୍ରେନ ବାତିଲ କରାଯାଇଥିବା ବେଳେ ଆଉ କିଛିର ଆରମ୍ଭ ସ୍ଥାନ ପରିବର୍ତ୍ତନ କରାଯାଇଛି।

**ରାୟଗଡାରେ ଅଟକିବ ଭୁବନେଶ୍ୱର-ଜୁନାଗଡ ଏକ୍ସପ୍ରେସ**

ସେହିଭଳି ନିରାପତ୍ତା ସଂକ୍ରାନ୍ତ କାର୍ଯ୍ୟ ଲାଗି ସମ୍ବଲପୁର ରେଳ ଡିଭିଜନରେ ଭୁବନେଶ୍ୱର-ଜୁନାଗଡ ଲିଙ୍କ ଏକ୍ସପ୍ରେସ ରବିବାର ରାୟଗଡା ଯାଏ ଚାଲିବ। ଏହାର ସେବା ରାୟଗଡା ଏବଂ ଜୁନାଗଡ ମଧ୍ୟରେ ବନ୍ଦ ରହିବ।

### ବଜାଜ ଇଡି ରାକେଶ ଶର୍ମା ଆଇଏମ୍ଏମ୍ଏ ଉପସଭାପତି ନିର୍ବାଚିତ



ନୂଆଦିଲ୍ଲୀ,୧୧-୫

ବଜାଜ ଅଟୋ ଲିମିଟେଡ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା ଇଣ୍ଟରନ୍ୟାଶନାଲ ମୋଟରସାଇକେଲ ମାନୁଫାକଚରର ଆସୋସିଏଶନ(ଆଇଏମ୍ଏମ୍ଏ)ର ଉପସଭାପତି ନିର୍ବାଚିତ ହୋଇଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଆଇଏମ୍ଏମ୍ଏ ବାର୍ଷିକ ସାଧାରଣ ଅଧିବେଶନରେ ଶର୍ମା ଭାରତୀୟ ଅଟୋମୋବାଇଲ ମାନୁଫାକଚରର ସଂଘ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଅଟୋ ଶିଳ୍ପ କ୍ଷେତ୍ରରେ ଶର୍ମା ଦୀର୍ଘ ୩ ଦଶନ୍ଧିର ଅଭିଜ୍ଞତା ହାସଲ କରିଥିବା ବେଳେ ଟୁହ୍ୱିଲର୍ସ ଶିଳ୍ପ ଲାଗି ଜଣେ ଗ୍ଲୋବାଲ ଭଏସ୍ ଭାବେ କାର୍ଯ୍ୟ କରିବେ ବୋଲି ଆଇଏମ୍ଏମ୍ଏର ସଭାପତି ଜୋହାନ୍ସ ଲୋମାନ ସୂଚନା ଦେଇଛନ୍ତି।

**ସିଆଇଆଇ ବାତ୍ୟା ପରିଚାଳନା କମିଟି ବୈଠକ**

# ରିଲିଫ, ପୁନର୍ବାସରେ ସହଯୋଗ ଲାଗି ଶିଳ୍ପ ଜଗତକୁ ଆହ୍ୱାନ

ଭୁବନେଶ୍ୱର,୧୧-୫ (ବ୍ୟୁରୋ)

କନ୍ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ)ର ବାତ୍ୟା ପରିଚାଳନା ଷ୍ଟିଅରିଂ କମିଟି ବୈଠକ ଶନିବାର ଅପରାହ୍ନରେ ସ୍ଥାନୀୟ ନାଲ୍କୋ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଲ୍କୋ ସିଏମ୍ଡି ତଥା ଷ୍ଟିଅରିଂ କମିଟି ଅଧ୍ୟକ୍ଷ ତପନ କୁମାର ଚାନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିଳ୍ପ କ୍ଷେତ୍ରରୁ ବିଭିନ୍ନ ପ୍ରତିନିଧି ଯୋଗ ଦେଇଥିଲେ। ଫନୀ ପ୍ରଭାବିତଙ୍କୁ ସହଯୋଗ,ରିଲିଫ ଏବଂ ପୁନର୍ବାସ କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ଷ୍ଟିଅରିଂ କମିଟିର ଅଧ୍ୟକ୍ଷ ଚାନ୍ଦ ଶିଳ୍ପ ଜଗତକୁ ନିବେଦନ କରିଛନ୍ତି। ସିଆଇଆଇ ଏବଂ ଜିଲା ପ୍ରଶାସନ ସହାୟତାରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ସେ ଗୁରୁତ୍ୱାରୋପ କରିଛନ୍ତି। ଶିଳ୍ପ ଜଗତ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ନେଇ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ପର୍ଯ୍ୟଟନ,ହୋଟେଲ, କୃଷି ସହ ଜଡିତ ଶିଳ୍ପର କ୍ଷତି ଆକଳନ କରାଯିବା ସହ ଏ ନେଇ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ରିଲିଫ ଏବଂ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଶିଳ୍ପ ପକ୍ଷରୁ ପ୍ରସ୍ତାବ ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମରେ ସିଆଇଆଇ ଓଡ଼ିଶା ଉପାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ୟଙ୍ଗ ଇଣ୍ଡିଆନ ଓଡିଶା ଚାପ୍ଟର ଅଧ୍ୟକ୍ଷ କମଲ ଏସ୍.ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଘଣ୍ଟାର ରାସ୍ତାକୁ ଲାଗିଗଲା ୧୫ ଘଣ୍ଟା

ନୂଆଦିଲ୍ଲୀ,୧୧-୫

**ସ୍ପାଇସ୍ଜେଟ୍ରେ ଯାତ୍ରା**




ବିମାନରେ ଯାତ୍ରା କରିବା ସମୟ ଅପେକ୍ଷାକୃତ କମ୍ ହୋଇଥାଏ। ତେବେ ଏଥିପାଇଁ ଯାତ୍ରୀଙ୍କୁ ଅଧିକ ଭଡ଼ା ଗଣିବାକୁ ପଡେ। କିନ୍ତୁ ସ୍ପାଇସ୍ଜେଟ୍ ବିମାନରେ ବେଙ୍ଗାଲୁରୁରୁ ଦିଲ୍ଲୀ ଯାତ୍ରା କରିଥିବା କିଛି ଲୋକଙ୍କ ପାଇଁ ଏହା ଅବିସ୍ମରଣୀୟ ହୋଇ ରହିଯିବ। କାରଣ ମାତ୍ର ୩ ଘଣ୍ଟାରେ ଏହି ରୁଟ୍ରେ ବିମାନଯାତ୍ରା କରି ହେଉଥିବା ବେଳେ ସ୍ପାଇସ୍ଜେଟ୍ ବିମାନରେ ଏହି ରୁଟ୍ରେ ଯାତ୍ରା ପାଇଁ ଲାଗି ଯାଇଥିଲା ୧୫ ଘଣ୍ଟା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଶୁକ୍ରବାର ରାତିରେ ସ୍ପାଇସ୍ଜେଟ୍ର ଫ୍ଲାଇଟ୍ ଏସ୍ଜି-୮୭୨୦ ବେଙ୍ଗାଲୁରୁରୁ ସିଧାସଳଖ ଦିଲ୍ଲୀ ଲାଗି ଯାତ୍ରା କରିଥିଲା। ଦୁଇ ସହର ମଧ୍ୟରେ ଏହି ବିମାନ ନନ୍ ଷ୍ଟପ୍ ଅର୍ଥାତ୍ ବିନା ରହଣିରେ ଉଡ଼ିବାର ଥିଲା। ରାତି ୧୦ଟାରେ ନିର୍ଦ୍ଧାରିତ ସମୟରେ ଏହା ବେଙ୍ଗାଲୁରୁର ଉଡ଼ିଥାନ୍ତା। କିନ୍ତୁ ଏହା ଦେଢ଼ଘଣ୍ଟା ବିଳମ୍ବରେ ଅର୍ଥାତ୍ ୧୧.୩୦ଟାରେ ଉଡ଼ିଥିଲା। ତେବେ କିଛି ସମୟ ଉଡ଼ିବା ପରେ ବିମାନରେ ତ୍ରୁଟି ପରିଲକ୍ଷିତ ହେବାରୁ ବିମାନଟି ନାଗପୁର ବିମାନବନ୍ଦରରେ ଅବତରଣ କରିବାକୁ ବାଧ୍ୟ ହୋଇଥିଲା। ଯାତ୍ରୀଙ୍କ କହିବାନୁଯାୟୀ ସ୍ପାଇସ୍ଜେଟ୍ର ବୋଇଂ ୭୩୭ ବିମାନରେ ସେମାନଙ୍କୁ ରାତିସାରା ବସି ରହିବାକୁ ବାଧ୍ୟ କରାଯାଇଥିଲା। ସେମାନେ ଅନ୍ୟ ଏକ ବିକଳ୍ପ ବିମାନରେ ଯିବା ପର୍ଯ୍ୟନ୍ତ ବିମାନ ମଧ୍ୟରେ ରହିଥିଲେ। ସେହି ବିମାନରେ ଯାତ୍ରା କରୁଥିବା ଅନ୍ୟ ଜଣେ ଯାତ୍ରୀଙ୍କ କହିବାନୁଯାୟୀ, ସେମାନେ ୬ ଘଣ୍ଟା ପର୍ଯ୍ୟନ୍ତ ବିମାନରେ ବସି ରହିବାକୁ ବାଧ୍ୟ ହୋଇଥିଲେ। ବାହାରକୁ ଆସିବା ଲାଗି ସେମାନଙ୍କୁ ଛଡ଼ାଯାଇ ନ ଥିଲା। ଶନିବାର ସକାଳ ୧୦ଟାରେ ନୂଆ ବିମାନରେ ଦିଲ୍ଲୀ ଯାତ୍ରା କରିଥିଲେ। ସେ କହିଛନ୍ତି ଯେ, ଅତ୍ୟଧିକ ଉତ୍ତେଜନା କାରଣରୁ ସେ ଅସୁସ୍ଥ ହୋଇ ପଡ଼ିଛନ୍ତି। ତାଙ୍କୁ ଏବେ ଡାକ୍ତରଙ୍କ ପରାମର୍ଶ ନେବାକୁ ପଡ଼ିବ। ଯାତ୍ରୀମାନେ ଅଧୈର୍ଯ୍ୟ ହେବା ସହ ଉତ୍ତେଜିତ ହୋଇ ଉଠି ଥିଲେ। ସେମାନେ ବିମାନରୁ ବାହାରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସ୍ପାଇସ୍ଜେଟ୍ ଆରମ୍ଭରୁ ସେମାନଙ୍କ ସହ ଅସହଯୋଗ କରିଆସୁଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଏୟାରଲାଇନ୍ସ ମୁଖପାତ୍ର ଏହି ଘଟଣା ନେଇ ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, ବେଙ୍ଗାଲୁରୁ-ଦିଲ୍ଲୀ ରୁଟ୍ରେ ଯାତ୍ରା କରୁଥିବା ବିମାନରେ ତ୍ରୁଟି ଦେଖାଦେବା ପରେ ନାଗପୁର ବିମାନବନ୍ଦରରେ ଏହାକୁ ଅବତରଣ କରାଯାଇଥିଲା। ଏହା କୌଣସି ଜରୁରୀ ଅବତରଣ ନ ଥିଲା। ସେଠାରେ ଯାତ୍ରୀଙ୍କର ଆରାମ ପାଇଁ ବ୍ୟବସ୍ଥା କରାଯାଇଥିଲା। ଆଉ ଏକ ବିକଳ୍ପ ବିମାନ ପଠାଯାଇ ଯାତ୍ରୀଙ୍କୁ ଦିଲ୍ଲୀ ନିଆଯାଇଥିଲା। ନାଗପୁରରେ କମ୍ପାନୀର କର୍ମଚାରୀ ନ ଥିବାରୁ ବିକଳ୍ପ ବିମାନ ଯୋଗାଡ କରିବାରେ ଅସୁବିଧା ହୋଇଥିଲା। ଏହି କାରଣରୁ ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ଯାତ୍ରୀଙ୍କ କହିବାନୁଯାୟୀ, ଏଭଳି ସ୍ଥିତିରେ ସେମାନଙ୍କୁ ବିମାନରୁ ଓହ୍ଲାଇବାକୁ ଦେବା ଉଚିତ ହୋଇଥାନ୍ତା। ଏହାଦ୍ୱାରା ଯାତ୍ରୀମାନେ ଆରାମରେ ସମୟ ବିତାଇପାରିଥାନ୍ତେ।

"ଆଇପିଏଲ କ୍ୱାଲିଫାୟର–୨ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିବା ପଛରେ ଆମ ବୋଲରମାନଙ୍କ ବିଶେଷ ଭୂମିକା ରହିଛି।

–ମହେନ୍ଦ୍ର ସିଂ ଧୋନୀ, ସୁପର କିଙ୍ଗ୍ସ ଅଧିନାୟକ



"ଖେଳାଳିମାନଙ୍କ ନିଜସ୍ୱ ଉଦ୍ୟମ ସହ ଦାୟିତ୍ୱ ସମ୍ପାଦନ ଦ୍ୱାରା ଏଥର ଆଇପିଏଲ ଫାଇନାଲରେ ପ୍ରବେଶ କରି ନ ଥିଲେ ମଧ୍ୟ ଭଲ ଖେଳିଛୁ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



# କ୍ରୀଡ଼ା ଭିତ୍ତିଭୂମିରେ ଫନୀର ପ୍ରଭାବ

# ଚାଲିଛି କ୍ଷୟକ୍ଷତିର ଆକଳନ

ସାମୁଦ୍ରିକ ଝଡ଼ ଫନୀର ପ୍ରକୋପରେ ରାଜ୍ୟର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ଏଥିରୁ କ୍ରୀଡ଼ା ଭିତ୍ତିଭୂମି ମଧ୍ୟ ବାଦ ପଡ଼ିନାହିଁ। ରାଜ୍ୟ କ୍ରୀଡ଼ାର ନୂଆ ପ୍ରାଣକେନ୍ଦ୍ର ଭାବେ ପରିଚିତି ଲାଭ କରିଥିବା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି ବର୍ଷକୁ ଅନେକ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହେଉଥିବା କିଟ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୀମିତ ପରିସରରେ ଡଜନରୁ ଊର୍ଦ୍ଧ୍ୱ ଖେଳ ଭିତ୍ତିଭୂମିଥିବା ତଥା ଖେଳାଳି ତିଆରି କାରଖାନା ଭାବେ ପରିଚିତ ଉତ୍କଳ କରାଟେ ସ୍କୁଲ, ପ୍ରତିଷ୍ଠିତ କ୍ରିକେଟ କ୍ଲବ ସହିଦ ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ଟାଉନ୍ କ୍ଲବ ଆଦି ଅନେକ ପଡ଼ିଆ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବିକାଶ ଗ୍ରାଉଣ୍ଡର ଖେଳ ପଡ଼ିଆ ମଧ୍ୟ ସାମାନ୍ୟ ପ୍ରଭାବିତ ହୋଇଛି। ଏବେ ଆରମ୍ଭ ହୋଇଛି ଆକଳନ। କ୍ଷୟକ୍ଷତିକୁ ନେଇ କେଉଁଠି ହିସାବ ଚାଲିଛି ତ ଆଉ କେଉଁଠି ସଜାଡ଼ିବା କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ କ୍ରୀଡ଼ାକୁ ନେଇ ହେଉଥିବା ଗ୍ରୀଷ୍ମକାଳୀନ ଶିବିରକୁ ଘୁଞ୍ଚାଇ ଦିଆଯାଇଛି।




କଳିଙ୍ଗ ଷ୍ଟାଡ଼ିୟମ୍ ଛାତ ଉଡ଼ିଯାଇଛି



## କଳିଙ୍ଗ ଷ୍ଟାଡିୟମ

ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇଁ ଦେଶ ବିଦେଶରେ ପ୍ରଶଂସିତ କଳିଙ୍ଗ ଷ୍ଟାଡିୟମକୁ ଏବେ ଚାହିଁ ହେଉନି। ପ୍ରଳୟଙ୍କରୀ ଝଡ଼ ଫନୀ କଳିଙ୍ଗର ବ୍ୟାପକ କ୍ଷୟକ୍ଷତି ଘଟାଇଛି। ମୁଖ୍ୟ ଷ୍ଟାଡିୟମ ଚାରି ପାଖରେ ଥିବା ଗଛଗୁଡ଼ିକ ତଳେ ଲୋଟୁଥିବାରୁ ସବୁଜିମା ଭରା ଷ୍ଟାଡିୟମ ଏବେ ଶ୍ରୀହୀନ। ଷ୍ଟାଡିୟମର ଛାତ ଉଡି ଯିବା ସହ ଭିତର ରାସ୍ତା, ଚାଲିବା ପଥ ଏବଂ ଅଭ୍ୟାସ ପଡ଼ିଆ ସବୁଠୁ କ୍ଷତି ଘଟିଛି। କେତେକ ସ୍ଥାନରେ ପାଚେରି ଭାଙ୍ଗିଯାଇଛି। ଦର୍ଶକ ଗ୍ୟାଲେରୀ ଏବେ ପରିତ୍ୟକ୍ତ ଅବସ୍ଥାରେ। ଅନେକ ସ୍ଥାନରେ ଲାଇଟ୍ ପୋଷ୍ଟ ଧରାଶାୟୀ। ହକି କମ୍ପ୍ଲେକ୍ସର ବଡ଼ ଧରଣର କ୍ଷତି ହୋଇ ନ ଥିଲେ ହେଁ ୱେଷ୍ଟ ଷ୍ଟାଣ୍ଡ ମୁଖ୍ୟ ପ୍ରବେଶ ପଥର ମନୋରମ କାଠକାମ ଏବଂ କାଚ୍ ଭାଙ୍ଗିଥିବାବେଳେ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର କେତେକ ଚେୟାର ଉଡ଼ି ଯାଇଥିବା ପରିଲକ୍ଷିତ ହୋଇଛି। ଅଭ୍ୟାସ ପଡ଼ିଆ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଜୁନ ୬ରୁ ଏଠାରେ ହେବାକୁଥିବା ଏଫଆଇଏଚ୍ ହକି ସିରିଜ ପୂର୍ବ ନିର୍ଦ୍ଧାରିତ ସମୟରେ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷ୍ଟାଡିୟମ ପରିସରରେ ଅନେକ ଗଛ ଉପୁଡ଼ି ଯାଇଛି। ମୁଖ୍ୟ ଷ୍ଟାଡିୟମ ଛାତଠାରୁ ଆରମ୍ଭ କରି ହକି କମ୍ପ୍ଲେକ୍ସର ମରାମତି, ୯ ନମ୍ବର ଗେଟ୍ ପାଖ, ଟେନିସ କୋର୍ଟ ହାଇମାଷ୍ଟ ଲାଇଟ, ଷ୍ଟାଡିୟମ ସୌନ୍ଦର୍ଯ୍ୟୀକରଣ ପାଇଁ ହୋଇଥିବା କାର୍ଯ୍ୟ ଆଦି ନଷ୍ଟ ହୋଇଯାଇଛି। ତେଣୁ କଳିଙ୍ଗ ଷ୍ଟାଡିୟମରେ ୮ କୋଟିରୁ ଊର୍ଦ୍ଧ୍ୱ କୋଟି ଟଙ୍କା କ୍ଷୟକ୍ଷତି ଘଟିଛି ବୋଲି କ୍ରୀଡ଼ା ବିଭାଗର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ''କଳିଙ୍ଗ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ଟିଣ ପଡ଼ି କ୍ଷତି ଘଟିଛି। ଏହା ବ୍ୟତୀତ ୟୁନିଟ–୧ ଇନ୍‌ଡୋର ହଲ୍ ପାଚେରି ପଡ଼ିଛି। ଉପର ଛାତ ମଝିରେ ମଝିରେ ଉଡ଼ି ଯାଇଛି। ଅନ୍ୟ ଗୋଟିଏ ପଟରେ ଛାତ ପୂରା ଉଡ଼ି ଯାଇଛି। ଏମିତି ଦେଖିବାକୁ ଗଲେ କଳିଙ୍ଗ ଷ୍ଟାଡିୟମ ଓ ୟୁନିଟ–୧ ଇନ୍‌ଡୋର ହଲ୍ ଭିତ୍ତିଭୂମିର ଯେତେ କ୍ଷତି ଘଟିଛି ତାହା ୧୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ'' ବୋଲି କ୍ରୀଡ଼ା ବିଭାଗର ଅନ୍ୟ ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## କିଟ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

କିଟ୍‌ରେ ୪–୫ଟି ଇନ୍‌ଡୋର ହଲର ଛାତ ଉଡ଼ି ଯାଇଛି। ଉଡେନ ଫ୍ଲୋରଗୁଡ଼ିକ ନଷ୍ଟ ହୋଇଛି। ୧୫ଟି ଯାକ ସୁଇମିଂ ପୁଲ୍‌ରେ ଗଛ ପଡ଼ି ଚଟାଣ ନଷ୍ଟ ହୋଇଛି। ଜଳ ନିଷ୍କାସନ ସହ ଏହାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଫ୍ଲଡ୍ ଲାଇଟଗୁଡ଼ିକ ତଳକୁ ଖସାଇ ଦିଆ ଯାଇଥିବାରୁ ସେଗୁଡ଼ିକୁ ବିଶେଷ କ୍ଷତି ପହଞ୍ଚି ନାହିଁ, ମାତ୍ର ଭଲିବଲ, ବାସ୍କେଟବଲ ଆରେନା ଗୁଡ଼ିକର ଚାରିପାଖରେ ଯେଉଁ ଜାଲି ଲାଗିଥିଲା ତାହା ପବନରେ ନଷ୍ଟ ହୋଇଛି। ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ର ସିଲିଂ ନଷ୍ଟ ହୋଇଛି। କ୍ରିକେଟ ଗ୍ରାଉଣ୍ଡରେ ଫିଲ୍ଟର ସିଷ୍ଟମ ଖରାପ ହୋଇ ଯାଇଛି। ଭଲିବଲ ଗ୍ରାଉଣ୍ଡର ୨ଟି ଖୁଣ୍ଟ ଉପୁଡ଼ି ପଡ଼ିଛି। ତେଣୁ କିଟ୍‌ର କେବଳ ଖେଳ ଭିତ୍ତିଭୂମି କଥା ଦେଖିବାକୁ ଗଲେ ୧୦ରୁ ୧୨ କୋଟି ଟଙ୍କା କ୍ଷତି ଘଟିଛି ବୋଲି କହିଛନ୍ତି କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ। କିଟ୍‌ରେ ମେ ୧୩ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ଅତିକମ୍‌ରେ ଅଧଡଜନେ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ଆରମ୍ଭ ହେଉଛି। ଆଗାମୀ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଚେସ୍ ଫେଷ୍ଟିଭାଲ ପାଇଁ ମଧ୍ୟ ଆମେ ପ୍ରସ୍ତୁତ ହେଉଛୁ। ତେଣୁ ଭିତ୍ତିଭୂମି ସଜାଡ଼ିବାକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।



କିଟ୍ ସୁଇମିଂପୁଲ୍

## ଉତ୍କଳ କରାଟେ ସ୍କୁଲ

ରାଜ୍ୟରେ ଇନ୍‌ଡୋର ଗେମ୍‌ର କେନ୍ଦ୍ରସ୍ଥଳ କୁହାଯାଉଥିବା ଉତ୍କଳ କରାଟେ ସ୍କୁଲର ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଛି। ଉପର ଟିଣ ଛାତ ଉଡ଼ି ଯାଇଥିବାବେଳେ ସିଲିଂଗୁଡ଼ିକ ନଷ୍ଟ ହୋଇ ଯାଇଛି। ଶୁଟିଂ ରେଞ୍ଜ୍‌ର ଅବସ୍ଥା ମଧ୍ୟ ତଦ୍ରୁପ। ଗୋଟେ ଗୋଟେ ମେଶିନର ମୂଲ୍ୟ ୪ ଲକ୍ଷ। ବାତ୍ୟା ସମୟରେ ପୂରା ପାଣିରେ ବୁଡ଼ିକି ଥିବାରୁ ସେଗୁଡ଼ିକ ଚାଲୁ କରାଗଲେ ପୁରା କ୍ଷୟକ୍ଷତି ଜଣାପଡ଼ିବ। ବର୍ତ୍ତମାନ ଯାହା ଜଣାପଡୁଛି ଉତ୍କଳ କରାଟେ ସ୍କୁଲରେ ୫ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷତି ଘଟିଛି। ବିଭିନ୍ନ ମେଶିନ ଚାଲୁ କଲା ପରେ ଯାଇ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଉତ୍କଳ କରାଟେ ସ୍କୁଲର ବରିଷ୍ଠ କର୍ମକର୍ତ୍ତା ଗୌରୀ ମହାନ୍ତି ପ୍ରକାଶ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ଦୁଇବର୍ଷ ପଛକୁ ଚାଲିଗଲା ବୋଲି ସେ କହିଛନ୍ତି। କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜ୍‌ରେ ମଧ୍ୟ ବ୍ୟାପକ କ୍ଷତି ଘଟିଥିବା ସେ ସୂଚନା ଦେଇଛନ୍ତି। ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ଚଳିତମାସ ୨୨ରୁ ଆରମ୍ଭ ହେବାର ଥିଲା। ଏଥିପାଇଁ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଆଡଭାନ୍ସ କରାଯାଇଛି। ଯାତ୍ରୀ ନିବାସରେ ମଧ୍ୟ ରହିବା ପାଇଁ ବ୍ୟବସ୍ଥା ହୋଇ ସାରିଛି। ମେଡାଲ ମଧ୍ୟ ପ୍ରସ୍ତୁତ ହୋଇଛି। ମାତ୍ର ଏବେ ସେଠାରେ କିମ୍ବା ଉତ୍କଳ କରାଟେ ସ୍କୁଲରେ ଏହି ପ୍ରତିଯୋଗିତା ହେବାନେଇ ସନ୍ଦେହ ରହିଛି । ପ୍ରତିଯୋଗିତା ନ ହୋଇପାରିଲେ ଏହା ଆମ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ ବୋଲି ଗୌରୀ ପ୍ରକାଶ କରିଛନ୍ତି।



ଟାଉନ କ୍ଲବ୍ ପଡ଼ିଆ ନେଟ୍ ତଳେ ଲୋଟୁଛି

## ଟାଉନ୍ କ୍ଲବ ପଡ଼ିଆର କ୍ଷତି ୧୦ ଲକ୍ଷରୁ ଊର୍ଦ୍ଧ୍ୱ

ଟାଉନ୍ କ୍ଲବ ପଡ଼ିଆ ଚାରିପାଖର ବୃକ୍ଷରାଜି ଏହାର ମୁଖ୍ୟ ଆକର୍ଷଣ ଥିଲା। ତାହା ଫନୀର ପ୍ରଭାବରେ ଏବେ ଧରାଶାୟୀ। ପିଲାଙ୍କ ଅଭ୍ୟାସ ପାଇଁ ଉଦ୍ଦିଷ୍ଟ ନେଟ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବଡ଼ ବଡ଼ ଗଛଗୁଡ଼ିକ ଉପୁଡ଼ି ପାଚେରି ଭାଙ୍ଗି ଯାଇଛି। ପଡ଼ିଆ ପାଇଁ ଅତ୍ୟାବଶ୍ୟକ ହୋଇ ପଡ଼ିଥିବା ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କ୍ଲବର ଘରର କିଛି ଅଂଶ ମଧ୍ୟ ଭାଙ୍ଗି ଯାଇଛି। ସବୁ ମିଶାଇଲେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଟାଉନ୍ କ୍ଲବ କ୍ରୀଡ଼ା ସମ୍ପାଦକ ମନୋଜ ମହାପାତ୍ର। ବାତ୍ୟା ପୂର୍ବରୁ ଚାଲିଥିବା କ୍ରିକେଟ ଦକ୍ଷତା ବିକାଶ ଶିବିରକୁ ଅଧାରୁ ବନ୍ଦ ରଖିବାକୁ ପଡ଼ିଛି। ପଡ଼ିଆ ଅବସ୍ଥା ସୁଧୁରିଲେ ଏବଂ ଭିତ୍ତିଭୂମି ଉପଲବ୍ଧ ହେଲେ ଏହି ଶିବିର ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଛନ୍ତି।




କ୍ଷତିଗ୍ରସ୍ତ ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଘର

## ସହିଦ ସ୍ପୋର୍ଟିଂ କ୍ଲବ

ଫନୀର ପ୍ରଭାବରେ ଗଛ ପଡ଼ି ପାଚେରି ଭାଙ୍ଗି ଯାଇଛି। ପିଲାଙ୍କ ଅଭ୍ୟାସ ନେଟ୍‌ଗୁଡ଼ିକ ମଧ୍ୟ କଟି ଯାଇଛି। ବାତ୍ୟା ଯୋଗୁ ସହିଦ ସ୍ପୋର୍ଟିଂକୁ ପାଖାପାଖି ୧୦ ଲକ୍ଷ ଟଙ୍କାର କ୍ଷତି ପହଞ୍ଚିଛି ବୋଲି କହିଛନ୍ତି ଏହାର ସମ୍ପାଦକ ପଙ୍କଜ ପଟ୍ଟନାୟକ।

## ରାମେଶ୍ୱର ସ୍ପୋର୍ଟିଂ

ପୁରୁଣା ଭୁବନେଶ୍ୱରସ୍ଥିତ ରାମେଶ୍ୱର ସ୍ପୋର୍ଟିଂ କ୍ଲବର ଅଭ୍ୟାସ ସ୍ଥଳ ବି.ଏମ. ହାଇସ୍କୁଲ ପଡ଼ିଆ ମଧ୍ୟ ଫନୀର ପ୍ରଭାବରୁ ବର୍ତ୍ତିନାହିଁ। ଗଛ ପଡ଼ି ଦକ୍ଷିଣଚଣ୍ଡୀ ମନ୍ଦିରପଟରୁ ପାଚେରି ଭାଙ୍ଗି ଯାଇଛି। ଅଭ୍ୟାସ ନେଟ୍ ମଧ୍ୟ ଫାଟି ନଷ୍ଟ ହୋଇଯାଇଛି। କ୍ଲବ ଘରର ନବନିର୍ମିତ ଉପରଭାଗ ବାତ୍ୟା ପ୍ରଭାବରେ ଭାଙ୍ଗି ଯାଇଛି। ତେଣୁ ପାଖାପାଖି ୨ ଲକ୍ଷ ଟଙ୍କାର କ୍ଷତି ଘଟିଛି ବୋଲି ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ପ୍ରକାଶ କରିଛନ୍ତି।

## ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ

ରାଜ୍ୟରେ ଫୁଟବଲକୁ କ୍ୟାରିୟର କରୁଥିବା ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଅଗ୍ରଣୀ ଭୂମିକା ନେଇଥିବା ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ଗଛ ପଡ଼ି ୟୁନିଟ–୬ ପଡ଼ିଆର ପାଚେରି ଭାଙ୍ଗି ଯାଇଥିବାବେଳେ ପଡ଼ିଆ ଖରାପ ହୋଇଯାଇଛି। ସେଥିପାଇଁ କ୍ୟାମ୍ପ ଆରମ୍ଭ ହୋଇ ପାରିନାହିଁ। କ୍ଲବ ଘର ମଧ୍ୟ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ପାଖାପାଖି ୪ ଲକ୍ଷ ଟଙ୍କାର କ୍ଷତି ଘଟିଛି ବୋଲି ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଏବେ ସହରର ବିଭିନ୍ନ ସ୍ଥାନରୁ କଟା ଗଛର ଅଂଶଗୁଡ଼ିକୁ ଆଣି ପଡ଼ିଆରେ ପକାଇବାକୁ ଉଦ୍ୟମ କରାଯାଉଛି। ଏହା ଏକ ଖେଳପଡ଼ିଆ ହୋଇଥିବାରୁ ଏଠାରେ ଅଳିଆ ନ ପକାଇବାକୁ ଆମେ ଅନୁରୋଧ କରିଛୁ। ମାତ୍ର ଉପରୁ ନିର୍ଦ୍ଦେଶ ଅଛି ବୋଲି କର୍ମଚାରୀମାନେ କହୁଛନ୍ତି। ଏହା ବନ୍ଦ ନ ହେଲେ ପିଲାମାନଙ୍କ ଅଭ୍ୟାସ ବାଧାପ୍ରାପ୍ତ ହେବ ବୋଲି କ୍ଷୋଭର ସହ ଦିଲୀପ କହିଛନ୍ତି।

# ଭୁଶୁଡ଼ିଛି କଟକ କ୍ରୀଡ଼ାଭୂମି

କଟକ ଅଫିସ,୧୧।୫

ସାମୁଦ୍ରିକ ଝଡ଼ ଫନୀ ଯୋଗୁଁ ରାଜ୍ୟ କ୍ରୀଡ଼ାର ରାଜଧାନୀ କୁହାଯାଉଥିବା କଟକର ବିଭିନ୍ନ ଖେଳପଡ଼ିଆ କ୍ଷତିଗ୍ରସ୍ତ ହୋଇଛି । ଏହି ତାଲିକାରେ ବାରବାଟୀ ଷ୍ଟାଡିୟମ ଆଗରେ ରହିଛି ସତ, ହେଲେ ଅନ୍ୟ ଗ୍ରାଉଣ୍ଡଗୁଡ଼ିକ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି । ଏଯାଏ କୌଣସି ଗ୍ରାଉଣ୍ଡରେ ପୁନରୁଦ୍ଧାର କାର୍ଯ୍ୟ ଆଗେଇନାହିଁ। ଘରୋଇ ଟୁର୍ନାମେଣ୍ଟ ସମୟ ପାଖେଇ ଆସିଥିବାରୁ ଏହି ପରିସ୍ଥିତିକୁ କ୍ରୀଡ଼ା ସଙ୍ଗଠନଗୁଡ଼ିକ କିପରି ସମ୍ମୁଖୀନ ହେଉଛନ୍ତି ତାହା ଦେଖିବାକୁ ବାକି ରହିଛି ।

## ବାରବାଟୀ ଷ୍ଟାଡିୟମ

ବାରବାଟୀ ଷ୍ଟାଡିୟମ ଫନୀ ଝଡ଼ରେ ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିଛି । ଓସିଏ ସମ୍ମିଳନୀ କକ୍ଷ, ପ୍ରେସ ଗ୍ୟାଲେରୀ, ନ୍ୟୁ ପ୍ୟାଭିଲିୟନ, କର୍ପୋରେଟ ବକ୍ସ ଅଧିକ କ୍ଷତିଗ୍ରସ୍ତ ହୋଇଛି। ୱାଚ ଟାୱାର ଘଣ୍ଟା ଭାଙ୍ଗି ଯାଇଥିବା ବେଳେ କୌଣସି ଫ୍ଲଡଲାଇଟରେ ବଲ ନାହିଁ । ଗ୍ରାଉଣ୍ଡରେ କାଚଗୁଣ୍ଡ ଭର୍ତ୍ତି ହୋଇ ରହିଛି । ଅନ୍ୟପକ୍ଷରେ ଷ୍ଟାଡିୟମ ପରିସରରେ ଥିବା ସଚିନ ତେନ୍ଦୁଲକର ଇନଡୋର ହଲ ମଧ୍ୟ ଅଧିକ ପରିମାଣରେ କ୍ଷୟକ୍ଷତି ହୋଇଛି । ଇନଡୋର ଟୁର୍ନାମେଣ୍ଟ ଆୟୋଜନ କରୁଥିବା ଏହି ହଲରେ ଆଗାମୀ ଦିନରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ମଧ୍ୟ ହେବ ବୋଲି ଘୋଷଣା ହୋଇଛି ।

## ବିଡ଼ାନାସୀ

ଘରୋଇ କ୍ରିକେଟ ଓ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବିଡ଼ାନାସୀ ଗ୍ରାଉଣ୍ଡରେ ୧୦ ଲକ୍ଷ ଟଙ୍କା କ୍ଷୟକ୍ଷତି ହୋଇଛି ବୋଲି କ୍ଲବ ସମ୍ପାଦକ ବୀରେନ ବେହେରା କହିଛନ୍ତି । ଗ୍ରାଉଣ୍ଡରେ ପ୍ୟାଭିଲିୟନ ରୁମର କବାଟ, କାଚ ଭାଙ୍ଗିବା ସହ ଖେଳ ସାମଗ୍ରୀ ନଷ୍ଟ ହୋଇଛି। ଗ୍ରାଉଣ୍ଡର ଅବସ୍ଥା ମଧ୍ୟ ଖରାପ ହୋଇ ଯାଇଛି । ମୁଖ୍ୟ ଫାଟକ ମଧ୍ୟ ଝଡ଼ରେ ଭାଙ୍ଗିଛି । ଗ୍ରାଉଣ୍ଡ ନିକଟରେ ଥିବା ଏକ ବିଶାଳ ଗଛ ଉପୁଡ଼ିପଡ଼ି ଏବେ ବି ପଡ଼ିଆରେ ପଡ଼ିରହିଛି ।

## ନିମପୁର

ନିକଟ ଅତୀତରେ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍ ଆୟୋଜନ କରିଥିବା ନିମପୁର ଗ୍ରାଉଣ୍ଡରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଛି । ଗ୍ରାଉଣ୍ଡର ଏସିରୁମ କାଚ,କବାଟ ଭାଙ୍ଗିବା ସହ କ୍ୟାମେରା ଷ୍ଟାଣ୍ଡ, ଷ୍ଟୋର ରୁମ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।



ଭାଙ୍ଗିଯାଇଥିବା ବାରବାଟୀ ଷ୍ଟାଡ଼ିୟମ୍ ପ୍ରେସ୍ ବକ୍ସ

## ସନ୍‌ସାଇନ

ଫନୀ ଝଡ଼ରେ ସନସାଇନ ଗ୍ରାଉଣ୍ଡର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି ବୋଲି କ୍ଲବ ସମ୍ପାଦକ ସଞ୍ଜୀବ ଦତ୍ତ କହିଛନ୍ତି । ଏଠାରେ ପ୍ରାୟ ୫ ଲକ୍ଷ ଟଙ୍କା କ୍ଷୟକ୍ଷତି ହୋଇଛି । ଖୁବଶୀଘ୍ର ଗ୍ରାଉଣ୍ଡର ନବୀକରଣ କରିବାକୁ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

## ଡ୍ରିମ୍ସ

ରଣ୍ଜୀ ଭେନ୍ୟୁ ଭାବେ ପରିଚିତ ଡ୍ରିମ୍ସ ଗ୍ରାଉଣ୍ଡର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଦର୍ଶକମାନେ ତଳେ ବସି ଖେଳ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଏଠାରେ ରହିଥିଲା । ଏହି ସ୍ଥାନକୁ ଘେରି ଗଛ ମଧ୍ୟ ଥିଲା । ଏହାକୁ ଆର୍ଟ ଗ୍ୟାଲେରୀ କୁହାଯାଉଥିବା ବେଳେ ଫନୀ ଝଡ଼ ଏହାକୁ ଅଧିକ କ୍ଷତି ଘଟାଇଛି । ଏହାଛଡ଼ା ପ୍ୟାଭିଲିୟନ, ଅମ୍ପାୟର ରୁମ ମଧ୍ୟ ଭାଙ୍ଗିରୁଜି ଯାଇଛି ।

## ବୋଷ ଗ୍ରାଉଣ୍ଡ

ବୋଷ ଇଞ୍ଜିନିୟରିଂ ଗ୍ରାଉଣ୍ଡରେ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି ହୋଇଛି । ଝଡ଼ରେ ପ୍ୟାଭିଲିୟନରେ କ୍ଷୟକ୍ଷତି ଘଟିଥିବା ବେଳେ ନେଟ୍ସଗୁଡ଼ିକ ମଧ୍ୟ ନଷ୍ଟ ହୋଇଛି ।

## ରେଭେନ୍‌ଶା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୨ଟି ଯାକ ଗ୍ରାଉଣ୍ଡକୁ ମିଶାଇ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି ହୋଇଛି । ୨୦୧୦ରେ ନିର୍ମାଣ ହୋଇଥିବା ଗ୍ରାଉଣ୍ଡର ଲୁହା ପାଚେରି ଉପୁଡ଼ି ଯାଇଛି । ନେଟ୍ସ ଗୁଡ଼ିକ ଝଡ଼ପବନରେ ନଷ୍ଟ ହୋଇଛି ।

## ମେଡିକାଲ ଗ୍ରାଉଣ୍ଡ

ମେଡ଼ିକାଲ ଗ୍ରାଉଣ୍ଡରେ ୭ଲକ୍ଷ ଟଙ୍କାର କ୍ଷତି ଘଟାଇଛି ଫନୀ । ଦୁଇଟି ଯାକ ସାଇଟ ସ୍କ୍ରିନ ଫନୀ ଝଡ଼ରେ ଭାଙ୍ଗିବା ସହ ରାତିରେ ଅଭ୍ୟାସ କରିବା ନିମନ୍ତେ ଥିବା ୭ଟି ଇଲେକ୍ଟ୍ରିପୋଲ ଉପୁଡ଼ି ଯାଇଛି । କିଛି ଦିନ ତଳେ ୧୪ଟି ଇଲେକ୍ଟ୍ରିପୋଲ ଲଗାଯାଇଥିଲା । ଏହାଛଡ଼ା ଗ୍ରାଉଣ୍ଡର ପ୍ୟାଭିଲିୟନ ମଧ୍ୟ ଭାଙ୍ଗିଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ମେ, ୨୦୧୯



## ସଂକ୍ଷେପରେ

### ବେଙ୍ଗାଲୁରୁ ୱାର୍ଲ୍ଡ ୧୦କେ'ରେ ଭାଗ ନେବେ ବିଶ୍ୱ ଚାମ୍ପିୟନ

**ବେଙ୍ଗାଲୁରୁ,୧୧।୫ (ପି.ଟି.):** ଚଳିତ ମାସ ୧୯ରେ ଏଠାରେ ହେବାକୁଥିବା ଟାଟା କନସଲଟେନ୍ସି ସର୍ଭିସେସ୍ ୱାର୍ଲ୍ଡ ୧୦କେ ରେସ୍‌ରେ ବିଶ୍ୱ ଚାମ୍ପିୟନ ତଥା ଏସିଆନ ଗେମ୍ସ ମାରାଥନ ସ୍ୱର୍ଣ୍ଣ ବିଜୟିନୀ ବାହାରିନ୍‌ର ରୋଜ୍ ଚେଲିମୋ ଅଂଶଗ୍ରହଣ କରିବେ। ବିଭିନ୍ନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ୯ ପୁରୁଷ ଓ ୮ ମହିଳା ସମେତ ୧୭ଜଣ ଆଥଲେଟ୍ ଏଥିରେ ଭାଗ ନେବେ। ସମସ୍ତଙ୍କୁ ରେସ୍‌ର ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ଦେଖିବାକୁ ମିଳିବ। ୧୨ଜଣ ଅନ୍ତର୍ଜାତୀୟ ଏଲିଟ୍ ପୁରୁଷ ଆଥଲେଟଙ୍କ ମଧ୍ୟରୁ ୭ଜଣଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨୦୧୪ରେ କୋର୍ସ ରେକର୍ଡ ପ୍ରତିଷ୍ଠା କରିଥିବା ଜେଫ୍ରି କାମୋରୋର୍‌ଙ୍କଠାରୁ ନିମ୍ନରେ ରହିଛି। ସେହିପରି ୧୦ ଅନ୍ତର୍ଜାତୀୟ ଏଲିଟ୍ ମହିଳାଙ୍କ ମଧ୍ୟରୁ ୧୦ଜଣଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଗତ ସଂସ୍କରଣରେ ଆଗନେସ ଟିରୋପ (୩୧:୧୯)ଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡଠାରୁ ପଛରେ ରହିଛି। କେନିଆର ଟିରୋପ ଏଥର ତାଙ୍କ ଟାଇଟଲ ବଜାୟ ରଖିବା ଉଦ୍ଦେଶ୍ୟରେ ସହରକୁ ଆସିଛନ୍ତି।

### ଇଂଲଣ୍ଡ ୧୨ ରନରେ ବିଜୟୀ

**ସାଉଥାମ୍ପଟନ, ୧୧।୫ :** ସ୍ଥାନୀୟ ରୋଜ ବାଓଲଠାରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଜୋସ୍ ବଟଲରଙ୍କ ଆକର୍ଷଣୀୟ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ୧୨ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୩୬୧ ରନ କରିଥିଲା। ଦଳପକ୍ଷରୁ ଫଖର ଜମାନ ସର୍ବାଧିକ ୧୩୮ ରନ କରିଥିଲେ। ବାବର ଆଜାମ ଓ ଅସିଫ ଅଲ୍ଲୀ ୫୧ ରନ ଲେଖାଏଁ କରିଥିବାବେଳେ ସର୍ଫରାଜ ଅହମ୍ମଦ ୪୧ ରନ କରି ଅପରାଜିତ ରହିଥିଲେ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୩ ଉଇକେଟରେ ୩୭୩ ରନ କରିଥିଲା। ବଟଲର ୫୫ ବଲ୍‌ରେ ୧୧୦ରନ କରି ଅପରାଜିତ ରହିଥିଲେ। ସେହିପରି ଅଧିନାୟକ ଇଓନ ମୋର୍ଗାନ ୪୮ ବଲ୍‌ରେ ୭୧ ରନ କରି ଅପରାଜିତ ରହିଥିଲେ। ଓପନର ଜାସନ ରୟ୍ ୮୭, ଜନି ବେୟାରଷ୍ଟୋ ୫୧, ଜୋ ରୁଟ୍ ୪୦ ରନ କରିଥିଲେ। ବଟଲର ଓ ମୋର୍ଗାନଙ୍କ ମଧ୍ୟରେ ୧୬୨ ରନର ଅପରାଜିତ ପାର୍ଟନରଶିପ୍ ହୋଇଥିଲା।

### ମାଡ୍ରିଡ୍ ଓପନରୁ ଫେଡରର ବାଦ୍

**ମାଡ୍ରିଡ୍,୧୧।୫:** ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟେନିସ ଟୁର୍ନାମେଣ୍ଟରେ କିମ୍ବଦନ୍ତୀ ଖେଳାଳି ରୋଜର ଫେଡରର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ସୁଇଜରଲାଣ୍ଡ ଖେଳାଳିଙ୍କୁ ୩-୬, ୭-୬ (୧୩-୧୧), ୬-୪ ସେଟ୍‌ରେ ଡୋମିନିକ ଥିମ ପରାସ୍ତ କରିଛନ୍ତି। ଏହି ପରାଜୟ ପରେ ଇଟାଲିଆନ୍ ଓପନରେ ତାଙ୍କ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ରୋମଠାରେ ଏକ ସପ୍ତାହ ରହି ପରବର୍ତ୍ତୀ କ୍ଲେ କୋର୍ଟ ଟୁର୍ନାମେଣ୍ଟରେ ଖେଳିବେ ନା ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବି ବୋଲି ଫେଡରର କହିଛନ୍ତି। ଅନ୍ୟପକ୍ଷରେ ୨ୟ ସିଡ୍ ରାଫାଲ ନାଡାଲ ୬-୧, ୬-୨ ସେଟ୍‌ରେ ଷ୍ଟାନ ୱାୱରିଙ୍କାଙ୍କୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପାଇଛନ୍ତି।

### ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଜିତିଲା ଆଫଗାନିସ୍ତାନ

**ଏଡିନବର୍ଗ,୧୧।୫:** ଏଠାରେ ସ୍କଟଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌କୁ ରହମତ ଶାହଙ୍କ ଶତକ ବଳରେ ଆଫଗାନିସ୍ତାନ ୨ ରନ୍‌ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୩୨୫ ରନ୍ କରିଥିଲା। ଦଳ ପାଇଁ କଲମ ମ୍ୟାକଲିୟଡ ୧୦୦ ଓ କାଇଲ କୋଇଜର ୭୯ ରନ୍ କରିଥିଲେ। ଜବାବରେ ଆଫଗାନିସ୍ତାନ ୪୪.୫ ଓଭର ସୁଦ୍ଧା ୩ ଉଇକେଟ ହରାଇ ୨୬୯ ରନ୍ କରିଥିଲା। ବର୍ଷା ଯୋଗୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଏହାପରେ ଡକ୍‌ୱର୍ଥ ଲୁଇସ ମେଥଡ ଅନୁଯାୟୀ ଆଫଗାନିସ୍ତାନକୁ ବିଜୟୀ ଘୋଷଣା କରାଯାଇଥିଲା। ବିଜୟୀ ଦଳ ପକ୍ଷରୁ ହଶମତୁଲା ଶାହିଦି ଅପରାଜିତ ୫୯ ଓ ଓପନର ମହମ୍ମଦ ଶାହଜାଦ ୫୫ ରନ୍ କରିଥିଲେ।

---



“ଏଥର ଆଇପିଏଲ୍‌ରେ ଭେଟେରାନ ସ୍ପିନର ହରଭଜନ ସିଂ ଦୃଢ ଆତ୍ମବିଶ୍ୱାସର ସହିତ ବୋଲିଂ କରୁଥିବା ଲକ୍ଷ୍ୟ କରାଯାଇଛି ।

–ବ୍ରେଟ୍ ଲି' ପୂର୍ବତନ ଅଷ୍ଟ୍ରେଲିଆ ସ୍ପିଡ୍‌ଷ୍ଟର



“ରିଷଭ ପନ୍ତଙ୍କ ଭଳି ଖେଳାଳିଙ୍କ ପ୍ରାକୃତିକ ପ୍ରବୃତ୍ତି ଉପରେ କେହି ଅଙ୍କୁଶ ଲଗାଇପାରିବ ନାହିଁ ।

–ପ୍ରବୀଣ ଆମ୍ରେ
ଦିଲ୍ଲୀ କ୍ୟାପିଟାଲ ସ୍କାଉଟିଂ ମୁଖ୍ୟ

# ସୁପର୍ କିଙ୍ଗ୍ସ ବିପକ୍ଷରେ ମୁମ୍ବାଇ ଭାରି

ହାଇଦ୍ରାବାଦ, ୧୧।୫ (ପି.ଟି.)



ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ରବିବାର ଦୁଇ ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବରୁ ଉଭୟ ଚେନ୍ନାଇ (୨୦୧୦, ୨୦୧୧, ୨୦୧୮) ଓ ମୁମ୍ବାଇ (୨୦୧୩, ୨୦୧୫, ୨୦୧୭) ୩ଥର ଲେଖାଏ ଆଇପିଏଲ୍ ଟାଇଟଲ ଜିତି ସାରିଛନ୍ତି। ତେଣୁ ଯେଉଁ ଦଳ ରବିବାରର

**ଆଇପିଏଲ୍ ଫାଇନାଲ ଆଜି**

ଏହି ହାଇଭୋଲଟେଜ୍ ମ୍ୟାଚ୍‌ରେ ବିଜୟୀ ହେବ ଆଇପିଏଲ୍ ଇତିହାସରେ ସେହି ଦଳ ସର୍ବାଧିକ ଥର ଚାମ୍ପିୟନ ହେବାର ରେକର୍ଡ କରିବ। ତେଣୁ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି କ୍ରିକେଟପ୍ରେମୀ ଆଶା କରିଛନ୍ତି।

ଦୁଇ ଦଳ ଉପରେ ନଜର ପକାଇଲେ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚ୍‌ରେ ସୁପର୍ କିଙ୍ଗ୍ସ ବିପକ୍ଷରେ ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପଲା ଭାରି ରହିଛି। ଚଳିତ ସିଜନରେ ମଙ୍ଗଳବାର ଖେଳାଯାଇଥିବା କ୍ୱାଲିଫାୟର-୧କୁ ମିଶାଇ ମୁମ୍ବାଇ ୩ଥର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇକୁ ପରାସ୍ତ କରିଛି। ତେଣୁ ଫାଇନାଲରେ ମୁମ୍ବାଇ ଫେଭରାଇଟ୍ ରହିଛି। ଯଦି ଆଇପିଏଲ୍ ଫାଇନାଲ ଉପରେ ନଜର ପକାଯାଏ ତେବେ ମୁମ୍ବାଇ ୪ଥର ଫାଇନାଲରେ ପ୍ରବେଶ କରିଥିବାବେଳେ ସେଥିରୁ ୩ଥର ଚାମ୍ପିୟନ ମୁକୁଟ ପିନ୍ଧିଛି। ସେଥିମଧ୍ୟରୁ ମୁମ୍ବାଇ ୨୦୧୩ ଓ ୨୦୧୫ ସଂସ୍କରଣର ଫାଇନାଲରେ ଚେନ୍ନାଇକୁ ପରାସ୍ତ କରିଥିଲା। ଅପରପକ୍ଷରେ ଚଳିତ ସଂସ୍କରଣକୁ ମିଶାଇ ସୁପର୍ କିଙ୍ଗ୍ସ ୮ଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଦୁଇବର୍ଷର ବାସନ୍ଦାଦେଶ ପରେ ଗତ ସଂସ୍କରଣରେ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଚେନ୍ନାଇ ଫାଇନାଲରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ହରାଇ ୩ୟ ଥର ପାଇଁ ଟାଇଟଲ୍ ହାସଲ କରିଥିଲା।

## ଖେଳାଳି ତାଲିକା

■ **ଚେନ୍ନାଇ ସୁପର୍ କିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ସୁରେଶ ରାଇନା, ଅମ୍ବାତି ରାୟୁଡୁ, ଶେନ୍ ୱାଟସନ, ଫାଫ୍ ଡୁ ପ୍ଲେସିସ, ମୁରଲୀ ବିଜୟ, ରବୀନ୍ଦ୍ର ଜାଡେଜା, ଧ୍ରୁବ ସୋରୀ, ଚୈତନ୍ୟ ବିଷ୍ଣୋଇ, ରିତୁରାଜ ଗାଏକୱାଡ, ଡ୍ୱେନ ବ୍ରାଭୋ, କର୍ନ ଶର୍ମା, ଇମ୍ରାନ ତାହିର, ହରଭଜନ ସିଂ, ମିଚେଲ ସାଣ୍ଟନର, ଶାର୍ଦ୍ଦୁଳ ଠାକୁର, ମୋହିତ୍ ଶର୍ମା, କେ.ଏମ୍. ଆସିଫ୍, ଦୀପକ ଚହର, ଏନ୍. ଜଗଦିଶନ ଓ ସ୍କଟ କଗ୍‌ଲେଇଜନ

■ **ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ୍ ଶର୍ମା (ଅଧିନାୟକ), କ୍ୱିଣ୍ଟନ ଡି କକ୍, ସୂର୍ଯ୍ୟକୁମାର ଯାଦବ, ଯୁବରାଜ ସିଂ, କିରନ ପୋଲାର୍ଡ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ମିଚେଲ ମ୍ୟାକଲେନାଘାନ, ମୟଙ୍କ ମାର୍କଣ୍ଡେ, ରାହୁଲ ଚହର, ଯଶପ୍ରୀତ୍ ବୁମ୍ରା, ଅନମୋଲ୍‌ପ୍ରୀତ୍ ସିଂ, ସିଦ୍ଧେଶ ଲାଡ୍, ଅନକୁଲ ରଏ, ଏଭିନ୍ ଲୁଇସ, ପଙ୍କଜ ଜୟସୱାଲ, ବେନ୍ କଟିଂ, ଇଶାନ କିଷାନ, ଆଦିତ୍ୟ ତାରେ, ରଶିଖ ସଲାମ, ବରିନ୍ଦର ସର୍ନ, ଜୟନ୍ତ ଯାଦବ, ବେଉରାନ ହେଣ୍ଡ୍ରିକ୍ସ ଓ ଲସିଥ୍ ମାଲିଙ୍ଗା।

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ /ସମୟ: ରାତି ୭:୩୦**

## ଆଇପିଏଲ୍-୧୨ ଫାଇନାଲ ପଥେ...

**ମୁମ୍ବାଇ**

୧- ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୩୭ ରନରେ ପରାସ୍ତ।
୨- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୬ ରନରେ ବିଜୟୀ।
୩- କିଙ୍ଗ୍ସ ଇଲେଭେନ ପଞ୍ଜାବଠାରୁ ୮ ଉଇକେଟ୍‌ରେ ପରାସ୍ତ।
୪- ଚେନ୍ନାଇ ସୁପର୍‌କିଙ୍ଗ୍ସ ବିପକ୍ଷରେ ୩୭ ରନରେ ବିଜୟୀ।
୫- ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୪୦ ରନରେ ବିଜୟୀ।
୬- ପଞ୍ଜାବ ବିପକ୍ଷରେ୩ ଉଇକେଟ୍‌ରେ ବିଜୟୀ।
୭- ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟ୍‌ରେ ପରାସ୍ତ।
୮- ବାଙ୍ଗାଲୋର ବିପକ୍ଷରେ ୫ ଉଇକେଟ୍‌ରେ ବିଜୟୀ।
୯- ଦିଲ୍ଲୀ ବିପକ୍ଷରେ ୪୦ ରନରେ ବିଜୟୀ।
୧୦- ରାଜସ୍ଥାନଠାରୁ ୫ ଉଇକେଟ୍‌ରେ ପରାସ୍ତ।
୧୧- ଚେନ୍ନାଇ ବିପକ୍ଷରେ ୪୬ ରନରେ ବିଜୟୀ।
୧୨- କୋଲକାତା ନାଇଟ୍‌ରାଇଡର୍ସଠାରୁ ୩୪ ରନରେ ପରାସ୍ତ।
୧୩- ସୁପର୍ ଓଭରରେ ହାଇଦ୍ରାବାଦ୍ ବିପକ୍ଷରେ ବିଜୟୀ।
୧୪- କୋଲକାତା ବିପକ୍ଷରେ ୯ ଉଇକେଟ୍‌ରେ ବିଜୟୀ।
ଯୋଗ୍ୟତା ପର୍ଯ୍ୟାୟ-୧: ଚେନ୍ନାଇ ବିପକ୍ଷରେ ୬ ଉଇକେଟ୍‌ରେ ବିଜୟୀ।

**ଚେନ୍ନାଇ**

୧- ବାଙ୍ଗାଲୋର ବିପକ୍ଷରେ ୭ ଉଇକେଟ୍‌ରେ ବିଜୟୀ।
୨- ଦିଲ୍ଲୀ ବିପକ୍ଷରେ ୬ ଉଇକେଟ୍‌ରେ ବିଜୟୀ।
୩- ରାଜସ୍ଥାନ ବିପକ୍ଷରେ ୮ ରନରେ ବିଜୟୀ।
୪- ମୁମ୍ବାଇଠାରୁ ୩୭ ରନରେ ପରାସ୍ତ।
୫- ପଞ୍ଜାବ ବିପକ୍ଷରେ ୨୨ ରନରେ ବିଜୟୀ।
୬- କୋଲକାତା ବିପକ୍ଷରେ ୭ ଉଇକେଟ୍‌ରେ ବିଜୟୀ।
୭- ରାଜସ୍ଥାନ ବିପକ୍ଷରେ ୪ ଉଇକେଟ୍‌ରେ ବିଜୟୀ।
୮- କୋଲକାତା ବିପକ୍ଷରେ ୫ ଉଇକେଟ୍‌ରେ ବିଜୟୀ।
୯- ହାଇଦ୍ରାବାଦ୍‌ଠାରୁ ୬ ଉଇକେଟ୍‌ରେ ପରାସ୍ତ।
୧୦- ବାଙ୍ଗାଲୋରଠାରୁ ୧ ରନରେ ପରାସ୍ତ।
୧୧- ମୁମ୍ବାଇ ନିକଟରୁ ୪୬ ରନରେ ପରାସ୍ତ।
୧୨- ହାଇଦ୍ରାବାଦ୍ ବିପକ୍ଷରେ ୬ ଉଇକେଟ୍‌ରେ ବିଜୟୀ।
୧୩- ଦିଲ୍ଲୀ ବିପକ୍ଷରେ ୮୦ ରନରେ ବିଜୟୀ।
୧୪- ପଞ୍ଜାବଠାରୁ ୬ ଉଇକେଟ୍‌ରେ ପରାସ୍ତ।
ଯୋଗ୍ୟତା ପର୍ଯ୍ୟାୟ-୧: ମୁମ୍ବାଇଠାରୁ ୬ ଉଇକେଟ୍‌ରେ ପରାସ୍ତ।
ଯୋଗ୍ୟତା ପର୍ଯ୍ୟାୟ-୨: ଦିଲ୍ଲୀ ବିପକ୍ଷରେ ୬ ଉଇକେଟ୍‌ରେ ବିଜୟୀ।

## ମହିଳା ଟି୨୦ : ସୁପରନୋଭାସ ଚାମ୍ପିୟନ



ଚାମ୍ପିୟନ ସୁପରନୋଭାସ ଦଳ ଟ୍ରଫି ସହ।

**ଜୟପୁର, ୧୧।୫:** ଅଧିନାୟିକା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ସୁପରନୋଭାସ ଚଳିତବର୍ଷର ମହିଳା ଟି୨୦ ଚ୍ୟାଲେଞ୍ଜ ଟାଇଟଲ ହାସଲ କରିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ସୁପରନୋଭାସ ୪ ଉଇକେଟରେ ଭେଲୋସିଟିକୁ ପରାସ୍ତ କରିଛି। ଭେଲୋସିଟି ପକ୍ଷରୁ ଧାର୍ଯ୍ୟ ୧୨୨ ରନ ବିଜୟ ଲକ୍ଷ୍ୟକୁ ସୁପରନୋଭାସ ୨୦ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭେଲୋସିଟି ପ୍ରାରମ୍ଭିକ ଓ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୭ ରନରେ ୫ଟି ଉଇକେଟ ହରାଇଥିଲା। ଶେଷଭାଗରେ ସୁଷମା ବର୍ମା ଓ ଆମେଲିଆ କେର ଦ୍ରୁତ ରନ ସଂଗ୍ରହ କରିବାରୁ ଭେଲୋସିଟି ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। କେର୍ ୩୮ ବଲ୍‌ରୁ ୩୬(୪ ଚୌକା) ରନ କରି ଆଉଟ ହୋଇଥିବାବେଳେ ସୁଷମା ୩୨ ବଲ୍‌ରୁ ୪୦(୩ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ସୁପରନୋଭାସ ବୋଲରଙ୍କ ମଧ୍ୟରୁ ଲିଆ ଟାହୁହୁ ୨ଟି ଏବଂ ଅନୁଜା ପାଟିଲ, ସୋଫି ଡେଭିନ, ନାତାଲି ସ୍କିଭର ଓ ପୁନମ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୁପରନୋଭାସ ମଧ୍ୟ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ହରମନପ୍ରୀତଙ୍କ ଅର୍ଦ୍ଧଶତକ ସହାୟତାରେ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରିଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ୧ ରନ ଆବଶ୍ୟକ ହେଉଥିବାବେଳେ ରାଧା ଯାଦବ ଚୌକା ମାରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ସେ ୪ ବଲ୍‌ରୁ ୧୦ ରନ କରି ଅପରାଜିତ ରହିଥିଲେ। ହରମନପ୍ରୀତ ୩୭ ବଲ୍ ଖେଳି ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୧ ରନ କରିଥିବାବେଳେ ପ୍ରିୟା ପୁନିଆ ୨୯ ଓ ଜେମିମା ରୋଡ୍ରିଗ୍ସେଜ ୨୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭେଲୋସିଟି ପକ୍ଷରୁ ଜହନରା ଆଲାମ ଓ ଆମେଲିଆ କେର ୨ଟି ଲେଖାଏ ଏବଂ ଦେବିକା ବୈଦ୍ୟ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ହରମନପ୍ରୀତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜେମିମା ରୋଡ୍ରିଗ୍ସେଜ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭେଲୋସିଟି ୨୦ ଓଭରରେ ୧୨୧/୬(ସୁଷମା-୪୦*, କେର୍-୩୬, ଟାହୁହୁ-୨/୨୧)। ସୁପରନୋଭାସ ୨୦ ଓଭରରେ ୧୨୫/୬ (ହରମନପ୍ରୀତ-୫୧, ପ୍ରିୟା-୨୯, ଜେମିମା-୨୨, ଜହନରା-୨/୨୧, କେର୍-୨/୨୯)।

## ୱେଷ୍ଟଇଣ୍ଡିଜର ସର୍ବବୃହତ୍ ଦିନିକିଆ ଚେଜ୍

**ଡବ୍ଲିନ୍, ୧୧।୫:** ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୫ ଉଇକେଟ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ୍ ହରାଇ ୩୨୭ ରନ କରିଥିଲା। ଦଳ ପକ୍ଷରୁ ଆଣ୍ଡ୍ରିଉ ବଲ୍‌ବିର୍ମ୍ ୧୩୫ ରନ (୧୨୪ ବଲ, ୧୧ ଚୌକା, ୪ ଛକା) ଶତକୀୟ ଇନିଂସ ଖେଳିଥିବାବେଳେ ପଲ୍ ଷ୍ଟ୍ରିଲିଂ (୭୭) ଓ କେଭିନ ଓ'ବ୍ରାଇନ (୬୩) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପକ୍ଷରୁ ଶାନନ ଗ୍ରାବିଏଲ୍ ୨ ଉଇକେଟ୍ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଓପନର୍ ସୁନୀଲ ଆମ୍ବ୍ରିସ (୧୪୮ ରନ, ୧୨୬ ବଲ)ଙ୍କ ଦମ୍‌ଦାର ଶତକ ବଳରେ ୪୭.୫ ଓଭରରେ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସାଇ ହୋପ୍ ୩୦, ଡାରେନ ବ୍ରାଭୋ ୧୭, ରୋଷ୍ଟନ ଚେଜ ୪୬, ଜୋନାଥନ କାର୍ଟର ୪୩* ଓ ଅଧିନାୟକ ଜାସନ ହୋଲ୍ଡର ୩୬ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବୋଡି ରାନ୍‌କିନଙ୍କୁ ସର୍ବାଧିକ ୩ଟି ଉଇକେଟ୍ ମିଳିଥିଲା। ମ୍ୟାଚ୍ ବିଜୟୀ ଇନିଂସ ଲାଗି ସୁନୀଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ୱେଷ୍ଟଇଣ୍ଡିଜ ଏହାର ଦିନିକିଆ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ଚେଜ୍ କରିବାର କୀର୍ତ୍ତିମାନ ଲାଭ କରିଛି। ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜର ଏହା ୨ୟ ବିଜୟ ଥିଲା। ଦଳ ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୧୯୬ ରନରେ ପରାସ୍ତ କରିଥିଲା। ୱେଷ୍ଟଇଣ୍ଡିଜ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସୋମବାର ବାଂଲାଦେଶକୁ ଭେଟିବ। ତେବେ ଏଥିପୂର୍ବରୁ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ ଫାଇନାଲରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।

## ଟି୨୦ ବ୍ଲାଷ୍ଟରୁ ଓହରିଲେ କେନ୍

ଲଣ୍ଡନ,୧୧।୫




ଡାହାଣହାତୀ ଫାଷ୍ଟ ବୋଲର କେନ୍ ରିଚାର୍ଡସନ ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ଯୋଗଦେବା ପାଇଁ ଡାକରା ପାଇଛନ୍ତି। ଝେ ରିଚାର୍ଡସନ ଆଘାତପ୍ରାପ୍ତ ହେବାରୁ ତାଙ୍କୁ ଏହି ସୁଯୋଗ ମିଳିଛି। ୨୮ବର୍ଷୀୟ କେନ୍ ଟି୨୦ ବ୍ଲାଷ୍ଟ ଟୁର୍ନାମେଣ୍ଟରେ ଡର୍ବିଶାୟାରରେ ପ୍ରତିନିଧିତ୍ୱ କରିଥାନ୍ତେ। ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ପାକିସ୍ତାନ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଖେଳୁଥିବାବେଳେ ରିଚାର୍ଡସନଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏହାସତ୍ତ୍ୱେ ଏହି ୨୨ବର୍ଷୀୟ ଫାଷ୍ଟ ବୋଲରଙ୍କୁ ଅଷ୍ଟ୍ରେଲିଆର ୧୫ ଜଣିଆ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। କ୍ରିକେଟର ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଅଫିସିଆଲମାନେ ଆଶା କରିଥିଲେ। ମାତ୍ର ଖବର ଅନୁସାରେ ରିଚାର୍ଡସନ ଏପର୍ଯ୍ୟନ୍ତ ଫିଟ୍ ହୋଇ ନାହାନ୍ତି। ଫଳରେ ଗତ ୮ ତାରିଖରେ କେନ୍‌ଙ୍କୁ ଡକରା ହୋଇଥିଲା। ତାଙ୍କୁ ତୁରନ୍ତ ରିଲିଜ କରିବା ଲାଗି କେନ୍ ଇତିମଧ୍ୟରେ ଡର୍ବିଶାୟାରକୁ ଅନୁରୋଧ କରିଛନ୍ତି। ଆଇସିସି ବିଶ୍ୱକପ୍ ୨୦୧୯ ଚଳିତ ମାସ ୩୦ରୁ ଆରମ୍ଭ ହେବ। ଏହାର ଫାଇନାଲ ଲର୍ଡ୍ସଠାରେ ଜୁଲାଇ ୧୪ରେ ଖେଳାଯିବ। ଅନ୍ୟପକ୍ଷରେ ଇଂଲଣ୍ଡର ପ୍ରଫେଶନାଲ ଟି୨୦ ଲିଗ୍ ଭାଇଟାଲିଟି ଟି୨୦ ବ୍ଲାଷ୍ଟ ଜୁଲାଇ ୧୮ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କେନ୍ ଓହରିଯିବା ଫଳରେ ଡର୍ବିଶାୟାର କ୍ଲବ ତାଙ୍କ ବଦଳ ଖେଳାଳି ସନ୍ଧାନରେ ରହିଛି। କ୍ଲବର କ୍ରିକେଟ ମୁଖ୍ୟ ଡେଭ୍ ହଟନ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମକୁ ଅନେକ ଖେଳାଳି ମିଳୁଛନ୍ତି ହେଲେ ଆମ ପ୍ରଥମ ପସନ୍ଦ ଖେଳାଳିଙ୍କୁ ହରାଇବା ନିଶ୍ଚିତ ନୈରାଶ୍ୟଜନକ। ବର୍ତ୍ତମାନ ଆମେ ଜଣେ ବିଦେଶୀ ବୋଲରଙ୍କ ସନ୍ଧାନରେ ରହିଛୁ।


## ମନେ ପଡ଼ନ୍ତି

**ଏକାଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରଭାସିନୀ ମଙ୍ଗରାଜ**
ସାଇ ନିଡ଼ମ୍, ଗୌରୀନଗର, ଭୁବନେଶ୍ୱର୨
ଆବିର୍ଭାବ: ୨୨।୦୧।୧୯୪୯
ତିରୋଧାନ: ୧୨।୦୫।୨୦୦୮
(ନିଳାଦ୍ରୀ ମହୋଦୟାଷ୍ଟମୀ)
ଆପଣଙ୍କର ଧର୍ମ ପରାୟଣତା, ପରୋପକାରିତା, ମିଷ୍ଟ ଭାଷିନତା, ଆତିଥ୍ୟ ପରାୟଣତା ଆମର ଚିର ପାଥେୟ ହେଉ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସତ୍ୟସାଇ ବାବାଙ୍କ ଚରଣ ବିନ୍ଦୁରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅ ହେ ଆଶିଷ ପ୍ରଭୁ ପାଦତଳେ ଏହି ଅଭିଳାଷ।
**ଶୋକସନ୍ତପ୍ତ:** ତୁମର ହତଭାଗ୍ୟ ସ୍ୱାମୀ- ଇ.ଅନ୍ତର୍ଯ୍ୟାମି ମଙ୍ଗରାଜ, ପୁଅ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ। ଧ-୫୮୦୧

**ଷଷ୍ଠତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଡକ୍ଟର ଭ୍ରମରବର ସାମଲ**
ତିରୋଧାନ: ୧୮।୦୫।୨୦୧୩
ଆପଣଙ୍କର ସ୍ନେହ, ଶ୍ରଦ୍ଧା କଥା ଭୁଲି ହେଉନି। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ**
ସ୍ତ୍ରୀ, ଦୁଇ ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ
ଧ-୧୨୪୬୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଡ. ପ୍ରଫେସର ସୁରମା ଦେବୀ Ph.D.**
HIG C-77, Baramunda, H.B. Colony, Bhubaneswar
ଆବିର୍ଭାବ: ୧୫.୦୨.୧୯୪୩
ତିରୋଧାନ: ୨୩.୦୪.୨୦୧୮
ଦେଖୁଁ ଦେଖୁଁ ଏକବର୍ଷ ବିତିଗଲା। ତୁମର ଅଭାବ ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦ୍ମ କମଳରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:** ସ୍ୱାମୀ-ନରସିଂହ ପ୍ରସାଦ ଓ ତାଙ୍କ ଭାଇଭଉଣୀ ଏବଂ ସମସ୍ତ ପରିବାର, ପୁଅ-ନବନୀତ, ସତ୍ୟଜିତ, ବୁଲବୁଲ, ବୋହୂ-ମମତା ଓ ସୁଶ୍ରୀ, ଜାମାତା-ଶିବାନନ୍ଦ, ଝିଅ-ରିମ୍‌ଝିମ୍, ନାତୁଣୀ-ଏନି, ରିନି, ଲାଡ୍‌ଲୀ, ଗୁଡ୍‌ଲୀ, ନାତି-ସାନ୍।
ଧ-୬୬୪୫୧

## ସଂକ୍ଷେପରେ

### ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ବିଜୁଳି ଯୋଗାଣ

#### ପୁରୀର ୧୪, ଖୋର୍ଦ୍ଧାର ୯ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳଯୋଗାଣ ସ୍ୱାଭାବିକ

**ଭୁବନେଶ୍ୱର,୧୧ା୫(ବ୍ୟୁରୋ):** ବାତ୍ୟା ପ୍ରଭାବିତ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ବିଜୁଳି ଯୋଗାଣ ବ୍ୟବସ୍ଥିତ କରାଯାଇଛି। ପୁରୀ ଓ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ପୁରୀ ଜିଲାର ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୧୪ଟି ଓ ଖୋର୍ଦ୍ଧା ଜିଲାର ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୯ଟିରେ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟିସ୍କାନ, ଆଇଏସ୍‌ୟୁ ଓ ନବଜାତ ଶିଶୁ ପ୍ରଯତ୍ନ କେନ୍ଦ୍ର କାର୍ଯ୍ୟ କରୁଛି। ପୁରୀ ଜିଲାର ସମସ୍ତ କିଶୋରୀ ଓ ମହିଳାମାନଙ୍କୁ ମାଗଣାରେ ସାନିଟାରୀ ନାପ୍‌କିନ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲାର ପୁରୀ, ଗୋପ, କଣାସ, ସତ୍ୟବାଦୀ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସ୍ୱାସ୍ଥ୍ୟ ସଚେତନତା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଗାଁ କଲ୍ୟାଣ ସମିତିଗୁଡ଼ିକ ଦ୍ୱାରା ଏଯାବତ ୫୯୪୧ ସଫେଇ କାର୍ଯ୍ୟ ସାଙ୍ଗକୁ ୩୭୯୦୭ଟି ଖୋଲା ଜାଗାରେ ଥିବା ଜଳଉତ୍ସକୁ ବିଶୋଧନ କରାଯାଇଛି। ସମ୍ଭାବ୍ୟ ମହାମାରୀ ପ୍ରତି ସମସ୍ତ ସତର୍କତା ନିମନ୍ତେ କେନ୍ଦ୍ର ସରକାର ଓ ବିଶ୍ୱ ସଙ୍ଗଠନର ସମୁଦାୟ ୨୨ଜଣ ବିଶେଷଜ୍ଞ ନିୟୋଜିତ ହୋଇଛନ୍ତି। କୌଣସି ସ୍ଥାନରେ ସଂକ୍ରାମକ ରୋଗ ବ୍ୟାପିଥିବାର ତଥ୍ୟ ଆସି ନାହିଁ। ଗୃହପାଳିତ ପ୍ରାଣୀ ଅଧିକ ସଂଖ୍ୟାରେ ମୃତ୍ୟୁ ଘଟିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ୟୁନିଟ୍ ସଜାଗ ରହିଛନ୍ତି ବୋଲି ଶନିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପଲିଥିନ ପାଇଁ ପାଣ୍ଠି ନ ଥିବା ପ୍ରସଙ୍ଗ

# ବିଭିନ୍ନ ସ୍ଥାନରେ ତେଜିଲା ଆନ୍ଦୋଳନ

**ବେଗୁନିଆ,୧୧ା୫ (ଡି.ଏନ.ଏ.)**


ସାରୁଅ ପଞ୍ଚାୟତ ସମ୍ମୁଖରେ ପଲିଥିନ ଓ ଟଙ୍କା ପାଇଁ ଲୋକଙ୍କ ଆନ୍ଦୋଳନ।

ବାତ୍ୟା ଫନୀ ପ୍ରଭାବରେ ବେଗୁନିଆ ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନମାନଙ୍କୁ ପଲିଥିନ ବଣ୍ଟନ ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିସହ ରାଶନ କାର୍ଡ ହିତାଧିକାରୀଙ୍କୁ ୫୦ କିଗ୍ରା ଚାଉଳ ଓ ୨ ହଜାର ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୋଗାଣ ବିଭାଗ ପକ୍ଷରୁ ବଣ୍ଟନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପଲିଥିନ ବାବଦକୁ ୫୦୦ ଟଙ୍କା ଲାଗି ପାଣ୍ଠି ନାହିଁ ବୋଲି କହି ହିତାଧିକାରୀମାନଙ୍କୁ ଫେରାଇ ଦିଆଯାଇଥିଲା। ସେହିପରି ୨ ଦିନ ହେଲା କେତେକ ପଞ୍ଚାୟତରେ ହିତାଧିକାରୀମାନଙ୍କୁ କେବଳ ୨ ହଜାର ଟଙ୍କା ଓ ଚାଉଳ ୫୦ କିଗ୍ରା ବଣ୍ଟନ କରାଯାଇଥିଲା। ଆଉ କେତେକ ପଞ୍ଚାୟତ ଅଞ୍ଚଳରେ ହିତାଧିକାରୀମାନଙ୍କୁ ୨୫ ଶହ ଟଙ୍କା ଲେଖାଏ ବଣ୍ଟନ କରାଯାଇଥିଲା। ବ୍ଲକ ଅଞ୍ଚଳରେ ରିଲିଫ ବଣ୍ଟନକୁ ନେଇ ପ୍ରଶାସନ ପକ୍ଷରୁ ଅନିୟମିତତା ଓ ପାତରଅନ୍ତର କରାଯାଇଥିବା ଅଭିଯୋଗ ଉଠିଥିଲା। ରିଲିଫ ବଣ୍ଟନରେ ବ୍ୟତିକ୍ରମକୁ ନେଇ ଶନିବାର ଧରିତ୍ରୀରେ 'ପଲିଥିନ ପାଇଁ ପାଣ୍ଠି ନାହିଁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଆନ୍ଦୋଳନ ତେଜିଥିଲା। ରାସ୍ତାରୋକୋ, ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଉଚ୍ଚବାଚ ଆଦି ଦେଖିବାକୁ ମିଳିଥିଲା। ବଡବେରଣା, ସାରୁଅ, ବେଗୁନିଆ ଆଦି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନେ ପାଟିତୁଣ୍ଡ କରିବା ସହ ପଲିଥିନ ବାବଦକୁ ୫ ଶହ ଟଙ୍କା ବଣ୍ଟନ କରାଯାଉ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ପରେ ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାର ଆସି ଘଟଣାସ୍ଥଳରେ ପହଞ୍ଚି ହିତାଧିକାରୀଙ୍କ ବୁଝାଶୁଝା କରିଥିଲେ।

**ଖବର ପ୍ରକାଶନ ପରେ ଆରମ୍ଭ ହେଲା ସହାୟତା ରାଶି ବଣ୍ଟନ**

ରାଶନ କାର୍ଡଧାରୀଙ୍କୁ ୨୫୦୦ ଟଙ୍କା ଓ ଚାଉଳ ୫୦ କିଗ୍ରା ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ହିତାଧିକାରୀ ମାନେ ବ୍ୟସ୍ତ ହୁଅନ୍ତୁ ନାହିଁ। ସମସ୍ତଙ୍କୁ ୨୫୦୦ ଟଙ୍କା ଲେଖାଏ ସହାୟତା ରାଶି ବଣ୍ଟନ କରାଯିବ। ଯେଉଁମାନେ ୨ ହଜାର ଟଙ୍କା ନେଇଛନ୍ତି ସେମାନଙ୍କୁ ମଧ ଆଉ ଥରେ ୫ ଶହ ଟଙ୍କା ଲେଖାଏ ଦିଆଯିବ ବୋଲି ପରିଡା କହିଥିଲେ। ତେବେ ସାଧାରଣରେ ପ୍ରଶ୍ନ ଉଠୁଛି ରାତିକ ଭିତରେ କିଭଳି ବ୍ଲକ ଅଞ୍ଚଳରେ ଥିବା ୩୨, ୪୮୨ ହିତାଧିକାରୀଙ୍କ ପାଇଁ ପଲିଥିନ ବାବଦ ୫ ଶହ ଟଙ୍କା ଲେଖାଏ କେଉଁଠୁ ଆସିଲା। ତେଣୁ ଏହାର ବିଧିବଦ୍ଧ ତଦନ୍ତ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା କରାଗଲେ କେଉଁଠାରେ ପେଞ୍ଚ ଅଛି ତାହା ସ୍ପଷ୍ଟ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଏକ୍ସପାଏରି ଔଷଧ ଖାଇ ଶିଶୁ ଗୁରୁତର, ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୧୧ା୫**

ଖୋର୍ଦ୍ଧା ସହରର ୧୩ ଦିନର ଶିଶୁ ଏକ୍ସପାଏରି ଔଷଧ ଖାଇ ଗୁରୁତର ହୋଇଛନ୍ତି। ଜଣେ ଔଷଧ ଦୋକାନୀଙ୍କ ତ୍ରୁଟି ଯୋଗୁ ଏଭଳି ଅଘଟଣ ଘଟିଛି। ଅସୁସ୍ଥ ଶିଶୁଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ଘଟଣା ଜଣାପଡିବା ପରେ ଶୁକ୍ରବାର, ଶନିବାର ଖୋର୍ଦ୍ଧାରେ ଉତ୍ତେଜନା ଦେଖାଦେଇଛି। ସମ୍ପୃକ୍ତ ଔଷଧ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶିଶୁଙ୍କ ବାପା ସିଡିଏମ୍‌ଓ, ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅସୁସ୍ଥ ଶିଶୁଙ୍କ ପିତା ବେଗୁନିଆ ଥାନା ପୋଡାଡିହ ଗାଁର ପ୍ରସନ୍ନ ବିଶ୍ୱାଳଙ୍କ ଅଭିଯୋଗ ଅନୁସାରେ, ତାଙ୍କର ୧୩ ଦିନର ପୁଅଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ପୁଅକୁ ଶୁକ୍ରବାର ରାତିରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମେଡିସିନରେ ପାଉଡର ଲେଖିଥିଲେ। ହେଲେ ଔଷଧ ଦୋକନୀ ପାଉଡର ବଦଳରେ ଏକ୍ସପାଏରି ମେଡିସିନ ଦେଇଥିଲେ। ଯାହାକି ଶିଶୁପୁତ୍ର ଖାଇ ଗୁରୁତର ହୋଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ଲିଭାଇ ଦେବା ଓ ରୋଗମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ। -ଚାଣକ୍ୟ



## ସଂକ୍ଷେପରେ

### ବାତ୍ୟା ବିପନ୍ନଙ୍କୁ ଦିଆଗଲା ଟଙ୍କା, ପଲିଥିନ

**କଟକ ସଦର,୧୧।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ'ପରେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ଘରଭଙ୍ଗା କ୍ଷତି ଆକଳନ ଶନିବାର ସୁଦ୍ଧା ଶେଷ ହୋଇପାରି ନ ଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଘର ଛପର ଉଡ଼ିଯାଇଥିବା ବିପନ୍ନ ପରିବାରଙ୍କୁ କିଶନନଗର ଓ କଟକ ସଦର ତହସିଲ ପକ୍ଷରୁ ପଲିଥିନ ବଣ୍ଟନ କରାଯାଇଛି। କିଶନନଗର ତହସିଲରେ ୭୨୦ଜଣ ଓ କଟକ ସଦରରେ ୯୦୦ଜଣଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଆର୍ଥିକ ରିଲିଫ ବାବଦରେ ୩୦ହଜାର ୧୮୪ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ୧କୋଟି ୫୦ଲକ୍ଷ ୯୨ହଜାର ଟଙ୍କା ବଣ୍ଟନ କରାଯାଇଛି। ଏଥିପାଇଁ ପ୍ରତି ରିଟେଲର ପଏଣ୍ଟରେ ଗୋଟିଏ ଲେଖାଏଁ କାଉଣ୍ଟର ଖୋଲାଯାଇ ଟଙ୍କା ବାଣ୍ଟିବାକୁ ତ୍ୱରାନ୍ୱିତ କରାଯାଇଛି।

### ପକ୍ଷୀଙ୍କ ବସା, ଡେଣା ଭାଙ୍ଗି ଦେଇଛି ଫନୀ

**ବାଙ୍କୀ,୧୧।୫(ସ୍ୱ.ପ୍ର.):** ବାଙ୍କୀ ଥାନା ପରିସର ଓ ପାର୍ଶ୍ୱରେ ଥିବା ଫାଶି, ଦେବଦାରୁ, ଜାମୁ ଓ ଆମ୍ବ ଆଦି ଗଛରେ ଶହଶହ ବାଦୁଡି ଏବଂ ଅନ୍ୟ ପକ୍ଷୀ ବାସ କରୁଥିଲେ। ବାତ୍ୟା ଫନୀ ପ୍ରଭାବରେ ବହୁସଂଖ୍ୟକ ବାଦୁଡି ମୃତ୍ୟୁବରଣ କରିଥିବାବେଳେ ଅନେକ ଆହତ ହୋଇଛନ୍ତି। ଆହତ ବାଦୁଡିମାନେ ଉଡି ପାରୁନାହାନ୍ତି, କାରଣ ସେମାନଙ୍କ ଡେଣାରେ ଆଘାତ ଲାଗିବା ସହ କେତେକଙ୍କ ଡେଣା ଭାଙ୍ଗି କଣା ହୋଇଯାଇଛି। ସେଥିପାଇଁ ସେମାନେ ଖାଦ୍ୟ ସଂଗ୍ରହ ପାଇଁ ଯାଇ ପାରୁନାହାନ୍ତି। ଫଳରେ ବାତ୍ୟାପରେ ମଧ ପ୍ରତିଦିନ କିଛି କିଛି ବାଦୁଡି ମରିପଡୁଛନ୍ତି। ପ୍ରକୃତି ପ୍ରେମୀ ପ୍ରାଧାପକ ମନୋଜ ମହାପାତ୍ର, ପ୍ରକୃତି ବନ୍ଧୁ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଦୀପକ ସାମନ୍ତରା, ଅମୀତ ସାହୁ ଓ ଦୁଷ୍ମନ୍ତ ଛାଟୋଇ ପ୍ରମୁଖ ଗଛଡାଳରେ ଆଶ୍ରୟ ନେଇଥିବା ଆହତ ବାଦୁଡିଙ୍କୁ ଫଳଯୋଗାଇ ଦେଉଛନ୍ତି। ସେହିପରି ବାଙ୍କୀର ବିଭିନ୍ନ ଅଞ୍ଚଳରେ ରହୁଥିବା କାଉ, କୋଇଲି, କପୋତ, ଘରଚଟିଆ, ବାୟା ଚଢ଼େଇ, ହଳଦି ବସନ୍ତ ଓ ଗୁଣ୍ଡୁରି ଚଢ଼େଇ ଆଦିଙ୍କ ବସା ଭାଙ୍ଗି ଯାଇଥିବାରୁ ସେମାନେ ମୃତ୍ୟୁବରଣ କରୁଛନ୍ତି।

### ଜଳଛତ୍ର ଉଦ୍‌ଘାଟିତ

**କଟକ ଅଫିସ, ୧୧।୫:** ଶେଲ୍‌ଟର ଛକ ନିକଟସ୍ଥ ଶିବାଜୀନଗରରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଶିବାଜୀ ୟୁଥ୍ କ୍ଲବର ସମ୍ପାଦକ ଅନୁପ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଭାସ ପ୍ରଧାନ, ମିହିର ପରିଜା, ମନୋଜ ସାହୁ, ଅଶୋକ ମହାନ୍ତି, ଭାଜପା ନେତା ମଣ୍ଟୁ ସେଠୀ, ପ୍ରମିଳା ବେହେରା, ଫୁଲ ସେଠୀ ଓ କମଳା ବେହେରା ଉପସ୍ଥିତ ଥିଲେ। ଜଳଛତ୍ର ୧ ମାସ ଧରି ଚାଲିବ ବୋଲି କ୍ଲବ ସମ୍ପାଦକ ପଟ୍ଟନାୟକ କହିଛନ୍ତି।

### ଏସ୍‌ୟୁସିଆଇ(ସି) ପକ୍ଷରୁ ରିଲିଫ କ୍ୟାମ୍ପ

**କଟକ ଅଫିସ, ୧୧।୫:** ଏସ୍‌ୟୁସିଆଇ(ସି) ପକ୍ଷରୁ ଶନିବାର ଶେଲ୍‌ଟର ଛକସ୍ଥିତ ଗୋପବନ୍ଧୁ ସାହିଠାରେ ରିଲିଫ କ୍ୟାମ୍ପ କରାଯାଇ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଏଥିପୂର୍ବରୁ ସଙ୍ଗଠନ ପକ୍ଷରୁ କାଠଯୋଡ଼ି କୂଳ ବାଇଗଣ ବସ୍ତି, କାଠଯୋଡ଼ି ବିହାର ବସ୍ତି, ପେଟାନାଳ ବସ୍ତି, ଚୂନଭାଟି ବସ୍ତି, ଜଗନ୍ନାଥ ରୋଡ୍ ବସ୍ତି, ଚାଉଳିଆଗଞ୍ଜ ଦାସସାହି, ମାଲଗୋଦାମ ବେହେରା ସାହି, ରାଣୀହାଟସ୍ଥିତ ଜୟ ମା' ମଙ୍ଗଳା ବସ୍ତି, ଡକ ବସ୍ତିରେ ରିଲିଫ କ୍ୟାମ୍ପ କରାଯାଇଥିଲା। ବାତ୍ୟାକୁ ୮ ଦିନ ବିତିଯାଇଥିଲେ ମଧ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ସର୍ଭେ କରିନାହିଁ। ଜିଲାର ବହୁ ଅଞ୍ଚଳରେ ବିଜୁଳି ଓ ପାନୀୟଜଳର ଅଭାବ ଲାଗି ରହିଛି। ସାହି ଓ ବସ୍ତିଗୁଡ଼ିକରେ ମୁଣ୍ଡ ଗୁଞ୍ଜିବା ପାଇଁ ଜନସାଧାରଣ ଖଣ୍ଡେ ଜରିପାଲ ମଧ ପାଇନାହାନ୍ତି। ଟାଣ ଖରାରେ ଡହଳ ବିକଳ ହୋଇଛନ୍ତି। କିଛିଦିନ ତଳେ ଭୋଟ ହାତେଇବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରିଥିବା ବିଭିନ୍ନ ରାଜନୈତିକ ଦଳର ନେତାମାନେ ଆଜି ଦୁର୍ଦ୍ଦିନ ସମୟରେ ଲୋକଙ୍କ ପାଖରେ ନାହାନ୍ତି ବୋଲି ଏସ୍‌ୟୁସିଆଇ(ସି) ପକ୍ଷରୁ କୁହାଯାଇଛି। ଆୟୋଜିତ ରିଲିଫ କ୍ୟାମ୍ପକୁ ଏସ୍‌ୟୁସିଆଇ(ସି) କଟକ ଜିଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ପାଭେଲ ପ୍ରିୟଦର୍ଶନ, ଅହଲ୍ୟା ନାୟକ, କେଶବ ପଣ୍ଡା, ବିଚିତ୍ର ନାୟକ, ସନ୍ତୋଷ ପାଠକ, ଗଦାଧର ନାୟକ, ସୁଜାତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ଖବରଦାତା ସମ୍ମିଳନୀରେ ମାହାଙ୍ଗା କଂଗ୍ରେସର ଦାବି

# ବାତ୍ୟା ବିପନ୍ନଙ୍କୁ କ୍ଷୟକ୍ଷତି ସହାୟତା ଦିଆଯାଉ

**ମାହାଙ୍ଗା,୧୧।୫(ସ୍ୱ.ପ୍ର.)**



କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀ।

■ନିଶ୍ଚିନ୍ତକୋଇଲି ବ୍ଲକରେ ଆଦୌ ପଲିଥିନ୍ ଦିଆଯାଇନାହିଁ

■ରିଲିଫ୍‌ରେ କିରୋସିନ ଦିଆଯାଉ ନଥିବା ଅଭିଯୋଗ

ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବାତ୍ୟା ବିପନ୍ନଙ୍କୁ କ୍ଷୟକ୍ଷତି ସହାୟତା ଦେବାକୁ ଶନିବାର ମାହାଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀ କୁଆଁପାଳଠାରେ ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସେକ ମତଲୁବ ଅଲ୍ଲି ଯୋଗଦେଇ ଫନୀ ବାତ୍ୟା ପରେ ସରକାରୀ କଳ ଷ୍ଟାଣ୍ଟୁ ପାଲଟିବା ସହ ବାତ୍ୟା କ୍ଷୟକ୍ଷତି ଆକଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାରୀ କର୍ମଚାରୀ ଅଞ୍ଚଳ ପରିଦର୍ଶନ ନ କରି କାର୍ଯ୍ୟାଳୟରେ ବସି ମନଇଚ୍ଛା ରିପୋର୍ଟ କରୁଛନ୍ତି। ଫଳରେ ପ୍ରକୃତ ବାତ୍ୟାବିପନ୍ନ ସରକାରୀ ରିଲିଫ ଓ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ବାତ୍ୟା ପରବର୍ତ୍ତୀ ସମୟରେ ସରକାର ରିଲିଫରେ କିରୋସିନି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ ତାହା ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ୟତିକ୍ରମ କରାଯାଇଛି। ମୁଖ୍ୟ ଶାସନ ସଚିବ ୧୫ ଦିନର ରନ୍ଧାଖାଦ୍ୟ ଦେବାପାଇଁ ଘୋଷଣା କରିଥିଲେ। ତେବେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ମାତ୍ର ଓଳିଏ ଦି ଓଳି ରନ୍ଧା ଖାଦ୍ୟ ଦିଆଯାଇ ଅବଶିଷ୍ଟ ରନ୍ଧାଖାଦ୍ୟ କ'ଣ ପାଇଁ ଦିଆଯାଇନାହିଁ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ମାହାଙ୍ଗା ବ୍ଲକରେ ଶତକଡା ୨୫ରୁ ୩୦ ଭାଗ ବାତ୍ୟା ବିପନ୍ନଙ୍କୁ ପଲିଥିନ ଦିଆଯାଇଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ଆଦୌ ପଲିଥିନ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ରାଶନକାର୍ଡରୁ ବଞ୍ଚିତ ବହୁ ଗରିବ ଜନସାଧାରଣଙ୍କୁ ତୁରନ୍ତ ରିଲିଫ ଓ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ବହୁ ଚାଷୀଙ୍କର ରବି ଫସଲ, ପନିପରିବା, ଡାଲୁଅଧାନ ଆଦି ନଷ୍ଟ ହୋଇଥିବାବେଳେ ଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ବିନା ସୁଧରେ ଋଣ, ଗୋଚାଷୀଙ୍କୁ ସହାୟତା ଓ ଘରଭାଙ୍ଗିଥିବା ଲୋକଙ୍କୁ ଆବାସଗୃହ ଯୋଗାଇ ଦେବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାତ୍ୟାରେ ନିର୍ବାଚନମଣ୍ଡଳୀରେ ମୃତ୍ୟୁବରଣ କରିଥିବା ୩ଜଣ ଲୋକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ, ଯୁବନେତା ଦିଲୀପ ରାଉତ, ଆଇନଜୀବୀ ଦୀପକ ମହାନ୍ତି, ପ୍ରଭାତ କର, ହାଡିବନ୍ଧୁ ସାହୁ, ସଂଗ୍ରାମ ସାମଲ, ତ୍ରିଲୋଚନ ନାୟକ, ସୁକାନ୍ତ ନନ୍ଦ, ଆକାଶ ପ୍ରଧାନ, ସୌକତ ଅଲ୍ଲି, ଏସକେ ଜାହିର, ରବିନାରାୟଣ ସାହୁ, ବିଜୟ କୁମାର ବେହେରା, ଅମୀୟ ବିଶ୍ୱାଳ, ନଳିନୀ ନାୟକ ଓ ପ୍ରତାପ ନାୟକଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

## ନୀଳଜଗନ୍ନାଥ ସ୍ମୃତି ପ୍ରତିଷ୍ଠାନର ବାର୍ଷିକ ସମାରୋହ

**ବଡ଼ମ୍ବା,୧୧।୫(ଡି.ଏନ.ଏ.)**

ବଡ଼ମ୍ବା ଗଣସାହିତ୍ୟ ସାମ୍ମୁଖ୍ୟ ଆନୁକୂଲ୍ୟରେ ନୀଳଜଗନ୍ନାଥ ସ୍ମୃତି ପ୍ରତିଷ୍ଠାନର ୪ର୍ଥ ବାର୍ଷିକ ସମାରୋହ ବଡ଼ମ୍ବା ନୂଆସାହିସ୍ଥିତ ଭଗତ୍‌ସିଂବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଗଣସାହିତ୍ୟ ସାମ୍ମୁଖ୍ୟ ସଭାପତି ତଥା ବିପ୍ଳବୀ କବି ଧ୍ରୁବ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ତଥା ବରିଷ୍ଠ ଖବରଦାତା ବିରଜା ଚରଣ ପଟ୍ଟନାୟକ ଯୋଗଦେଇ ମାତୃଶକ୍ତିର ଉପାଦେୟତା ଉପରେ ମତପ୍ରଦାନ କରିଥିଲେ। ମୁଖ୍ୟବକ୍ତା ବିଜ୍ଞାନକବି ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ବକ୍ତା ବଡ଼ମ୍ବା ଓକିଲ ସଂଘର ପୂର୍ବତନ ସଭାପତି ହରିହର ବଳବନ୍ତରାୟ ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ତଥା ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ସୁଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମାଜରେ ମାତୃଶକ୍ତି ଯୁଗେଯୁଗେ ପୂଜା ପାଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ପଟ୍ଟନାୟକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷାବିତ୍ ତଥା ସାହିତ୍ୟିକ ରମାକାନ୍ତ ନାୟକ ଓ ରତ୍ନାକର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପଠନ କରାଯାଇଥିଲା। ଗଣସାହିତ୍ୟ ସାମ୍ମୁଖ୍ୟ ସଭାପତି ତଥା ବିପ୍ଳବୀ କବି ରଣାଙ୍କ ଲିଖିତ ୩ଟି କାବ୍ୟ କୃତି ଯଥା ; ଜାତବେଦ, ସ୍ୱପ୍ନର କବିତା ଓ ଉତ୍ତର ଉପପାଦ୍ୟ ଉନ୍ମୋଚିତ ହୋଇଥିଲା। ଆଇନଜୀବୀ ଅଜିତ୍ ପ୍ରସାଦ ଚୌଧୁରୀ ଓ ବିଶିଷ୍ଟ ମହିଳା ସାମାଜିକ କର୍ମୀ ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇ ମା'ର ସନ୍ତାନ ପ୍ରତିଥିବା ଅମୃତବାଣୀର ଇତିକଥା ଉପରେ ସୂଚନା ପ୍ରଦାନ କରିଥିଲେ। ଗଣସାହିତ୍ୟ ସାମ୍ମୁଖ୍ୟ ସଭାପତି ରଣା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ମାୟାଧର ମଲ୍ଲିକ ମଞ୍ଚ ପରିଚାଳନା ସହିତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ବହୁ ମାନ୍ୟଗଣ ମହିଳା ଯୋଗ ଦେଇଥିଲେ।



ନୀଳଜଗନ୍ନାଥ ସ୍ମୃତି ପ୍ରତିଷ୍ଠାନର ବାର୍ଷିକ ସମାରୋହ ଉପଲକ୍ଷେ ପୁସ୍ତକ ଉନ୍ମୋଚନ କରାଯାଉଛି।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଙ୍କୀ,୧୧।୫(ସ୍ୱ.ପ୍ର.)**



ବାଙ୍କୀ କଂଗ୍ରେସ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ବାଙ୍କୀ କଂଗ୍ରେସ ପକ୍ଷରୁ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଜନସାଧାରଣଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଶନିବାର କର୍ମୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ବାଙ୍କୀ ତହସିଲଦାର ଦାବିପତ୍ର ଗ୍ରହଣ କରିଥିଲେ। ଫନୀ ଦ୍ୱାରା କଟକ ଜିଲାର ବାଙ୍କୀ ନିର୍ବାଚନମଣ୍ଡଳୀ ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ନିଷ୍ପତ୍ତି ଅନୁସାରେ କେବଳ ରାଶନକାର୍ଡଧାରୀଙ୍କୁ ରିଲିଫ୍ ଦିଆଯାଉଛି। କଂଗ୍ରେସ ଏହାକୁ ବିରୋଧ କରି ସମସ୍ତ ପ୍ରଭାବିତ ଜନସାଧାରଣଙ୍କୁ ରିଲିଫ୍ ଯୋଗାଇ ଦେବାକୁ ଦାବି କରିଛି। ସେହିପରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳକୁ ଶୀଘ୍ର ପାନୀୟ ଜଳଯୋଗାଣ କରିବାକୁ ଦାବି କରାଯାଇଛି। ବାଙ୍କୀର ହେକ୍ଟର ହେକ୍ଟର ଚାଷଜମି ଉଜୁଡି ଯାଇଥିବା ବେଳେ ଡାଲୁଅ ଧାନଗୁଡିକ ନଷ୍ଟ ହୋଇଯାଇଛି। କିନ୍ତୁ ଏ ଯାବତ୍ ସରକାରୀ ସ୍ତରରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଅନେକ ଘର ଭାଙ୍ଗିରୁଜି ଯାଇଥିବା ବେଳେ ସରକାରୀ ଆକଳନ ଠିକ୍ ହୋଇ ନ ଥିବା ଦଳ ଅଭିଯୋଗ କରିଛି। ବାତ୍ୟା ପ୍ରଭାବିତଙ୍କୁ ଠିକ ଭାବେ ଯାଞ୍ଚକରି ପ୍ରକୃତ ଯୋଗ୍ୟ ଜନସାଧାରଣଙ୍କୁ ଘର ଯୋଗାଇଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଗର କଂଗ୍ରେସ ସଭାପତି ଭାଗୀରଥି ବିଶ୍ୱାଳ, କେନ୍ଦ୍ରୀୟ ଜୋନ ସଭାପତି ବିଜୟ ମହାନ୍ତି, ପୀତବାସ ପ୍ରଧାନ, ଫକୀର ମୋହନ ସେଠୀ, ତିମିର ଛାଟୋଇ, ପ୍ରତାପ ବେହେରା, ବିଶ୍ୱନାଥ ବଳ, ବିଜୁ ମହାପାତ୍ର, ରମାକାନ୍ତ ସେଠୀ, ଭାବଗ୍ରାହୀ ସ୍ୱାଇଁ, ନକୂଳ ପ୍ରଧାନ ଓ ରୂପକ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଫନୀ ବିପନ୍ନଙ୍କୁ ସହାୟତା

**ବାଙ୍କୀ,୧୧।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗୀପୁର ଗ୍ରାମକୁ ଚକାପାଦ ଆଦର୍ଶ ଯୁବପରିଷଦ ପକ୍ଷରୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ଏହିଅବସରରେ ପରିଷଦ ଆବାହକ ତଥା ପ୍ରକୃତିବନ୍ଧୁ ଅକ୍ଷୟ ସାମଲଙ୍କ ସଂଯୋଜନାରେ ଏକ ସଚେତନତା ସଭା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହୋଇଥିଲା। ପ୍ରକୃତିବନ୍ଧୁ ବିଦ୍ୟାଧର ଖଟୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ବାତ୍ୟା ପରବର୍ତ୍ତୀ ସମୟରେ କିପରି ନିଜକୁ ଓ ପରିବେଶକୁ ସଜାଡିବେ ସେ ବିଷୟରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ନିଶାନ୍ତ ପ୍ରିୟମ୍ବଦ ଦାଶଙ୍କ ସହଯୋଗରେ ସମ୍ମାନିତ ଅତିଥି ସାମାଜିକକର୍ମୀ ଜଗମୋହନ ରାଉତ, କରୁଣାକର ପ୍ରଧାନ ଯୋଗଦାନକରି ବକ୍ତବ୍ୟ ରଖିଥିଲେ। ଭଗୀପୁର ଅଙ୍ଗନୱାଡିକର୍ମୀ ସସ୍ମିତା ସାହୁ, ସୌଦାମିନୀ ପ୍ରଧାନ, କୁମୁଦୁନୀ ମିଶ୍ର, ସ୍ୱର୍ଣ୍ଣମଞ୍ଜରୀ ସାହୁ ସହାୟତା ପ୍ରଦାନ କରିଥିଲେ।

## ସୁଧୁରୁଛି ବାତ୍ୟା ବିପନ୍ନଙ୍କ ସ୍ଥିତି

**ନିଶ୍ଚିନ୍ତକୋଇଲି,୧୧।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିପନ୍ନଙ୍କ ସ୍ଥିତି କ୍ରମେ ସୁଧୁରୁଛି। ବିଭିନ୍ନ ଗାଁରେ ବିଦ୍ୟୁତ୍ ସଂଯୋଗ ହେବାପରେ ଲୋକେ ଆସ୍ୱସ୍ତି ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ଫନୀ ଯୋଗୁ ଗଛ ସବୁ ନଷ୍ଟ ହୋଇଯାଇଥିବାରୁ ରୌଦ୍ରତାପ ସାଧାରଣ ଜୀବନଯାତ୍ରାକୁ ଅସ୍ୱାଭାବିକ କରି ପକାଇଛି। ତେବେ ଅପରାହ୍ନରେ ଥଣ୍ଡା ପଡିବାରୁ ବିପନ୍ନ ଉଜୁଡା ସଂସାରକୁ ଗଢି ତୋଳିପା ପାଇଁ ପ୍ରୟାସ କରୁଛନ୍ତି। ଏହି ବ୍ଲକ ଅଞ୍ଚଳରେ ୨୨୧ ଗ୍ରାମ ପ୍ରଭାବିତ ହୋଇଥିଲା। ପ୍ରାୟ ୨ଲକ୍ଷ ୧୨ହଜାର ୫୬୫ଜଣ କ୍ଷତିଗ୍ରସ୍ତ ହୋଇଥିଲେ। ସରକାର ପାରମ୍ଭିକ ସ୍ତରରେ ଚୁଡାଗୁଡ ବିସ୍କୁଟ ଓ ବାତ୍ୟା ସମୟରେ ରନ୍ଧାଖାଦ୍ୟ ଯୋଗାଇଥିବା ବେଳେ ବାତ୍ୟାପରେ ପ୍ରତ୍ୟକ ରାଶନକାର୍ଡ ହିତାଧିକାରୀଙ୍କୁ ୫ କେଜି ଚାଉଳ ଓ କାର୍ଡ ପିଛା ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଭତ୍ତା ହିତାଧିକାରୀଙ୍କୁ ୨ ମାସର ଟଙ୍କା ପ୍ରଦାନ କରାଯାଇଛି। ତେବେ ରାଶନ କାର୍ଡ ନ ଥିବା ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଏଯାବତ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ଏପରି କି ରିଲିଫ ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରତ୍ୟକ ଗାଁକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କ ନିକଟରେ ପାନୀୟଜଳ ପହଞ୍ଚାଇବା ପାଇଁ ଉଦ୍ୟମ ଚାଲିଥିବା ବିଭାଗୀୟ ଯନ୍ତ୍ରୀ ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି।

# ଶନିଶ୍ଚରଙ୍କୁ ଜଳାଭିଷେକ କଲେ ଶତାଧିକ ଶ୍ରଦ୍ଧାଳୁ

**ନିଶ୍ଚିନ୍ତକୋଇଲି,୧୧।୫(ସ୍ୱ.ପ୍ର.)**



ନିଶ୍ଚିନ୍ତକୋଇଲିର ଏକ ପୀଠରେ ଶ୍ରଦ୍ଧାଳୁ ଜଳାଭିଷେକ କରୁଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଶନିବାର ଶନିଶ୍ଚରଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି। ଏହିଅବସରରେ ବିଭିନ୍ନ ଶନିଶ୍ଚରଙ୍କ ପୀଠରେ ଶତାଧିକ ଶ୍ରଦ୍ଧାଳୁ ଶନିଶ୍ଚରଙ୍କଠାରେ ଜଳାଭିଷେକ କରିଛନ୍ତି। ନିଶ୍ଚିନ୍ତକୋଇଲି ଶ୍ୱେତବଟରେ ତୈଳାଭିଷେକ କରାଯାଇଛି। ବ୍ଲକର କଳମିଶ୍ରି ପଞ୍ଚାୟତର ଅମାଣିଆପାଟଣାରେ ଗ୍ରହରାଜଙ୍କ ଜଳାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଚିତ୍ରୋତ୍ପଳା ନଦୀରୁ ଶ୍ରଦ୍ଧାଳୁ ଜଳ ଆଣି ପ୍ରଭୁଙ୍କୁ ଅଭିଷେକ କରାଇଥିଲେ। ସେହିପରି ନିଶ୍ଚିନ୍ତକୋଇଲିସ୍ଥିତ ଶ୍ୱେତବଟଠାରେ ଥିବା ଶନିଶ୍ଚରଙ୍କ ପ୍ରତ୍ୟୁଷରୁ ଗୋପୂଜା, ସୂର୍ଯ୍ୟପୂଜା, ଗ୍ରହରାଜଙ୍କର ନିତ୍ୟପୂଜା, ମାର୍ଜନା, ଉପଚାର ପୂଜା ଅନୁଷ୍ଠିତ ହେବା ପରେ ନବଗ୍ରହଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ମଠ ମହନ୍ତ ବୈଷ୍ଣବ ନିତ୍ୟାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରହରାଜଙ୍କଠାରେ ଜଳାଭିଷେକ କରାଯାଇଥିଲା। ମୁଖ୍ୟପୂଜକ ଭାବେ ପ୍ରବୋଧ ଷଡ଼ଙ୍ଗୀ ଓ ତାଙ୍କ ସହଯୋଗୀ ପୂଜାର୍ଚ୍ଚନା କରିଥିଲେ। ଭକ୍ତ ନିକଟସ୍ଥ ପୁଷ୍କରିଣୀରୁ ମାଟି କଳସୀରେ ଶୁଦ୍ଧପୂତ ଭାବେ ଜଳସଂଗ୍ରହ କରି ଶନିଶ୍ଚରଙ୍କଠାରେ ଜଳାଭିଷେକ କରିଥିଲେ। ବହୁ ଭକ୍ତ ତୈଳଦ୍ୱାରା ଗ୍ରହରାଜଙ୍କର ତୈଳାଭିଷେକ କରିଥିଲେ। ବ୍ଲକ ଅଧକ୍ଷା ସବିତା ଓଝା, ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ଅଶୋକ ଓଝା, ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାବା ନିର୍ମଳ କୁମାର ମିଶ୍ର, ପଣ୍ଡିତ ନିରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ଅନନ୍ତମାଧବ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠରେ ଶନିଶ୍ଚରଙ୍କଠାରେ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ଚନ୍ଦନ ପୁଷ୍କରିଣୀରୁ ଜଳଆଣି ଭକ୍ତ ଶୃଙ୍ଖଳିତ ଭାବେ ଜଳାଭିଷେକ କରିଥିବା ବେଳେ ଗ୍ରହରାଜଙ୍କଠାରେ ଧୂପଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ବ୍ରହ୍ମକ୍ଷେତ୍ର ଶନିଶ୍ଚର ପୂଜା କମିଟି ପକ୍ଷରୁ ମୁଖ୍ୟପୂଜକ ବନ ବିହାରୀ ମିଶ୍ର, ସହଯୋଗୀ ସରୋଜ କୁମାର ମିଶ୍ର, ଶାରଦା ପ୍ରସନ୍ନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସରପଡ଼ାରେ ଥିବା ଶନିଶ୍ଚର ପୂଜା କମିଟି ପକ୍ଷରୁ ଜଳାଭିଷେକ ଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ଣ୍ଣଦ୍ୱୟା ଚିତ୍ରୋତ୍ପଳା ତଟ କେନ୍ଦୁପାଟଣା ଖଣ୍ଡେଇଶୁଣୀ ମନ୍ଦିର ପରିସରରେ ଥିବା ଶନିଶ୍ଚରଙ୍କଠାରେ ଜଳାଭିଷେକ କରାଯାଇଛି। ସେହିପରି ମହାଜନପୁର ମା' ମଙ୍ଗଳା ପୀଠସ୍ଥଳୀରେ ଥିବା ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ କରାଯାଇଛି।

### ଜନାର୍ଦ୍ଦନପୁରରେ ଭକ୍ତଙ୍କ ଭିଡ଼

**ନେମାଳ,୧୧।୫(ଡି.ଏନ.ଏ.):** ଶନିଶ୍ଚରଙ୍କ ଜଳାଭିଷେକ ଉତ୍ସବ ଲାଗି ନେମାଳସ୍ଥ ଜନାର୍ଦ୍ଦନପୁରର ପ୍ରସିଦ୍ଧ ଗ୍ରହରାଜ ଶନିଶ୍ଚରଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ନବଗ୍ରହ ପୂଜା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବିଭିନ୍ନ ପ୍ରାନ୍ତରୁ ପ୍ରଭାତରୁ ଶ୍ରଦ୍ଧାଳୁ ପହଞ୍ଚି ପୂର୍ଣ୍ଣଦ୍ୱୟା ଚିତ୍ରୋତ୍ପଳା ନଦୀରୁ ଜଳ ଆଣି ଶନିଶ୍ଚରଙ୍କ ମସ୍ତକରେ ଜଳଲାଗି କରିଥିଲେ। ଶ୍ରଦ୍ଧାଳୁଙ୍କ ନିମିତ ସ୍ୱତନ୍ତ୍ର ବାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ନେମାଳ ଥାନା ପୋଲିସ ପକ୍ଷରୁ ୨ ପ୍ଲାଟୁନରୁ ଊର୍ଦ୍ଧ୍ୱ ଫୋର୍ସ ନିୟୋଜିତ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଦମକଳ କେନ୍ଦ୍ରର କର୍ମଚାରୀ ନିୟୋଜିତ ହୋଇ ଶ୍ରଦ୍ଧାଳୁଙ୍କୁ ସହଯୋଗ କରିଥିଲେ। ନବଗ୍ରହ ପୂଜା କମିଟି ସଭାପତି ଦେବେନ୍ଦ୍ରନାଥ ସେଠୀ, ପ୍ରଦୀପ୍ତ କିଶୋର ଷଡ଼ଙ୍ଗୀ, ପ୍ରତାପ ଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ବେହେରା ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। ସେହିପରି ନେମାଳ ପଞ୍ଚାୟତର ମାଳିଗାଁ, ସାନ୍ତପୁରର ବକ୍ରଶ୍ୱର ପୀଠ, ନରେନ୍ଦ୍ରପୁର, ବାବୁଜଙ୍ଗ ଆଦି ସ୍ଥାନରେ ଶନିଶ୍ଚରଙ୍କ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ନେମାଳସ୍ଥ ଜନାର୍ଦ୍ଦନପୁରର ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

### ବିଭିନ୍ନ ସ୍ଥାନରେ ଶନିଦେବଙ୍କୁ ଜଳଲାଗି

**ଚୌଦ୍ୱାର,୧୧।୫(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଓ ଏହାର ଆଖପାଖ ପଞ୍ଚାୟତର ଶନିଶ୍ଚରଙ୍କ ପୀଠରେ ପୂଜା ଓ ଜଳଲାଗି କରାଯାଇଛି। ପୌରପାଳିକାର ବ୍ରାହ୍ମଣସାହି, ୧୭ନଂ. ୱାର୍ଡ ନୂଆସାହି, ଶଙ୍କରପୁର, ଆଗ୍ରାହାଟ, ଡିହସାହି, ନୂଆଗାଁ ଓ କୟଳପଡ଼ା ଗ୍ରାମରେ ଥିବା ଶନିଦେବଙ୍କ ପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଜଳଲାଗି କରିଥିଲେ। ଚାଞ୍ଚୋ ଗ୍ରାମର ଶନିଦେବଙ୍କ ପୀଠରେ ଭକ୍ତଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

### ସାଲେପୁରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ସାଲେପୁର,୧୧।୫(ଡି.ଏନ.ଏ.):** ଶନିଶ୍ଚରଙ୍କ ଜନ୍ମଦିବସ ଅବସରରେ ସାଲେପୁର ଅଞ୍ଚଳରେ ଅବସ୍ଥିତ ଶନିଶ୍ଚର ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସାଲେପୁରର ବିଶେଶ୍ୱର ମହାଦେବ, କଳାଗିନି ପୀଠ ବୋଦାମୁଣ୍ଡାଇ, ସାଲେପୁର କଲେଜ୍ ରୋଡ୍, ରାଇସୁଙ୍ଗୁଡା ସମେତ ବିଭିନ୍ନ ସ୍ଥାନରେ ଅବସ୍ଥିତ ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ।

### ମାହାଙ୍ଗାରେ ଶନିଶ୍ଚରଙ୍କ ଜଳାଭିଷେକ ଉତ୍ସବ

**ମାହାଙ୍ଗା,୧୧।୫(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକର ବିଭିନ୍ନ ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋର ସମୟରୁ ଯଥାବିଧି ପୂର୍ବକ ଶନିଶ୍ଚରଙ୍କ ପୂଜାର୍ଚ୍ଚନା ପରେ ଅଭିଷେକ ହୋଇଥିଲା। ଏହାପରେ ମାନସକଧାରୀ ଶ୍ରଦ୍ଧାଳୁ ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ। ବ୍ଲକ ଅଧୀନ ଗୁଣ୍ଡୁପୁରର ବିରୁପା ନଦୀକୂଳ ଶନିଘାଟଠାରେ ବହୁ ଜନସମାଗମ ଦେଖିବାକୁ ମିଳିଥିଲା। ମୁଖ୍ୟ ପୂଜକ ସନ୍ତୋଷ କର, କୁଳମଣି ସାହୁ, ରାମକୃଷ୍ଣ ସାହୁ, ପ୍ରତାପ ସାହୁ, ରମେଶ ସିଂହ ଓ ତପନ ନାଥଙ୍କ ସମେତ ଶନିଶ୍ଚର ପୂଜା କମିଟି ଏବଂ ଗ୍ରାମବସୀଙ୍କ ସହଯୋଗରେ ଏହା ଆୟୋଜନ କରାଯାଇଥିଲା। ସେହିପରି ମାହାଙ୍ଗାର ବିଭିନ୍ନ ଶନିଶ୍ଚରଙ୍କ ପୀଠ ମଧ୍ୟରେ ଜହଳ ବଟ ମହାପୁରୁଷ, ପଶୁଲୁଣ୍ଡା, କାହ୍ନୁପୁର, ତ୍ରିବେଣୀଶ୍ୱର, ଉଷୁମା ପାଟଣା,ଜଳେଶ୍ୱରପୁର ଶନିଶ୍ଚର ମନ୍ଦିର, ମାହାଙ୍ଗା ଲଙ୍ଗଳେଶ୍ୱର, ଇଟାମୁଣ୍ଡୁଳି ତାରିଣୀ ପୀଠ, ଗୌଡଗୋପ, ବାଲିପଡା, ନାହାଙ୍ଗ ରାମେଶ୍ୱରପୀଠ, ନାହାଙ୍ଗ ଷଣ୍ଢ ମଠ, କୁରୁଜଙ୍ଗା, କୁହୁଣ୍ଡା, ଅମିନବାଦ, ଅକରପଡା, ପ୍ରହରାଜପୁର ବନବିହାରୀପୀଠ ଓ ଓସ୍ତପୁର ପଞ୍ଚସଖା ଆଶ୍ରମ ସନ୍ନିକଟ ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁ ଜଳାଭିଷେକ କରି ବିଭୁକୃପା ଲାଭକରିଥିଲେ।



ଋଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ଲିଭାଇ ଦେବା ଓ ରୋଗମୁକ୍ତ ହେବା ଆବଶ୍ୟକ। କାରଣ ଋଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ। -**ଚାଣକ୍ୟ**



## ସଂକ୍ଷେପରେ

### ବନ୍ଦ ହେଲା ୪୯ ସହାୟତା କେନ୍ଦ୍ର

ଭୁବନେଶ୍ୱର,୧୧।୫(ବ୍ୟୁରୋ)- ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ୬୭ଟି ସହାୟତା ପ୍ରଦାନ କେନ୍ଦ୍ରରୁ ୪୯ଟିକୁ ବନ୍ଦ କରି ଦିଆଯାଇଛି। ଇନ୍‌ଫୋସିଟି, ଜାଭିୟର, କୁଆଖାଇ, ଖଣ୍ଡଗିରି, ଏୟାରପୋର୍ଟ, ସ୍ମାର୍ଟଡ଼ିଷ୍ଟ୍ରିକ୍ଟ, କଟକ ରୋଡ଼ ଓ ଲିଙ୍ଗରାଜ ଅଞ୍ଚଳରେ ମୋଟ ୧୮ଟି ସହାୟତା କେନ୍ଦ୍ର ଖୋଲା ରହିଛି। ଏଯାବତ୍ ୮୨, ୬୪୫ ଜଣଙ୍କୁ ବାତ୍ୟା ଲାଗି ସହାୟତା ରାଶି ମିଳିସାରିଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୧୮, ୩୫୪ ରାଶନ ହିତାଧିକାରୀଙ୍କୁ ୯, ୧୭୭ କୁଇଣ୍ଟାଲ ଚାଉଳ ଦିଆଯାଇଛି। ଆଜି ଯାଏ ମୋଟ ୮୨, ୬୪୫ ଜଣଙ୍କୁ ୨୦କୋଟି ୬୬ ଲକ୍ଷ ୧୨ ହଜାର ୫ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶନିବାର ସୁଦ୍ଧା ବିଏମ୍‌ସି ମୁଖ୍ୟାଳୟରେ ଥିବା ବହୁମୁଖୀ ନିୟନ୍ତ୍ରଣ କକ୍ଷରେ ୧୨୪୧ଟି ଅଭିଯୋଗ ଆସିଥିବା ବେଳେ ଶନିବାର ମୋଟ ୧୨୨ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗଛ କାଟିବା ନେଇ ୮୧ଟି ଅଭିଯୋଗ ଆସିଥିବା ବେଳେ ଅନ୍ୟ ସମସ୍ତ ପାଣି ସମସ୍ୟା ନେଇ ଆସିଛି। ଅନ୍ୟପକ୍ଷେ ଶନିବାର ସହର ସ୍ୱାସ୍ଥ୍ୟ ଅଧିକାରୀ ବିଭିନ୍ନ ସ୍ଥାନରେ ମଶାଧୂଆଁ ଗାଡ଼ି ବୁଲାଇଛନ୍ତି। ଉଲ୍ଲେଖ ଥାଉ କି, ମେ ୧ ତାରିଖଠାରୁ ବିଏମ୍‌ସି ମୁଖ୍ୟାଳୟରେ ବହୁମୁଖୀ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ଥିଲା। ମେ ୬ରୁ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ମୋଟ ୬୭ଟି ସହାୟତା କେନ୍ଦ୍ର ମଧ୍ୟରୁ ଶୁକ୍ରବାର ୩୦ଟି କେନ୍ଦ୍ରକୁ ବିଏମ୍‌ସି ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ଶନିବାର ସହରରେ ଚାଲିଥିବା ୩୭ଟି କେନ୍ଦ୍ରରୁ ୧୯ଟିକୁ ବନ୍ଦ କରି ଦିଆଯାଇଛି ବୋଲି ବିଏମ୍‌ସିର ପକ୍ଷରୁ କୁହାଯାଇଛି।

### ୮ଦିନ ପରେ ସ୍ୱାଭାବିକ ହେଲା ପାର୍କ

ଭୁବନେଶ୍ୱର,୧୧।୫(ବ୍ୟୁରୋ)- ବାତ୍ୟା 'ଫନୀ' ଯିବାର ୮ଦିନ ପରେ ଭୁବନେଶ୍ୱରର ୧୦ଟି ପାର୍କ ଏବେ ସ୍ୱାଭାବିକ ହୋଇଛି। ଲୋକମାନେ ମର୍ନିଂ ୱାକ ସହ ମୁକ୍ତାକାଶ ଜିମ୍‌ର ମଜା ନେଉଥିବା ବେଳେ ଛୋଟପିଲାଙ୍କ ଖେଳିବା ସ୍ଥାନ ଓ ପାର୍କରେ ଥିବା ଭଙ୍ଗା ଗଛଗୁଡିକୁ ସଫା କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)ର ମୁଖ୍ୟ ୧୦ଟି ପାର୍କ ଯଥା ବିଜୁ ପଟ୍ଟନାୟକ, ଇନ୍ଦିରା ଗାନ୍ଧୀ, ବୁଦ୍ଧ, ମାହାତ୍ମା ଗାନ୍ଧୀ, କେଳୁଚରଣ ମହାପାତ୍ର, ଖାରବେଳ, ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କେ ୮' କଳିଙ୍ଗନଗର ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କକୁ ବର୍ତ୍ତମାନ ସ୍ୱାଭାବିକ କରାଯାଇଛି। ଦୁଇଦିନ ମଧ୍ୟରେ କେବଳ ବିଜୁ ପଟ୍ଟନାୟକ ପାର୍କରୁ ୨୦୦ ଟ୍ରିପ୍ ଭାଙ୍ଗି ପଡ଼ିଥିବା ଗଛକୁ ବାହାରକୁ କାଢି ସଫା କରାଯାଇଛି। ୮୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ପାର୍କକୁ ପରିଷ୍କାର କାମ ଜାରି ରଖିଥିଲେ। ପାର୍କରୁ ସମସ୍ତ ଆବର୍ଜନା ଉଠେଇବା ଲାଗି ଆହୁରି କିଛିଦିନ ସମୟ ଲାଗିବ ବୋଲି କୁହାଯାଇଛି। ଏହାବ୍ୟତୀତ ଅନ୍ୟ ପାର୍କଗୁଡ଼ିକରେ ମଧ ସେହି ଅବସ୍ଥା ଥିବାରୁ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବାକୁ ଆଉ୨ ରୁ ୩ଦିନ ଲାଗିବ ବୋଲି ବିଡ଼ିଏ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ପୋଖରୀପୁଟ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ନୃପ କିଶୋର ପଟ୍ଟନାୟକ କହିଥିଲେ ଯେ, ପାର୍କଗୁଡ଼ିକ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଥିବାରୁ ବହୁତ୍ ଖୁସି ଲାଗୁଛି। ଏବେ ବି ପାର୍କର ସଫେଇ ଜୋରସୋର ଚାଲିଛି। ପାର୍କର ସବୁଜିମା ଫନୀ ଦ୍ୱାରା ଧ୍ୱସ୍ତ ହୋଇଯାଇଛି। ବିଭାଗୀୟ ଅଧିକାରୀମାନେ ପାର୍କରେ ଏବେ ଅଧିକରୁ ଅଧିକ ଗଛ ଲଗାଇବା କାର୍ଯ୍ୟ କରିବା ଆବଶ୍ୟକ।

■ ଫନୀ ଆଁରେ ୫୪୫ କୋଟି କ୍ଷୟକ୍ଷତି

# ଭୁବନେଶ୍ୱର, ବାଲିପାଟଣା ବ୍ଲକରେ ୫ ମୃତ

**ଖୋର୍ଦ୍ଧା ଅଫିସ,୧୧।୫**

ବାତ୍ୟା ଫନୀ ଖୋର୍ଦ୍ଧା ଜିଲାରୁ ୫୪୫ କୋଟି ଟଙ୍କାର ସମ୍ପତ୍ତି ଉଜାଡି ଦେଇଥିବାବେଳେ ୨ଟି ବ୍ଲକର ୫ଜଣଙ୍କୁ ମୃତ୍ୟୁ ଘଟିଛି। ଏଥିରେ ଜିଲାର ୧୯, ୮୮୦ ବଖରା ଘର ଓ ୩୯୦୦ କୁଡିଆ ଘର ଭାଙ୍ଗିଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡିଥିବା ଜିଲା ଆପତକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ୧୦ଟି ବ୍ଲକ, ୨ ମ୍ୟୁନିସିପାଲିଟି, ୨ ଏନ୍‌ଏସି, ବିଏମ୍‌ସର ୧୬୬୯ ଗାଁର ୨୫ ଲକ୍ଷ ୨ ହଜାର ୮ଜଣ ପ୍ରଭାବିତ ହୋଇଛନ୍ତି। ୨୮ ଲକ୍ଷ ୧୩ ହଜାର ହେକ୍ଟର ଜମି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୭୯୬୫ ହେକ୍ଟର ରବି ଫସଲ ପ୍ରଭାବିତ ହୋଇଛି। ୭ ଲକ୍ଷ ୭୮, ୨୬୯ ଟଙ୍କାର ଫସଲ ନଷ୍ଟ ହୋଇଛି। ତେବେ ୬୦୨୭ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଛି। ସେହିପରି ୧୫, ୯୮୦ ଘର ଭାଙ୍ଗିଯାଇଥିବାବେଳେ ୩, ୯୦୦ କୁଡିଆ ଘର ଭାଙ୍ଗିଛି। ସେହିଭଳି ୫୯,୦୩୭ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମୋଟ ଘର ଭଙ୍ଗା କ୍ଷତି ୧ କୋଟି ୮୩ ଲକ୍ଷ ୩୬, ୬୬୭ ଟଙ୍କା ବୋଲି ଦର୍ଶାଯାଇଛି। ବାଲିପାଟଣା ବ୍ଲକର ୪ ଓ ଭୁବନେଶ୍ୱର ବ୍ଲକର ଜଣେ ଏପରି ୫ ଜଣ ଏଥିରେ ପ୍ରାଣ ହରାଇଥିବାବେଳେ ୬୫୫ ଗୃହପାଳିତ ଛୋଟ ଓ ବଡ ପ୍ରାଣୀ, ୬ ଲକ୍ଷ ୫, ୪୧୨ କୁକୁଡା ପ୍ରାଣ ହରାଇଛନ୍ତି। ସ୍କୁଲ ଗୃହ, ରାସ୍ତା, ଶଙ୍ଖ, କଲଭର୍ଟ ପରି ସରକାରୀ ସମ୍ପତ୍ତି ୩୬୨ କୋଟି ୨୦ ଲକ୍ଷ ୨ ହଜାର ୬୨୭ ଟଙ୍କା ଅନୁରୂପ ଭାବେ କ୍ଷୟକ୍ଷତି ହୋଇଛି।

### ପ୍ରସ୍ତୁତ ହୋଇପାରୁନି ଚୂଡ଼ାନ୍ତ ରିପୋର୍ଟ

ବାତ୍ୟା ଯିବାର ୮ ଦିନ ବିତିଯାଇଛି। ହେଲେ କ୍ଷେତ୍ର ପରିଦର୍ଶନ ନ କରି ପ୍ରାରମ୍ଭିକ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ପରେ ବହୁ ବିପନ୍ନ ବାଦ୍ ପଡିବାର ସନ୍ଦେହ କରାଯାଉଛି। ଏଭଳିସ୍ଥଳେ କ୍ଷୟକ୍ଷତିର ଚୂଡାନ୍ତ

**ଭାଙ୍ଗିଛି ୧୯, ୮୮୦ ଘର**

ରିପୋର୍ଟ ପ୍ରସ୍ତୁତ କରିବାରେ ପ୍ରଶାସନ ଫେଲ୍ ହୋଇଛି। ଯେଉଁଭଳି ଢ଼ଙ୍ଗରେ କ୍ଷୟକ୍ଷତି ଆକଳନ ଚାଲିଛି ମାସକ ମଧ୍ୟରେ ଚୂଡାନ୍ତ ରିପୋର୍ଟ ସଂଗ୍ରହ କରିବା କାଠିକାର ପାଠ ହୋଇପଡିବ ବୋଲି କୁହାଯାଉଛି। ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ ପାଇବାବେଳେ ବହୁ କ୍ଷତିଗ୍ରସ୍ତ କ୍ଷୟକ୍ଷତି ତାଲିକାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସିଲାଣି। କାରଣ ବାତ୍ୟା ସହାୟତା ଓ ରିଲିଫ ହାତେଇବା ପାଇଁ ଅଯୋଗ୍ୟ ହିତାଧିକାରୀ ଧରାଧରି କରି ନିଜକୁ ଯୋଗ୍ୟ ରୂପେ ଦର୍ଶାଇ ସେମାନଙ୍କର ଲୁଟିବା ପ୍ରକ୍ରିୟା ଆରମ୍ଭ କରି ସାରିଲେଣି। ବିପନ୍ନ ପରିବାର ସହାୟତା ନ ପାଇ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ବିଡିଓ ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସମେତ ଜିଲା ଆପତ୍‌କାଳୀନ ବିଭାଗକୁ ଆସୁଥିବା ଦେଖିବାକୁ ମିଳୁଛି। କେଉଁଠି କେଉଁଠି ଧାରଣା, ପ୍ରତିବାଦ, ରାସ୍ତାରୋକୋ ବି ହେଲାଣି। ଅନ୍ୟପକ୍ଷେ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଟିମ୍ ପହଞ୍ଚି କ୍ଷୟକ୍ଷତି ଆକଳନ କରିବାର ରହିଛି। କେନ୍ଦ୍ରୀୟ ଟିମ୍ ଆସିବା ପୂର୍ବରୁ ପ୍ରାରମ୍ଭିକ ରିପୋର୍ଟ ପ୍ରସ୍ତୁତ କରାଯାଇ ଅଧିକ ଅନୁଦାନ ହାତେଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କାରଣ ବାତ୍ୟା ପୂର୍ବରୁ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଖୋର୍ଦ୍ଧା ଜିଲାକୁ କେନ୍ଦ୍ର ଅନୁଦାନ ଆସିଛି କି ନାଁ ପ୍ରଶାସନ ପକ୍ଷରୁ ଏଯାବତ ସଫେଇ ଦିଆଯାଇନି। ପୁଣି ଖବରଦାତା ସମ୍ମିଳନୀ କରି ପ୍ରଶାସନ କ୍ଷୟକ୍ଷତି ରିପୋର୍ଟ ମଧ୍ୟ ଗଣମାଧ୍ୟମକୁ ଦେଉନି। ଜିଲାରେ ଏତେବଡ ବାତ୍ୟା ହୋଇଥିଲେ ବି ଜିଲାର କ୍ଷତିକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଜିଲା ପ୍ରଶାସନର ଆଗ୍ରହ ପ୍ରକାଶ ନ କରିବାର କାରଣ ବୁଝାପଡୁନି। କାରଣ ବାତ୍ୟା ପୂର୍ବରୁ ଓ ପରେ ଜିଲା ପ୍ରଶାସନର ବୈଠକରେ ଗଣମାଧ୍ୟମକୁ ତଥ୍ୟ, ଫଟୋ ସଂଗ୍ରହ କରିବାରେ ସୁଯୋଗ ଦିଆଯାଉନି।



ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ।

## ୨୨ହଜାର ହିତାଧିକାରୀଙ୍କୁ ଦ୍ୱିଗୁଣିତ ଭତ୍ତା

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବାତ୍ୟା 'ଫନୀ' ପରେ ଭୁବନେଶ୍ୱରର ଜନସାଧାରଣ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏ ନେଇ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ୨୨ ହଜାର ହିତାଧିକାରୀଙ୍କୁ ଦ୍ୱିଗୁଣିତ ଭତ୍ତା ପ୍ରଦାନ କରାଯିବ। ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ଭିନ୍ନକ୍ଷମ ଭତ୍ତା, ୩୦ରୁ ଉର୍ଦ୍ଧ୍ୱ ଅବିବାହିତା ମହିଳାଙ୍କ ବିପିଏଲ ଭତ୍ତା, ଏଚ୍‌ଆଇଭି ରୋଗୀ ଭତ୍ତା ଓ ମାନସିକ ବିକାରଗସ୍ତ ଭତ୍ତା ପାଉଥିବା ହିତାଧିକାରୀ ମେ' ମାସ ସହ ପୁଣି ଅଧିକ ଏକ ମାସର ଭତ୍ତା ପାଇବେ। ପୁଣି ଜୁନ୍ ମାସରେ ସ୍ୱାଭାବିକ ଭାବେ ସେମାନଙ୍କୁ ଭତ୍ତା ମିଳିବ ବୋଲି କୁହାଯାଇଛି। ହିତାଧିକାରୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ତଥା ଆବଶ୍ୟକ ସାମଗ୍ରୀ କିଣିବା ଲାଗି ଏହି ଅର୍ଥ କିଛି ପରିମାଣରେ କାମରେ ଆସିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଉଲ୍ଲେଖ ଥାଉ କି, ପ୍ରତ୍ୟେକ ମାସ ୫ ରୁ ୧୮ ତାରିଖ ଯାଏ ବିଏମ୍‌ସିର ୬୭ଟି ୱାର୍ଡ଼ରେ ଉପଭୋକ୍ତାଙ୍କୁ ଭତ୍ତା ପ୍ରଦାନ କରାଯାଏ। ଚଳିତମାସରେ ମଧ୍ୟ ଉକ୍ତ ସମୟରେ ଭତ୍ତା ପ୍ରଦାନ କରାଯିବ। ୧୭ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଦ୍ୱିଗୁଣିତ ଭତ୍ତା ପ୍ରଦାନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନଙ୍କ ସମସ୍ୟାଗୁଡ଼ିକୁ ଲକ୍ଷ୍ୟକରି ବିଏମ୍‌ସି ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ହିତାଧିକାରୀମାନେ ଚଳିତମାସରେ ଦୁଇ ମାସର ଭତ୍ତା ଏକାସାଙ୍ଗରେ ପାଇବେ ବୋଲି ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ଓ ଟଙ୍କା

**କୃଷ୍ଣପ୍ରସାଦ,୧୧।୫(ଡି.ଏନ.ଏ.)**

ଫନୀ ବାତ୍ୟାର ୮ ଦିନ ପରେ ଶନିବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କ୍ଷତିଗ୍ରସ୍ତ ରାଶନ କାର୍ଡ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଟଙ୍କା ଓ ଚାଉଳ ବଣ୍ଟନ କରାଯାଇଛି। କାର୍ଡ ପ୍ରତି ୫୦ କେ.ଜି. ଚାଉଳ ଓ ୨୦୦୦ ଟଙ୍କା ରିଲିଫ୍ ବଣ୍ଟନ କରାଯାଇଛି। ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଏହି ପଞ୍ଚାୟତର ୧୦୦୦ ଜଣ ରାଶନ କାର୍ଡଧାରୀଙ୍କ ମଧ୍ୟରୁ ୨୫୦ ହିତାଧିକାରୀ ରିଲିଫ୍ ପାଇଥିବାବେଳେ ଅବଶିଷ୍ଟଙ୍କୁ ରବିବାର ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ପରେ ପଲିଥିନ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ରିଲିଫ୍ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ତେବେ ବାତ୍ୟାରେ ଧନୀ, ଗରିବ ନିର୍ବିଶେଷରେ ସମସ୍ତେ କ୍ଷତିଗ୍ରସ୍ତ ହୋଇଥିବାବେଳେ କେବଳ ରାଶନ କାର୍ଡ ହିତାଧିକାରୀଙ୍କୁ ଏହି ସୁବିଧା



ହିତାଧିକାରୀଙ୍କୁ ରିଲିଫ ପ୍ରଦାନ କରାଯାଉଛି।

ପ୍ରଦାନ କରାଯିବାରୁ ଅନ୍ୟମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଭିଯୋଗ ହୋଇଛି। ସରକାର ଏଭଳି ପାତରଅନ୍ତର ନୀତି ପୋଷଣ କରୁଥିବାବେଳେ ଡିଲରମାନେ ପ୍ରତି ପ୍ୟାକେଟ୍‌ରୁ ୨ରୁ ୩ କେ.ଜି. ଚାଉଳ କମାଇ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରତି ପ୍ୟାକେଟ୍‌କୁ ଓଜନ କଲେ ୫୦ କେ.ଜି. ବଦଳରେ ୪୭ କିମ୍ବା ୪୮ କେ.ଜି. ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ କି, ବାତ୍ୟା ପରେ ଅକ୍ଷୟ ଫାଉଣ୍ଡେଶନ୍ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏଠାରେ ପ୍ରତି ପରିବାରକୁ ଗୋଟିଏ ୫ ଟଙ୍କିଆ ବିସ୍କୁଟ୍ ପ୍ୟାକେଟ୍ ଓ ୧ ଲିଟର ପାନୀୟ ଜଳ ପ୍ରଦାନ କରାଯାଇଛି। ଗୋଟିଏ ପରିବାର ପ୍ରତି ଏଭଳି ସହାୟତା ହାସ୍ୟସ୍ପଦ ମନେ ହୋଇଛି।

### ଅଣହିତାଧିକାରୀଙ୍କୁ ମିଳିବ ସହାୟତା

**ପୁରୀ ଅଫିସ,୧୧।୫:**

ପୁରୀ ଜିଲାରେ ବାତ୍ୟା ପ୍ରପୀଡ଼ିତଙ୍କ ନିମନ୍ତେ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଶୁକ୍ରବାର ସୁଦ୍ଧା ବିଭିନ୍ନ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୨୮୫୦ କୁଇଣ୍ଟାଲ ଚୁଡା, ୩୭୫ କୁଇଣ୍ଟାଲ ଗୁଡ଼, ଦେଢଲକ୍ଷ ପରିବାର ନିମନ୍ତେ ପଲିଥିନ ଏବଂ ପ୍ରାୟ ୧୩୦୦୦ ଖାଦ୍ୟପୁଡ଼ିଆ ବଣ୍ଟନ ପାଇଁ ପଠାଯାଇଛି। ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ୨ହଜାର ଟଙ୍କା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଣହିତାଧିକାରୀଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ଟଙ୍କା ବଣ୍ଟନର ବ୍ୟବସ୍ଥା କରାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ୫୦ କେଜି ଚାଉଳ ବଣ୍ଟନ ଶେଷ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

■ ଅଗ୍ନିକାଣ୍ଡ: ଜଳିଗଲା ୩ ବଖରା

## ୩ ଗାଈ ଗୁରୁତର, ୫୦ କୁକୁଡ଼ା ମୃତ

**ବୋଲଗଡ଼,୧୧।୫(ଡି.ଏନ.ଏ.)**

ବୋଲଗଡ଼ ତହସିଲ ବାଙ୍କୋଇ ଅଞ୍ଚଳର ବାରବାଟି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି । ୩ ପରିବାରଙ୍କ ଘର ଜଳିଯିବା ସହିତ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର କାଠ ସାମଗ୍ରୀ ଓ ଆସବାବ ପତ୍ର ଭସ୍ମୀଭୂତ ହୋଇଯାଇଛି । ଏଥିରେ ୩ ଦୁଧିଆଳୀ ଗାଈ ପୋଡ଼ି ଗୁରୁତର ହୋଇଥିବାବେଳେ ୫୦ କୁକୁଡ଼ା ମରି ପଡ଼ିଛନ୍ତି। ନିଆଁରେ ପ୍ରାୟ ୫ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନିବିପନ୍ନମାନେ ହେଲେ ଏହି ଗ୍ରାମର ସୁରେଶ ସାମନ୍ତସିଂହାର, ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଶୁଭ୍ରକାନ୍ତ ସାମନ୍ତରାୟ। ଘର ଚୁଲିରୁ ନିଆଁ ଲାଗିଥିବା ସନ୍ଦେହ ହୋଇଛି।

## ସଫେଇ କର୍ମଚାରୀଙ୍କୁ ଖାଦ୍ୟ ବଣ୍ଟନ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସଫେଇ କର୍ମଚାରୀ, ଜେସିବି ହେଲ୍‌ପର ଓ ଡ୍ରାଇଭରଙ୍କୁ ବିଏମ୍‌ସି ପକ୍ଷରୁ ୧ ହଜାର ଖାଦ୍ୟ ପ୍ୟାକେଟ ବଣ୍ଟାଯାଇଛି। ଏନ୍‌ଡ଼ିଆର୍‌ଏଫ୍, ଅଗ୍ନିଶମ, ଓଡ୍ରାଫ, ଓଏଫ୍‌ଡ଼ିସି ଓ ଅନ୍ୟ ରାଜ୍ୟରୁ ଆସିଥିବା କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଉଥିବାବେଳେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଶୁକ୍ରବାରଠାରୁ ଖାଦ୍ୟ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରତିଦିନ ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟ ଜାରି ରହିବ। ସହରର ସଫେଇ ନ ସରିବାଯାଏ ସେମାନେ କାର୍ଯ୍ୟରତ ରହିବେ। ସେମାନଙ୍କୁ ସୁବିଧା ଯୋଗାଇ ଦେବା ବିଏମ୍‌ସିର କାମ ବୋଲି ସେ କହିଛନ୍ତି। ଶନିବାର ୟୁନିଟ ୩, ୪, ୯, ଶାସ୍ତ୍ରୀ ନଗର, ଶହୀଦ ନଗର, ୟୁନିଟ-୩ କ୍ୱାର୍ଟର ନିକଟ, ଲୋୟର ପିଏମ୍‌ଜି ଓ ଲକ୍ଷ୍ମୀସାଗର ଆଦି ୧୧ଟି ସ୍ଥାନରେ ଖାଦ୍ୟ ବଣ୍ଟନ କରାଯାଇଥିଲା।



ବିଏମ୍‌ସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି ।

■ ଓୟୁଏଟି ଟିସୁ କଲ୍‌ଚର ସେଣ୍ଟର ଧୂଳିସାତ୍

# ୪କୋଟି ୧୦ ଲକ୍ଷ ଟଙ୍କାର କ୍ଷୟକ୍ଷତି

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**



ବାତ୍ୟା ଫନୀ ପ୍ରକୋପରେ ବରମୁଣ୍ଡାସ୍ଥିତ ଓୟୁଏଟିର ଟିସୁ କଲ୍‌ଚର ସେଣ୍ଟରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତାହା ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇଯାଇଛି। ୧୦ଗୋଟି ପଲିସେଡନେଟ ଓ ସେଡନେଟ ହାଉସ, ନୂଆ ୫ଟି ପଲିସେଡ଼ ଓ ସେଡନେଟ ହାଉସ ଉଦ୍‌ଘାଟନ ହେବା ପୂର୍ବରୁ ଭାଙ୍ଗିରୁଜି ଚୂରମାର ହୋଇଛି। ପଲିକାର୍ବୋନେଟ, ଗ୍ରୀନ ହାଉସ ୨ଟିର କବାଟ, ଝରକା, ପ୍ୟାଡ ଓ କଣ୍ଟ୍ରୋଲ ପ୍ୟାନେଲ ଭାଙ୍ଗିଯାଇଛି। ବିଭିନ୍ନ ଗ୍ରୀନ ହାଉସରେ ଥିବା ୧.୫ ଲକ୍ଷ ଟିସୁ କଲଚର ଗଛ ନଷ୍ଟ ହୋଇଯାଇଛି। ସେଗୁଡିକ ହେଲା ୫୦ ହଜାର ଗ୍ରାଣ୍ଡ ନୈନ କଦଳୀ, ୫୦ ହଜାର ବନ୍ତଳ ଚମ୍ପା ଓ ଅମୃତପାଣୀ କଦଳୀ, ୫୦ ହଜାର ଆଖୁଗଛ ନଷ୍ଟ ହୋଇଯାଇଛି। ମଦର ବ୍ଲକ୍‌ରେ ଏବଂ ଗ୍ରୀନ ହାଉସରେ ଟିସୁ ସଂଗ୍ରହ ତଥା ଗବେଷଣା ପାଇଁ ଲଗାଯାଇଥିବା ବିଭିନ୍ନ କିସମର ୨,୦୦୦ କଦଳୀ ଓ ଆଖୁଗଛ, ୮,୦୦୦ ଗୋଲାପ, ୮,୫୦୦ ଜର୍ବେରା, ୫,୦୦୦ ଆନ୍ଥୁରିଅମ୍, ୨,୫୦୦ ଅର୍କିଡ଼, ୧,୦୦୦ ଲିଲିଅମ୍, ୧,୦୦୦ ଅନ୍ୟାନ୍ୟ ଶୋଭାବର୍ଦ୍ଧକ ବ୍ରୋମେଲିଆଡ଼, ମେଲାଲୁଖା ଓ ପ୍ଲିଓମୋଲ ଆଦି ଉଜୁଡି ଯାଇଛି। ବାତ୍ୟା ତଥା ବର୍ଷାପାଣିରେ ଡିଜିସେଟ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯାଇଛି। ଚଳିତବର୍ଷ ୨୦୧୯-୨୦ ପାଇଁ ୫ ଲକ୍ଷ ଟିସୁ କଲ୍‌ଚର ଗଛ ଉତ୍ପାଦନ କରିବା ଲାଗି ଲାବୋରେଟୋରୀରେ ଥିବା ନୂଆ ଟିସୁ ସମ୍ପୂର୍ଣ୍ଣ ରୂପେ ପଚିଶଢି ଯାଇଛି। ଏହି ସେଣ୍ଟରରେ ଥିବା ଝରକା, କବାଟ, ଗ୍ରୀଲ, ଗ୍ଲାସୱେର, କଲଚର ବଟଲ ସବୁ ଭାଙ୍ଗିରୁଜି ଯାଇଛି। କ୍ୟାମ୍ପସରେ ଥିବା ୪ଟି ଷ୍ଟୋର ରୁମ୍ ଦରଭଙ୍ଗା ହୋଇପଡ଼ିଛି। ୨୦ଟି ଏସି ଓ ଅନେକ ଯନ୍ତ୍ରପାତି ଅକାମୀ ହୋଇଛି। ସେଣ୍ଟରର ସାମ୍ନା ପାଚେରୀ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଡ୍ରେନରେ ପଡ଼ିଛି। ପାଣି ଟାଙ୍କି, ଲାଇଟ ପୋଷ୍ଟ ଆଦି ଭାଙ୍ଗି ଯାଇଛି। ଗବେଷଣାର ଆଶା ଓ ସ୍ୱପ୍ନ ଧୂଳିସାତ ହୋଇଛି। ଏହି କ୍ଷୟକ୍ଷତିର ପରିମାଣ ୪କୋଟି ୧୦ ଲକ୍ଷ ଟଙ୍କା ହେବ ବୋଲି ଟିସୁ କଲ୍‌ଚର ସେଣ୍ଟରର ନିର୍ଦ୍ଦେଶିକା ଡ. ଶଶିକଳା ବେଉରା ଆକଳନ କରିଛନ୍ତି। ଏହାର ସ୍ଥିତି ସୁଧାରିବା ଲାଗି ଆହୁରି ୫ ବର୍ଷ ଲାଗିବ। ଫଣ୍ଡ ନ ଥିବାରୁ ଗ୍ରୀନହାଉସ କିପରି ତିଆରି କରାଯିବ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେଲେ ଟିସୁ କଲ୍‌ଚର ସେଣ୍ଟରକୁ ପୁଣି ନିର୍ମାଣ କରାଯିବ ଏବଂ ଓଡ଼ିଶା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଟିସୁକଲଚର କଦଳୀ, ଆଖୁ ଓ ଫୁଲଚାରା ଯୋଗାଇ ଦେବା ଲାଗି ଆମର କଠିନ ପରିଶ୍ରମ ସହ ଯଥେଷ୍ଟ ପ୍ରୟାସ ଜାରି ରହିବ ବୋଲି ନିର୍ଦ୍ଦେଶିକା ବେଉରା କହିଛନ୍ତି।

# ବାତ୍ୟା ବିପନ୍ନ ୧୯, ୯୨୫ ପରିବାରକୁ ରିଲିଫ

**ବୋଲଗଡ଼,୧୧।୫(ଡି.ଏନ.ଏ.)**

ଫନୀ କ୍ଷତିଗ୍ରସ୍ତ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଶନିବାର ସୁଦ୍ଧା ୧୯ ହଜାର ୯୨୫ ରାଶନ କାର୍ଡଧାରୀ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଥିବା ସୂଚନା ମିଳିଛି। ଗୁରୁବାରଠାରୁ ସମସ୍ତ ୧୯ ପଞ୍ଚାୟତ କାର୍ଯ୍ୟାଳୟଠାରେ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତି ରାଶନ କାର୍ଡ ହିତାଧିକାରୀ ପରିବାର ପିଛା ୫୦ କେ.ଜି. ଚାଉଳ, ପଲିଥିନ୍ ବାବଦକୁ ୫ଶହ ଟଙ୍କା ଏବଂ ୨ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ଲକ ଅଞ୍ଚଳରେ ମୋଟ ୨୯ ହଜାର ୯୨୮ ରାଶନ କାର୍ଡଧାରୀ ପରିବାର ମଧ୍ୟରୁ ଶନିବାର ସୁଦ୍ଧା ୧୯ ହଜାର ୯୨୫ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅବଶିଷ୍ଟଙ୍କୁ ୨ ଦିନ ମଧ୍ୟରେ ରିଲିଫ୍ ଯୋଗାଇ ଦିଆଯିବ ବୋଲି ବିଡିଓ ମଧୁସୂଦନ ବେହେରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଫନୀ ବାତ୍ୟା କାରଣରୁ ଏହି ଅଞ୍ଚଳରେ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବ୍ୟାହତ ହୋଇଥିଲା। ଅନେକ ଘର ଭାଙ୍ଗିଯିବା ସହ ଗଛ ଉପୁଡ଼ି ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସମ୍ପ୍ରତି କେତେଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ତେବେ ଦିନେ ଦୁଇ ଦିନ ମଧ୍ୟରେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।



ବାଙ୍କୋଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ରିଲିଫ୍ ବଣ୍ଟନ ।

■ ପାନୀୟଜଳକୁ ନେଇ ରାଜନୀତି

# ପଲିଥିନ୍ ନ ଦେଇ ଟଙ୍କା ଦିଅ

**ଖୋର୍ଦ୍ଧା ଅଫିସ,୧୧।୫**

ପାନୀୟଜଳ, ପଲିଥିନକୁ ନେଇ ଖୋର୍ଦ୍ଧା ଜିଲାରେ ରାଜନୀତି ଚାଲିଛି। ଜନସ୍ୱାସ୍ଥ୍ୟ ବିଭାଗ ଓ ମେଘା ଇଞ୍ଜିନିୟରିଂ ଇଣ୍ଡିଆ ପକ୍ଷରୁ ୨୨ଟି ୱାଡର୍କୁ ୧୧ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲେ ମଧ୍ୟ ବିପନ୍ନ ଠିକ୍ ଭାବେ ପାଉନାହାନ୍ତି। ନରାଜରୁ ପାନୀୟଜଳ ଯୋଗାଣ ଆରମ୍ଭ ହୋଇଥିଲେ ମଧ୍ୟ ସବୁ ଲୋକଙ୍କ ଘରେ ପହଞ୍ଚୁନି। ତେବେ ଦୟାନଦୀର ବିଷାକ୍ତ ଜଳକୁ ଗଡଖୋର୍ଦ୍ଧା ଲୋକଙ୍କୁ ପାନୀୟଜଳ ଭାବେ ଦେବା ପରେ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ରିଲିଫ୍‌ରେ ପଲିଥିନ୍ ଅଥବା ଏହା ବାବଦକୁ ୫୦୦ ଟଙ୍କା ସବୁ ସ୍ଥାନରେ ଦିଆଯାଉ ନ ଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ ଓ ରାସ୍ତାରୋକୋ ହେଉଛି। ଲୋକେ ଆଉ ପଲିଥିନ୍ ନେବାକୁ ପ୍ରସ୍ତୁତ ନୁହନ୍ତି। ସମସ୍ତ ବିପନ୍ନ ଏବେ କହୁଛନ୍ତି ଆମକୁ ପଲିଥିନ୍ ନ ଦେଇ ଟଙ୍କା ଦିଅ।

ଖୋର୍ଦ୍ଧା ସହରରେ ଗୁରୁଜଙ୍ଗ, ଜେମାଦେଈ ଓ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ୩ଟି ଭୂତଳ ଜଳଭଣ୍ଡାର ରହିଛି। ଗୁରୁଜଙ୍ଗ ଓ ଜେମାଦେଈ ଭୂତଳ ଜଳଭଣ୍ଡାରର ୧୨୫୦କିଲୋଲିଟର ଜଳଧାରଣ କ୍ଷମତା ଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଥିବା ଭୂତଳ ଜଳଭଣ୍ଡାରର କ୍ଷମତା ୧୭୫୦ କିଲୋଲିଟର ରହିଛି। ସହରରେ ୬୨୬୨ ପାନୀୟଜଳ ସଂଯୋଗ ଲୋକଙ୍କୁ ଦିଆଯାଇଛି। ୧୦୪ ଷ୍ଟାଣ୍ଡପୋଷ୍ଟ ରହିଛି। ମୁଣ୍ଡପିଛା ୧୩୫ ଲିଟର ପାଣି ଯୋଗାଯାଉଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ଲୋକେ ପାଣି ପାଉନାହାନ୍ତି। ଶନିବାର ଖୋର୍ଦ୍ଧା ବିଡିଏ କଲୋନୀର କେତେଜଣ ଲୋକ ପାନୀୟଜଳ ପାଉ ନ ଥିବା ଅଭିଯୋଗ କରିବା ପରେ ସହକାରୀ ଯନ୍ତ୍ରୀ ଟ୍ୟାଙ୍କର ଯୋଗାଇ ଦେଇଥିଲେ। ଅନ୍ୟପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୯ଟି ଓ ମେଘା ଇଞ୍ଜିନିୟରିଂ ଇଣ୍ଡିଆ ପକ୍ଷରୁ ଚାଲିଥିବା ୧୧ଟି ଟ୍ୟାଙ୍କରକୁ ବିଭିନ୍ନ ଦଳର ଆଞ୍ଚଳିକ ନେତା ଖୋର୍ଦ୍ଧା ସହରରେ ପରିଚାଳନା କରୁଛନ୍ତି। ଦଳୀୟ ନେତାମାନେ ନିଜ ସମର୍ଥକ ଓ କର୍ମୀଙ୍କୁ ପାଣି ଦେବା ପରେ ଅନ୍ୟମାନଙ୍କ ସମସ୍ୟାକୁ ଭୁଲି ଯାଉଛନ୍ତି ।

### ନେତାଙ୍କ ଘରେ ସିଣ୍ଟେକ୍ସ ଟାଙ୍କି

ପାନୀୟଜଳ ସମସ୍ୟାକୁ ଏଡାଇବାକୁ ଖୋର୍ଦ୍ଧା ସହରର ୨୨ଟି ୱାର୍ଡରେ ୨୪ ଟି ୧୦୦୦ ଲିଟର ବିଶିଷ୍ଟ ସିଣ୍ଟେକ୍ସ ଟାଙ୍କି ବିଭିନ୍ନ ସ୍ଥାନରେ ରଖାଯାଇଛି। ଲୋକେ ପାନୀୟଜଳ ସୁବିଧାରେ ପାଇବାକୁ ଏହି ସୁବିଧା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ତେବେ ୫ରୁ ଉର୍ଦ୍ଧ୍ୱ ଟାଙ୍କି ହିସାବ ମିଳୁନି। କିଛି ପୂର୍ବତନ କାଉନସିଲର ନିଜ ଘରେ ଏହି ଟାଙ୍କି ଲଗାଇଥିବାର ଚର୍ଚ୍ଚା ହେଉଛି। ଏହି ଅନିୟମିତତା ପଛରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କ ହାତ ରହିଥିବା କୁହାଯାଉଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଭାଗୀରଥି ଦାସଙ୍କୁ ପଚାରିବାରେ ୨୪ ସିଣ୍ଟେକ୍ସ ଟାଙ୍କି ସହରର ବିଭିନ୍ନ ସ୍ଥାନରେ ଲଗାଯାଇଛି। ଯଦି କେହି ଏହାକୁ ନେଇଥିବେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ଋଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ଲିଭାଇ ଦେବା ଓ ରୋଗମୁକ୍ତ ହେବା ଆବଶ୍ୟକ। କାରଣ ଋଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
-ଚାଣକ୍ୟ



## ସଂକ୍ଷେପରେ

### ଅଣହିତାଧିକାରୀଙ୍କୁ ମିଳିବ ସହାୟତା

ପୁରୀ ଅଫିସ,୧୧।୫: ପୁରୀ ଜିଲାରେ ବାତ୍ୟା ପ୍ରପୀଡ଼ିତଙ୍କ ନିମନ୍ତେ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଶୁକ୍ରବାର ସୁଦ୍ଧା ବିଭିନ୍ନ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୨୮୫୦ କୁଇଣ୍ଟାଲ ଚୁଡ଼ା, ୩୭୫ କୁଇଣ୍ଟାଲ ଗୁଡ଼, ଦେଢ଼ଲକ୍ଷ ପରିବାର ନିମନ୍ତେ ପଲିଥିନ ଏବଂ ପ୍ରାୟ ୧୩୦୦୦ ଖାଦ୍ୟପୁଡ଼ିଆ ବଣ୍ଟନ ପାଇଁ ପଠାଯାଇଛି। ବିଦ୍ୟୁତ୍ ସରବରାହ କାର୍ଯ୍ୟରେ ପ୍ରାୟ ୩,୦୦୦ କର୍ମଚାରୀ ନିୟୋଜିତ ଅଛନ୍ତି। ଜିଲାରେ କ୍ଷତିଗ୍ରସ୍ତ ନଳକୂପଗୁଡ଼ିକ ମଧ୍ୟରୁ ପ୍ରାୟ ୫୦ ଭାଗ କାର୍ଯ୍ୟକ୍ଷମ କରାଯାଇଛି। ୫୩୪ କୁଇଣ୍ଟାଲ ପଶୁଖାଦ୍ୟ ବିଭିନ୍ନ ବ୍ଲକରେ ବଣ୍ଟନ କରାଯାଇଛି। ମୃତ ଜୀବଜନ୍ତୁ ରାସ୍ତାରୁ ହଟାଯିବା ସହ ସମ୍ପୃକ୍ତ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ସୁଦ୍ଧା ଜିଲାର ୨୦୯ଟି ବ୍ୟାଙ୍କ ଶାଖା ମଧ୍ୟରୁ ୮୮ଟି କାର୍ଯ୍ୟକ୍ଷମ ଥିବାବେଳେ ୨୭ ଏଟିଏମ୍ ଚାଲୁରହିଛି। ଆସନ୍ତା ମଙ୍ଗଳବାର ସୁଦ୍ଧା ସବୁ ବ୍ୟାଙ୍କରେ ସେବା ଉପଲବ୍ଧ ହେବା ଆଶା କରାଯାଉଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ୨ହଜାର ଟଙ୍କା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଣହିତାଧିକାରୀଙ୍କୁ ମଧ ପର୍ଯ୍ୟାୟକ୍ରମେ ଟଙ୍କା ବଣ୍ଟନର ବ୍ୟବସ୍ଥା କରାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ୫୦କେଜି ଚାଉଳ ବଣ୍ଟନ ଶେଷ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିନିମନ୍ତେ ବରଗଡ଼, ସମ୍ବଲପୁର ଓ କଳାହାଣ୍ଡିରୁ ଅଧିକ ପିଡିଏସ୍ ଚାଉଳ ଆସି ଜିଲାରେ ପହଞ୍ଚିଛି।

### କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବଣ୍ଟନ

ପୁରୀ ଅଫିସ,୧୧।୫: ବାତ୍ୟା କ୍ଷତିଗ୍ରସ୍ତଙ୍କୁ ୨୦୦୦ ଟଙ୍କାର ସହାୟତା ରାଶି ବଣ୍ଟନ ଆରମ୍ଭ ହୋଇଛି। ଶନିବାର ପୁରୀ ପୌରସଂସ୍ଥା ଅଧୀନ ପିଡିଏସ୍ ସେଣ୍ଟରରେ ଏହି ଟଙ୍କା ବଣ୍ଟାଯାଇଛି। ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରଙ୍କୁ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ପୂର୍ବରୁ ସମ୍ପୃକ୍ତ ପରିବାରକୁ ୫୦କିଗ୍ରା ଲେଖାଏ ଚାଉଳ ବଣ୍ଟାଯାଇଥିଲା। ଏବେ ହିତାଧିକାରୀମାନେ ନିଜ ରାଶନ କାର୍ଡ ଦେଖାଇ ଏହି ସହାୟତା ରାଶି ନେଉଛନ୍ତି। ପୁରୀ ପୌରସଂସ୍ଥା ଅଧୀନରେ ପ୍ରାୟ ୪୭ଟି ପିଡିଏସ୍ ସେଣ୍ଟରରେ ସହାୟତା ଦିଆଯାଉଛି। ଏଥିପାଇଁ ପିଡିଏସ୍ ସେଣ୍ଟରରେ ହିତାଧିକାରୀଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଛି।

### ୫୦ କିଲୋ ଚାଉଳ ପାଇଁ ୨୦ ଟଙ୍କା ଦିଅ

ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜରେ ବିପନ୍ନଙ୍କୁ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର (ଡିଲର)ମାନଙ୍କ ଜରିଆରେ ୫୦ କିଲୋ ଚାଉଳ ବଣ୍ଟନ କରାଯାଉଛି। କିନ୍ତୁ କେତେକ ଡିଲର ଏହି ଚାଉଳ ବଣ୍ଟନ ସମୟରେ ଲୋକମାନଙ୍କୁ ଠକୁଥିବାର ସୂଚନା ମିଳିଛି। ୫୦ କିଲୋ ଚାଉଳ ଦେବା ସମୟରେ ବିପନ୍ନଙ୍କଠାରୁ ଗାଡି ଖର୍ଚ୍ଚ ପାଇଁ ୨୦ ଟଙ୍କା ଦାବି କରୁଛନ୍ତି। ଆଉ କେତେକ ଡିଲର ବସ୍ତା ଫେରସ୍ତ ପାଇଁ ଦାବି କରୁଛନ୍ତି। ଏ ସବୁ ଅନିୟମିତତା ସମ୍ପର୍କରେ ବ୍ରହ୍ମଗିରି ବ୍ଲକ ଦାୟିତ୍ୱରେ ଥିବା କ୍ରୀଡା ବିଭାଗର ଅତିରିକ୍ତ ସଚିବ ରଣଜିତ ପରିଡା କୁହନ୍ତି, ମୁଁ ପ୍ରତ୍ୟେକ ସ୍ଥାନ ବୁଲୁଛି। ଯେଉଁଠାରେ ଯାହା ବ୍ୟତିକ୍ରମ ଦେଖାଯାଉଛି ତୁରନ୍ତ ତାହା ସମାଧାନ ପାଇଁ ଉଦ୍ୟମ କରୁଛି।

### ମୁଖ୍ୟମନ୍ତ୍ରୀ ପ୍ୟାକେଜ ବଣ୍ଟାଗଲା

ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.): ଶନିବାରଠାରୁ ବ୍ରହ୍ମଗିରି ବ୍ଲକର ବାତ୍ୟା ବିପନ୍ନମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ୟାକେଜରେ ୫୦ କିଲୋ ଚାଉଳ ଓ ୨ ହଜାର ଟଙ୍କା ବଣ୍ଟାଯାଇଛି। ଏ ନେଇ ୨୫ଟି ପଞ୍ଚାୟତରୁ ପ୍ରଥମ ଦିନରେ ୧୯ଟି ପଞ୍ଚାୟତରେ ଏହି ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ରାଶନ କାର୍ଡ ଓ ବିପିଏଲ କାର୍ଡ ଥିବା ହିତାଧିକାରୀଙ୍କୁ ଏହି ପ୍ୟାକେଜ ମିଳିଛି। ଏଥିପାଇଁ ବିଭିନ୍ନ ପଞ୍ଚାୟତଗୁଡ଼ିକରେ ପ୍ରବଳ ଖରାରେ ଲୋକମାନେ ଧାଡି ବାନ୍ଧି ଛିଡା ହୋଇ ରହିଥିବାର ଦେଖିବାକୁ ମିଳିଛି।

# ଫନୀ ଉଜାଡ଼ିଦେଲା ଗ୍ରାମ୍ୟ ଜଙ୍ଗଲ

ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.)



ଗ୍ରାମ୍ୟ ଜଙ୍ଗଲରେ ଭାଙ୍ଗିପଡିଥିବା ଗଛ।

■ଅଞ୍ଚଳର ସୁରକ୍ଷା ପ୍ରାଚୀର ଭାଙ୍ଗିଗଲା
■ବନ୍ୟଜନ୍ତୁଙ୍କ ପତ୍ତା ମିଳୁନି

ପ୍ରଳୟଙ୍କରୀ ବାତ୍ୟା ଫନୀ ଆସି ଉଜାଡି ଦେଲା ଆମ ଗ୍ରାମ୍ୟ ଜଙ୍ଗଲ, ଭାଙ୍ଗିଦେଇଛି ଆମ ସୁରକ୍ଷା ପ୍ରାଚୀର। ଦୀର୍ଘଦିନ ଧରି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିବା ଗ୍ରାମବାସୀ ବାତ୍ୟାରେ ଉଜୁଡି ଯାଇଥିବା କ୍ଷତବିକ୍ଷତ ଜଙ୍ଗଲ ପାଇଁ ଧୋର୍ଯ୍ୟହରା ହୋଇପଡୁଛନ୍ତି। ଗ୍ରାମ ଚାରିପଟେ ଜଙ୍ଗଲ ସୃଷ୍ଟି କରିବାସହ ଅକ୍ଳାନ୍ତ ପରିଶ୍ରମ କରି ଏହାର ରକ୍ଷଣାବେକ୍ଷଣ କରିଥିଲେ ବ୍ରହ୍ମଗିରି ଅଞ୍ଚଳବାସୀ। ବ୍ରହ୍ମଗିରି ବ୍ଲକର ସୁରକ୍ଷା ପ୍ରାଚୀର ଭାବେ ରହିଛି ଚତୁଃପାର୍ଶ୍ୱ ୪୦ ବର୍ଗକିଲୋମିଟରର ଜଙ୍ଗଲ । ଫାଇଲିନ, ହୁଡୁହୁଡୁ, ତିତିଲି ଭଳି ସାମୁଦ୍ରିକ ଝଡରୁ ଏହି ଜଙ୍ଗଲ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଇଆସିଛି। କିନ୍ତୁ ଚଳିତବର୍ଷ ଫନୀର ତାଣ୍ଡବ ଲୀଳାରେ ନିଜେ ଧରାଶାୟୀ ହୋଇ ବଞ୍ଚାଇ ଦେଲା ଉପକୂଳୀୟ ବାସୀଙ୍କୁ। ବାତ୍ୟାରେ ଲକ୍ଷ ଲକ୍ଷ ଗଛ କ୍ଷତିଗ୍ରସ୍ତ ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଏମାନଙ୍କ ଅବଦାନ ବୁଝିପାରିଛନ୍ତି। ଏହି ଭୂଇଁରେ ଲୋଟିପଡିଥିବା ଗଛକୁ ଦେଖି ସାହାଜାନପୁର ଗାଁର ଅତିଶ କୁମାର ମହାନ୍ତି କୁହନ୍ତି, ଆମ ଗ୍ରାମରେ ଆମେ ସୃଷ୍ଟି କରିଥିବା ଜଙ୍ଗଲ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅତୀତରେ ଏହି ଜଙ୍ଗଲକୁ ସୁରକ୍ଷା ଦେବା ସମୟରେ ଆମ ଗାଁରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ସେ ଦୁଃଖ ମନରୁ ନ ଲିଭୁଣୁ ପୁଣି ଏ କ୍ଷୟକ୍ଷତି ଆମକୁ ବେଶି ମର୍ମାହତ କରିଛି । ସେହିପରି ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ବିଜିପୁର ଗ୍ରାମର ସଦାଶିବ ରାଉତ, ସର୍ବେଶ୍ୱର ପଲାଇ କୁହନ୍ତି, ଆମେ ଆମ ଗାଁ ଚାରିପଟେ ସୁନ୍ଦର ଜଙ୍ଗଲ ସୃଷ୍ଟି କରି ଉତ୍ତମ ପରିବେଶଟେ ଗଢିଥିଲୁ, ଯାହା ଆମକୁ ଆତ୍ମସନ୍ତୋଷ ଦେଉଥିଲା। ଏହା ବିଭିନ୍ନ ପ୍ରାକୃତିକ ଦୁର୍ବିପାକରୁ ସୁରକ୍ଷା ଦେଉଥିଲା । ଯାହାପାଇଁ ଆମେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲୁ । ଏବେ ଏହି ଜଙ୍ଗଲ ନଷ୍ଟ ହୋଇଯିବା ଆମ ପାଇଁ ଏକ ଦୁଃଖଦ ଘଟଣା । ପ୍ରକାଶ ଥାଉକି, ବ୍ରହ୍ମଗିରି ଏକ ଉପକୂଳୀୟ ଅଞ୍ଚଳ ହୋଇଥିବାରୁ ଫନୀ ଦ୍ୱାରା ଏଠାରେ ଅଧିକ କ୍ଷତି ହୋଇଛି। ବିଶେଷ ଭାବେ ବହୁ ପୁରାତନ ଗଛ, କାଜୁ, ଆକାଶୀ ଓ ଝାଉଁ ଜଙ୍ଗଲ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ଏହି ଉପକୂଳୀୟ ଜଙ୍ଗଲଟି ସିପସରୁବାଲିଠାରୁ ରାଜହଂସ ପର୍ଯ୍ୟନ୍ତ ପ୍ରାୟ ୩୫ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଯାହା ସମୁଦ୍ରକୂଳରେ ରହିଥିବାରୁ ଏହି ଅଞ୍ଚଳ ପାଇଁ ସୁରକ୍ଷା ପ୍ରାଚୀର ଭାବେ କାର୍ଯ୍ୟ କରୁଛି। ଏହାରି ଭିତରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ହରିଣ, ବାର୍‌ହା ଓ ବିଭିନ୍ନ ଜଙ୍ଗଲୀ ଜନ୍ତୁ ରୁହନ୍ତି। ବାତ୍ୟାରେ ଜଙ୍ଗଲଟି ନଷ୍ଟ ହେବା ପରେ କୌଣସି ବନ୍ୟଜନ୍ତୁଙ୍କ ଆଉ ପତ୍ତା ମିଳୁନି। ଏ ସମ୍ପର୍କରେ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ ମହାପାତ୍ର କୁହନ୍ତି, ବ୍ରହ୍ମଗିରି ଅଞ୍ଚଳର ସମସ୍ତ ଜଙ୍ଗଲ କ୍ଷୟକ୍ଷତି ହୋଇଛି । ଯାହା ଏପର୍ଯ୍ୟନ୍ତ ସୁଦ୍ଧା ଆକଳନ କରାଯାଇ ପାରୁନି। ତଥାପି କୋଟି କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ବର୍ତ୍ତମାନ ଏହି ଜଙ୍ଗଲରେ କୌଣସି ବନ୍ୟଜନ୍ତୁଙ୍କ ପତ୍ତା ନ ମିଳିବା ଆମକୁ ଚିନ୍ତାର କାରଣ ପାଲଟିଛି ।

# ଗୋପରେ ବିଦ୍ୟୁତ୍ ମରାମତି ଆରମ୍ଭ

## ୧ମାସ ପରେ ସମସ୍ତ ବଜାରକୁ ବିଦ୍ୟୁତ୍

ଗୋପ,୧୧।୫(ଡି.ଏନ୍.ଏ.)

ଫନୀର ପ୍ରଭାବ ପୁରୀ ଜିଲାର ଅଞ୍ଚଳଗୁଡିକରେ ଅଧିକ ଥିବାରୁ ବର୍ତ୍ତମାନ ସୁଦ୍ଧା ଅନ୍ଧକାର ମାଡ଼ି ରହିଛି। ଗୋପ ବ୍ଲକରେ ଶତାଧିକ ଗାଁ ଓ ବଜାର ଏବେ ବି ଅନ୍ଧାରରେ ଥିବାବେଳେ ୨ଦିନ ହେବ ବିଦ୍ୟୁତ୍ ସେବା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଗୋପର ସବୁ ବଜାରଗୁଡିକରେ ବିଦ୍ୟୁତ ପାଇବା ପାଇଁ ମାସେ ପରେ ସମୟ ଲାଗିବାକୁ ଥିବାବେଳେ ଗାଁଗୁଡିକୁ ମାସେରୁ ଊର୍ଦ୍ଧ୍ୱ ସମୟ ହେବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ଜଣାପଡିଛି। ପ୍ରକାଶ ଯେ, ବାତ୍ୟାର ପ୍ରକୋପ ଏହି ବ୍ଲକରେ ଅଧିକ ପରିମାଣରେ ହୋଇଥିବାରୁ ହଜାରରୁ ଅଧିକ ବିଦ୍ୟୁତ ଖୁଣ୍ଟ, ତାର ଓ କେତେକ ଟ୍ରାନ୍ସଫର୍ମର ଭାଙ୍ଗିରୁଜି ଯାଇଥିଲା। ଯାହା ଏଯାବତ ସେଭଳି ରାସ୍ତା ଉପରେ ପଡିରହିଛି। ଗତ ୨ଦିନ ହେବ ଆନ୍ଧ୍ରରୁ ୧୪୦ଜଣ ବିଦ୍ୟୁତ୍ କର୍ମଚାରୀ ଆସି ବିଦ୍ୟୁତ ସଜାଡିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ବାତ୍ୟାକୁ ୯ଦିନ ବିତିଯାଇଥିବାବେଳେ ଏହି ଅଞ୍ଚଳବାସୀମାନେ ସେଭଳି ଅନ୍ଧାରରେ ରହୁଥିବା ବେଳେ ଅତିଆବଶ୍ୟକ ସାମଗ୍ରୀ କିରୋସିନ, ତେଲ, ରିଲିଫ ବିପନ୍ନମାନଙ୍କୁ ମିଳି ନାହିଁ। ବାଧ୍ୟହୋଇ ବିପନ୍ନମାନେ ବାହାରୁ କିରୋସିନ, ତେଲ ଲିଟର ପିଛା ୨ଶହ ଟଙ୍କାରେ କିଣୁଥିବାରୁ ଡିଲରମାନେ କଳାବଜାର କରୁଥିବାର ଅଭିଯୋଗ ହୋଇଛି। ଅପରପକ୍ଷେ ରାସ୍ତାଗୁଡ଼ିକରେ ବିଦ୍ୟୁତ ଖୁଣ୍ଟ ଓ ତାର ପଡିରହିଥିବାରୁ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ତେବେ ଏସବୁ ବିଷୟକୁ ନେଇ ଗୋପ ବିଦ୍ୟୁତ ବିଭାଗର କନିଷ୍ଠଯନ୍ତ୍ରୀ ନୀଳାଚଳ ପାତ୍ର କୁହନ୍ତି, ବିଦ୍ୟୁତ୍ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଅଧିକ ମାତ୍ରାରେ ବିଦ୍ୟୁତଖୁଣ୍ଟ ଭାଙ୍ଗିଯାଇଥିବାରୁ ସଜାଡିବାରେ ବିଳମ୍ବ ଲାଗିପାରେ ବୋଲି କହୁଥିବାବେଳେ, ବଜାରଗୁଡ଼ିକୁ ମାସେ ଓ ଗାଁଗୁଡ଼ିକୁ ମାସେରୁ ଊର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି କନିଷ୍ଠଯନ୍ତ୍ରୀ ପ୍ରକାଶ କରିଛନ୍ତି।

# ବନ୍ଦ ହେଲା ୪୯ ସହାୟତା କେନ୍ଦ୍ର

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ୬୭ଟି ସହାୟତା ପ୍ରଦାନ କେନ୍ଦ୍ରରୁ ୪୯ଟିକୁ ବନ୍ଦ କରି ଦିଆଯାଇଛି। ଇନ୍‌ଫୋସିଟି, ଜାଭିୟର, କୁଆଖାଇ, ଖଣ୍ଡଗିରି, ଏୟାରପୋର୍ଟ, ସ୍ମାର୍ଟଡ଼ିଷ୍ଟ୍ରିକ୍ଟ, କଟକ ରୋଡ଼ ଓ ଲିଙ୍ଗରାଜ ଅଞ୍ଚଳରେ ମୋଟ ୧୮ଟି ସହାୟତା କେନ୍ଦ୍ର ଖୋଲା ରହିଛି। ଏଯାବତ୍ ୮୨, ୬୪୫ ଜଣଙ୍କୁ ବାତ୍ୟା ଲାଗି ସହାୟତା ରାଶି ମିଳିସାରିଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୧୮, ୩୫୪ ରାଶନ ହିତାଧିକାରୀଙ୍କୁ ୯, ୧୭୭ କୁଇଣ୍ଟାଲ ଚାଉଳ ଦିଆଯାଇଛି। ଆଜି ଯାଏ ମୋଟ ୮୨, ୬୪୫ ଜଣଙ୍କୁ ୨୦କୋଟି ୬୬ ଲକ୍ଷ ୧୨ ହଜାର ୫ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶନିବାର ସୁଦ୍ଧା ବିଏମ୍‌ସି ମୁଖ୍ୟାଳୟରେ ଥିବା ବହୁମୁଖୀ ନିୟନ୍ତ୍ରଣ କକ୍ଷରେ ୧୨୪୧ଟି ଅଭିଯୋଗ ଆସିଥିବା ବେଳେ ଶନିବାର ମୋଟ ୧୨୨ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗଛ କାଟିବା ନେଇ ୮୧ଟି ଅଭିଯୋଗ ଆସିଥିବା ବେଳେ ଅନ୍ୟ ସମସ୍ତ ପାଣି ସମସ୍ୟା ନେଇ ଆସିଛି। ଅନ୍ୟପକ୍ଷେ ଶନିବାର ସହର ସ୍ୱାସ୍ଥ୍ୟ ଅଧିକାରୀ ବିଭିନ୍ନ ସ୍ଥାନରେ ମଶାଧୂଆଁ ଗାଡ଼ି ବୁଲାଇଛନ୍ତି। ଉଲ୍ଲେଖ ଥାଉ କି, ମେ ୧ ତାରିଖଠାରୁ ବିଏମ୍‌ସି ମୁଖ୍ୟାଳୟରେ ବହୁମୁଖୀ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ଥିଲା। ମେ ୬ରୁ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ମୋଟ ୬୭ଟି ସହାୟତା କେନ୍ଦ୍ର ମଧ୍ୟରୁ ଶୁକ୍ରବାର ୩୦ଟି କେନ୍ଦ୍ରକୁ ବିଏମ୍‌ସି ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ଶନିବାର ସହରରେ ଚାଲିଥିବା ୩୭ଟି କେନ୍ଦ୍ରରୁ ୧୯ଟିକୁ ବନ୍ଦ କରି ଦିଆଯାଇଛି ବୋଲି ବିଏମ୍‌ସିର ପକ୍ଷରୁ କୁହାଯାଇଛି।

# ଅଧିକ ୭ଦିନ ରିଲିଫ ଦେବାକୁ ଭାଜପାର ଦାବି

ପୁରୀ ଅଫିସ,୧୧।୫



ଜିଲା ଭାଜପାର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ୧୫ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧାଖାଦ୍ୟ ଓ ରିଲିଫ ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି। ତେବେ ବିପନ୍ନଙ୍କୁ ଆହୁରି ଅଧିକ ୭ଦିନ ରିଲିଫ ଯୋଗାଇ ଦେବାକୁ ଜିଲା ଭାଜପା ପକ୍ଷରୁ ଦାବି କରାଯାଇଛି। ଶନିବାର ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଜିଲାପାଳ ବଲୱନ୍ତ ସିଂଙ୍କୁ ଭେଟି ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟା ଯୋଗୁ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଘର ଭାଙ୍ଗିଯାଇଛି। ଏ ପର୍ଯ୍ୟନ୍ତ ଲୋକେ ସେମାନଙ୍କ ଭଙ୍ଗାଘର ସଜାଡ଼ି ପାରିନାହାନ୍ତି। ତେଣୁ ବିପନ୍ନଙ୍କୁ ଅଧିକ ୭ଦିନ ପର୍ଯ୍ୟନ୍ତ ରିଲିଫ ଦେବାକୁ ଭାଜପା ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ଦଳୀୟ ଭିତ୍ତିରେ ରିଲିଫ ବଣ୍ଟା ନ ଯାଉ ବୋଲି ଦାବି ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ପୁରୀ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ।

■ ରିଲିଫ ପ୍ରଦାନରେ ପାତରଅନ୍ତର ନେଇ ଭାଜପା ମିଥ୍ୟା ଅଭିଯୋଗ କରୁଛି

# ଦୁଇ ସପ୍ତାହ ସୁଦ୍ଧା ପୁରୀ ସହରକୁ ବିଦ୍ୟୁତ୍: ସୂର୍ଯ୍ୟ ପାତ୍ର

## ସମସ୍ତ କ୍ଷତିଗ୍ରସ୍ତ ପରିବାର ପାଇବେ ରିଲିଫ

ପୁରୀ ଅଫିସ,୧୧।୫

ବାତ୍ୟା ଫନୀରେ ପୁରୀ ଜିଲାର ବ୍ୟାପକ କ୍ଷତି ଘଟିଛି। ବାତ୍ୟାକୁ ୮ଦିନ ବିତିଲାଣି। ବର୍ତ୍ତମାନ ସୁଦ୍ଧା ବାତ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଅଭିଯୋଗ ଆଣିଛନ୍ତି। ଏହାକୁ ଖଣ୍ଡନ କରିଛନ୍ତି ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର। ପୁରୀ ଗସ୍ତରେ ଆସିଥିବା ଅବସରରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ରିଲିଫ ପ୍ରଦାନରେ କୌଣସି ପାତର ଅନ୍ତର କରାଯାଉନାହିଁ। ସମସ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯେପରି ପାନୀୟଜଳ ଓ ରିଲିଫ ସାମଗ୍ରୀ ପହଞ୍ଚିବ ସେଥିଲାଗି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଭାଜପା ରାଜନୈତିକ ଫାଇଦା ଉଠାଇବା ଲାଗି ମିଥ୍ୟା ଅଭିଯୋଗ କରୁଛି। ମନ୍ତ୍ରୀ କହିଲେ ଯେ, ବାତ୍ୟାରେ ପୁରୀ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଛି। ଏହାର ପୁନରୁଦ୍ଧାର ଲାଗି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି। ମୁଁ ନିଜେ ଜିଲାର ୭ଟି ବ୍ଲକ ଦାୟିତ୍ୱରେ ରହିଛି। ବର୍ତ୍ତମାନ ସୁଦ୍ଧା ୭୦ରୁ ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ସେହିଭଳି ପୁରୀ ସହରରେ ୯୦ ପ୍ରତିଶତ ସ୍ଥାନକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ସବୁ ସ୍ଥାନରେ ଯେପରି ପାନୀୟଜଳ ସମସ୍ୟା ଆଉ ନ ରହିବ, ସେଥିଲାଗି ବ୍ୟବସ୍ଥା କରାଯିବ। ବାତ୍ୟାରେ ବିଦ୍ୟୁତ ବିଭାଗର ବହୁ କ୍ଷତି ଘଟିଛି। ହଜାର ହଜାର ବିଦ୍ୟୁତ ଖୁଣ୍ଟ ମୋଡ଼ିମାଡ଼ି ହୋଇ ପଡିଛି। ବିଦ୍ୟୁତ ତାର ନଷ୍ଟ ହୋଇଯାଇଛି। ତେଣୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ଘଟୁଛି। ତଥାପି ଦୁଇ ସପ୍ତାହ ମଧ୍ୟରେ ପୁରୀ ସହରକୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ପରିବାରକୁ ୫୦କେଜି ଚାଉଳ, ୨ହଜାର ଟଙ୍କା ଏବଂ ୨.୫ଲିଟର କିରୋସିନ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡଧାରୀଙ୍କୁ ଚାଉଳ ଦିଆଯିବ। ପରବର୍ତ୍ତୀ ସମୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସର୍ଭେ କରାଯାଇ ଚାଉଳ ଦିଆଯିବ ବୋଲି ପାତ୍ର କହିଛନ୍ତି। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ନିକଟରେ ବିଜେଡିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ଖୁବ୍‌ଶୀଘ୍ର ବିଜେଡିର ମିଛ ଧରାପଡ଼ିବ।

# ଫନୀଠୁ ବଳିଗଲା ରିଲିଫ ଚିନ୍ତା

ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.)

ବାତ୍ୟା ଫନୀ ଚାଲିଯାଇଛି ସତ। କିନ୍ତୁ ଏହି ଫନୀ ଯିବାର ୯ ଦିନ ମଧ୍ୟରେ ବଢାଇ ଦେଇଛି ରିଲିଫ ଚିନ୍ତା । ଏହି ରିଲିଫ ପାଇଁ ସାଧାରଣ ଜନତାଙ୍କଠାରୁ ପ୍ରଶାସନ ଅଧିକାରୀ ହୋଇଗଲେଣି ଅସ୍ତବ୍ୟସ୍ତ । ସରକାର ରିଲିଫ ବଣ୍ଟନ ପାଇଁ ଘୋଷଣା କରିଥିଲେ ମଧ୍ୟ ଆବଶ୍ୟକ ପରିମାଣର ରିଲିଫ ସାମଗ୍ରୀ ଆସି ନ ଥିବାରୁ ବିଭିନ୍ନ ସ୍ଥାନରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ଏହି ରିଲିଫ ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅସହ୍ୟ ଖରାରେ ଲମ୍ବା ଧାଡିରେ ଛିଡା ହେବାକୁ ପଡୁଛି। ଅନ୍ୟପକ୍ଷେ ରିଲିଫ ବଣ୍ଟନର ଦାୟିତ୍ୱ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଦିଆଯାଇଥିବାରୁ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବାର ଅଭିଯୋଗ ହେଉଛି। ପ୍ରକାଶ ଯେ, ବ୍ରହ୍ମଗିରିର ବ୍ଲକର ବାତ୍ୟା ବିପନ୍ନଙ୍କ ପାଇଁ ଚାଲିଛି ପଲିଥିନ ବଣ୍ଟନ। ଏହି ପଲିଥିନ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ପ୍ରତି ଗ୍ରାମକୁ ପଠାଯାଉଛି। ଏ ନେଇ ପ୍ରଶାସନ ତରଫରୁ ୧୦୦ ଶତକଡା ପଲିଥିନ ବିପନ୍ନମାନଙ୍କୁ ବଣ୍ଟା ସରିଲାଣି । ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ପ୍ରତି ପଞ୍ଚାୟତରେ ବିପନ୍ନଙ୍କୁ ମାଗଣା ରନ୍ଧାଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ବାତ୍ୟା ଯିବାର ୯ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବ୍ଲକର ୨୫ଟି ପଞ୍ଚାୟତରୁ ୯ଟି ପଞ୍ଚାୟରେ ୩୭ଟି ସେଣ୍ଟର ମାଧ୍ୟମରେ ୧୩୯୯୨ ଜଣ ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଅବଶିଷ୍ଟ ପଞ୍ଚାୟତର ବିପନ୍ନଙ୍କ ପାଖରେ ଏହି ରନ୍ଧାଖାଦ୍ୟ ପହଞ୍ଚି ପାରିନି। ପୁଣି ଏହି ରନ୍ଧାଖାଦ୍ୟ ବଣ୍ଟନ ଦଳୀୟ ଭିତ୍ତିରେ ବଣ୍ଟାଯାଉଥିବାରୁ ବ୍ରହ୍ମଗିରି ବ୍ଲକ ବଡନ୍ଧକେରା ଗ୍ରାମର ଜ୍ଞାନ ମହାପାତ୍ର ଅଭିଯୋଗ କରିଛନ୍ତି।

# ରିଲିଫ, ପୁନରୁଦ୍ଧାର କାର୍ଯ୍ୟକ୍ରମର ସମୀକ୍ଷା

ପୁରୀ ଅଫିସ,୧୧।୫

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ କିପରି ଚାଲିଛି ସେନେଇ ଶନିବାର ସମୀକ୍ଷା କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅଶୋକ ଚନ୍ଦ୍ର ପଣ୍ଡା। ପୂର୍ବାହ୍ନରେ ଏହି ଦୁଇମନ୍ତ୍ରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଲିଫ ଓ ପୁନର୍ବାସ ଥଇଥାନ ସଂକ୍ରାନ୍ତରେ ଜିଲାପାଳ ବଲୱନ୍ତ ସିଂଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ପାଇଁ ଯେଉଁ ସହାୟତା ରାଶି ଘୋଷଣା କରାଯାଇଛି ତାହା କିପରି ସୁରୁଖୁରରେ ସେମାନଙ୍କ ପାଖରେ ପହଞ୍ଚିବ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଶନିବାର ପୁରୀ ପୌରାଞ୍ଚଳ ଅଧୀନରେ କ୍ଷତିଗ୍ରସ୍ତ (କାର୍ଡଧାରୀ)ଙ୍କୁ ୨ହଜାର ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ଏଥିସହ ୫୦ କିଗ୍ରା ଚାଉଳ ମଧ୍ୟ ବଣ୍ଟାଯାଉଛି। ବିନା କାର୍ଡଧାରୀ କିପରି ଏହି ସହାୟତା ପାଇବେ ସେ ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି। ଉକ୍ତ ବୈଠକ ପରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ପୁରୀରେ ଜଳଯୋଗାଣ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କାମ ଜାରି ରହିଛି। ବିଦ୍ୟୁତ୍ ବ୍ୟବସ୍ଥା କିପରି ସ୍ୱାଭାବିକ ହୋଇପାରିବ ସେନେଇ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଅତିଶୀଘ୍ର ପୁରୀ ସହରବାସୀ ବିଦ୍ୟୁତ୍ ସେବା ପାଇପାରିବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ବିନା କାର୍ଡଧାରୀଙ୍କୁ ମଧ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ। ପ୍ରଥମେ କାର୍ଡଧାରୀଙ୍କୁ ସହାୟତା ରାଶି, ଚାଉଳ ଦିଆଯାଉଛି। ଏହାପରେ ବିନା କାର୍ଡଧାରୀଙ୍କୁ ଏହି ସହାୟତା ମିଳିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ପୁରୀ ସହରରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲିଛି।



ବ୍ରହ୍ମଗିରିଠାରେ ବାତ୍ୟା ସହାୟତା ପାଇବା ପାଇଁ ମହିଳାମାନଙ୍କ ଲମ୍ବାଧାଡ଼ି।

# ଖାଦ୍ୟ ସଙ୍କଟ: ଉପାସରେ ପ୍ରାଣୀ ସମ୍ପଦ

ନିମାପଡ଼ା,୧୧।୫(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ନିମାପଡ଼ା ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବାତ୍ୟାରେ ଗୁହାଳ କାନ୍ଥ ଓ ଗଛ ପଡି ୨୫୦ଗୋରୁ, ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୦ଟି କୁକୁଡା ଫାର୍ମ ଭାଙ୍ଗି ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡାଙ୍କ ମୃତ୍ୟୁ ଘଟିଥିବା ବ୍ଲକ ଭେଟନାରି ଅଫିସର ଡା. ଜଗବନ୍ଧୁ ବେହେରା କହିଛନ୍ତି। ହଜାର ହଜାର ଗୃହପାଳିତ ପଶୁ ଆହତ ହୋଇଥିବା ପ୍ରାଣୀଧନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପଶୁ ସମ୍ପଦଙ୍କ ଆଶ୍ରୟସ୍ଥଳୀ ଭାଙ୍ଗି ମାଟିରେ ମିଶିଯିବାରୁ ଖରାରେ ଜୀବନ ବିତାଉଛନ୍ତି। ଖାଦ୍ୟ ପାଇଁ ତହଳ ବିକଳ ହେଉଥିବା ଦେଖାଯାଇଛି। ବେସରକାରୀଭାବେ ୪ଶହରୁ ଊର୍ଦ୍ଧ୍ୱ ଗୃହପାଳିତଙ୍କ ପଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଶହରୁ ଊର୍ଦ୍ଧ୍ୱ କୁକୁଡା ଫାର୍ମ ଭାଙ୍ଗି ୬ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡାଙ୍କ ମୃତ୍ୟୁ ହୋଇଥିବା କୁକୁଡା ଫାର୍ମ ମାଲିକ ରାମଚନ୍ଦ୍ର ସ୍ୱାଇଁ ଓ ବଂଶୀଧର ପରିଡା କହିଛନ୍ତି। ଶନିବାର ବାତ୍ୟାରେ ମୃତ୍ୟୁ ହୋଇଥିବା ଗୃହପାଳିତ ପଶୁ ଓ କୁକୁଡାଙ୍କୁ ପଶୁ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାତ ଖୋଳାଯାଇ ପୋତାଯାଇଛି। ନିମାପଡ଼ା ପଶୁ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ସୁନିଲ ସାହୁଙ୍କ ନେତୃତ୍ୱରେ ୫ଜଣିଆ ଡାକ୍ତର, ୧୯ଜଣ ପ୍ରାଣୀଧନ ନିରୀକ୍ଷକଙ୍କୁ ନେଇ ଗଠିତ ୩ଟି ଟିମ୍ ପ୍ରତ୍ୟେକ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ପଶୁମାନଙ୍କ ଚିକିତ୍ସା କରୁଥିବା ବ୍ଲକ ଭେଟନାରି ଅଫିସର ଡା. ବେହେରା କହିଛନ୍ତି। ଅନ୍ୟପକ୍ଷରେ ଗୃହପାଳିତ ପଶୁଙ୍କ ପାଇଁ ୨ଟି ପର୍ଯ୍ୟାୟରେ ୧୯୭୦ କୁଇଣ୍ଟାଲ ଗୋ ଖାଦ୍ୟ ଆସିଥିବା ବେଳେ ଏହି ଗୋ ଖାଦ୍ୟ ସବୁ ପ୍ରାଣୀ ଧନ ଚିକିତ୍ସା କେନ୍ଦ୍ରର କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ଗ୍ରାମରେ ବଣ୍ଟାଯାଇଥିବା ବେହେରା କହିଛନ୍ତି। ସରକାର,ବିଭାଗୀୟ ମନ୍ତ୍ରୀ, ସଚିବ ଓ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବା ସହ ବାତ୍ୟାରେ ମୃତ୍ୟୁ ହୋଇଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଦେବା ସହ ଗୁହାଳ ନିର୍ମାଣ ପାଇଁ ଗୋ ଚାଷୀଙ୍କୁ ବ୍ୟାଙ୍କରୁ ଋଣ ପ୍ରଦାନ ଓ ଗୃହପାଳିତ ପଶୁଙ୍କୁ ୨ମାସ ପର୍ଯ୍ୟନ୍ତ ଗୋଖାଦ୍ୟ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।